# ସାହିତ୍ୟ ସୌରଭ

G23LDF

## ସପ୍ତମ ଶ୍ରେଣୀ


ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ସାହିତ୍ୟ ସୌରଭ

## ସପ୍ତମ ଶ୍ରେଣୀ


**ସଂପାଦକମଣ୍ଡଳୀ:**

ଡ. କୈଳାସ ଚନ୍ଦ୍ର ଟିକାୟତରାୟ

ଡ. ମୀନାକ୍ଷୀ ଦାସ

ଶ୍ରୀଯୁକ୍ତ ବିପିନବିହାରୀ ବିଶି

ଡ. ପୂର୍ଣ୍ଣଚନ୍ଦ୍ର ଦାସ

ଶ୍ରୀମତୀ ସ୍ମିତା ପଟ୍ଟନାୟକ

**ସମୀକ୍ଷକମଣ୍ଡଳୀ:**

ଡ. ରତ୍ନାକର ଚଇନି

ଡ. ଗିରୀଶ ଚନ୍ଦ୍ର ମିଶ୍ର

ଡ. କୈଳାସ ଚନ୍ଦ୍ର ଟିକାୟତରାୟ

**ସଂଯୋଜନା:**

ଡ. ପ୍ରୀତିଲତା ଜେନା

ଡ. ତିଳୋତ୍ତମା ସେନାପତି

ଡ. ସବିତା ସାହୁ



**ପ୍ରକାଶକ:**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ : ୨୦୧୦**

**୨୦୧୯**


**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା ;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

# ୫୧ (କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ**

(କ) ସମ୍ବିଧାନ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁ ସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତିର ସୁରକ୍ଷା କରିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କିରବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।

# ମାତୃଭାଷା ଶିକ୍ଷାର ଲକ୍ଷ୍ୟ

ଶିଶୁଟି ପରିବେଶରୁ ପ୍ରଥମେ ଯେଉଁ ଭାଷା ଶିଖେ ଓ କହିବାକୁ ଆରମ୍ଭ କରେ, ତାହା ତା'ର ମାତୃଭାଷା । ସାଧାରଣ ଭାବେ ଶୁଣିଶୁଣି ଗୋଟିଏ ଭାଷାକୁ ଶିଖିହୁଏ । କିନ୍ତୁ ଏହାକୁ ଅଧ୍ୟୟନ କରିବାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ମଧ୍ୟ ରହିଛି । ବିଶେଷ କରି ମାତୃଭାଷାର ଅଧ୍ୟୟନ ପ୍ରତ୍ୟେକ ବ୍ୟକ୍ତି ପାଇଁ ସ୍ୱତନ୍ତ୍ର ମହତ୍ତ୍ୱ ରଖେ ।

ମାତୃଭାଷା ଶିକ୍ଷଣ ଦ୍ୱାରା ବ୍ୟକ୍ତି ନିଜ ଭାଷାକୁ ମର୍ଯ୍ୟାଦାସଂପନ୍ନ, ମାନକ ତଥା ଶୁଦ୍ଧ ରୂପେ ବ୍ୟବହାର କରିବାର ଦକ୍ଷତା ଅର୍ଜନ କରେ ।

ମାର୍ଜିତ ଓ ଲୋକ ବ୍ୟବହୃତ ଶବ୍ଦର ସମନ୍ୱିତ ପ୍ରୟୋଗରେ ଅଧିକ ସହଜ ଓ ସୁନ୍ଦର ଭାବେ ଭାବ ବ୍ୟକ୍ତ କରିବାରେ ସମର୍ଥ ହୁଏ ।

ନିଜ ଭାଷାର କବିତା, ଗଳ୍ପ, ପ୍ରବନ୍ଧ ନାଟକ ଇତ୍ୟାଦିକୁ ବୁଝିବାର ଓ ସେଗୁଡ଼ିକର ଅନ୍ତର୍ନିହିତ ଭାବକୁ ସମୀକ୍ଷା ଏବଂ ଅନୁଭବ କରିବାର କ୍ଷମତା ମିଳେ । ଫଳରେ ଅନ୍ୟ ଭାଷାର ସାହିତ୍ୟ ଅଧ୍ୟୟନ କଲେ ମଧ୍ୟ ଭାବବୋଧରେ ଅସୁବିଧା ହୁଏ ନାହିଁ ।

ନିଜ ଭାଷାର ଗଠନ, ପ୍ରୟୋଗ ଓ ସ୍ୱରୂପକୁ ଜାଣି ସେହିପରି ଅନ୍ୟଭାଷାର ବୈଚିତ୍ର୍ୟକୁ ଓ ତହିଁରେ ଥିବା ପାର୍ଥକ୍ୟକୁ ସହଜରେ ବୁଝିପାରେ । ଫଳରେ ଅନ୍ୟ ଭାଷା ଶିଖିବା ମଧ୍ୟ ସହଜ ହୁଏ ।

ସାହିତ୍ୟକୁ ବୁଝିବା ସହ ଆଦର୍ଶ ତଥା ମାନବବାଦୀ ଚେତନାର ବିକାଶ ଫଳରେ ଭଲ ମଣିଷଟିଏ ତିଆରି ହୁଏ ଏବଂ ଉତ୍ତମ ନାଗରିକ ଭାବେ ରାଷ୍ଟ୍ରର ବିକାଶ ଓ ବିଶ୍ୱଶାନ୍ତି ପ୍ରତିଷ୍ଠାରେ ସହାୟକ ହୁଏ ।

ମାତୃଭାଷା ପ୍ରତି ଆଗ୍ରହ ବ୍ୟକ୍ତି ଭିତରେ ସ୍ୱାଭିମାନ ସୃଷ୍ଟି କରି ବ୍ୟକ୍ତିତ୍ୱକୁ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଏ । ସର୍ବୋପରି ଗୋଟିଏ ଭାଷାହିଁ, ସେହି ଜାତିର ସ୍ୱାତନ୍ତ୍ର୍ୟକୁ ସ୍ୱଷ୍ଟକରେ ଓ ମର୍ଯ୍ୟାଦାପୂର୍ଣ୍ଣ ପରିଚୟ ସୃଷ୍ଟି କରେ । ତେଣୁ ମାତୃଭାଷା ଅଧ୍ୟୟନ ପ୍ରତିଟି ମଣିଷପାଇଁ ଏକାନ୍ତ ଆବଶ୍ୟକ ।


## ଆମେ କୃତଜ୍ଞ

ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ପ୍ରାୟ ହଜାରବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଯେଉଁ ଜ୍ଞାନୀ, ଗୁଣୀ, ବିଦ୍ୱାନଗଣ ଲେଖନୀ ଚାଳନା କରିଛନ୍ତି, ଆମେ ସମସ୍ତଙ୍କୁ କୃତଜ୍ଞତା ଜଣାଉଛୁ । ଯେଉଁ ସ୍ରଷ୍ଟାମାନଙ୍କ ରଚନାରୁ ଏହି ପୁସ୍ତକଟିପାଇଁ ଶୀର୍ଷକମାନ ସଂଗ୍ରହ କରାଯାଇଛି, ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ଆବଶ୍ୟକ ସ୍ଥଳେ ସାନ ପିଲାମାନଙ୍କୁ ଦୃଷ୍ଟିରେ ରଖି ସମଗ୍ର ରଚନାକୁ ଆଂଶିକ ଭାବେ ଗ୍ରହଣ କରାଯାଇଥିବାରୁ ଏହାକୁ ସହୃଦୟତାର ସହ ଗ୍ରହଣ କରିବାକୁ ଅନୁରୋଧ ।

# ସୂଚୀପତ୍ର


| ବିଷୟ | | | ପୃଷ୍ଠା |
|---|---|---|---|
| **କବିତା** | **କବି** | | |
| କଳାମାଣିକରେ | ଅଭିମନ୍ୟୁ ସାମନ୍ତସିଂହାର | – | ୧ |
| ତାରା–ସୂର୍ଯ୍ୟ | ଗଙ୍ଗାଧର ମେହେର | – | ୫ |
| ଦେଖିନାହିଁ କେତେ ଦିନୁ ଖଣ୍ଡଗିରି | ଗୋପବନ୍ଧୁ ଦାସ | – | ୮ |
| କହିବି କଥାଟି | କୁନ୍ତଳା କୁମାରୀ ସାବତ | – | ୧୪ |
| ଛୋଟ ମୋର ଗାଆଁଟି | ସଚ୍ଚିଦାନନ୍ଦ ରାଉତରାୟ | – | ୧୯ |
| ବାଲୁତ ବୀର ସେ | ଅନନ୍ତ ପଟ୍ଟନାୟକ | – | ୨୩ |
| ଛୋଟରୁ ବଡ଼ | ଡ. ଜାନକୀବଲ୍ଲଭ ମହାନ୍ତି | – | ୨୮ |
| ତଟିନୀର ଖେଦ | ଡ. ମହେଶ୍ୱର ମହାନ୍ତି | – | ୩୨ |
| **ପ୍ରବନ୍ଧ** | **ଲେଖକ** | | |
| ରାମାୟଣ କଥା | ମଧୁସୂଦନ ରାଓ | – | ୩୭ |
| ସତ୍ୟର ପୂଜାରୀ ଆଚାର୍ଯ୍ୟ ହରିହର | ବିନୋଦ କାନୁନ୍‌ଗୋ | – | ୪୫ |
| ମୃତ୍ୟୁ ବିଜୟୀ ବାଳକ | ଚିନ୍ତାମଣି ବେହେରା | – | ୫୩ |
| ସଡ଼କ ନିରାପତ୍ତା | ଡ. ଲିଙ୍ଗରାଜ ରଥ | – | ୬୧ |
| କାଠରୁ ଭାତ, ଘାସରୁ ଦୁଧ, ବାୟୁରୁ ଚିନି | ଡ. ଗୋକୁଳାନନ୍ଦ ମହାପାତ୍ର | – | ୬୯ |

**କାହାଣୀ ଓ ଗଳ୍ପ** | **ଲେଖକ**


| | | |
|---|---|---|
| ମାଡ଼ହାଣ୍ଡି କଥା | ଗୋପାଳ ଚନ୍ଦ୍ର ପ୍ରହରାଜ | – ୭୬ |
| ଏ ମଣିଷକୁ ପଥର କଲା କିଏ | ଗୋଦାବରୀଶ ମହାପାତ୍ର | – ୮୫ |
| ବିପନ୍ନର ଉଦ୍ଧାର | ରାମକୃଷ୍ଣ ନନ୍ଦ | – ୯୩ |
| ମନରେ ଆସୁ ମୋ' ଭଲ ଭାବନା | ଡ.ଚକ୍ରଧର ବିଶ୍ୱାଳ | – ୧୦୦ |


**ମହାପୁରୁଷଙ୍କ ଜୀବନୀ**


| | | |
|---|---|---|
| ମୋ' ପିଲା ବେଳ କଥା | ରମା ଦେବୀ | – ୧୦୭ |
| ବୀର ସୁରେନ୍ଦ୍ର ସାଏ | ଦାଶ ବେନ୍‌ହୁର୍ | – ୧୧୨ |
| ମୁକ୍ତିଯୋଦ୍ଧା ଜୟୀ ରାଜଗୁରୁ | ବୀରେନ୍ଦ୍ର ମହାନ୍ତି | – ୧୧୮ |


**ଏକାଙ୍କିକା**


| | | |
|---|---|---|
| ଆମେ ଧରଣୀ ବୁକୁର ଶିଶୁ | ଭାସ୍କର ଚନ୍ଦ୍ର ମହାପାତ୍ର | – ୧୨୬ |
| ଦରଜା ଖୋଲି ଦେବା | ଡ.ନାରାୟଣ ସାହୁ | – ୧୩୬ |

# କଳା ମାଣିକରେ

## ଅଭିମନ୍ୟୁ ସାମନ୍ତସିଂହାର

G2CHF3

### କବି ପରିଚୟ

**ଅଭିମନ୍ୟୁ ସାମନ୍ତସିଂହାର :** ଓଡ଼ିଆ ସାହିତ୍ୟର ରୀତିଯୁଗୀୟ କବିମାନଙ୍କ ମଧ୍ୟରେ ଅଭିମନ୍ୟୁ ସାମନ୍ତସିଂହାର ଜଣେ ପ୍ରମୁଖ ସ୍ରଷ୍ଟା । ଯାଜପୁର ଜିଲ୍ଲା ବାଲିଆର ସାମନ୍ତ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ଅଭିମନ୍ୟୁ ସରଳ ଗାଉଁଲୀ ଭାଷାରେ ସୁନ୍ଦର କବିତା ରଚନା କରୁଥିଲେ । ପରେ ସେ ରାଧାକୃଷ୍ଣଙ୍କ ଲୀଳାକୁ ଆଧାର କରି କାବ୍ୟ କବିତାମାନ ରଚନା କରିଥିଲେ । ବିଦଗ୍ଧ ଚିନ୍ତାମଣି, ପ୍ରେମକଳା, ରସବତୀ, ସୁଲକ୍ଷଣା, ବାଘଗୀତ, ଚଢ଼େଇଗୀତ, ବୋଲେ ହୁଁ ଟି ଇତ୍ୟାଦି ତାଙ୍କର କେତୋଟି ଲୋକପ୍ରିୟ ସୃଷ୍ଟି ।

'କଳାମାଣିକରେ' ବିଦଗ୍ଧ ଚିନ୍ତାମଣି କାବ୍ୟର ସତଷଠି ଛାନ୍ଦରୁ ଅଣାଯାଇଛି । ଏଥିରେ କୃଷ୍ଣ ସଂଧ୍ୟାସମୟରେ ଗାଈଗୋଠ ଧରି ଫେରିବାରେ ବିଳମ୍ବ ହେବାରୁ ମାତା ଯଶୋଦାଙ୍କ ମନରେ ବ୍ୟସ୍ତତା ଦେଖା ଦେଇଛି । ଏହି କବିତାରେ ବାତ୍ସଲ୍ୟମୟୀ ମାତୃହୃଦୟର ଆବେଗକୁ ସୁନ୍ଦରଭାବେ ବର୍ଣ୍ଣନା କରାଯାଇଛି ।

ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ,  
ବାତ୍ସଲ୍ୟ-ମମତା ଘେନି ଭାଳୁଛନ୍ତି ମାତ । କଳାମାଣିକ ରେ ॥୧॥

ନିଧନ ସଙ୍ଖାଳି ମୋର ଦରିଦ୍ର ପସରା,  
ଅନ୍ଧ ଲଉଡ଼ି ବାବୁରେ ହୃଦ ରତ୍ନହାରା । କଳାମାଣିକ ରେ ॥୨॥

ମୋ ଜୀବ ଜୀବନ ତୁହି ନୟନ ପ୍ରତିମା,  
ତୋତେ କି ପାସୋରି ହେବ, ମୋର ସୁଖ ସୀମା ! କଳାମାଣିକ ରେ ॥୩॥

ଡରୁଥାଉ ଅନ୍ଧାରକୁ ରଖିଯାଉ ଗୋରୁ,  
ଜନକ ଜନନୀ ସୁଖ କାହିଁପାଇଁ ସାରୁ ! କଳାମାଣିକ ରେ ॥୪॥

ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ,
ହୃଦତାପ ବିନାଶନେ ତୁ ହରିଚନ୍ଦନ । କଳାମାଣିକ ରେ ।।୫।।

ଗୋଟିକା, ଅଧାମ, ସର ନ ରୁଚଇ ତୋତେ,
ନାଚି ଲାଞ୍ଚ ମାଗୁଥାଉ ଲବଣି କେମନ୍ତେ ! କଳାମାଣିକ ରେ ।।୬।।

ତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁହି,
ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ ! କଳାମାଣିକ ରେ ।।୭।।

ଡାକିନୀ ଲୋଭାନ୍ତି ବୋଲି ଡରୁଥାଇ ମନେ,
ବାର ବାର ବାରୁଥାଇ ଯିବା ପାଇଁ ବନେ ! କଳାମାଣିକ ରେ ।।୮।।



ନିଶାଚର ମାତିବାର ଶୁଭୁଛି ଶ୍ରୁତିକି,
ମୁଁ ଡଙ୍କୁଣୀ ଛାଡ଼ିଦେଲି ବନକୁ କାହିଁକି ! କଳାମାଣିକ ରେ ।।୯।।

ଝାଳ ବହୁଥିବ ଅଙ୍ଗୁ ଲାଗି, ଝାଞ୍ଜି ଖରା,
ଶ୍ରମ ପାଇ ତରୁତଳେ ବସିଥିବୁ ପରା ! କଳାମାଣିକ ରେ ।।୧୦।।

ନେଲୁ ନାହିଁ କାହିଁ ପାଇଁ ତୋ' କଠାଉ ଛତା,
ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା ! କଳାମାଣିକ ରେ ।।୧୧।।

କାନ ଡେରିଥାଇ ଏକା ତୋ' ବେଣୁ ଗୀତକୁ,
ଆଜ କିମ୍ପା ଶୁଭୁ ନାହିଁ ଭାବୁଛି ମନକୁ ! କଳାମାଣିକ ରେ ।।୧୨।।

**ସୂଚନା :**

ଅନ୍ଧଲଉଡ଼ି – ଅନ୍ଧ ଲୋକ ବାଡ଼ି ସାହାଯ୍ୟରେ ବାଟ ଖୋଜି ଚାଲେ । ବାଡ଼ିଟି ତା' ପାଇଁ ସବୁଠାରୁ ବେଶି ପ୍ରିୟ, ବେଶି ପ୍ରୟୋଜନ ।

ନିଶାଚର – ରାତିଚର, ରାକ୍ଷସ

ଶ୍ରୁତି – କାନ, ଶୁଣିବା

# ଅଭ୍ୟାସ

୧. ଉତ୍ତର କୁହ ।

(କ) ମାତା ଯଶୋଦା କାହିଁକି ଚିନ୍ତିତ ହୋଇ ପଡ଼ିଛନ୍ତି ?

(ଖ) ଶ୍ରୀକୃଷ୍ଣଙ୍କୁ କେଉଁ ଖାଦ୍ୟ ରୁଚୁନଥିଲା ?

(ଗ) ଯଶୋଦା ନିଜକୁ ଡଙ୍କୁଣୀ ବୋଲି କାହିଁକି କହିଛନ୍ତି ?

(ଘ) ଶ୍ରୀକୃଷ୍ଣଙ୍କ ପାଦରେ କଣ୍ଟା ଫୁଟିଯିବାର ଆଶଙ୍କା ମାଆଙ୍କ ମନରେ କାହିଁକି ସୃଷ୍ଟି ହୋଇଛି ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

(କ) ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବାର ତାତ୍ପର୍ଯ୍ୟ କ'ଣ ?

(ଖ) ପୁଅର କେଉଁ ସବୁ କାର୍ଯ୍ୟ ମନେପକାଇ ମାଆ ଭାଳି ହେଉଛନ୍ତି ?

(ଗ) ମାଆଙ୍କର ହୃଦୟତାପ ବିନାଶ କରିବାରେ ଶ୍ରୀକୃଷ୍ଣ ହରିଚନ୍ଦନ ପରି ଥିଲେ ବୋଲି କହିବାର କାରଣ କ'ଣ ?

(ଘ) ଶ୍ରୀକୃଷ୍ଣ କିପରି ଯଶୋଦାଙ୍କର ସୁଖର କାରଣ ଥିଲେ ?

(ଙ) ଶ୍ରୀକୃଷ୍ଣଙ୍କର ବେଣୁସ୍ୱନକୁ କାନଡେରିବା ପ୍ରସଙ୍ଗରେ କେଉଁଭାବ ପ୍ରକାଶ ପାଇଛି ?

୩. ପଠିତ କବିତାକୁ ମନେ ପକାଇ କବିତାଂଶ ପୂରଣ କର ।

(କ) ଅନ୍ଧଲଉଡ଼ି ବାବୁରେ ______________

(ଖ) ______________ ରଖିଯାଉ ଗୋରୁ

(ଗ) ହୃଦତାପ ବିନାଶନେ ______________

(ଘ) ______________ ସର ନ ରୁଚଇ ତୋତେ

(ଙ) ବନେ କଣ୍ଟା ଲାଗି ହୋଏ ______________

୪.	ସରଳ ଭାଷାରେ ବୁଝାଇ ଲେଖ ।

(କ) ତୋଳି ମୁଁ ଧଇଲେ .................... ପଶିବଇଁ ମୁହିଁ ।

(ଖ) ନେଲୁ ନାହିଁ କାହିଁ ପାଇଁ ................ ମୃଦୁ ପାଦ ଚିନ୍ତା ।

୫.	ଅସଜଡ଼ା ପଦକୁ ସଜାଡ଼ି ଲେଖ ।

(କ) ତୁ ତୁ ବିନାଶନେ ଏକଇ ବୃଦ୍ଧକାଳେ ନନ୍ଦ ହୃଦତାପ ହରିଚନ୍ଦନ ମୋହର ।

(ଖ) ଶ୍ରୁତିକି ଡଙ୍କୁଣୀ ବନକୁ ମାତିବାର ଶୁଭୁଛି ଛାଡ଼ିଦେଲି ନିଶାଚର କାହିଁକି ମୁଁ ।

୬.	ଯଶୋଦା ଶ୍ରୀକୃଷ୍ଣଙ୍କୁ କ'ଣ କ'ଣ ସମ୍ବୋଧନ କରି ଡାକିଛନ୍ତି, ସେହି ନାମଗୁଡ଼ିକ ଲେଖ ।

୭.	ରେଖାଙ୍କିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।

(କ) <u>ନିଧନ</u> ସଞ୍ଚାଳି ମୋର ଦରିଦ୍ର ପସରା ।

(ଖ) ବୃଦ୍ଧକାଳେ ତୁ ମୋହର ଏକଇ <u>ନନ୍ଦନ</u> ।

(ଗ) ଗୋଟିକା <u>ଅଧାମ</u> ସର ନ ରୁଚଇ ତୋତେ ।

(ଘ) ବନେ କଣ୍ଟା ଲାଗି ହୁଏ <u>ମୃଦୁ</u> ପାଦ ଚିନ୍ତା ।

(ଙ) ବାର ବାର <u>ବାରୁଥାଇ</u> ଯିବା ପାଇଁ ବନେ ।

୮.	ତଳେ ଦିଆଯାଇଥିବା ସମୋଚ୍ଚାରିତ ଶବ୍ଦଗୁଡ଼ିକ ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟ ଲେଖ ।

| | | | | |
|---|---|---|---|---|
| ବେଶି | ନିଧନ | ଶ୍ରୁତି | ନିଶା | ବର |
| ବେଶୀ | ନିଧନ | ଶ୍ରୁତି | ନିଶା | ବର |

୯.	ତଳଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

କାନନ,	ଦରିଦ୍ର,	ନୟନ,	ଜନନୀ,	ଲଉଡ଼ି

## ତୁମ ପାଇଁ କାମ



- ଏ ଗୀତଟିକୁ ସ୍ୱର, ତାଳ ସହ ଗାନ କର ।
- ସନ୍ତାନ ପ୍ରତି ସ୍ନେହ ପ୍ରକାଶ କରୁଥିବା ଏହିପରି ବିଭିନ୍ନ କବିଙ୍କର ଆଉ କେତୋଟି ଗୀତ ସଂଗ୍ରହ କର ଓ ପଢ଼ ।

# ତାରା-ସୂର୍ଯ୍ୟ

ଗଙ୍ଗାଧର ମେହେର

G2LDGQ

**କବି ପରିଚୟ**

**ଗଙ୍ଗାଧର ମେହେରः** ସ୍ୱଭାବକବି ଗଙ୍ଗାଧର ମେହେର ବରଗଡ଼ ଜିଲ୍ଲା ବରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟର ଆଧୁନିକଯୁଗ ଆରମ୍ଭରେ ଭାରତୀୟ ପ୍ରାଚୀନ ସାହିତ୍ୟରୁ ଆଦର୍ଶଭିତ୍ତିକ ଚରିତ୍ର ଓ କାହାଣୀ ସଂଗ୍ରହ କରି ତାହାକୁ ସେ ନୂତନ ଭାବରେ ଉପସ୍ଥାପନ କରିଥିଲେ । ଆମ ଚାରିପାଖରେ ଥିବା ପ୍ରକୃତିକୁ ଜୀବନ୍ତ ଭାବରେ ବର୍ଣ୍ଣନା କରି ସେ ଅନନ୍ୟ ପ୍ରତିଭାର ଉଦାହରଣ ସୃଷ୍ଟି କରିଛନ୍ତି । ସେଥିପାଇଁ ତାଙ୍କୁ ପ୍ରକୃତି କବି ବୋଲି କୁହାଯାଏ । ତପସ୍ୱିନୀ, ଇନ୍ଦୁମତୀ, ପ୍ରଣୟବଲ୍ଲରୀ, କୀଚକବଧ ଆଦି କାବ୍ୟ ଏବଂ କୃଷକ ସଂଗୀତ, ଅର୍ଘ୍ୟଥାଳୀ, କବିତା କଲ୍ଲୋଳ ଇତ୍ୟାଦି କ୍ଷୁଦ୍ର କବିତା ସଂକଳନ ତାଙ୍କ ମହାନ କବିତ୍ୱର ପରିଚୟ ବହନ କରେ । ମାତୃଭାଷା ଓ ମାତୃଭୂମିକୁ ଭଲ ପାଉଥିବା ଏହି କବି ଆଧୁନିକ କାଳର ଉଚ୍ଚ ଶିକ୍ଷା ପାଇ ନଥିଲେ ମଧ୍ୟ ତାଙ୍କ ରଚନାଗୁଡ଼ିକ କାଳକାଳ ଧରି ଆମକୁ ଉନ୍ନତ ଶିକ୍ଷା ପ୍ରଦାନ କରୁଛି । 'ତାରା-ସୂର୍ଯ୍ୟ' କବିତାଟି 'ଅର୍ଘ୍ୟଥାଳୀ' କବିତା ସଂକଳନରୁ ଆନୀତ । ଏଥିରେ କବି ବିଦେଶୀ ଶାସନକୁ ଲକ୍ଷ୍ୟ କରି 'ଆମ-ସୂର୍ଯ୍ୟ ଆମ ପାଇଁ ସବୁଠୁ ଉଜ୍ଜ୍ୱଳ' ବୋଲି ସ୍ୱାଭିମାନର ବାର୍ତ୍ତା ପ୍ରଦାନ କରିଛନ୍ତି ।

ହେ ତାରକାଗଣ, କିମ୍ପା ଦିଶ ସାନସାନ,
ତୁମେ ପରା ଅଛ କେତେ ରବି-ରଶ୍ମିମାନ ?

ଦିବସେ ନ ଦିଶି କିମ୍ପା ରଜନୀରେ ଦିଶ,
ପ୍ରଭାକର ହୋଇ ତୁମ୍ଭ ମନେ ଭୟ କିସ ?

ଜାଣିଲି ଜାଣିଲି ତୁମେ ସୂର୍ଯ୍ୟ ଅଟ ସତ,
ଆଲୋକିତ କରୁଅଛ ନିଜର ଜଗତ ।

ଆମ୍ଭ ଭାସ୍କରକୁ ତୁମ୍ଭ ରାଜ୍ୟଲୋକ ସାରା,
ବୋଲୁଛନ୍ତି ଗଗନର କ୍ଷୁଦ୍ର ଏକ ତାରା ।

ତୁମ୍ଭ ରାଜ୍ୟେ ତୁମ୍ଭ ଆଗେ ଆମ୍ଭର ଭାସ୍କର,
ନ ଦିଶନ୍ତି ତେଣୁ ଦିନେ ନ ହୁଅ ଭାସ୍ୱର ।

ଯାହାକୁ ଯେମନ୍ତ ଦିଶେ ତେମନ୍ତ ସେ ଭାଷେ,
ସେ କଥାରେ ମହତଙ୍କ କି ଯାଏ କି ଆସେ ?

ତୁମ୍ଭ ରାଜ୍ୟେ ଦିଅ ତୁମ୍ଭେ ପ୍ରଚୁର କିରଣ,
ତେଣୁ ସେହିଠାରେ ଥିବ ତୁମ୍ଭ ରବିପଣ ।

ଆମ୍ଭ ରାଜ୍ୟେ ଆମ୍ଭ ରବି କରେ ତମ କ୍ଷୟ,
ଏଣୁ ଆମ୍ଭେ ଚାହୁଁଥାଉଁ ତାଙ୍କର ଉଦୟ ।

ତୁମ୍ଭେ ଯେତେ ବଡ଼ ହେଲେ ଆମ୍ଭର କି ଲାଭ,
ଆମ୍ଭ ତମ ନାଶିବାକୁ ନାହିଁ ତ ପ୍ରଭାବ ।

ଯେ ଯାହାର ହିତ କରେ ନ ନେଲେ ତା' ନାମ,
ଆମ୍ଭ ଦେଶେ କହୁଁ ତାକୁ ନିମକହାରାମ ।

**ସୂଚନା :**

| | |
|---|---|
| ରବିରଶ୍ମି – ସୂର୍ଯ୍ୟ କିରଣ | ପ୍ରଭାକର – ସୂର୍ଯ୍ୟ |
| ରଜନୀ – ରାତି | ଭାସ୍ୱର – ଉଜ୍ଜ୍ୱଳ |
| ଯେମନ୍ତ – ଯେପରି | ଭାଷେ – କହେ |
| ତମ – ଅନ୍ଧକାର | ନିମକହାରାମ – କୃତଘ୍ନ, ଅକୃତଜ୍ଞ |

## ଅଭ୍ୟାସ

୧. **ଉତ୍ତର କୁହ ।**

(କ) କେଉଁମାନଙ୍କୁ ରବି ପରି ରଶ୍ମିମାନ୍ ବୋଲି କବି କହିଛନ୍ତି ?

(ଖ) ସେମାନଙ୍କ ମନରେ ଭୟ ଅଛି ବୋଲି କବି କାହିଁକି ଉପଲବ୍ଧି କରିଛନ୍ତି ?

(ଗ) ଆମ୍ଭ ଭାସ୍କର କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

(ଘ) ଆମ୍ଭ ଭାସ୍କରଙ୍କୁ ଅନ୍ୟମାନେ କାହିଁକି କ୍ଷୁଦ୍ର ତାରା ବୋଲି କହନ୍ତି ?

(ଙ) 'ଆମ୍ଭେ ଚାହୁଁଥାଉ ତାଙ୍କର ଉଦୟ' – କିଏ କାହାର ଉଦୟ ଚାହୁଁଛନ୍ତି ?

୨. **ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ତାରାଗଣ କେବଳ ନିଜର ଜଗତକୁ ଆଲୋକିତ କରିଛନ୍ତି – ଏଥିରୁ କେଉଁ ଭାବ ପ୍ରକାଶ ପାଇଛି ?

(ଖ) ଆମ ଭାସ୍କରଙ୍କୁ ତାରାରାଜ୍ୟର ଲୋକମାନେ ଏକ କ୍ଷୁଦ୍ରତାରା ବୋଲି କହୁଥିବାରୁ କବିଙ୍କ ମନରେ କେଉଁ ଭାବ ଉଦ୍ରେକ ହୋଇଛି ?

(ଗ) ତାରାମାନଙ୍କ ରାଜ୍ୟରେ ଆମ ସୂର୍ଯ୍ୟ କାହିଁକି ଦେଖାଯାଆନ୍ତି ନାହିଁ ?

(ଘ) କେଉଁ କଥାରେ ମହତଜନମାନେ ବିବ୍ରତ ହୋଇ ନଥାନ୍ତି ?

(ଙ) ତାରାମାନଙ୍କର ରବିପଣ କେବଳ ସେଇମାନଙ୍କର ରାଜ୍ୟରେ ସୀମିତ ବୋଲି କୁହାଯାଇଛି କାହିଁକି ?

**୩. ପ୍ରସଙ୍ଗ ସହ ସରଳାର୍ଥ ଲେଖ ।**

(କ) ଯାହାକୁ ଯେମନ୍ତ ଦିଶେ ତେମନ୍ତ ସେ ଭାଷେ ।

(ଖ) ଯେ ଯାହାର ହିତ କରେ ନ ନେଲେ ତା' ନାମ
ଆମ୍ଭ ଦେଶେ କହୁଁ ତାକୁ ନିମକହାରାମ ।

**୪. ଦିଆଯାଇଥିବା ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।**

ରଜନୀ, ଭାସ୍କର, ଗଗନ, ତମ, ତାରା

**୫. ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।**

ଲାଭ, କ୍ଷୟ, ଉଦୟ, ହିତ, ପ୍ରଚୁର, ମହତ, କ୍ଷୁଦ୍ର, ଆଲୋକ

**୬. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପୁରୁଷ ଭେଦରେ ସଜାଇ ଲେଖ ।**

ସେ, ତାରା, ତୁମ୍ଭେ, ରବି, ଆମ୍ଭ, ତୁମ୍ଭ

(ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ, ତୃତୀୟ ପୁରୁଷ)

**୭. ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।**

(କ) ତାରା ଓ ସୂର୍ଯ୍ୟଙ୍କ ମଧ୍ୟରେ କବି କାହାକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଛନ୍ତି ?

(ଖ) କବି ନିଜର ଅଭିମାନକୁ କିପରି ପ୍ରକାଶ କରିଛନ୍ତି ?

(ଗ) ତାରା-ସୂର୍ଯ୍ୟ କବିତାର ଭାବ ଆମକୁ ଏକ ମହାଶିକ୍ଷା ପ୍ରଦାନ କରେ କିପରି ?

## ତୁମ ପାଇଁ କାମ



- ଗଙ୍ଗାଧର ମେହେରଙ୍କର 'ତାରା-ସୂର୍ଯ୍ୟ' ପରି ଅନ୍ୟ କେତୋଟି କବିତା ସଂଗ୍ରହ କରି ପଢ଼ ।
- ତାରା ଓ ସୂର୍ଯ୍ୟଙ୍କୁ ନେଇ ଅନ୍ୟ କୌଣସି କବିଙ୍କର କେତୋଟି କବିତା ପଢ଼ି ସେଗୁଡ଼ିକର ସାରକଥା ଲେଖ ।

# ଦେଖିନାହିଁ କେତେ ଦିନୁ ଖଣ୍ଡଗିରି

ଗୋପବନ୍ଧୁ ଦାସ

G2V9ID

## କବି ପରିଚୟ

**ଉତ୍କଳମଣି ଗୋପବନ୍ଧୁ ଦାସ:** ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସତ୍ୟବାଦୀଠାରେ ବନବିଦ୍ୟାଳୟ ପ୍ରତିଷ୍ଠା କରି ସେ ଦେଶପ୍ରେମୀ ସଂଗ୍ରାମୀ ମଣିଷ ତିଆରି କରିବା ସଙ୍ଗେସଙ୍ଗେ ସାହିତ୍ୟ ମାଧ୍ୟମରେ ଆମ ସଂସ୍କୃତି ଓ ସମାଜକୁ ଉନ୍ନତ କରିବାକୁ ସାରାଜୀବନ ପ୍ରୟାସ କରିଥିଲେ । ତାଙ୍କରି ଆଦର୍ଶକୁ ଭିତ୍ତିକରି ଓଡ଼ିଆ ସାହିତ୍ୟର ଏହି ସମୟକୁ ସତ୍ୟବାଦୀଯୁଗ କୁହାଯାଏ । ଧର୍ମପଦ, କାରାକବିତା, ବନ୍ଦୀର ଆତ୍ମକଥା, ଅବକାଶ ଚିନ୍ତା ଇତ୍ୟାଦି ତାଙ୍କର ଅମ୍ଳାନ କୃତି । ''ଦେଖିନାହିଁ କେତେ ଦିନୁ ଖଣ୍ଡଗିରି'' କବିତାରେ ଗୋପବନ୍ଧୁ ଖଣ୍ଡଗିରି ଇତିହାସ ମାଧ୍ୟମରେ ଆମ ଅତୀତର ଗୌରବକୁ ମନେ ପକାଇଛନ୍ତି ।

ଦେଖିନାହିଁ କେତେ ଦିନୁ ଖଣ୍ଡଗିରି
ଇତିହାସ ଯା'ର ଅଙ୍କେ ଅଙ୍କିତ,
ଅମର ଅକ୍ଷରେ ନୀରବ ଗମ୍ଭୀରେ
ଗାଏ ଯେ ଉତ୍କଳ ଗୌରବ ଗୀତ ।

ପଡ଼େ ଏବେ ମନେ ପ୍ରଥମ ଯୌବନେ
ସୁଷମା-ପିପାସା-ଭାବ-ଉନ୍ମାଦେ,
ଖଣ୍ଡଗିରି ଶିରୀ ଦେଖି ନେତ୍ର ଭରି
ଚିନ୍ତା ନିମଗନେ ବସିଲି ପାଦେ ।

କଳ୍ପନାର ପୋତେ କାଳ ପ୍ରତିସ୍ରୋତେ
ଭାସି ଦେଖିଲି ମୁଁ ଉଜ୍ଜ୍ୱଳ ଛବି,
ଇତିହାସ ଯା'ର ନ କରେ ପ୍ରଚାର
ଚିନ୍ତି ନାହାନ୍ତି ଯା' କାବ୍ୟରେ କବି ।



କାଳର ପ୍ରଭାବେ ଜନ ସ୍ମୃତିପଟୁ
ରୂପରେଖ ଯା'ର ଲିଭିଛି ଆଜି,
କଳିଙ୍ଗର ସେହି ଅତୀତ ବିଭବ
ଐର ଖାରବେଳ କୀରତି ରାଜି ।

ବାଜେ ବୀର ବାଜା କାହିଁ ରଣସଜ୍ଜା
କାହିଁ ବା ଲାଗିଛି ଗୁପ୍ତ ମନ୍ତ୍ରଣା,
ଦୂର ଦେଶୁଁ ଦୂତ ବିଜୟ ବାରତା
ଘେନି ଆସି କରେ ଛାମୁରେ ଜଣା ।

ଶ୍ରମଣ ସନ୍ନ୍ୟାସୀ ଦଳେଦଳେ ବସି
ଚାଲିଅଛି କାହିଁ ତତ୍ତ୍ୱ ବିଚାର,
ଗମ୍ଭୀର ନିର୍ଘୋଷେ ଲୋକ ଉପଦେଶେ
କାହିଁ ବା ଅହିଂସା ଧର୍ମ ପ୍ରଚାର ।

ଖଣ୍ଡଗିରି ଅଙ୍ଗେ          ଶିଳ୍ପୀ ଶତଶତ
ଖୋଳନ୍ତି ନିଭୃତ ଗୁମ୍ଫା ନିରତେ,
କାହିଁ ଗୁପ୍ତଚର          ରାଜ୍ୟ ସମାଚାର
ଏକାନ୍ତେ ଜଣାଏ ନୃପ ପୁରତେ ।

କଳ୍ପନାର ନେତ୍ରେ          ଏହିପରି କେତେ
ଦିଶେ ଚିତ୍ର ଖଣ୍ଡଗିରି ଶରୀରେ,
ବିନଷ୍ଟ ସର୍ବସ୍ୱ          ବୃଦ୍ଧ ଖଣ୍ଡଗିରି
ବିରକ୍ତ ପରାଏ ଉଭା ଗମ୍ଭୀରେ ।

ମହାକାଳ ନୀରେ          ବୁଦ୍‌ବୁଦ ପରାଏ
ଯାଇଅଛି ମିଶି କଳିଙ୍ଗ ଭୂତି,
କଳିଙ୍ଗ ସନ୍ତାନ          ଭୁଲିଛନ୍ତି ଏବେ
କଳିଙ୍ଗର ନାମ ଗୌରବ ସ୍ମୃତି ।

ତଥାପି ସେ ଗାଥା          ରଖିଅଛି ଗିରି
କାଳ ପରାଭବେ ଦେଖାଇ ହିଆ,
ଅତି ନାରଖାର          ରାଣୀହଂସପୁର
ସାକ୍ଷ୍ୟ ଦେବାଲାଗି ଅଦ୍ୟାପି ଠିଆ ।



ଚୂଲୁଁ ମୂଳ ଯାଏ ଶୋଭେ ଶିଳାକାୟେ
ପ୍ରାସାଦ ପ୍ରାଙ୍ଗଣ ଗୁମ୍ଫା ଦେଉଳ,
ତରୁଲତା ଦଳ ରୋଧିଛନ୍ତି ପଥ
ନିବସନ୍ତି ଯହିଁ ଶ୍ୱାପଦକୁଳ ।
ପଥପ୍ରାନ୍ତବାସୀ ସାଧୁ ଧର୍ମବେଶୀ
କହନ୍ତି ଅଦ୍ଭୁତ ବହୁ କାହାଣୀ,
ଦେଖାନ୍ତି ଶ୍ରୋତାଙ୍କୁ ପ୍ରତ୍ୟକ୍ଷ ପ୍ରମାଣ
କେତେ ଜୀର୍ଣ୍ଣ ସ୍ମୃତି କଠାଉ ଆଣି ।
ତାପସ ସାଧକ ଅଦ୍ୟାପି ଅନେକ
ନିବିଡ଼ ଅନ୍ଧାର ଗୁହା ଗରଭେ,
ଲୁଚି ରହିଛନ୍ତି ଗଭୀର ନିଶୀଥେ
ଶୁଣାଯାଏ ତାଙ୍କ ସଙ୍ଗୀତ ନଭେ ।
ଶୁଣିଛି ମୁଁ ନିଜେ କହନ୍ତି ସେ ତେଜେ
ପଥିକ ବଦନେ ଦେଖି ସଂଶୟ,
ନୁହେଁ ତା ବିଚିତ୍ର ବାହ୍ୟ ବିଶ୍ୱେ ମାତ୍ର
ପ୍ରତିଫଳେ ନର ନିଜ ହୃଦୟ ।

**ସୂଚନା:**

ଖଣ୍ଡଗିରି– ଭୁବନେଶ୍ୱରର ଉତ୍ତର–ପଶ୍ଚିମ ଦିଗରେ ଅବସ୍ଥିତ । ଏଠାରେ ମହାମେଘବାହନ ଐରଖାରବେଳଙ୍କର ଅନେକ କୀର୍ତ୍ତିରହିଛି । ଏହା ନିକଟରେ ଉଦୟଗିରି ଅବସ୍ଥିତ ।
ସୁଷମା – ସୌନ୍ଦର୍ଯ୍ୟ
ପିପାସା – ତୃଷା, ଶୋଷ, ଲାଳସା
ଉନ୍ମାଦ – ମତ୍ତ, ଅତିଶୟ ଆବେଗ
ଶିରୀ – ଶୋଭା, ସୌନ୍ଦର୍ଯ୍ୟ
ପୋତେ – ଏଠାରେ ବୋଇତରେ
ଶ୍ରମଣ – ବୌଦ୍ଧ ସନ୍ନ୍ୟାସୀ, ବୌଦ୍ଧ ଭିକ୍ଷୁ
ନିର୍ଘୋଷ– ଉଚ୍ଚ ବା ପ୍ରଚଣ୍ଡ ଧ୍ୱନି, ଖୁବ୍‌ଜୋରରେ ଶବ୍ଦ
ବିରକ୍ତ – ଅସନ୍ତୁଷ୍ଟ, ଚିଡ଼ିଯିବା
ଭୂତି – ଐଶ୍ୱର୍ଯ୍ୟ, ମହତ୍‌ଗୁଣାବଳୀ
ପରାଭବ– କ୍ଷୟକାରୀ ପ୍ରଭାବ
ଶ୍ୱାପଦ – ହିଂସ୍ରଜନ୍ତୁ
ହିଆ – ହୃଦୟ, ବକ୍ଷସ୍ଥଳ
ଅଦ୍ୟାପି – ଆଜି ପର୍ଯ୍ୟନ୍ତ

# ଅଭ୍ୟାସ

୧. ଉତ୍ତର କୁହ ।

(କ) କବିତାଟିରେ ବର୍ଣ୍ଣିତ ସ୍ଥାନ କେଉଁଠି ଅବସ୍ଥିତ ?

(ଖ) କବି ଖଣ୍ଡଗିରିକୁ ଉତ୍କଳ ଗୌରବର ପ୍ରତୀକ ରୂପେ କାହିଁକି ବର୍ଣ୍ଣନା କରିଛନ୍ତି ?

(ଗ) ଖଣ୍ଡଗିରି ଜନସ୍ମୃତିରୁ କାହିଁକି ଲିଭିଯାଉଛି ?

(ଘ) କବିତାରେ ରାଣୀହଂସପୁର ସଂପର୍କରେ କବି କ'ଣ କହିଛନ୍ତି ?

(ଙ) ସାଧୁ ଧର୍ମବେଶୀ ଓ ଖଣ୍ଡଗିରି ପଥପ୍ରାନ୍ତବାସୀଙ୍କ ସଂପର୍କରେ କବିତାରେ କ'ଣ କୁହାଯାଇଛି ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।

(କ) କବି ଖଣ୍ଡଗିରିକୁ ଦେଖି କାହିଁକି ଚିନ୍ତାମଗ୍ନ ହୋଇ ପଡ଼ିଛନ୍ତି ?

(ଖ) କବିତାରେ ଖଣ୍ଡଗିରି ରାଜଦରବାରର ଦୃଶ୍ୟ କିପରି ଚିତ୍ରିତ ହୋଇଛି ?

(ଗ) ଶ୍ରମଣ ସନ୍ନ୍ୟାସୀମାନେ ଖଣ୍ଡଗିରିରେ କ'ଣ କରୁଛନ୍ତି ବୋଲି କବି ବର୍ଣ୍ଣନା କରିଛନ୍ତି ?

(ଘ) ଖଣ୍ଡଗିରି ଗୁମ୍ଫାରେ ଶିଳ୍ପୀମାନେ କେଉଁ କାର୍ଯ୍ୟ କରୁଛନ୍ତି ?

(ଙ) ସାଧକମାନେ ଖଣ୍ଡଗିରିରେ ଏବେ ମଧ୍ୟ ଅଛନ୍ତି ବୋଲି କହିବାର କାରଣ କ'ଣ ?

(ଚ) ବୃଦ୍ଧ ଖଣ୍ଡଗିରି ବିରକ୍ତ ପରାଏ ଉଭା ଗମ୍ଭୀରେ– ଏହା କାହିଁକି କୁହାଯାଇଛି ?

୩. ସରଳ ଭାଷାରେ ବୁଝାଇ ଲେଖ ।

(କ) 'ତଥାପି ସେ ଗାଥା ରଖିଅଛି ଗିରି
କାଳ ପରାଭବେ ଦେଖାଇ ହିଆ ।'

(ଖ) 'ନୁହେଁ ତା' ବିଚିତ୍ର ବାହ୍ୟ ବିଶ୍ୱେ ମାତ୍ର
ପ୍ରତିଫଳେ ନର ନିଜ ହୃଦୟ ।'

୪. ତଳେ ଦିଆଯାଇଥିବା ସମୋଚ୍ଚାରିତ ଶବ୍ଦ ମଧ୍ୟରେ ଥିବା ଅର୍ଥ-ପାର୍ଥକ୍ୟକୁ ବାକ୍ୟ ମାଧ୍ୟମରେ ପ୍ରକାଶ କର ।

| | | | | |
|---|---|---|---|---|
| ପ୍ରାସାଦ, | ସତ, | ବାସୀ, | ଖର, | ପୁର |
| ପ୍ରସାଦ, | ଶତ, | ବାସି, | ଖାର, | ପୂର |

୫. ମନେ ପକାଇ କବିତାର ପଦଟିକୁ ପୂରଣ କର ।

(କ) ଦୂର ଦେଖୁଁ ଦୂତ ....................................
.................................. କରେ ଛାମୁରେ ଜଣା ।

(ଖ) ଗମ୍ଭୀର ନିର୍ଘୋଷେ ................................

........................................... ଧର୍ମ ପ୍ରଚାର ।

(ଗ) ଚୂଲୁଁ ମୂଳ ଯାଏ ....................................

......................................... ଗୁମ୍ଫା ଦେଉଳ ।

**୬. କବିତାର କେଉଁ ପ୍ରସଂଗରେ କୁହାଯାଇଛି ଲେଖ ।**

(କ) 'ଉଜ୍ଜ୍ୱଳ ଛବି'

(ଖ) 'କଳିଙ୍ଗର ଭୂତି'

(ଗ) 'ପ୍ରତ୍ୟକ୍ଷ ପ୍ରମାଣ'

(ଘ) 'ସଙ୍ଗୀତ ନଭେ'

**୭. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗୋଟିଏ ଲେଖାଏଁ ପ୍ରତିଶବ୍ଦ ଲେଖ ।**

କାୟା, ହିଆ, ନିଶୀଥ, ନଭ, କଠାଉ

**୮. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ ।**

ରୋଧିଛନ୍ତି, ନିବସନ୍ତି, ପ୍ରତିଫଳେ, ଏକାନ୍ତେ, ନିରତେ

## ତୁମ ପାଇଁ କାମ



- ଉତ୍କଳମଣି ଗୋପବନ୍ଧୁଙ୍କର ବିଭିନ୍ନ ଲେଖା ସଂଗ୍ରହ କର ଓ ପଢ଼ ।
- ଖଣ୍ଡଗିରିର ଇତିହାସ ଓ ତତ୍‌ସଂପର୍କିତ ବିଭିନ୍ନ ଛବି ସଂଗ୍ରହ କର ।
- ଖଣ୍ଡଗିରି ଉପରେ ଏକ ପ୍ରବନ୍ଧ ରଚନା କର ।

# କହିବି କଥାଟି

**କୁନ୍ତଳା କୁମାରୀ ସାବତ**

G355K1

## କବିପରିଚୟ

**କୁନ୍ତଳା କୁମାରୀ ସାବତ:** ଓଡ଼ିଆ ସାହିତ୍ୟରେ 'ଉତ୍କଳ ଭାରତୀ' କହିଲେ କୁନ୍ତଳା କୁମାରୀଙ୍କୁ ହିଁ ସମସ୍ତେ ବୁଝନ୍ତି । ଗତ ଶତାବ୍ଦୀର ଆରମ୍ଭରେ ନାରୀମାନେ ଶିକ୍ଷାକ୍ଷେତ୍ରରେ ଆଗକୁ ଆସି ନଥିବାବେଳେ, ସେ ଚିକିତ୍ସା କ୍ଷେତ୍ରରେ ଶିକ୍ଷାପ୍ରାପ୍ତ ହୋଇ ସୁନାମ ଅର୍ଜନ କରିଥିଲେ । ଏହାଛଡ଼ା କବି ଓ ଲେଖକ ଭାବରେ ଓଡ଼ିଆ ସାହିତ୍ୟରେ ସେ ସୁପ୍ରସିଦ୍ଧ । ଅଞ୍ଜଳି, ଅର୍ଚ୍ଚନା, ସ୍ଫୁଲିଙ୍ଗ ପ୍ରଭୃତି କବିତା ଗ୍ରନ୍ଥ, 'ନଅତୁଣ୍ଡି', 'କାଳୀବୋହୂ', 'ପରଶମଣି' ଇତ୍ୟାଦି ଉପନ୍ୟାସ ତାଙ୍କର ଅମର କୃତି । 'କହିବି କଥାଟି' କବିତାଟିରେ ମାଆ ନିଜ ପୁଅକୁ ଓଡ଼ିଆ ଜାତିର ଗୌରବ ବିଷୟରେ ଚେତାଇ ଦେଇଛନ୍ତି ଏବଂ ଭବିଷ୍ୟତରେ ଜଣେ ସୁଯୋଗ୍ୟ ସନ୍ତାନ ହେବାକୁ ଉଦ୍‌ବୋଧନ ଦେଇଛନ୍ତି ।



ଆଜି ବାପ ତୋତେ କହିବି କଥାଟି
ଶୁଣିବୁ ତୁ ଦେଇ ମନ,
କାହା କୁମର ତୁ କାହା କୁଳମଣି
ଜାଣିଚୁ କି ଗଣ୍ଡିଧନ ?

ନିରିମଳ ତୁହି ସରଗ ତରାଟି
ସରଗର ଝରାଫୁଲ,
ହସ, ଭାଷ ତୋର କଉତୁକ ବାବୁ,
କି ମଧୁର, କି ତଉଲ !

ଆଖି ଦୋ'ଟି ତୋର ଆନନ୍ଦ ଉଜ୍ଜ୍ୱଳ
ଚଞ୍ଚଳତା ପ୍ରତି ଅଙ୍ଗେ,
ଲବଣି ପିତୁଳା ସ୍ନେହ ସୁଧାବୋଳା
ଖେଳୁ ଖେଳ ନାନା ରଙ୍ଗେ ।

ଧୂଳି ମାଟି ଘେନି କି ସୁନ୍ଦର ତୁହି
ଗଢ଼ି ବସୁ କେତେ ଜାତି,
ପଶୁ, ପକ୍ଷୀ, ଜୀବ, ଦେବତା, ଦେଉଳ,
ସଙ୍ଗୀ ସଙ୍ଗେ ହର୍ଷେ ମାତି ।

କେବେ କିରେ ବାପ, ଶୁଣିଛୁ ତୁ କାନେ
ବାପ ଗୋସିବାପ କଥା,
କେତେ ସେ ମହତ କରମ ସାଧିଲେ
ଭାଳିଲେ ହଜିବ ଚେତା ।

ବାପ ଦାଦି ତୋର ଥିଲେ ଅତି ବଡ଼
ରଖି ଯାଇଛନ୍ତି ନାମ,
ମନ୍ଦିର ତୋଳାଇ ପୋଖରୀ ଖୋଳାଇ
ଗଢ଼ି ନାନା ତୀର୍ଥ ଧାମ ।

କୋଣାର୍କ ମଥାରେ ଜଗନ୍ନାଥପୁରେ
ଉଡ଼େ ତ ତାଙ୍କରି ଛତି,
ଲକ୍ଷେ ଦେଉଳରେ ସଞ୍ଜ ଆଳତିରେ
ଜଳେ ତ ତାଙ୍କରି ବତି ।



ନଦୀ ବନ୍ଧ ସବୁ        ତାଙ୍କରି କୀରତି
ଥିଲେ ବଡ଼ କାରିଗର,
ପଥର ଉପରେ        ଆଙ୍କିଛନ୍ତି ଛବି
ଅପରୂପ ମନୋହର ।

ଥିଲେ ବଡ଼ ବୀର        ଲକ୍ଷେ ରାଜାଙ୍କର
ମଉଡ଼ମଣିର ଜାତି,
ପୁରୁଷ ଉତ୍ତମ,        ବୀର ଖାରବେଳ,
ଅନଙ୍ଗଭୀମ, ଯଯାତି ।

ମହା ମହା ରାଜା,        ମହା ମହା ରଥୀ
ଥିଲେ ତୋର ବାପା ଜେଜେ,
କିଏ ସରି ହେବ        ଗୁଣ ଜ୍ଞାନେ ତାଙ୍କୁ
କିଏ ସରି ହେବ ତେଜେ ।

ଓଡ଼ିଆ ବୋଲି ତୁ        ମନେ ଗର୍ବ ବହି
ଚାଲରେ ଟେକି ତୋ' ମଥା,
ନିତି ମନେମନେ        ଗୁଣି ହେଉ ଥାଆ
ପୂର୍ବ ପୁରୁଷଙ୍କ କଥା ।

ଭଞ୍ଜ, ଜଗନ୍ନାଥ,        ସାମନ୍ତ ସିଂହାର
ସାରଳାଦି କବିକୁଳ,
ତୋ' ପୂର୍ବ ପୁରୁଷ        ତାଙ୍କ ସନ୍ତାନ ତୁ
ଏ କଥା ମନୁ ନ ଭୁଲ ।

**ସୂଚନା :**

ସ୍ନେହସୁଧା – ସ୍ନେହକୁ ସୁଧାବୋଲି କଳ୍ପନା କରାଯାଇଛି ।

ଗୋସିବାପ– ଗୋସେଇଁବାପ, ଜେଜେବାପା

ଦାଦି – କକା, କକେଇ, ଦାଦା, ବାପାଙ୍କର ସାନଭାଇ ।

ନଦୀବନ୍ଧ – କାଠଯୋଡ଼ିର ପଥରବନ୍ଧ ।

ପୁରୁଷ ଉତ୍ତମ, ଯଯାତି, ବୀରଖାରବେଳ – ପ୍ରାଚୀନ ଓଡ଼ିଶାର ଏହି ନାମଧାରୀ ପ୍ରସିଦ୍ଧ ସମ୍ରାଟ ଥିଲେ । ପୁରୁଷୋତ୍ତମ କାଞ୍ଚି ବିଜୟ କରିଥିଲେ । ଯଯାତିକେଶରୀ କେଶରୀ ବଂଶର ପ୍ରସିଦ୍ଧ ରାଜା । ଖାରବେଳ ଭାରତବର୍ଷର ବହୁ ଅଂଚଳ ଜୟ କରିଥିଲେ । ଖଣ୍ଡଗିରି, ଉଦୟଗିରିରେ ଖାରବେଳଙ୍କ ଗୁମ୍ଫାସବୁ ଅଛି ।

# ଅଭ୍ୟାସ

**୧. ଉତ୍ତର କୁହ ।**

(କ) ମାଆ ପୁଅକୁ କ'ଣ କହି ସମ୍ବୋଧନ କରିଛନ୍ତି ?

(ଖ) ଧୂଳିମାଟିରେ ପିଲା କ'ଣ ସବୁ ଗଢ଼ିଥାଏ ?

(ଗ) ସାରଳା ଦାସ କାହିଁକି ବିଖ୍ୟାତ ?

(ଘ) ପ୍ରାଚୀନ ଓଡ଼ିଶାର କେତେଜଣ ବୀରଙ୍କ ନାମ କୁହ ।

(ଙ) ଓଡ଼ିଶାର ତିନୋଟି ପ୍ରାଚୀନ ମନ୍ଦିରର ନାମ କୁହ ।

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ପୁଅକୁ ଲବଣି ପିତୁଳା କହିବାର ଅର୍ଥ କ'ଣ ?

(ଖ) ଓଡ଼ିଆମାନେ ବଡ଼ କାରିଗର ଥିଲେ ବୋଲି କିପରି ଜଣାପଡୁଛି ?

(ଗ) ପୁଅକୁ ମାଆ ପ୍ରାଚୀନ ଓଡ଼ିଶା ବିଷୟରେ କହିବାର ଉଦ୍ଦେଶ୍ୟ କ'ଣ ?

(ଘ) ପୁଅ କିପରି ଓଡ଼ିଆ ବୋଲି ଗର୍ବର ସହିତ ମଥାଟେକି ଚାଲିପାରିବ ?

(ଙ) 'ସଞ୍ଜ ଆଳତିରେ ଜଳେ ତ ତାଙ୍କରି ବତି' କହିବାର ତାତ୍ପର୍ଯ୍ୟ କ'ଣ ?

୩.　ସରଳ ଭାଷାରେ ବୁଝାଇ ଲେଖ ।

(କ) ପଥର ଉପରେ ଆଙ୍କିଛନ୍ତି ଛବି
ଅପରୂପ ମନୋହର ।

(ଖ) କିଏ ସରିହେବ ଗୁଣ ଜ୍ଞାନେ ତାଙ୍କୁ
କିଏ ସରି ହେବ ତେଜେ ।

(ଗ) ଓଡ଼ିଆ ବୋଲିତୁ ମନେ ଗର୍ବ ବହି
ଚାଲରେ ଟେକି ତୋ' ମଥା ।

୪.　ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ ।
କୁଳ, କୂଳ, ଗୁଣି, ଗୁଣୀ, ସର୍ଗ, ସ୍ୱର୍ଗ

୫.　ଲିଙ୍ଗ ପରିବର୍ତ୍ତନ କର ।
ଗୋସିବାପ, ପୁରୁଷ, ଦାଦି, ବୀର

୬.　'କରମ' ଶବ୍ଦର ଅନ୍ୟରୂପ ଯେପରି 'କର୍ମ' ସେହିପରି ତଳ ଶବ୍ଦଗୁଡ଼ିକର ଅନ୍ୟରୂପ ଲେଖ ।
କୀରତି, ହରଷ, କଉତୁକ, ନିରିମଳ, ସରଗ

୭.　ବାକ୍ୟରେ ବ୍ୟବହାର କର ।
ଚେତା, ତେଜ, କୀର୍ତ୍ତି, ମନୋହର

୮.　୧୫୦ରୁ ୨୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

କ) ପ୍ରାଚୀନ ଓଡ଼ିଶାର କେଉଁ କୀର୍ତ୍ତିରାଜିର କଥା ମାଆ ନିଜ ପୁଅକୁ କହିଛନ୍ତି ?

ଖ) ମାଆ ପୁଅକୁ ଅତୀତ ଉତ୍କଳର ଗୌରବ ଗାଥା କହିବା ମୂଳରେ କେଉଁ ଉଦ୍ଦେଶ୍ୟ ରହିଛି ?

## ତୁମ ପାଇଁ କାମ



- କବିତାଟିରେ ଯେଉଁ ରାଜାମାନଙ୍କର କଥା କୁହାଯାଇଛି, ସେମାନଙ୍କ ବିଷୟରେ ଅଧିକ ତଥ୍ୟ ଇତିହାସ ବହିରୁ ସଂଗ୍ରହ କର ।
- ଓଡ଼ିଶାର ପ୍ରାଚୀନ ମନ୍ଦିରଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

# ଛୋଟ ମୋର ଗାଆଁଟି

**ସଚ୍ଚିଦାନନ୍ଦ ରାଉତରାୟ**

## କବି ପରିଚୟ

**ସଚ୍ଚିଦାନନ୍ଦ ରାଉତରାୟ :** ଓଡ଼ିଆ ସାହିତ୍ୟ ଜଗତର କବି ସଚ୍ଚିଦାନନ୍ଦ ରାଉତରାୟ ଜଣେ ଉଚ୍ଚକୋଟୀର ସାହିତ୍ୟିକ ଭାବେ ପରିଚିତ । ସେ କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଇତ୍ୟାଦି ସାହିତ୍ୟର ସମସ୍ତ ବିଭାଗରେ ଲେଖନୀ ଚାଳନା କରିଥିଲେ । ପଲ୍ଲୀଶ୍ରୀ, ବାଜିରାଉତ, ପାଣ୍ଡୁଲିପି, ସ୍ୱଗତ ଇତ୍ୟାଦି କବିତା ଗ୍ରନ୍ଥ, ମଶାଣିର ଫୁଲ, ମାଟିର ତାଜ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ଇତ୍ୟାଦି ଗଳ୍ପପୁସ୍ତକ, ଚିତ୍ରଗ୍ରୀବ, ତଳେ ମାଟି ଉପରେ ଆକାଶ, ସାଗର ତଳର ଢେଉ ଉପନ୍ୟାସ, ସାହିତ୍ୟର ମୂଲ୍ୟବୋଧ ପ୍ରବନ୍ଧ ପୁସ୍ତକ ତାଙ୍କ ସୃଷ୍ଟିର କେତୋଟି ଉଦାହରଣ । ନିଜର କୃତିପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଜ୍ଞାନପୀଠ ପୁରସ୍କାର ପାଇଥିଲେ ।

ଏହି କବିତାଟିରେ ଗାଆଁର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ କର୍ମମୟ ସରଳ ଗାଉଁଲୀ ଜୀବନର ନିଖୁଣ ଚିତ୍ର ଦିଆଯାଇଛି ।

ଛୋଟ ମୋର ଗାଆଁଟି<br>
ଭୂଗୋଳ ପୋଥି–ପତରେ ପଛେ ନ ଥାଉ ତାର ନାଆଁଟି ।



ମାଟିର ସେଇ ସରଗ ମୋର,<br>
ସେଇଠି ଅଛି ମୋ ଷଠୀଘର ।<br>
ଜଳିବ ପୁଣି ସେଇଠି ଶେଷେ<br>
ମୋହରି ଚିତା ନିଆଁଟି ।<br>
ଛୋଟ ମୋର ଗାଆଁଟି ।



ଜନମି ତାର ଏନ୍ଦୁଡ଼ିଶାଳେ<br>
ବୁଲିଛି କେତେ ତା' ତୋଟାମାଳେ ।<br>
ପାଞ୍ଚଟି ମୋର ପଂଜରା କାଠି,<br>
(ଶେଷେ) ସେଇଠି ହବ ଡାହାଟି ।<br>
ଛୋଟ ମୋର ଗାଆଁଟି ।

ତାହାରି ଜଳ ରକତ ହୋଇ
ଶିରାରେ ବହେ ଯେସନ ନଈ,
ନିଃଶ୍ୱାସେ ମୋର ତାହାରି ବାୟୁ
ଚଳାଏ ପ୍ରାଣ–ନାହାଟି ।
ଛୋଟ ମୋର ଗାଆଁଟି ।

ତାହାରି ଫୁଲ, ଶାଗୁଆ ଲତା
କଣ୍ଠେ ମୋର ଦେଲା ଯେ କଥା,
ଆଖିରେ ଦେଲା ଚାହାଣି ନୂଆ
(ତା'ର) ଫଗୁଣ ଉଷା ପାହାନ୍ତି ।
ଛୋଟ ମୋର ଗାଆଁଟି ।

ତାହାରି ଲଟା, ତାହାରି ବଣ,
ତା' ଗାଈଗୋଠ ମୁରଲୀ–ସ୍ୱନ,
ଫସଲକଟା ମଧୁର ଗାନ
ସକଳ ମୋର ସାହାଟି ।
ଛୋଟ ମୋର ଗାଆଁଟି ।

ଆଲୁଅ ତା'ର କି ମନୋହର ।
ଅନ୍ଧକାର ତା'ଠାରୁ ଭଲ,
ଜୀବନ ପଥେ ସକଳ ତା'ର
ଫିଟାଏ ନୂଆ ରାହାଟି ।
ଛୋଟ ମୋର ଗାଆଁଟି ।

ଏସବୁ କଥା ଛବିଟି ପରି
ପ୍ରବାସେ ମନେ ଉଠଇ ଝଳି ।
ଇଚ୍ଛା ହୁଏ ମାଟିରେ ତା'ର
ଶିରଟି ଥରେ ନୁଆଁନ୍ତି ।
ଛୋଟ ମୋର ଗାଆଁଟି ।

**ସୂଚନା:**

ଷଠୀଘର – ଶିଶୁ ଜନ୍ମ ହେବାର ଷଷ୍ଠ ଦିନରେ ଏନ୍ତୁଡ଼ିଶାଳର କାନ୍ଥରେ, ମାଟିରେ କଉଡ଼ି ଦିଆଯାଇ ତିଆରି କରାଯାଇଥିବା ଘର । ଯେଉଁଠାରେ ଷଠୀ ଦେବୀଙ୍କୁ ପୂଜା କରାଯାଏ ।

ଚିତା ନିଆଁ – ଶ୍ମଶାନରେ ଶବଦାହ ପାଇଁ ଜଳୁଥିବା ଅଗ୍ନି ।

ଏନ୍ତୁଡ଼ିଶାଳ – ଘରର ଯେଉଁ କୋଠରିରେ ଶିଶୁ ଜନ୍ମ ହେବା ପାଇଁ ବ୍ୟବସ୍ଥା କରାଯାଇଥାଏ ।

ଡାହା – ଦାହ, (ଦହନ ଶବ୍ଦରୁ ଉତ୍ପନ୍ନ) ଜଳିବା

ପ୍ରାଣ–ନାହା – ପ୍ରାଣ ରୂପକ ନାଆ

ପ୍ରବାସ – ଅନ୍ୟ ଦେଶ, ବିଦେଶ

ଝଳି – ଝଲସି ଉଠିବା, ଉଜ୍ଜ୍ୱଳ ହେବା

## ଅଭ୍ୟାସ

୧. **ଉତ୍ତର କୁହ:**

(କ) କବିତାଟିରେ କାହା କଥା ବର୍ଣ୍ଣନା କରାଯାଇଅଛି ?

(ଖ) ଜୀବନର ଯେଉଁ ଦୁଇଟି ବିଶେଷ କାର୍ଯ୍ୟ ସହ ଗାଆଁ ମାଟି ଜଡ଼ିତ, ତାହା କୁହ ।

(ଗ) କାହାର ଜଳ ରକ୍ତ ହୋଇ ତାଙ୍କ ଶରୀରରେ ପ୍ରବାହିତ ହେଉଛି ବୋଲି କବି କହିଛନ୍ତି ?

(ଘ) କବି ନିଜ ଗାଁରୁ କ'ଣ କ'ଣ ପାଇଛନ୍ତି ବୋଲି ବର୍ଣ୍ଣନା କରିଛନ୍ତି ?

(ଙ) କେଉଁଠାରେ ବସି ସେ ସବୁକୁ ମନେ ପକାଉଛନ୍ତି ?

୨. **ଉତ୍ତର ଲେଖ । (ଦୁଇ ବା ତିନୋଟି ବାକ୍ୟରେ)**

(କ) କବି ନିଜର ଜନ୍ମ ସମ୍ବନ୍ଧରେ କ'ଣ କହିଛନ୍ତି ?

(ଖ) ଗ୍ରାମର କେଉଁ କେଉଁ ଜିନିଷ ତାଙ୍କୁ ଜୀବନ ଦେଇଛି ?

(ଗ) ତାଙ୍କ ଆଖିରେ କିଏ ନୂଆ ଚାହାଣି ଭରି ଦେଇଛି ?

(ଘ) 'ଆଲୁଅ ଠାରୁ ଅନ୍ଧାର ଭଲ' କାହିଁକି କୁହାଯାଇଛି ?

(ଙ) କବି ତାଙ୍କ ଜୀବନରେ କ'ଣ ଇଚ୍ଛା କରିଛନ୍ତି ?

୩. **ଉତ୍ତର ଲେଖ । (୫୦ରୁ ୮୦ଟି ଶବ୍ଦରେ)**

ପ୍ରବାସରେ ଥାଇ କବି ନିଜ ଗ୍ରାମର ଅନୁଭୂତି ବିଷୟରେ କେଉଁସବୁ କଥା ବର୍ଣ୍ଣନା କରିଛନ୍ତି ?

୪. **ସରଳ ଭାଷାରେ ବୁଝାଇ ଲେଖ ।**

(କ) 'ଛୋଟ ମୋର ଗାଆଁଟି

ଭୂଗୋଳ ପୋଥି - ପତରେ ପଛେ ନ ଥାଉ ତାର ନାଆଁଟି ।'

(ଖ) 'ଇଚ୍ଛା ହୁଏ ମାଟିରେ ତା'ର

ଶିରଟି ମୋର ନୁଆଁନ୍ତି ।'

୫. **ଅସଜଡ଼ା ପଦକୁ ସଜାଡ଼ି ଲେଖ ।**

(କ) ପଂଜରା କାଠି ମୋର ପାଞ୍ଚଟି

ଡାହାଟି ସେଇଠି ହବ

(ଖ) କଣ୍ଢେ ମୋର ଦେଲା ଯେ କଥା

ତାହାରି ଫୁଲ, ଶାଗୁଆ ଲତା

(ଗ) ତାହାରି ବଣ, ତାହାରି ଲଟା,

ତା' ମୁରଲୀ ସ୍ୱନ, ଗାଈଗୋଠ

୬. **'ପରାଣ' ଶବ୍ଦରୁ ଯେପରି 'ପ୍ରାଣ', ସେହିପରି ନିମ୍ନଲିଖିତ ପଦଗୁଡ଼ିକର ଅନ୍ୟରୂପ ଲେଖ ।**

ସରଗ, ରକତ, ମରତ, ଜନମ

## ତୁମ ପାଇଁ କାମ



- ତୁମ ଅଂଚଳର ପ୍ରାକୃତିକ ଦୃଶ୍ୟକୁ ଲକ୍ଷ୍ୟ କରି ଦୁଇ ବା ତିନି ପଦରେ କବିତାଟିଏ ଲେଖ ।
- କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଅନ୍ୟାନ୍ୟ କବିତା ସଂଗ୍ରହ କରି ପଢ଼ ।

# ବାଳୁତ ବୀର ସେ

**ଅନନ୍ତ ପଟ୍ଟନାୟକ**

## କବି ପରିଚୟ:

**ଅନନ୍ତ ପଟ୍ଟନାୟକ :** କବି ଅନନ୍ତ ପଟ୍ଟନାୟକ ଆଧୁନିକ ପ୍ରଗତିଶୀଳ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି । ତାଙ୍କ କବିତାଗୁଡ଼ିକରେ ଶ୍ରେଣୀହୀନ ସମାଜ ପ୍ରତିଷ୍ଠାର ସ୍ୱର ଶୁଣିବାକୁ ମିଳେ । ସମାଜରେ ବହୁ ପୁରାତନ କାଳରୁ ପ୍ରଚଳିତ ଧର୍ମାନ୍ଧତା, ଅନ୍ଧବିଶ୍ୱାସ ଓ ଅତ୍ୟାଚାର ବିରୋଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି । ତାଙ୍କର କେତେକ କବିତାରେ ନୂତନ ଯୁଗ ସୃଷ୍ଟିର ଆହ୍ୱାନ ଏବଂ ଜାତୀୟତାବାଦୀ ଚେତନା ମଧ୍ୟ ପରିଲକ୍ଷିତ ହୁଏ । ତାଙ୍କ ଦ୍ୱାରା ରଚିତ 'ଶାନ୍ତିଶିଖା', 'ତର୍ପଣ କରେ ଆଜି' 'ଅଲୋଡ଼ାଲୋଡ଼ା' ଏବଂ 'ଛାଇର ଛିଟା' ପ୍ରଭୃତି କବିତାଗ୍ରନ୍ଥ କବିଙ୍କ ସ୍ୱାତନ୍ତ୍ର୍ୟର ପରିପ୍ରକାଶ ।

ବରଷା ବିଜୁଳି ଖେଳୁଥିଲା ରାତି କୋଳେ
ନାଚୁଥିଲା ନଈ ବାଆ ବତାସିର ବେଳେ,
ନାହା ଭିଡ଼ି ବିଲେ ମଙ୍ଗରେ ରଖି ହାତ,
ଶୋଇଥିଲା ଚେଇଁ ଉଭାରି ଆହୁଲା କାତ,
ନାଉରି ଟୋକା ସେ
– ଦେଶର ଆଦେଶ ପାଇଁ
ନେଇଥିଲା ନାହା ସଞ୍ଜୁଁ ବିଲକୁ ବାହି !

ପୂରୁବ ଆକାଶେ ଫିକା ନ ପଡୁଣୁ ରାତି
ବିହଗେ ନଉଠୁଁ କଳକାକଳିରେ ମାତି,
ଅନ୍ଧାର ତଳୁ କେତୁଟା ଅସୁର ଆଖି–
'କିଏରେ ନାଉରି ?' ଘାଟରୁ ଉଠିଲା ଡାକି,
ଆଣରେ ବେଗେ ତୁ, ଲଗାରେ କୂଳରେ ନାହା !
ପାରି କରି ଦେଏ– ନ ଦେଖୁ ନଜାଣୁ ଗାଆଁ !''

ନିଦ ମଳମଳ ଆଖି ଦୋ'ଟି ମଳିମଳି
କର ଲେଉଟାଇ କୂଳକୁ ଅନାଉ ଢଳି
ହସିଲା ଟୋକା ସେ, ଓଠକୁ ଓଠରେ ଚାପି,
ମନକୁ ମନ ତା' କି କଥା ଅତଳ ମାପି ।

ଦୂରରୁ ଦୂରକୁ ନେଲା ମଝି ବିଲେ ବାହି !
ଡାକିଲେ ଶତ୍ରୁ କଟାଶିଆ ଡୋଳେ ଚାହିଁ –
–'ପିଲା ବକଟେ ତୁ ଆମକୁ, ଦେଖ୍, ନ ରଗା!'
ଲଗା ନାହା ପଛେ–ଘାଟ–ଅଘାଟରେ ଲଗା !'



ନାହା ଚାଲିଯାଏ ବିଲ ପାଣି ପାଟେ
ଟଳକୁ ଟଳକୁ ଖସି !
କହିଲା ଟୋକା ସେ ବୀର ଦର୍ପରେ ହସି –
'ନେବି ନାହିଁ ନାହା
ଭାଇର ଆଦେଶ ନାହିଁ !
ମଣିଷ–ମରାଳି ଆମରି ରକ୍ତ–ପାୟୀ
ସିପାହି–କୂଳକୁ ପାରି କରି ଦେବା ପାଇଁ !
ନା', ନାହା ନେବି ନାହିଁ...''

ଧାଇଁ ଧାଇଁ ଧାଇଁ ନଳୀରୁ ଛୁଟିଲା ଗୁଳି
ପଲକେ ପଡ଼ିଲା ନାଉରି ଟୋକା ସେ
ଡଙ୍ଗା ଉପରେ ଟଳି–
ପହଁରି ପଲାସି ସିପାହୀ ଆସିରେ
ସଙ୍ଗିନ ମୁନେ ଭୁଷିଲା ମଥା ତା' !
ଓଲଟିଗଲା ତା' କଅଁଳ ଖପୁରି–ତଳି !!

ବାଲୁତ ବୀର ସେ ବାଜି ରାଉତର
ତତଲା ରକତ ଧାର !
ଦଳିତ ଜାତିର ଲଲାଟେ ଲେଖିଲା,
ମୁକ୍ତି ସମରେ, ଆଦ୍ୟ ବିଜୟ ଗାର !!

ଆସୁଥିଲେ ଲୋକେ ଗାଆଁରୁ ଗାଆଁରୁ
ବିଲ–ଗହଳରେ ଧାଇଁ !
ମେଘ କୋଳେ ଦୂରେ ଉଇଁଲା ସୂର୍ଯ୍ୟେ ଚାହିଁ–
ତଟ ଘାସ ବୁଦା ଥରୁଥିଲା ସତେ
ବୀର ଆଶ୍ଳେଷ ପାଇ
'ଅତ୍ୟାଚାରୀର ଶାସନ ସରିଲା !
ଭୟ ନାହିଁ ! ଭୟ ନାହିଁ !!''

**ସୂଚନା :**

ଉଭାରି – ଠିଆକରାଇ (ଏଠାରେ ନାଆରେ କାତ ଡେରିଦେବା ଅର୍ଥରେ ପ୍ରୟୋଗ ହୋଇଛି ।)
ବିହଗ – ପକ୍ଷୀ, ବିହଗେ – ପକ୍ଷୀଗୁଡ଼ିକ
ଅସୁର ଆଖି – ବ୍ରିଟିଶ ଫଉଜର ହିଂସ୍ର ଆଖି
କଟାଶିଆ – ରୁକ୍ଷ, କର୍କଶ (କଟାଶ–ବଣଭୁଆ, ବଣଭୁଆ ପରି ଭୟଙ୍କର ଦୃଷ୍ଟିରେ ଚାହିଁବା)
ବକଟେ – ଟିକିଏ (ଏଠାରେ ସାନପିଲା ଅର୍ଥରେ)
ପାଟ – ଏକ ବିସ୍ତୃତ ଖାଲୁଆ ଜମି
ମଣିଷ ମରାଳି – ମନୁଷ୍ୟ ହତ୍ୟାକାରୀ, ମଣିଷକୁ ମାରି ପକାଉଥିବା ବ୍ରିଟିଶ ଫଉଜ
ନଳୀ – ବନ୍ଧୁକ
ପଲାସି – ଶୀଘ୍ର ଧାଇଁଯିବା
ଲଲାଟେ – କପାଳରେ, ମଥାରେ
ଆଶ୍ଳେଷ – ଆଲିଙ୍ଗନ (କୁଣ୍ଢାଇ ପକାଇବା)

# ଅଭ୍ୟାସ

୧. ଉତ୍ତର କୁହ ।

(କ) ବର୍ଷାବତାସି ବେଳେ ନାଉରିଟୋକା କେଉଁଠି ଥିଲା ?

(ଖ) ସେ କାହାର ଆଦେଶରେ କେଉଁଠିକି ନାଆ ନେଇଥିଲା ?

(ଗ) ନାଉରିଟୋକାକୁ କେଉଁମାନେ ଡାକିଲେ ?

(ଘ) ସେମାନେ ନାଉରିଟୋକାକୁ ଡାକି କ'ଣ କହିଲେ ?

(ଙ) ନାଉରିଟୋକା ସେମାନଙ୍କ କଥାଶୁଣି କ'ଣ କଲା ?

(ଚ) ଏହାପରେ କ'ଣ ହେଲା ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।

(କ) ବାଳୁତବୀର ବୋଲି କାହିଁକି କୁହାଯାଇଛି ?

(ଖ) କେଉଁମାନଙ୍କର ଆଖିକୁ ଅସୁର ଆଖି କୁହାଯାଇଛି ଓ କାହିଁକି ?

(ଗ) ନାଉରି ଟୋକା ଦୂରକୁ ନାଆ ବାହିନେବା କାର୍ଯ୍ୟରୁ ତା'ର କେଉଁ ମନୋଭାବ ପ୍ରକାଶ ପାଉଛି ?

(ଘ) 'ନେବି ନାହିଁ ନାହା ଭାଇର ଆଦେଶ ନାହିଁ' – ଏଠାରେ 'ଭାଇ' ବୋଲି କାହାକୁ କୁହାଯାଉଛି ?

(ଙ) ବ୍ରିଟିଶ ଫଉଜ ଓ ସେଠାକାର ସାଧାରଣ ଜନତାଙ୍କ ମଧ୍ୟରେ କାହିଁକି ଲଢ଼େଇ ଲାଗିଥିଲା ?

(ଚ) ନାଉରି ପିଲାଟି ବିଜୟର ଗାର ଲେଖି ଦେଲା ବୋଲି କାହିଁକି କୁହାଯାଇଛି ?

୩. ସରଳ ଭାଷାରେ ବୁଝାଇ ଲେଖ ।

(କ) ଅନ୍ଧାର ତଳୁ କେତୁଟା ଅସୁର ଆଖି-
'କିଏରେ ନାଉରି ?' ଘାଟରୁ ଉଠିଲା ଡାକି,

(ଖ) ନେବି ନାହିଁ ନାହା, ଭାଇର ଆଦେଶ ନାହିଁ ।

(ଗ) ଦଳିତ ଜାତିର ଲଲାଟେ ଲେଖିଲା
ମୁକ୍ତି ସମରେ, ଆଦ୍ୟ ବିଜୟ ଗାର ।

୪. ଯେପରି 'ରକତ' ଶବ୍ଦର ଅନ୍ୟରୂପ 'ରକ୍ତ', ସେହିପରି ଦିଆଯାଇଥିବା ଶବ୍ଦଗୁଡ଼ିକର ଅନ୍ୟରୂପ ଲେଖ ।

ବରଷା, ପୂରୁବ, ଦରବ, ମୁକତି, ସୂରୁଜ

୫. ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।

ସଞ୍ଜ, ପୂର୍ବ, ଅନ୍ଧାର, ହସ, ଦୂର, ବୀର, ବାଳୁତ, ମୁକ୍ତି, ଉଦୟ

୬. 'କ' ସ୍ତମ୍ଭରେ ଥିବା ପଦଗୁଡ଼ିକୁ 'ଖ' ସ୍ତମ୍ଭର ସଂପର୍କିତ ପଦ ସହିତ ଯୋଡ଼ି ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପୂରୁବ ଆକାଶେ ଫିକା ନ ପଡୁଣୁ ରାତି | ମନକୁ ମନ ତା କି କଥା ଅତଳ ମାପି |
| ଆଣରେ ବେଗେ ତୁ, ଲଗାରେ କୂଳରେ ନାହା | ମୁକ୍ତି ସମରେ ଆଦ୍ୟ ବିଜୟ ଗାର |
| ହସିଲା ଟୋକାସେ ଓଠକୁ ଓଠରେ ଚାପି | ଡାକିଲେ ଶତ୍ରୁ କଟାଶିଆଡୋଳେ ଚାହିଁ |
| ତତଲା ରକତ ଧାର | ବିହଗେ ନଉଠୁଁ କଳକାକଳିରେ ମାତି |

୭. ଦିଆଯାଇଥିବା ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ବର୍ଷା, ନଈ, ନାଆ, ରାତି, ନାଉରି, ମେଘ

୮. ପ୍ରାୟ ୧୦୦ଟି ଶବ୍ଦ ଭିତରେ ଉତ୍ତର ଲେଖ ।

(କ) ପ୍ରଜା ଆନ୍ଦୋଳନରେ ବାଜିରାଉତର ଭୂମିକା ।

(ଖ) ଅତ୍ୟାଚାରୀର ଶାସନ ସରିଲା– ଉକ୍ତିର ଯଥାର୍ଥତା ।

(ଗ) ମେଘକୋଳେ ଦୂରେ ଉଇଁଲା ସୂର୍ଯ୍ୟ –ଉକ୍ତ ଉକ୍ତିର ତାତ୍ପର୍ଯ୍ୟ ।

## ତୁମ ପାଇଁ କାମ



- 'ବାଲୁତ ବୀର ସେ' କବିତା ପରି ଆଉ କେତୋଟି ଜାତୀୟବାଦୀ କବିତା ସଂଗ୍ରହ କରି ପଢ଼ ।
- ବାଜିରାଉତ ପରି ଆମ ଦେଶର ଆଉ କେତେକ ସହିଦମାନଙ୍କର ନାମ ସଂଗ୍ରହ କର ।
- ଏହି କବିତାଟିକୁ ଗାଇବା ସହ ନାଟକ ଆକାରରେ ଅଭିନୟ କର ।

# ଛୋଟରୁ ବଡ଼

## ଡ. ଜାନକୀବଲ୍ଲଭ ମହାନ୍ତି

### କବି ପରିଚୟ

ଡକ୍ଟର ଜାନକୀବଲ୍ଲଭ ମହାନ୍ତି: (ଭରଦ୍ୱାଜ) ଜଣେ ବିଶିଷ୍ଟ ଆଧୁନିକ କବି, ସମାଲୋଚକ, ଗାଳ୍ପିକ ଓ ଶିଶୁ ସାହିତ୍ୟିକ । ସେ ପିଲାମାନଙ୍କ ପାଇଁ ଅନେକ କାହାଣୀ, ଗଳ୍ପ ଓ କବିତା ଲେଖିଛନ୍ତି ।

'ଛୋଟରୁ ବଡ଼' କବିତାରେ ବହୁ କ୍ଷୁଦ୍ର ଜିନିଷ ମଧ୍ୟରେ କିପରି ବିରାଟତ୍ୱ ଲୁଚି ରହିଛି କବି ତାହା ବର୍ଣ୍ଣନା କରିଛନ୍ତି । ସାମାଜିକ ମୂଲ୍ୟ ବୁଝି ନୂତନ ଚେତନାରେ ଆଗେଇ ଯିବାକୁ ଯୁବଗୋଷ୍ଠୀକୁ ସେ ଆହ୍ୱାନ କରିଛନ୍ତି ।

କାନନେ ଫୁଟି ଛୋଟ ଫୁଲଟି
ବିତରି ଯାଏ ବାସ
ଛୋଟ କୂଅଟି ଯୋଗାଏ ଜଳ-
ଲୋକେ ବରଷ ମାସ ।୧।

କ୍ଷୁଦ୍ର ଏକ ପ୍ରଦୀପ ଶିଖା
ତମସା ପାରେ ଜିଣି
କ୍ଷୁଦ୍ର ବାରି ଧାରାଟି ହୁଏ
ପ୍ରବଳ ସ୍ରୋତସ୍ୱିନୀ ।୨।

ପୁଲକ ଆଣେ କ୍ଷୁଦ୍ର ଗୀତି
ଲକ୍ଷ ଜନ ମନେ
ଅମିୟ ଢାଳେ ଲଳିତ ସ୍ୱର
ବିଧୁର ବହୁ ପ୍ରାଣେ ।୩।



କ୍ଷୁଦ୍ର ଏକ ତରଣୀ ଲଘେ
କ୍ଷୁବ୍ଧ ଜଳଧାରା
କ୍ଷୁଦ୍ର ନର ବୁଦ୍ଧି ବଳେ
ଜିଣିଛି ବସୁନ୍ଧରା ।୪।

ସେ ହୁଏ ବନେ ବିରାଟ ତରୁ
ଯେଥିଲା ଦିନେ ସାନ
ଛୋଟ ଶିଶୁଟି ବଢ଼ି ରଖଇ
ଦେଶ ଜାତିର ମାନ ।୫।

କ୍ଷୁଦ୍ର ଯାହା ନିହିତ ତହିଁ
ସମ୍ଭାବନା ବହୁ
ସାଧନା ବଳେ ଶକତି ଯୋଗେ
ବିକାଶ ଲଭେ ସେହୁ ।୬।

ହେଲେ ବି ଛୋଟ ଶକତି ତା'ର
ଦିନେ ନା ଦିନେ ଫୁଟେ
ଯୁକ୍ତ ହୋଇ ବହୁର ସାଥେ
ଦିଗ୍‌ବିଦିଗ ଛୁଟେ ।୭।

**ସୂଚନା :**

ତମସା – ଅନ୍ଧକାର
ବାରି – ପାଣି, ଜଳ
ପୁଲକ – ଆନନ୍ଦ ଉଲ୍ଲାସ, ରୋମାଞ୍ଚ
ଅମିୟ – ଅମୃତ
ଲଳିତ – ଚାରୁ, କୋମଳ, ମଧୁର
ବିଧୁର – କାତର
ତରଣୀ – ନୌକା, ନାଆ, ଡଙ୍ଗା
କ୍ଷୁବ୍ଧ – ଆନ୍ଦୋଳିତ
ବସୁନ୍ଧରା – ପୃଥିବୀ, ଧରିତ୍ରୀ
ନିହିତ – ଗୁଣ ବା ଭାବ ରହିବା
ବିକାଶ – ଫୁଟି ଉଠିବା

# ଅଭ୍ୟାସ

୧. **ଉତ୍ତର କୁହ ।**

(କ) ଫୁଲ ଛୋଟ ହେଲେ ବି ସମସ୍ତଙ୍କର ପ୍ରିୟ ହୁଏ କାହିଁକି ?

(ଖ) କୂଅ ଆମ୍ଭମାନଙ୍କର କି ଉପକାରରେ ଲାଗେ ?

(ଗ) ଲୋକେ କିପରି ନଈ ପାରି ହୁଅନ୍ତି ?

(ଘ) ବୁଦ୍ଧି ବଳରେ କିଏ ବସୁନ୍ଧରାକୁ ଜିଣି ପାରିଛି ?

(ଙ) ପ୍ରଦୀପ କିପରି ଆମ୍ଭମାନଙ୍କ କାମରେ ଲାଗେ ?

୨. **ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ମଣିଷକୁ କ୍ଷୁଦ୍ର ବୋଲି କୁହାଯାଇଛି କାହିଁକି ?

(ଖ) କ୍ଷୁଦ୍ର ବାରି ଧାରା କିପରି ପ୍ରବଳ ସ୍ରୋତସ୍ୱିନୀ ହୁଏ ?

(ଗ) ସଂସାରରେ ଗୀତର ଆବଶ୍ୟକତା କ'ଣ ?

(ଘ) କ୍ଷୁଦ୍ର ମହତ ହୁଏ କିପରି ?

(ଙ) ଛୋଟରୁ ବଡ଼ ହେବାର ତିନୋଟି ଦୃଷ୍ଟାନ୍ତ ଦିଅ ?

୩. **ସରଳ ଭାଷାରେ ବୁଝାଇ ଲେଖ ।**

(କ) 'କ୍ଷୁଦ୍ର ଏକ ପ୍ରଦୀପ ଶିଖା ତମସା ପାରେ ଜିଣି ।'

(ଖ) 'କ୍ଷୁଦ୍ର ନର ବୁଦ୍ଧି ବଳେ ଜିଣିଛି ବସୁନ୍ଧରା ।'

(ଗ) 'ଅମିୟ ଢାଳେ ଲଳିତ ସ୍ୱର ବିଧୁର ବହୁ ପ୍ରାଣେ ।'

୪. **ପ୍ରାୟ ୧୦୦ଟି ଶବ୍ଦରେ ଉତ୍ତର ଲେଖ ।**

କ୍ଷୁଦ୍ରଠାରେ ବିରାଟର ସମ୍ଭାବନା ନିହିତ ଥାଏ ବୋଲି କିପରି ଜାଣିବ ?

୫. 'କ' ସ୍ତମ୍ଭର ପଦ ସହିତ 'ଖ' ସ୍ତମ୍ଭର ସଂପର୍କିତ ପଦକୁ ଯୋଡ଼ି ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଛୋଟ କୂଅଟି ଯୋଗାଏ ଜଳ | କ୍ଷୁବ୍ଧ ଜଳଧାରା |
| କ୍ଷୁଦ୍ର ବାରି ଧାରାଟି ହୁଏ | ଦେଶ ଜାତିର ମାନ |
| ଅମିୟ ଢାଳେ ଲଳିତ ସ୍ୱର | ଦିଗ୍‌ବିଦିଗ ଛୁଟେ |
| କ୍ଷୁଦ୍ର ଏକ ତରଣୀ ଲଙ୍ଘେ | ଲୋକେ ବରଷ ମାସ |
| ଛୋଟ ଶିଶୁଟି ବଢ଼ି ରଖଇ | ବିଧୁର ବନ୍ଧୁ ପ୍ରାଣେ |
| ଯୁକ୍ତ ହୋଇ ବନ୍ଧୁର ସାଥେ | ପ୍ରବଳ ସ୍ରୋତସ୍ୱିନୀ |

୬. ତଳେ ଲେଖାଥିବା ଅସଜଡ଼ା ଶବ୍ଦଗୁଡ଼ିକୁ ସଜାଡ଼ି ଲେଖ ।

(କ) ନର ଜିଣିଛି କ୍ଷୁଦ୍ର ବଳେ ବୁଦ୍ଧି ବସୁନ୍ଧରା ।

(ଖ) ବଳେ ଶକତି ଯୋଗେ ସେହୁ ଲଭେ ସାଧନା ବିକାଶ ।

(ଗ) ଛୋଟ ଫୁଟେ ଦିନେ ହେଲେ ଦିନେ ଶକତି ବି ତାର ନା ।

୭. ବାମ ପଟେ ଥିବା ଶବ୍ଦଗୁଡ଼ିକର ଅର୍ଥସୂଚକ ଶବ୍ଦ କୋଠରି ଭିତରେ ଅଛି । ତାକୁ ବାଛି ଲେଖ ଓ ମୂଳଶବ୍ଦକୁ ବାକ୍ୟରେ ବ୍ୟବହାର କର ।

ଅମିୟ, ତମସା

ବାରି, ବସୁନ୍ଧରା

ବିଧୁର, ଛୁଟେ

କାତର, ଅମୃତ
ଜଳ, ଅନ୍ଧକାର
ପୃଥିବୀ, ବ୍ୟାପିଯାଏ

୮. ଦିଆଯାଇଥିବା ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

କାନନ, ତରୁ, ସ୍ରୋତସ୍ୱିନୀ, ତରଣୀ, ନର, ବସୁନ୍ଧରା, ଫୁଲ

୯. ବିପରୀତାର୍ଥବୋଧକ ଶବ୍ଦ ଲେଖ ।

କ୍ଷୁଦ୍ର, ଅନ୍ଧାର, ଦିବା, ଲଳିତ, ଜିଣିବା

୧୦. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନେଇ ଚାରି ଧାଡ଼ିର କବିତାଟିଏ ଲେଖ ।

ଗଛ, ଛୋଟ, ପକ୍ଷୀ, ଝରଣା, ପାହାଡ଼, ବସା, ଜଳ, ବୁଦ୍ଧି

## ତୁମ ପାଇଁ କାମ



❖ ଏହି କବିତାଟି ମୁଖସ୍ଥ କରି ଆବୃତ୍ତି କର ।

❖ ଜାନକୀବଲ୍ଲଭ ମହାନ୍ତିଙ୍କ ଅନ୍ୟ ଲେଖା ସଂଗ୍ରହ କର ଓ ପଢ଼ ।

# ତଟିନୀର ଖେଦ

ଡ. ମହେଶ୍ୱର ମହାନ୍ତି

G46NRL

## କବି ପରିଚୟ:

**ଡକ୍ଟର ମହେଶ୍ୱର ମହାନ୍ତି :** ଜଗତସିଂହପୁର ଜିଲ୍ଲା ଓଷକଣା ଗ୍ରାମରେ ଜନ୍ମ । ଓଡ଼ିଆ ଭାଷା ସାହିତ୍ୟର ଜଣେ ପ୍ରବୀଣ ଅଧ୍ୟାପକ ଡ. ମହାନ୍ତି ଶିଶୁମାନଙ୍କ ପାଇଁ ଅନେକଗୁଡ଼ିଏ ପୁସ୍ତକ ରଚନା କରିଛନ୍ତି । ସେଗୁଡ଼ିକ ମଧ୍ୟରୁ 'ଛବି କହୁଛି କଥା' ପୁସ୍ତକଟି ଜାତୀୟ ସ୍ତରର ପୁରସ୍କାର ଲାଭ କରିଛି । 'ବେଲୁନ ଗଲା ଉଡ଼ି' ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛି । 'ଫୁଲରାଣୀ' ତାଙ୍କ ରଚିତ ଅନ୍ୟ ଏକ ସୁନ୍ଦର ଶିଶୁ ମନଲାଖି ରଚନା । ସେ ମାସିକ ଶିଶୁ ପତ୍ରିକା 'ମନ ପବନ'ର ସଂପାଦନା କରୁଥିଲେ ।

ଏହି କବିତାଟିରେ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ସଙ୍ଗେସଙ୍ଗେ ନଦୀ ଓ ସମୁଦ୍ରକୁ ଜୀବନ୍ତ ଚରିତ୍ର ଭାବେ ଚିତ୍ରଣ କରାଯାଇଛି । ଏଥିରେ ନଦୀର କଲ୍ୟାଣକାରୀ ଗୁଣ ମଧ୍ୟ ବର୍ଣ୍ଣନା କରାଯାଇଛି ।

ଲଙ୍ଘି ବନ୍ଧୁର ଗିରି କାନନ ବୁକୁ ଚିରି<br>
ଝରଇ ଝରଝର ତଟିନୀ,<br>
ମଧୁର କଳକଳ ଗୀତରେ ଛଳଛଳ<br>
ଜୀବନ-ପଥୁ କେବେ ହଟିନି ।

କେତେ ନଗର, ଗ୍ରାମ ଘନ ବନାନୀ ଶ୍ୟାମ<br>
ହରିତ କ୍ଷେତ ଆଉ ପ୍ରାନ୍ତର,<br>
ସୁଦୂର ପଥ ଭ୍ରମି ଯାଏ ସେ ଅତିକ୍ରମି<br>
ନ ହୋଇ ଶ୍ରମେ ତିଳେ କାତର ।

କହିଲା ଦିନେ ନଦୀ, ''ଶୁଣ ଗୋ ମହୋଦଧି<br>
ଶୁଣ ମୋ' ଜୀବନର କଷଣ,<br>
ମାନବ-ଶିଶୁ ଆଜି ଘୋର ଦାନବ ସାଜି<br>
ହରିଛି ମୋର ସବୁ ଭୂଷଣ ।

ମୋ' ତୀରେ ଗଢ଼ି କଳ  ତେଜି ଦୂଷିତ ଜଳ
କରିଛି ତନୁ ମୋର ଆବିଳ,
ହରିଛି ସବୁ ଶୋଭା  ଜନ ନୟନ ଲୋଭା
ଚ୍ଛୁର କରିଛି ରୂପ ଛବିଳ ।



କିଆ, କେତକୀ ବନ,  ବେତସ କୁଞ୍ଜ ଘନ
ମୋ' ତୀରେ ଶୂନ୍ୟ ଆଜି, ସିନ୍ଧୁ ଗୋ,
କାହିଁ ବିହଗ ଗାନ  କୋକିଳ କୁହୁ ତାନ
ଯହୁଁ ଝରଇ ମଧୁ ବିନ୍ଦୁ ଗୋ ।''

ଶୁଣି ତଟିନୀ ବାଣୀ  ବକ୍ଷକୁ ନେଇ ଟାଣି
କହିଲା ସିନ୍ଧୁ, ''ଗିରି କନ୍ୟା ଗୋ,
ଲଭି ଈଶ୍ୱର କୃପା  ତୁ ଅଟୁ ମାତୃ ରୂପା
ତୁହି ତ ଜଗତରେ ଧନ୍ୟା ଗୋ ।

ମାନବ ମହାବଳୀ ପ୍ରକୃତି ପାଦେ ଦଳି
ନ ମାନି ବିଧାତାର ନିୟମ
କରୁଛି ଆଜି ଯାହା କାହିଁ ତା' ପାଇଁ ରାହା
ଲଭିବ ଦିନେ ଫଳ ଚରମ ।

ଗାଇ କର୍ମର ଜୟ ଦେଇ ଅମୃତ ପୟ
ପୋଷୁଛୁ କୋଟି ଜନ ପରାଣୀ,
ଝରୁଛୁ ଝରୁ ଥିବୁ ପରାଣ ଭରୁ ଥିବୁ
ତୁହି ତ ଜଗତର କଲ୍ୟାଣୀ ।'

**ସୂଚନା:**

ତଟିନୀ – ନଦୀ, ନଈ
ଲଙ୍ଘି – ଅତିକ୍ରମ କରି
ବନ୍ଧୁର – ଖାଲଢିପ, ଆବଡ଼ାଖାବଡ଼ା
ଦାନବ – ରାକ୍ଷସ, ଧ୍ୱଂସକାରୀ ଶକ୍ତି
ଭୂଷଣ – ସୌନ୍ଦର୍ଯ୍ୟ (ଅର୍ଥରେ) ଅଳଙ୍କାର
ଲୁର – ନଷ୍ଟ କରିବା, ଲୁଣ୍ଠନ
ଗାତ୍ର – ଦେହ, ଶରୀର
ବିହଗ – ପକ୍ଷୀ
ପୟ – ଜଳ
ପରାଣୀ – ପ୍ରାଣୀ
ଗିରିକନ୍ୟା – ପର୍ବତର ଝିଅ, ନଦୀ ବା ଝରଣା

# ଅଭ୍ୟାସ

୧. ଉତ୍ତର କୁହ ।

(କ) କେଉଁ କେଉଁ ପଥ ଅତିକ୍ରମ କରି ନଦୀ ବହିଯାଏ ?

(ଖ) ନଦୀ ଶେଷରେ କାହାକୁ ଭେଟେ ?

(ଗ) ନଦୀ କୂଳରେ କ'ଣ ସବୁ ଗଢ଼ି ଉଠିଛି ?

(ଘ) ମହୋଦଧିକୁ ନଦୀ କ'ଣ କହିଲା ?

(ଙ) ନଦୀରେ ବାସ କରୁଥିବା ପାଞ୍ଚଟି ଜଳଚର ଜୀବର ନାମ କୁହ ?

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ତଟିନୀ କାହିଁକି ଦୁଃଖ ଅନୁଭବ କରିଛି ?

(ଖ) 'ତୁହି ତ ଜଗତର କଲ୍ୟାଣୀ' ବୋଲି କବି କାହାକୁ କହିଛନ୍ତି ?

(ଗ) ନଦୀ ଆମର କି ଉପକାର କରେ ?

(ଘ) ନଦୀତୀରରେ କଳକାରଖାନା ଗଢ଼ିଉଠିବା ଫଳରେ ଆମର କି କି ଅସୁବିଧା ହେଉଅଛି ?

(ଙ) ନଦୀକୁ 'ମାତୃରୂପା' ବୋଲି କାହିଁକି କୁହାଯାଇଛି ?

**୩. ସରଳ ଭାଷାରେ ବୁଝାଇ ଲେଖ ।**

(କ) 'ସୁଦୂର ପଥ ଭ୍ରମି ............... ତିଳେ କାତର ।'

(ଖ) 'ଲଭି ଈଶ୍ୱର କୃପା ............... ଜଗତରେ ଧନ୍ୟା ଗୋ ।'

(ଗ) 'ଗାଇ କର୍ମର ଜୟ ................ ଜଗତର କଲ୍ୟାଣୀ ।'

**୪. 'ଦୂର' ଶବ୍ଦ ପୂର୍ବରେ 'ସୁ' ଯୋଡ଼ିଲେ 'ସୁଦୂର' ହୁଏ ଓ ଏହା 'ଅତିଦୂରକୁ' ବୁଝାଏ । ସେହିପରି ପୂର୍ବରେ 'ସୁ' ଯୋଡ଼ି ପାଞ୍ଚଟି ଶବ୍ଦ ଲେଖ ।**

**୫. ଶୁଦ୍ଧ ଶବ୍ଦଟିକୁ ବାଛି ବାକ୍ୟରେ ବ୍ୟବହାର କରି ଲେଖ ।**

(କ) କସଣ, କଶଣ, କଷଣ

(ଖ) ଅତିକ୍ରମୀ, ଅତିକ୍ରମି, ଅତୀକ୍ରମି

(ଗ) ଈଶ୍ୱର, ଇଶ୍ୱର, ଇସ୍ୱର

(ଘ) ଭୂଷଣ, ଭୁଷଣ, ଭୂସଣ

**୬. ଦିଆଯାଇଥିବା ଶବ୍ଦ ଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।**

| | | |
|---|---|---|
| ତଟିନୀ | ମହୋଦଧି | ଜଳ |
| ବିହଗ | ନୟନ | ଗିରି |

୭. ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଦୂଷିତ, ଦିନ, ଜୟ, ଅମୃତ, କର୍ମ, ଶୂନ୍ୟ

୮. ତଳ ଶବ୍ଦଗୁଡ଼ିକ କେଉଁ ପୁରୁଷ ଓ କେଉଁ ବଚନ ଚିହ୍ନାଇ ଦିଅ ।

ତଟିନୀ, ସେ, ମାନବ, ତୁହି, ମୁଁ, ତୁ, କୋଟିଜନ

୯. 'କଳ-କଳ' ପରି ଆଉ କେତୋଟି ଯୁଗ୍ମ ଶବ୍ଦ ଲେଖ ।

୧୦. ପ୍ରାୟ ପଚାଶଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

(କ) ତଟିନୀକୁ କାହିଁକି ଜଗତର କଲ୍ୟାଣୀ ବୋଲି କୁହାଯାଇଛି ?

(ଖ) ନଦୀ ଜଳକୁ ନିର୍ମଳ ରଖିବା ପାଇଁ ଆମେ କ'ଣ କରିବା ଉଚିତ ?

## ତୁମ ପାଇଁ କାମ



- ନଦୀକୁ ନେଇ କବିତାଟିଏ ଲେଖିବାକୁ ଚେଷ୍ଟା କର ।
- ନଦୀ ଓ ସମୁଦ୍ରର କଥୋପକଥନକୁ ସଂଳାପ ଆକାରରେ ଲେଖି ତୁମ ଶ୍ରେଣୀରେ ଅଭିନୟ କର ।



# ରାମାୟଣ କଥା

**ମଧୁସୂଦନ ରାଓ**

G4FJT9

## ଲେଖକ ପରିଚୟ

**ମଧୁସୂଦନ ରାଓ :** ଭକ୍ତକବି ମଧୁସୂଦନ ରାଓ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର ଆଦ୍ୟକାଳର ଜଣେ ପ୍ରମୁଖ ସ୍ରଷ୍ଟା । ଭାରତୀୟ ଆଧ୍ୟାତ୍ମିକ ଦର୍ଶନ, ବୈଦିକ ଚିନ୍ତାଧାରା ଓ ଆଦର୍ଶର ପୁନଃ ପ୍ରତିଷ୍ଠା ପାଇଁ ବହୁ ପ୍ରବନ୍ଧ ଓ କବିତା ରଚନା କରି ସେ ଆମ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । 'କବିତାବଳୀ', 'ବସନ୍ତ ଗାଥା', 'ସାହିତ୍ୟ କୁସୁମ' ଏବଂ 'ସାହିତ୍ୟ ପ୍ରସଙ୍ଗ' ଇତ୍ୟାଦି ଲେଖକଙ୍କର ଜନପ୍ରିୟ ପୁସ୍ତକ । ତାଙ୍କ ରଚିତ 'ବର୍ଣ୍ଣବୋଧ' ସହିତ ପ୍ରତ୍ୟେକ ଓଡ଼ିଆ ସୁପରିଚିତ । ଏହି ଲେଖାରେ ସମଗ୍ର ରାମାୟଣର କଥା ଖୁବ୍ ସଂକ୍ଷେପରେ ବର୍ଣ୍ଣିତ ହୋଇଛି ।

ଭାରତବର୍ଷରେ ଅଯୋଧ୍ୟା ନାମରେ ଗୋଟିଏ ନଗରୀ ଅଛି । ସେଠାରେ ଅତି ପ୍ରାଚୀନ କାଳରେ ଦଶରଥ ନାମରେ ଜଣେ ରାଜା ଥିଲେ । ତାହାଙ୍କର ତିନି ରାଣୀ ଥିଲେ । କୌଶଲ୍ୟା, କୈକେୟୀ ଓ ସୁମିତ୍ରା । ଜ୍ୟେଷ୍ଠା ରାଣୀ କୌଶଲ୍ୟାଙ୍କର ପୁତ୍ର ରାମଚନ୍ଦ୍ର, ମଧ୍ୟମା ରାଣୀ କୈକେୟୀଙ୍କର ପୁତ୍ର ଭରତ, କନିଷ୍ଠା ରାଣୀ ସୁମିତ୍ରାଙ୍କର ଲକ୍ଷ୍ମଣ ଓ ଶତ୍ରୁଘ୍ନ ନାମରେ ଦୁଇ ପୁତ୍ର ଥିଲେ । ଲକ୍ଷ୍ମଣ ରାମଙ୍କର ଏକାନ୍ତ ଅନୁଗତ ଥିଲେ ଏବଂ ଶତ୍ରୁଘ୍ନ ଭରତଙ୍କର ଅତିଶୟ ଅନୁଗତ ଥିଲେ । ଚାରି ଭାଇଙ୍କ ମଧ୍ୟରେ ଗଭୀର ସ୍ନେହ ଥିଲା ଏବଂ ରାମଙ୍କୁ ସମସ୍ତେ ଅତ୍ୟନ୍ତ ସ୍ନେହ ଓ ଭକ୍ତି କରୁଥିଲେ । ରାଜା ଦଶରଥ କ୍ରମେ ବୃଦ୍ଧ ହୋଇ ପଡ଼ିବାରୁ ସେ ରାମଙ୍କୁ ରାଜ୍ୟ ଦେଇ ଅବସର ଗ୍ରହଣ କରିବା ପାଇଁ ସଂକଳ୍ପ କଲେ । ରାମଙ୍କୁ ରାଜା କରିବା ପାଇଁ ନାନା ଆୟୋଜନ ହେବାକୁ ଲାଗିଲା । ରାମଙ୍କର ନାନା ସଦ୍‌ଗୁଣ ଦେଖି ପ୍ରଜାମାନେ ତାଙ୍କ ପ୍ରତି ଅନୁରକ୍ତ ଥିଲେ, ସୁତରାଂ ତାହାଙ୍କର ଅଭିଷେକୋତ୍ସବ ବାର୍ତ୍ତା ପ୍ରଚାରିତ ହେବାକ୍ଷଣି ସେମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ଏହି ସମୟରେ ଦଶରଥଙ୍କର ମଧ୍ୟମା ରାଣୀ ମହା ବିପଦ ଘଟାଇଲେ । ସେ ପୂର୍ବେ ଏକଦା ପ୍ରାଣପଣେ ସେବାକରି ଦଶରଥଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରିଥିଲେ । ସେତେବେଳେ ରାଜା ତାହାଙ୍କ ପ୍ରତି ଅତିଶୟ ସନ୍ତୁଷ୍ଟ ହୋଇ ଦୁଇଟି ବର ଦେବେ ବୋଲି ଅଙ୍ଗୀକାର କରିଥିଲେ । କିନ୍ତୁ କୈକେୟୀ ଆଜିଯାଏ କୌଣସି ବର ମାଗି ନଥିଲେ । ରାମ ରାଜା

ହେବେ ଏକଥା ଶୁଣି ମନ୍ଥରା ନାମରେ ଜଣେ ଦୁଷ୍ଟା ଦାସୀର କୁମନ୍ତ୍ରଣାରେ ପଡ଼ି କୈକେୟୀ ହଠାତ୍ ଦୁଇଟି ନିଷ୍ଠୁର ବର ମାଗି ବସିଲେ । ଗୋଟିଏ ବର ଏହି ଯେ, ଭରତ ରାଜା ହୁଅନ୍ତୁ ଏବଂ ଅପର ବର ଏହି ଯେ, ରାମ ଚତୁର୍ଦ୍ଦଶ ବର୍ଷ ନିମିତ୍ତ ବନକୁ ନିର୍ବାସିତ ହୁଅନ୍ତୁ । ଦଶରଥ ଅତ୍ୟନ୍ତ ସତ୍ୟପରାୟଣ ଥିଲେ । ସେ କେବେହେଁ ସତ୍ୟ ଭଙ୍ଗ କରିନଥିଲେ । ସେ ପୂର୍ବେ ଦୁଇଟି ବର ଦେବେ ବୋଲି ଅଙ୍ଗୀକାର କରିଥିଲେ, ବର୍ତ୍ତମାନ ତାହା ଲଙ୍ଘନ କରି ନପାରିଲେ । ସୁତରାଂ ରାମଙ୍କୁ ବନଗମନ କରିବାକୁ ହେଲା । ରାଜ୍ୟର ସମସ୍ତଲୋକ ଏହି ସମ୍ବାଦରେ ହାହାକାର କରିବାକୁ ଲାଗିଲେ ଏବଂ ଘରେଘରେ କ୍ରନ୍ଦନର ରୋଳ ଉଠିଲା ।

ରାମ ମିଥିଳା ରାଜ୍ୟର ଅଧିପତି ଜନକଙ୍କର କନ୍ୟା ପରମା ସୁନ୍ଦରୀ ସର୍ବଗୁଣାଳଙ୍କୃତା ସୀତାଙ୍କୁ ବିବାହ କରିଥିଲେ । ରାମ ବନ ଯିବେ ଶୁଣି ସୀତା ଏବଂ ଲକ୍ଷ୍ମଣ ତାହାଙ୍କ ସଙ୍ଗରେ ଯିବା ପାଇଁ ପ୍ରାର୍ଥନା କଲେ । ସେ ବାରମ୍ବାର ବାରଣ କଲେହେଁ, ସେମାନେ ତାଙ୍କ ସଙ୍ଗରେ ବନକୁ ପ୍ରସ୍ଥାନ କଲେ । ପ୍ରିୟତମ ପୁତ୍ର ରାମଙ୍କର ବନବାସ କଷ୍ଟ କଥା ଭାଳିଭାଳି ଦଶରଥ ପ୍ରାଣତ୍ୟାଗ କଲେ । ଭରତ ଏ ସମୟରେ ମାତୁଳାଳୟରେ ଥିଲେ । ରାମଙ୍କର ବନବାସ ସମ୍ବାଦ ପାଇ ସେ ଅଯୋଧ୍ୟାକୁ ଆସି ଦେଖିଲେ ଯେ ଗଭୀର ଶୋକର ଛାୟା ଅଯୋଧ୍ୟାକୁ ଅନ୍ଧକାରମୟ କରି ରଖିଅଛି । ବ୍ୟଥିତ ଚିତ୍ତରେ ଭରତ ରାମଙ୍କୁ ଗୃହକୁ ଲେଉଟାଇ ଆଣିବା ନିମନ୍ତେ ବନକୁ ଗମନ କଲେ । ଚିତ୍ରକୂଟ ପର୍ବତରେ ଉପସ୍ଥିତ ହୋଇ ଭରତ ଦେଖିଲେ ଯେ, ରାମ ସେଠାରେ ରାଜବେଶ ତ୍ୟାଗକରି ଋଷି କୁମାରମାନଙ୍କ ପରି ଦୀନ ଭାବରେ ଜୀବନଯାପନ କରୁଅଛନ୍ତି । ଭରତ ରାମଙ୍କର ଚରଣ ଧରି ଗୃହକୁ ଲେଉଟିବା ନିମିତ୍ତ ବ୍ୟାକୁଳ ଭାବରେ




ବାରମ୍ବାର ପ୍ରାର୍ଥନା କଲେ । କିନ୍ତୁ ରାମ କୌଣସି ପ୍ରକାରେ ସମ୍ମତ ନ ହୋଇ ପିତାଙ୍କର ଅଙ୍ଗୀକାର ପାଳନ କରିବା ନିମିତ୍ତ ବନରେ ରହିଲେ ଏବଂ ଭରତଙ୍କୁ ନାନାପ୍ରକାର ବୁଝାଇ ଅଯୋଧ୍ୟାକୁ ପଠାଇ ଦେଲେ । ନିର୍ଲୋଭ ଓ ନିଃସ୍ୱାର୍ଥ ଭ୍ରାତୃଭକ୍ତ ଭରତ ଅଯୋଧ୍ୟାକୁ ଫେରି ଆସି ରାମଙ୍କର ପାଦୁକାକୁ ସିଂହାସନରେ ସ୍ଥାପନ କରି ରାମଙ୍କର ଦାସପ୍ରାୟ ରାଜକାର୍ଯ୍ୟ ନିର୍ବାହ କରିବାକୁ ଲାଗିଲେ ଏବଂ ରାମଙ୍କ ପରି ରାଜଭୋଗ ପରିତ୍ୟାଗ କରି ବଲ୍‌କଲ ବସନ ପରିଧାନ ଓ ଫଳମୂଳାହାର କରି ଜୀବନଯାପନ କଲେ । ତାହାଙ୍କର ଏହି ପ୍ରକାର ସ୍ୱାର୍ଥତ୍ୟାଗ ଓ ବୈରାଗ୍ୟ ଦେଖି ସମସ୍ତେ ବିସ୍ମୟାନ୍ୱିତ ହୋଇ ଧନ୍ୟଧନ୍ୟ କହିବାକୁ ଲାଗିଲେ ।

ତଦନନ୍ତର ରାମଚନ୍ଦ୍ର ପଞ୍ଚବଟୀ ବନକୁ ଗମନ କରି ସେଠାରେ ବାସ କଲେ । ରାମ ଓ ସୀତା ରାଜପୁତ୍ର ଓ ରାଜକନ୍ୟା ହେଲେ ହେଁ ସେମାନଙ୍କର ପରସ୍ପର ମଧ୍ୟରେ ଏପରି ସ୍ନେହ ଥିଲା ଯେ ସେମାନେ ବନବାସ କଷ୍ଟକୁ କଷ୍ଟ ବୋଲି ମଣିନଥିଲେ । ପଞ୍ଚବଟୀରେ କିଛି ଦିନ ବାସ କଲା ଉତ୍ତାରୁ ଦିନେ ରାମ ଓ ଲକ୍ଷ୍ମଣ ମୃଗୟାର୍ଥ ବନକୁ ଯାଇଥିବା ସମୟରେ ଲଙ୍କାର ରାଜା ରାବଣ ଆସି ସୀତାଙ୍କୁ ହରଣ କରି ନେଇଗଲା । ଦୁର୍ମତି ରାବଣ ସୀତାଙ୍କୁ ତାହାର ରାଣୀ କରିବା ନିମନ୍ତେ ପ୍ରଲୋଭନ ଦେଖାଇ  ନାନା ପ୍ରକାର ଚେଷ୍ଟା କରିଥିଲା । କିନ୍ତୁ ମହାସତୀ ସୀତା ତା'ର ପ୍ରଲୋଭନରେ ଭୁଲି ନଥିଲେ । ତହୁଁ ନିଷ୍ଠୁର ରାବଣ ତାଙ୍କୁ ବହୁ କଷ୍ଟ ଦେଲା, କିନ୍ତୁ ସୀତା କୌଣସି ପ୍ରକାରେ ତାହାର



ଅନୁଗତା ହେଲେ ନାହିଁ । କେବଳ ରାମଙ୍କୁ ସର୍ବଦା ଧ୍ୟାନ କରି ସେହି ଭୀଷଣ ରାକ୍ଷସପୁରୀରେ ଦିନ ଯାପନ କରିଥିଲେ ।

ରାମଚନ୍ଦ୍ର ମୃଗୟାରୁ ଫେରି ଆସି ସୀତାଙ୍କୁ ଦେଖିବାକୁ ନପାଇ ଶୋକରେ ଅଧୀର ହୋଇ ନାନାସ୍ଥାନରେ ତାହାଙ୍କର ଅନୁସନ୍ଧାନ କରିବାକୁ ଲାଗିଲେ । କିନ୍ତୁ ତାହାଙ୍କୁ ନ ପାଇବାରୁ କିଷ୍କିନ୍ଧ୍ୟାର ରାଜା ସୁଗ୍ରୀବଙ୍କ ସଙ୍ଗରେ ମିତ୍ରତା କରି ତାହାଙ୍କର ଅନୁଚରମାନଙ୍କୁ ସୀତାଙ୍କର ଅନୁସନ୍ଧାନାର୍ଥ ଦେଶଦେଶାନ୍ତରକୁ ପଠାଇଲେ । ସୁଗ୍ରୀବଙ୍କର ଅନୁଚର ବୀର ହନୁମାନ ଲଙ୍କା ଦ୍ୱୀପରେ ସୀତାଙ୍କର ଥିବାର ସମ୍ବାଦ ଆଣି ରାମଙ୍କୁ ପ୍ରଦାନକଲେ । ସୁଗ୍ରୀବ ଓ ତାହାଙ୍କର ଅନୁଚରମାନଙ୍କୁ ଘେନି ରାମ ଓ ଲକ୍ଷ୍ମଣ ସେତୁଦ୍ୱାରା ସମୁଦ୍ର ପାରହୋଇ ଚାରୁହର୍ମ୍ୟଶାଳିନୀ ଉପବନଶୋଭିତା ଲଙ୍କାପୁରୀକୁ ଅବରୋଧ କଲେ । ରାମଙ୍କର ସହିତ ରାବଣର ଭୀଷଣ ସମର ହେଲା । ଏହି ରଣରେ ରାବଣର ବିଖ୍ୟାତ ବୀର ପୁତ୍ର ଇନ୍ଦ୍ରଜିତ ପ୍ରଭୃତି ମହାବୀରମାନେ ବିନଷ୍ଟ ହେଲେ । ପରିଶେଷରେ ରାବଣ ମଧ୍ୟ ରାମଙ୍କ ଶରରେ ବିନାଶପ୍ରାପ୍ତ ହେଲା । ସତୀ ସୀତାଙ୍କର ନୟନ ବାରି କାଳାନଳପ୍ରାୟ ଲଙ୍କାପୁରୀକୁ ଭସ୍ମ କରିଦେଲା ।



ରାମ ଓ ଲକ୍ଷ୍ମଣ ସୀତାଙ୍କୁ ଘେନି ଅଯୋଧ୍ୟା ପ୍ରତ୍ୟାଗମନ କଲେ । ସେମାନଙ୍କ ପ୍ରତ୍ୟାଗମନରେ ପୁରବାସୀମାନେ ଆନନ୍ଦ ଉତ୍ସବ କରିବାକୁ ଲାଗିଲେ । ଭରତ ଓ ଶତ୍ରୁଘ୍ନ ମହାଆନନ୍ଦରେ ରାମ ସୀତାଙ୍କୁ ଅଭ୍ୟର୍ଥନା କରି ଗୃହକୁ ଘେନି ଗଲେ । କୌଶଲ୍ୟା ଓ ସୁମିତ୍ରାଙ୍କର ଚକ୍ଷୁ ଆନନ୍ଦରେ ଅଶ୍ରୁବର୍ଷଣ କରିବାକୁ ଲାଗିଲା । କୈକେୟୀ ରାମଙ୍କ ପ୍ରତି ନିଜର ଦୁର୍ବ୍ୟବହାର ବିଷୟ ସ୍ମରଣ କରି ଲଜ୍ଜିତ ହୋଇ ରହିଥିଲେ । ରାମ ସେ ସମସ୍ତ ଭୁଲିଯାଇ ତାହାଙ୍କ ପାଦ ବନ୍ଦନା କରି ଯଥୋଚିତ ଭକ୍ତି ପ୍ରକାଶ କଲେ । ରାମ ରାଜ୍ୟଭାର ଗ୍ରହଣ କରି ପ୍ରଜାମାନଙ୍କୁ ପରମ ସୁଖରେ ପାଳନ କଲେ । ଏହିପରି କିଛି ଦିନ ଗତ ହେଲା ଉତ୍ତାରୁ ଦିନେ ରାମ ଶୁଣିଲେ ଯେ ସୀତା ଦେବୀ ରାବଣ ଗୃହରେ ଥିଲେ ବୋଲି ପ୍ରଜାମାନେ ତାହାଙ୍କର ନିନ୍ଦା କରୁଅଛନ୍ତି । ଏହି କଥା ଶୁଣି ରାମ ଅତ୍ୟନ୍ତ ବ୍ୟଥିତ ହେଲେ । ସେ ଜାଣିଥିଲେ ଯେ ସୀତାଙ୍କର ଚରିତ୍ର ନିଷ୍କଳଙ୍କ ଅଟେ, ତଥାପି ପ୍ରଜାରଞ୍ଜନ କରିବା ରାଜାର ଧର୍ମ । ଏହା ବିଚାରି ସେ ନିଜର ସୁଖଶାନ୍ତି ବିସର୍ଜନ କରି ଅନ୍ତଃସତ୍ତ୍ୱା ସୀତାଙ୍କୁ ବର୍ଜନ କଲେ । ଲକ୍ଷ୍ମଣ ଭ୍ରାତାଙ୍କର ଆଦେଶରେ ସୀତାଙ୍କୁ

ସଙ୍ଗରେ ଘେନି ମହର୍ଷି ବାଲ୍ମୀକିଙ୍କ ତପୋବନରେ ରଖି ଆସିଲେ । ମହର୍ଷି ସୀତାଙ୍କୁ ନିଜ କନ୍ୟାତୁଲ୍ୟ ସ୍ନେହରେ ପାଳନ କଲେ । ବାଲ୍ମୀକି ମୁନିଙ୍କ ଆଶ୍ରମରେ ସୀତାଙ୍କର ଯମଜ ପୁତ୍ର ଜାତହେଲେ । ବାଲ୍ମୀକି ଏହି ଦୁଇ ଶିଶୁଙ୍କୁ କୁଶ ଓ ଲବ ନାମ ଦେଲେ । ସେମାନଙ୍କୁ ଧନୁର୍ବିଦ୍ୟା ଓ ରାଜଧର୍ମ ବିଷୟରେ ଶିଖାଇ ସେ ରାମ ଓ ସୀତାଙ୍କ ବିଷୟରେ ମହାକାବ୍ୟ ରଚନା କରି ସେମାନଙ୍କୁ ତାହା ଗାଇବାକୁ ଶିଖାଇଲେ ।

ତଦନନ୍ତର ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିବାକୁ ସଂକଳ୍ପ କଲେ । ଧର୍ମପତ୍ନୀବିନା ଏହି ଯଜ୍ଞ ସାଧିତ ହୁଏନାହିଁବୋଲି ତାହାଙ୍କର ପାତ୍ରମିତ୍ରମାନେ ଦ୍ୱିତୀୟବାର ବିବାହ କରିବା ନିମନ୍ତ ବାରମ୍ବାର ଅନୁରୋଧ କରିଥିଲେ । କିନ୍ତୁ ରାମଚନ୍ଦ୍ର ଦ୍ୱିତୀୟ ଦାର ପରିଗ୍ରହ ନ କରି ସୀତାଙ୍କର ସ୍ୱର୍ଣ୍ଣମୟୀ ମୂର୍ତ୍ତିଗଠନ କରି ଯଜ୍ଞାନୁଷ୍ଠାନ ଆରମ୍ଭ କଲେ ।

ଦେଶଦେଶାନ୍ତରରୁ ମୁନିଋଷିମାନେ ଆମନ୍ତ୍ରିତ ହୋଇ ଯଜ୍ଞସ୍ଥାନକୁ ଆଗମନ କଲେ । ମହର୍ଷିବାଲ୍ମୀକି ମଧ୍ୟ ନିମନ୍ତ୍ରିତ ହୋଇ କୁଶ ଓ ଲବଙ୍କୁ ଘେନି ଯଜ୍ଞସ୍ଥାନରେ ଉପସ୍ଥିତ ହେଲେ । ମହର୍ଷିବାଲ୍ମୀକିଙ୍କ ଆଦେଶମତେ କୁଶ ଓ ଲବ ଯଜ୍ଞ ସ୍ଥାନରେ ରାମାୟଣ ଗାନ କରିବାକୁ ଲାଗିଲେ । ସେମାନଙ୍କର ମଧୁର ଗାନ ଶୁଣି ସମସ୍ତେ ମୋହିତ ହୋଇଗଲେ । ସେମାନଙ୍କର ଆବୃତ୍ତିରେ ରାମସୀତାଙ୍କର ରୂପ ସାଦୃଶ୍ୟ ଦେଖି ରାମ ଓ ଲକ୍ଷ୍ମଣ ବିସ୍ମିତ ହୋଇ ବାଲ୍ମୀକିଙ୍କୁ ସେମାନଙ୍କର ପରିଚୟ ପଚାରିଲେ । ମହର୍ଷିଙ୍କଠାରୁ ସୀତାଙ୍କର ସମସ୍ତ ସମ୍ବାଦ ପାଇ ରାମ ସୀତାଙ୍କୁ ଆଣିବା ନିମିତ୍ତ ଆଦେଶ କଲେ । ସୀତା ରାମଙ୍କର ଆହ୍ୱାନ ବାର୍ତ୍ତା ଶୁଣି ଆନନ୍ଦିତା ହୋଇ ଯଜ୍ଞ ସ୍ଥାନକୁ ଆସିଲେ । ବାଲ୍ମୀକି ସୀତାଙ୍କୁ ସଭା ମଧ୍ୟକୁ ଘେନିଗଲେ । ସୀତା ଭକ୍ତିପୂର୍ଣ୍ଣ ଅନ୍ତରରେ ରାମଙ୍କର ଚରଣ ବନ୍ଦନା କରି ଦଣ୍ଡାୟମାନ ରହିଲେ । ତାହାଙ୍କର ଶିରୀଷ-କୋମଳ ସୁକୁମାର ତନୁ ଚିନ୍ତାରେ ଶୁଷ୍କ ଓ କୃଶ ହୋଇଅଛି ଦେଖି ରାମଙ୍କର ହୃଦୟ ବିଚଳିତ ହେଲା । ବାଲ୍ମୀକି ସଭାମଧ୍ୟରେ ଦଣ୍ଡାୟମାନ ହୋଇ ଗମ୍ଭୀର ଭାବରେ କହିଲେ, ''ସୀତାଦେବୀ ପରମାସତୀ, ରାମଚନ୍ଦ୍ର ତାହାଙ୍କୁ ପୁନର୍ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ପୁରବାସୀମାନେ ଏ ବିଷୟରେ ଅନୁମତି ଦିଅନ୍ତୁ । ବାଲ୍ମୀକିଙ୍କର କଥା ଶୁଣି ସାଧୁ ବ୍ୟକ୍ତିମାନେ ତଥାସ୍ତୁ ବୋଲି କହିଲେ । କିନ୍ତୁ ଅବିଶ୍ୱାସୀ କୁଟିଳ ପ୍ରକୃତିର ଲୋକମାନେ କୌଣସି ଉତ୍ତର ଦେଲେନାହିଁ । ସୀତାଦେବୀ ଖଳଲୋକଙ୍କର ଅବିଶ୍ୱାସରେ ଅତ୍ୟନ୍ତ ମର୍ମାହତ ମୂର୍ଚ୍ଛିତାହୋଇ ଭୂତଳରେ ବାତାହତ କଦଳୀ ବୃକ୍ଷ ପ୍ରାୟ ପଡ଼ିଗଲେ ଏବଂ ସହସା ପ୍ରାଣତ୍ୟାଗ କଲେ ।

ଏଥିଉତ୍ତାରେ ଶ୍ରୀରାମ ଘୋର ଦୁଃଖରେ କିଛିକାଳ ସଂସାରରେ ରହି ମାନବଲୀଳା ସମ୍ବରଣ କଲେ ।

**ସୂଚନା :**

| | | |
|---|---|---|
| ରାମାୟଣ | – | ସଂସ୍କୃତ ଭାଷାରେ ଏହି ଗ୍ରନ୍ଥଟିକୁ ମହାକବି ବାଲ୍ମୀକି ରଚନା କରିଥିଲେ । ଏଥିରେ ରାମଚନ୍ଦ୍ରଙ୍କ ଜୀବନ କଥା ବର୍ଣ୍ଣନା କରାଯାଇଛି । |
| ଅନୁଗତ | – | ବିଶ୍ୱସ୍ତ, ଯେ ସଂପୃକ୍ତ ବଡ଼ ଲୋକଙ୍କର କଥା ମାନି ଚଳନ୍ତି |
| ଅନୁରକ୍ତ | – | ଅନୁରାଗୀ, ପ୍ରିୟ |
| ଅଙ୍ଗୀକାର | – | ପ୍ରତିଜ୍ଞା, ଶପଥ, ସମ୍ମତ |
| ସର୍ବଗୁଣାଳଙ୍କୃତା | – | ଯାହାଠାରେ ସମସ୍ତ ସୁଗୁଣ ପରିପୂର୍ଣ୍ଣ ଥାଏ (ସ୍ତ୍ରୀ ଲିଙ୍ଗ) |
| ପାଦୁକା | – | କଠାଉ, ଜୋତା |
| ତଦନନ୍ତର | – | ତାହାପରେ |
| ପଞ୍ଚବଟୀ | – | ବର, ଅଶ୍ୱତ୍ଥ, ବେଲ, ଅଶୋକ, ଅଁଳା ବୃକ୍ଷଥିବା ବନକୁ ପଞ୍ଚବଟୀ କହନ୍ତି । ପୌରାଣିକ ଯୁଗର ଏକ ଅରଣ୍ୟ । |
| ବସନ | – | ବସ୍ତ୍ର, ପିନ୍ଧିବା ଲୁଗା |
| ଦୁର୍ମତି | – | ମନ୍ଦମତି, ଦୁଷ୍ଟଲୋକ |
| କିଷ୍କିନ୍ଧ୍ୟା | – | ଦାକ୍ଷିଣାତ୍ୟର ଏକ ପ୍ରାଚୀନ ଅଞ୍ଚଳ । ଏହାର ରାଜା ଥିଲେ ବାଳୀ । |
| ଦାର | – | ପତ୍ନୀ, ସ୍ତ୍ରୀ, ଭାର୍ଯ୍ୟା |
| ଇନ୍ଦ୍ରଜିତ | – | ରାବଣର ବଡ଼ ପୁଅ |
| କାଳାନଳ | – | ପ୍ରଚଣ୍ଡ ଅଗ୍ନି, ଭୟଙ୍କର ନିଆଁ |
| ଯମଜ | – | ଯାଆଁଳା |

# ଅଭ୍ୟାସ

**୧. ଉତ୍ତର କୁହ ।**

(କ) ରାମଙ୍କ ବନଗମନ ଖବର ପାଇ ଅଯୋଧ୍ୟାବାସୀ କାହିଁକି କ୍ରନ୍ଦନ କଲେ ?

(ଖ) କୈକେୟୀ ଦଶରଥଙ୍କୁ କେଉଁ ଦୁଇଟି ବର ମାଗିଥିଲେ ?

(ଗ) ଦଶରଥ କେଉଁ ପରିସ୍ଥିତିରେ ପ୍ରାଣତ୍ୟାଗ କଲେ ?

(ଘ) ଭରତ ଚିତ୍ରକୂଟରୁ ଫେରି କି ଭଳି ରାଜ୍ୟ ଶାସନ କଲେ ?

(ଙ) ସୀତା ବାଲ୍ମୀକି ଆଶ୍ରମରେ କାହିଁକି ଆଶ୍ରୟ ନେଲେ ?

୨. ପାଞ୍ଚଟି ବାକ୍ୟରେ ଉତ୍ତର ଲେଖ।

(କ) ସୀତା ଲଙ୍କାଗଡ଼ରେ ଥିବାର ଖବର ରାମଚନ୍ଦ୍ର କିପରି ପାଇଲେ ?

(ଖ) ରାବଣଙ୍କୁ 'ଦୁର୍ମତି' ବୋଲି କହିବାର କାରଣ କ'ଣ ?

(ଗ) ରାମାୟଣରୁ ଭ୍ରାତୃଭକ୍ତିର କି ସୂଚନା ମିଳେ ?

(ଘ) ରାମଚନ୍ଦ୍ରଙ୍କୁ ଦ୍ୱିତୀୟ ବିବାହ କରିବା ପାଇଁ କେଉଁମାନେ ଓ କାହିଁକି ପରାମର୍ଶ ଦେଲେ ?

(ଙ) ରାମଚନ୍ଦ୍ର ଲବକୁଶଙ୍କର ପରିଚୟ କିପରି ପାଇଲେ ?

୩. ସରଳ ଭାଷାରେ ବୁଝାଇ ଲେଖ।

(କ) ରାଜ୍ୟର ସମସ୍ତଲୋକ ଏହି ସମ୍ବାଦରେ ହାହାକାର କରିବାକୁ ଲାଗିଲେ ଏବଂ ଘରେ ଘରେ କ୍ରନ୍ଦନର ରୋଳ ଉଠିଲା।

(ଖ) ତାହାଙ୍କର ଏହି ପ୍ରକାର ସ୍ୱାର୍ଥତ୍ୟାଗ ଓ ବୈରାଗ୍ୟ ଦେଖି ସମସ୍ତେ ବିସ୍ମୟାନ୍ୱିତ ହୋଇ ଧନ୍ୟଧନ୍ୟ କହିବାକୁ ଲାଗିଲେ।

(ଗ) ସତୀ ସୀତାଙ୍କର ନୟନବାରି କାଳାନଳ ପ୍ରାୟ ଲଙ୍କାପୁରୀକୁ ଭସ୍ମ କରିଦେଲା।

୪. 'କ' ସ୍ତମ୍ଭ ସହିତ ମେଳ ଖାଉଥିବା କଥାଗୁଡ଼ିକୁ 'ଖ' ସ୍ତମ୍ଭରୁ ବାଛି ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ରାବଣ | ମନ୍ଥରା |
| ପଞ୍ଚବଟୀ | ଅନୁଚର |
| ଦୁଷ୍ଟଦାସୀ | ଲଙ୍କାପତି |
| ଦୁଇଟି ବର | ଅଙ୍ଗୀକାର |
| ହନୁମାନ | ସୀତା ହରଣ |

୫. ବାମପଟେ ତଳେ କେତେକ ଶବ୍ଦ ଦିଆଯାଇଛି। କୋଠରି ଭିତରେ ତାର ଅର୍ଥ ସୂଚାଉ ଥିବା ଶବ୍ଦଗୁଡ଼ିକ ଲେଖାଯାଇଛି । ବାମପଟ ଶବ୍ଦର ଅର୍ଥ କୋଠରି ମଧ୍ୟରେ ଥିବା ଶବ୍ଦରୁ ବାଛ ଓ ତାହାକୁ ନେଇ ବାକ୍ୟରେ ବ୍ୟବହାର କର ।

ଅନୁଗତ, ପାଦୁକା
ଅନୁରକ୍ତ, ଦୁର୍ମତି
କାଳାନଳ, ଯମଜ

ପ୍ରିୟ, ପ୍ରଚଣ୍ଡ ଅଗ୍ନି, କଠାଉ
ବିଶ୍ୱସ୍ତ, ଯାଆଁଳା, ଦୁଷ୍ଟଲୋକ

୬. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରେ କେତେକ ବିପରୀତାର୍ଥବୋଧକ ଶବ୍ଦ ମିଶାମିଶି ହୋଇ ରହିଛି । ସେଗୁଡ଼ିକୁ ବାଛି ସ୍ତମ୍ଭ ଆକାରରେ ସଜାଇ ଲେଖ । (ଉଦାହରଣ: ସୁଖ – ଦୁଃଖ)

ପ୍ରାଚୀନ, ଜ୍ୟେଷ୍ଠା, ଅନୁରାଗ, ସଦ୍‌ଗୁଣ, ଆନନ୍ଦ, ସନ୍ତୁଷ୍ଟ, ବିରାଗ, ନିରାନନ୍ଦ, ନବୀନ, ବଦ୍‌ଗୁଣ, ଅସନ୍ତୁଷ୍ଟ, କନିଷ୍ଠା

୭. ଲିଙ୍ଗ ପରିବର୍ତ୍ତନ କରି ଲେଖ ।

(ଯେପରି ପୁଅ – ଝିଅ)

ରାଜା, ଭାଇ, ପୁତ୍ର, ପିତା, କୁମାର, ବୃଦ୍ଧ, ନର

୮. ତଳ କୋଠରିରେ ଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ଏକ ଅନୁଚ୍ଛେଦ ଲେଖ ।

| |
|---|
| ରାମଚନ୍ଦ୍ର, ଅଧୀର, ମୃଗୟା, ଶୋକ, ଅନୁସନ୍ଧାନ, କିଷ୍କିନ୍ଧ୍ୟା, ସୁଗ୍ରୀବ, ଚାରୁହର୍ମ୍ୟଶାଳିନୀ, ଅନୁଚର, ବୀର ହନୁମାନ, ସୀତା, ସେତୁ, ଲକ୍ଷ୍ମଣ, ଲଙ୍କାପୁର |

୯. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ପ୍ରାଚୀନ, ବସନ, କଠାଉ, ନିଆଁ, ନୟନ, ଦାର

୧୦. ରେଖାଙ୍କିତ ପଦମାନଙ୍କର ଅର୍ଥ ବୁଝାଉଥିବା କେତେକ ଶବ୍ଦ ବୃତ୍ତ ଭିତରେ ଲେଖାଯାଇଛି । ସେଗୁଡ଼ିକ ମଧ୍ୟରୁ ଉପଯୁକ୍ତ ପଦ ବ୍ୟବହାର କରି ସେହି ବାକ୍ୟଗୁଡ଼ିକୁ ପୁଣିଥରେ ଲେଖ ।

(କ) କିନ୍ତୁ ରାମଚନ୍ଦ୍ର ଦ୍ୱିତୀୟ ଦାର–ପରିଗ୍ରହ ନ କରି ସୀତାଙ୍କର ସ୍ୱର୍ଣ୍ଣମୟୀ ମୂର୍ତ୍ତିଗଠନ କରି ଯଜ୍ଞାନୁଷ୍ଠାନ ଆରମ୍ଭ କଲେ ।

(ଖ) କିନ୍ତୁ ଅବିଶ୍ୱାସୀ କୁଟିଳ ପ୍ରକୃତିର ଲୋକମାନେ କୌଣସି ଉତ୍ତର ଦେଲେ ନାହିଁ ।

(ଗ) ପରିଶେଷରେ ରାବଣ ମଧ୍ୟ ରାମଙ୍କ ଶରରେ ବିନାଶପ୍ରାପ୍ତ ହେଲା ।

(ଘ) ରାମ ଓ ଲକ୍ଷ୍ମଣ ସୀତାଙ୍କୁ ଘେନି ଅଯୋଧ୍ୟା ପ୍ରତ୍ୟାଗମନ କଲେ ।

ନିରୁତ୍ତର
ଫେରିଲେ
ରହିଲେ
ବିନଷ୍ଟ
ବିବାହ

୧୧. ୫୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

(କ) ଭରତଙ୍କ ଚରିତ୍ର ବିଷୟରେ ଲେଖ ।

(ଖ) କୁଶ ଓ ଲବ ଯଜ୍ଞସ୍ଥଳରେ କିପରି ଭାବେ ସମସ୍ତଙ୍କୁ ମୁଗ୍ଧ କଲେ ?

୧୨. ୧୦୦ଟି ଶବ୍ଦ ମଧ୍ୟରେ ଲେଖ ।

ରାମାୟଣରୁ କେଉଁ ସୁଶିକ୍ଷା ମିଳୁଛି ?

## ତୁମ ପାଇଁ କାମ



❖ ରାମାୟଣ ଉପରେ ରଚିତ ବିଭିନ୍ନ ଗଳ୍ପ, କବିତା ସଂଗ୍ରହ କର ଓ ଅଧ୍ୟୟନ କର ।

❖ କବି ମଧୁସୂଦନ ରାଓଙ୍କ ଗ୍ରନ୍ଥାବଳୀରୁ ତୁମକୁ ଭଲ ଲାଗୁଥିବା କବିତାଗୁଡ଼ିକୁ ପଢ଼ ।

# ସତ୍ୟର ପୂଜାରୀ ଆଚାର୍ଯ୍ୟ ହରିହର

ବିନୋଦ କାନୁନଗୋ

G4PFUH

## ଲେଖକ ପରିଚୟ

**ବିନୋଦ କାନୁନଗୋ:** ଓଡ଼ିଆ ସାହିତ୍ୟରେ ଜଣେ ଅନୁବାଦକ, ଶିଶୁ ସାହିତ୍ୟିକ ଓ 'ଜ୍ଞାନମଣ୍ଡଳ'ର ସଂକଳକ ଭାବେ ସୁପରିଚିତ । ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ମଧ୍ୟରେ 'ଚଳନ୍ତା ରାଇଜର ଅମୁହାଁନଈ', 'ନିରୋଗ ଦେହ', 'ଗୋପବନ୍ଧୁ' ଓ 'ଗାନ୍ଧୀକଥା' ପ୍ରଭୃତି ପ୍ରଧାନ । ଏହି ପ୍ରବନ୍ଧରେ ଲେଖକ ଆଚାର୍ଯ୍ୟ ହରିହରଙ୍କ ଜୀବନର ମହତ୍ତ୍ୱପୂର୍ଣ୍ଣ ଗୁଣାବଳୀର ବର୍ଣ୍ଣନା କରିଅଛନ୍ତି ।



ଆଚାର୍ଯ୍ୟ ହରିହରଙ୍କ ତିରୋଧାନରେ ଗୋଟିଏ ଯୁଗର ଅବସାନ ଘଟିଲା । ଯେଉଁମାନଙ୍କୁ ସେତେବେଳେ କୋଡ଼ିଏ ପଚିଶ ବର୍ଷ ବୟସ ସେମାନେ ତାଙ୍କ ମୃତ୍ୟୁର ପ୍ରଥମ ସପ୍ତାହରେ ହିଁ କୁହାକୁହି ହେଉଥିଲେ, ''ଏହି ଲୋକ ଏତେ ବଡ଼ ଥିଲା, ଆମ୍ଭେମାନେ ଜାଣିପାରି ନଥିଲୁ ତ!''

ସେଭଳି ହେବାରେ କିଛି ବିଚିତ୍ରତା ନାହିଁ । ଅନେକ ସମୟରେ ବଡ଼ବଡ଼ ଲୋକଙ୍କର ବଡ଼ ପଣିଆ କେଉଁଠି, ତାହା ଠିକ୍ ଭାବରେ ନ ଜାଣି ସେମାନଙ୍କ ଜୀବନର କେତେକ ଛୋଟଛୋଟ କଥା ଉପରେ ଗୁରୁତ୍ୱ ଦିଆଯାଇଥାଏ । ଆଚାର୍ଯ୍ୟଙ୍କ ସଂପର୍କରେ ଏ କଥାଟି ଅଧିକ ପ୍ରଯୁଜ୍ୟ । ସେ ଛାତ୍ରାବାସରେ କିଭଳି ପିଲାମାନଙ୍କର କାଛୁ ଧୋଉଥିଲେ, ଜ୍ୱର ହେଲେ କିଭଳି ରାତ୍ରି ଅନିଦ୍ରା ହୋଇ ଜଗି ରହୁଥିଲେ, ହଇଜା ଲାଗିଲା ବେଳେ ସେ କିଭଳି ନିର୍ଭୟରେ ଗାଁ ଗାଁ ବୁଲି ରୋଗୀମାନଙ୍କର ସେବା କରୁଥିଲେ, ଭଲ ଭାବେ ଅଙ୍କ ପଢ଼ାଉଥିଲେ, ନିୟମିତ ସୂତା କାଟୁଥିଲେ, ବୁଢ଼ା ବୟସରେ ମଧ୍ୟ ଚାଲି-

ଚାଲି ଭୂଦାନ, ଗ୍ରାମଦାନ ଆନ୍ଦୋଳନର ମହତ୍ତ୍ୱ ବୁଝାଉଥିଲେ ଇତ୍ୟାଦି କଥା ବର୍ଣ୍ଣନା କଲାବେଳେ ତାଙ୍କ ଅସଲ ବିରାଟତ୍ୱ, ଅସଲ ମହତ୍ତ୍ୱକୁ ଗୌଣ ସ୍ଥାନ ଦିଆଯାଏ । ତେଣୁ ତାଙ୍କ ବଡ଼ ପଣିଆର ପ୍ରକୃତ ରୂପ ଦେଖିବାର ସୁଯୋଗ ଯୁବ ସମାଜକୁ ମିଳିନାହିଁ । ସେ ଭଲ ଇଂରାଜୀ ବ୍ୟାକରଣ ଖଣ୍ଡେ ଲେଖିଥିଲେ ଓ ତାହାର ପୁନର୍ମୁଦ୍ରଣ ଷାଠିଏ ଥର ହୋଇସାରିଲାଣି ବୋଲି କହିଲା ବେଳେ ଆମ କଥା ଉପରେ ଆମେ ଯେତେ ଗୁରୁତ୍ୱ ଆରୋପ କରୁ, ଭାରତର ସ୍ୱାଧୀନତା ସଂଗ୍ରାମରେ ଯେତେବେଳେ ୧୯୩୦ରେ ପ୍ରଥମେ ଆଇନ ଅମାନ୍ୟ ଆନ୍ଦୋଳନ ହେଲା, ଆଚାର୍ଯ୍ୟ ହରିହର ହିଁ ଓଡ଼ିଶାରେ ପ୍ରଥମ ସେନାପତି ଭାବରେ ଇଞ୍ଚୁଡ଼ି ଲବଣ କ୍ଷେତ୍ରରେ ଆଇନ ଅମାନ୍ୟ କରି ବନ୍ଦୀ ହୋଇଥିଲେ ବୋଲି କହିବାକୁ ଭୁଲିଯାଉ । ସେ ୧୯୨୧ର ଅସହଯୋଗ ଆନ୍ଦୋଳନବେଳୁ ଆରମ୍ଭ କରି ୧୯୪୫ ପର୍ଯ୍ୟନ୍ତ ଦୀର୍ଘ ପଚିଶ ବର୍ଷ କାଳ ସ୍ୱାଧୀନତା ସଂଗ୍ରାମ ଭିତରେ ଓତପ୍ରୋତ ଭାବରେ ଜଡ଼ିତ ଥିଲେ । ହରିହର ଯେ ଦିନେ 'ସମାଜ' କାଗଜର ସଂପାଦକ ଥିଲେ ଏକଥା କହିଲା ବେଳକୁ ଆଜି ଅନେକଙ୍କୁ ନୂଆଭଳି ଲାଗେ । ଓଡ଼ିଶାରେ ବିଂଶ ଶତାବ୍ଦୀର ଆରମ୍ଭରେ ସେ ଥିଲେ ଜଣେ ଅଦମ୍ୟ ସାହସୀ ସଂସ୍କାରକ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ସେ ମଧ୍ୟ ବହୁ ନିର୍ଯାତନା ଭୋଗିଛନ୍ତି ।

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ବା ସତ୍ୟବାଦୀ ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନ । ସାକ୍ଷୀଗୋପାଳ ମନ୍ଦିରଠାରୁ ଅଳ୍ପ ଦୂରରେ ଥିବା ଶ୍ରୀରାମଚନ୍ଦ୍ରପୁର ଗ୍ରାମ ଓଡ଼ିଶାର ଅନ୍ୟ ବହୁ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର୍ । ୧୮୭୯ ମସିହାରେ ତାଙ୍କର ଯେଉଁ ପ୍ରଥମ ପୁତ୍ର ଜାତ ହେଲା, ତାହାରି ନାମ ଦିଆଗଲା ହରି । ପିଲାଟିକୁ ଯେତେବେଳେ ଚାରି ପାଞ୍ଚ ବର୍ଷ ବୟସ, ସେତେବେଳେ ମାଆ ମରିଗଲେ । ମହାଦେବ ବ୍ରହ୍ମାଙ୍କର ବୟସ ଅଳ୍ପ । ସେ ଆଉ ଥରେ ବିବାହ କଲେ । ସାବତମାଆ ଏଭଳି ଯତ୍ନରେ ପାଳିଲେ ଯେ ପିଲାଟି ଅନୁଭବ କଲା ସତେ ଯେପରି କି ମାଆ ମରି ନାହିଁ । ପରେ ଅବଶ୍ୟ ତିନି ଭାଇ ଓ ଗୋଟିଏ ଭଉଣୀ ଜନ୍ମ ହେଲେ । ପଛ ତିନି ଭାଇଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଭଉଣୀର ନାମ ରହିଲା ନିଶା ।

ହରିହରଙ୍କର 'ମୂଳଦୁଆ ଶୋଧ' ହୋଇଥିଲା ତାଙ୍କ ଛାତ୍ର ଜୀବନବେଳେ । ସେତିକିବେଳୁ ମଜବୁତ୍ ମୂଳଦୁଆ ନ ପଡ଼ିଥିଲେ ତା' ଉପରେ ଦୀର୍ଘ ସତୁରି ବର୍ଷର 'ସେବା ସୌଧ' ମୁଣ୍ଡ ଟେକି ଠିଆ ହୋଇ ପାରି ନଥା'ନ୍ତା । ହାଇସ୍କୁଲରେ ପଢ଼ିଲାଦିନୁ ହିଁ ତାଙ୍କର ମନ ଚାଲିଥିଲା ଲୋକହିତକର କାର୍ଯ୍ୟ କରିବା ପାଇଁ । କାହାର ରୋଗ ହେଲେ ସେବା କରିବା, ଲୋକ ଅଭାବ ପଡ଼ିଲେ ମଡ଼ା ଉଠାଇବାରେ ସାହାଯ୍ୟ କରିବା, ଗାଁ ସ୍କୁଲ ପାଇଁ ଛଣ, ବାଉଁଶ ସଂଗ୍ରହ କରିବା ଓ ଗାଁ ନିରକ୍ଷର ଲୋକଙ୍କୁ ପାଠ ପଢ଼ାଇବା ଇତ୍ୟାଦି କାମ ସେହି ଅଳ୍ପ ବୟସରୁ ହିଁ ସେ କରିଥିଲେ । ସେବା ହିଁ ଥିଲା ତାଙ୍କର ସହଜାତ

ଗୁଣ । ସେହି ନିଆଁରେ ଗୁରୁ ଗୋପବନ୍ଧୁ ମଝିରେ ମଝିରେ ବରାବର 'ଉତ୍ସାହ ଘିଅ' ଢାଳନ୍ତି । ତେଣୁ ତାହା କେବେହେଲେ ଲିଭି ଯାଇ ନଥିଲା ।

ବିପ୍ଲବୀ ହରିହରଙ୍କୁ ଯେତିକି ଲୋକ ଜାଣନ୍ତି 'ସଂସ୍କାରକ ଆଚାର୍ଯ୍ୟ'ଙ୍କ କଥା ଭାବି ସେତିକି ସଂଖ୍ୟକ ଲୋକ ଧନ୍ୟଧନ୍ୟ ବୋଲି କହନ୍ତି । ଶିକ୍ଷକ ହରିହରଙ୍କୁ ତାହାଠାରୁ ଅଧିକ ସଂଖ୍ୟକ ଲୋକ ଓଡ଼ିଶାରେ ଜାଣନ୍ତି । ଆଜି ଓଡ଼ିଶାରେ ଯେଉଁ କୋଣକୁ ଯାଅ ଦେଖିବ, ସେଠାରେ ଆଚାର୍ଯ୍ୟଙ୍କର ଛାତ୍ର ରହିଛନ୍ତି । ସେ କେବେଠାରୁ ପାଠ ପଢ଼ାଇଲେ ବୋଲି ପଛକୁ ଚାହିଁଲେ, ସତେ ଯେପରିକି ଆଖି ପାଏ ନାହିଁ ।

ଅଳ୍ପ ବୟସର ଛାତ୍ର ହୋଇ ସେ ଗାଆଁରେ ଥାଆନ୍ତି । ରାତ୍ରିରେ ଗାଆଁର ନିରକ୍ଷର ଲୋକଙ୍କୁ ପାଠ ପଢ଼ାନ୍ତି । ଘରକୁ ଫେରିଲା ବେଳକୁ ଡେରି ହୋଇଯାଏ । ପିଲା ଲୋକ, କେଉଁଠି କ'ଣ କରୁଥିବ ଭାବି ବୋଉ (ମା') ଶ୍ରଦ୍ଧାଦେବୀଙ୍କ ମନରେ ଥରେଥରେ ଆଶଙ୍କା ଉପୁଜେ । କିନ୍ତୁ ହରି ଏଭଳି ଗେହ୍ଲା ହୋଇଥାଏ ଯେ ସେ ତାକୁ କିଛି କହନ୍ତି ନାହିଁ । ଦିନେ ମାଆ ପଚାରିଲେ– 'ଏତେ ଡେରିଯାଏ କେଉଁଠି ରହୁଛୁ ?'' ଏତେ ଲୋକଙ୍କୁ ପାଠ ପଢ଼ାଉଥିବା କଥା ଶୁଣି କହିପକାଇଲେ– 'ଆରେ ପୁଅ, ମୋତେ ଟିକିଏ ଅକ୍ଷର ଶିଖାନ୍ତୁ ନାହିଁ !' ସେହି ଦିନଠାରୁ ସେ ମାଆଙ୍କର ଶିକ୍ଷକ ହେଲେ । ସେହି କାଳରୁ ଆମେ ଯଦି ଚାଲିଆସିବା ୧୯୪୫ ମସିହା ବ୍ରହ୍ମପୁର ଜେଲ୍‌ରେ ବନ୍ଦୀଥିବା ଯୁଗ ପର୍ଯ୍ୟନ୍ତ, ବରାବର ଲକ୍ଷ୍ୟ କରିବା ସେ ଶିକ୍ଷକତା କେବେ ଛାଡ଼ି ନାହାନ୍ତି ।

ପୁରୀରେ ପାଠ ପଢ଼ିଲାବେଳେ ସେ ତାଙ୍କର ମାମୁ ଅଜା ହରିହର ମିଶ୍ର (ଓକିଲ)ଙ୍କ ଘରେ ରହୁଥିଲେ । ସେତିକିବେଳେ ସେ ଲକ୍ଷ୍ୟ କରିଥିଲେ ଯେ ଓକିଲାତିରୁ ଭଲ ପଇସା ହୁଏ । ନନା ମହାଦେବ ବ୍ରହ୍ମା ବରାବର ଇଚ୍ଛା କରୁଥା'ନ୍ତି, ହରି କେମିତି ଓକିଲ ହେବ । ଏଫ୍.ଏ ପାଶ୍ ପରେ ସେ ପି.ଏଲ୍. ପଢ଼ିଲେ । କଟକରୁ ଯାଇ କଲିକତାରେ ମଧ୍ୟ କିଛି ଦିନ ସେହି ପାଠ ପଢ଼ିଥିଲେ । କିନ୍ତୁ କାହିଁକି କେଜାଣି ଓକିଲାତି ବ୍ୟବସାୟ ଆଡ଼କୁ ତାଙ୍କର ମନ ମୋଟେ ଗଲାନାହିଁ । ଶେଷ ପରୀକ୍ଷା ନଦେଇ ସେ ଚାଲିଆସିଲେ । ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ । ସରକାରୀ ଚାକିରିରେ ମନ ମାନିଲା ନାହିଁ । ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ସ୍କୁଲକୁ ସେ ଯିବାକୁ ମନ କଲେ । ସେଠାକୁ ଗଲାବେଳକୁ ଉମା ଚରଣ ଦାସ ଥା'ନ୍ତି ହେଡ଼ମାଷ୍ଟର । ତାଙ୍କ ପରେ ଗୋପବନ୍ଧୁ ଦାସ ସେହି ପଦରେ ରହିଲେ । ଓକିଲାତି ଫଳ ବାହାରିଲାରୁ ଦାସେ ଆପଣେ ଓକିଲାତି କରିବାକୁ ଚାଲିଗଲେ । ହରିହର ସହକାରୀ ହେଡ଼ମାଷ୍ଟର ଭାବରେ ଥାଆନ୍ତି । ସ୍କୁଲଟିକୁ ଭଲଭାବରେ ଗଢ଼ିବା ପାଇଁ ପ୍ରବଳ ଉଦ୍ୟମ ଚାଲିଥାଏ । ଥରେ ପଲିଟିକାଲ୍ ଏଜେଣ୍ଟ କବ୍‌ଡେରାମ୍‌ସେ ଆସିଲେ । ବଙ୍ଗ ଦେଶରେ

ସେତେବେଳକୁ ଜାତୀୟ ଆନ୍ଦୋଳନ ଖୁବ୍ ମୁଣ୍ଡ ଟେକିଲାଣି । କବ୍‌ଡେରାମ୍‌ସେଙ୍କର ବୋଧହୁଏ ସନ୍ଦେହ ହେଲା ଯେ ମୋଗଲବନ୍ଦୀର ଏହି ଯୁବକମାନେ ଏଠାରେ ଆସି ଗୋଟିଏ କିଛି ମତଲବରେ ଅଛନ୍ତି । ସେ ରାଜାଙ୍କୁ ପରାମର୍ଶ ଦେଲେ, 'ହାଇସ୍କୁଲ ଭାଙ୍ଗି ଦିଆଯାଉ ।' ତାଙ୍କ ପରାମର୍ଶ ତ ହୁକୁମଠାରୁ ବଳେ । ସ୍କୁଲ ଭାଙ୍ଗିଲା । ତା'ପରେ ହରିହର ଆସିଲେ କଟକର ପ୍ୟାରୀମୋହନ ଏକାଡେମୀକୁ । ସେଠାରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ ।

୧୯୧୨ରେ ହରିହର ଚାଲିଲେ ସତ୍ୟବାଦୀର ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର, କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ଭାଗୀ ହୋଇଥିଲେ । ୧୯୨୧ରେ ଅସହଯୋଗ ଆରମ୍ଭ ହେଲା । ସତ୍ୟବାଦୀ ହାଇସ୍କୁଲକୁ ଜାତୀୟ ସ୍କୁଲରେ ପରିଣତ କରାଗଲା । ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନରେ ଯୋଗଦେବାରୁ ସରକାରଙ୍କ ବିଷଦୃଷ୍ଟି ଏହି ସ୍କୁଲ ଉପରେ ପଡ଼ିଲା ଓ ଏହା କ୍ରମେ ବନ୍ଦ ହୋଇଗଲା । ହରିହରଙ୍କ ଶିକ୍ଷକ ଜୀବନ ଏହିଠାରେ ଶେଷ ହେଲେ ମଧ ଶିକ୍ଷାଦାନର ସୁଯୋଗ ସେ ସବୁବେଳେ ଖୋଜିଛନ୍ତି । ୧୯୩୦ରେ ହଜାରିବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ତାଙ୍କରି ଉପରେ ଥିଲା । ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ସେ ଯେତେବେଳେ ୧୯୪୨ ଅଗଷ୍ଟରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ, ସେତେବେଳେ ଆରମ୍ଭ କରିଥିଲେ ଗୀତା କ୍ଲାସ୍ । ଦୀର୍ଘ ଦୁଇ ବର୍ଷ କାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ସେ ଗୀତା ଓ ଉପନିଷଦ ପଢ଼ାନ୍ତି । ସେହିଠାରେ ହିଁ ଶ୍ରୀମଦ୍ ଭଗବଦ୍ ଗୀତା ଅନୂଦିତ ହୋଇଥିଲା । ମହାତ୍ମାଗାନ୍ଧୀ ସେତେବେଳେ ଦେଶବାସୀଙ୍କୁ ଆହ୍ୱାନ କଲେ ନୂତନ ଶିକ୍ଷା ଓ 'ନୟୀ ତାଲିମ୍'ର ପ୍ରବର୍ତ୍ତନ ପାଇଁ । ସେତେବେଳେ ଯେଉଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା, ସେହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର । ସେ ଯେଉଁ କ୍ଷେତ୍ରରେ ଥାଆନ୍ତୁନା କାହିଁକି, ଶିକ୍ଷକତା କେବେ ହେଲେ ଛାଡ଼ି ନାହାନ୍ତି ।

ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କ ଆତ୍ମକାହାଣୀରେ ଲେଖିଛନ୍ତି – 'ସେ ଥିଲେ ଆମ ସମସ୍ତଙ୍କର ହରି ଭାଇନା । ସେବା ଓ ଚରିତ୍ରବତ୍ତାରେ ଆମ୍ଭେମାନେ ତାଙ୍କୁ ଆଦର୍ଶ କରି ଧରିଥିଲୁ । ସେ ମିଛ କହି ଜାଣୁ ନଥିଲେ । ମିଛ କହିବାପାଇଁ ରାଜି ହୋଇ ପାଞ୍ଚ ଥର ଆବୃତ୍ତି କଲେ ମଧ କହିଲାବେଳକୁ ସତଟା ପାଟିରୁ ଗାଳି ପକାଉଥିଲେ । କେବଳ ଓଡ଼ିଶା ବା ଭାରତ କାହିଁକି, ସମଗ୍ର ପୃଥିବୀରେ ଏ ପର୍ଯ୍ୟନ୍ତ ଖୁବ୍ କମ୍ ଲୋକ ଜନ୍ମ ନେଇଛନ୍ତି ଯେଉଁମାନେ କି ମିଛ କହି ଜାଣୁ ନଥିବେ ।'

ଅନେକ ସମୟରେ ଆଚାର୍ଯ୍ୟ ଗୋଟିଏ କଥା କହନ୍ତି, 'ଆମେ ମିଥ୍ୟା ନ କହି ମଧ ଜୀବନରେ

ଅନେକ ସମୟରେ ମିଥ୍ୟାଚାର କରିଥାଉଁ ।' ଆଚାର୍ଯ୍ୟଙ୍କର ନିର୍ଦ୍ଦିଷ୍ଟ ମତ ଥିଲା ଯେ, 'ତୁମେ ଯେଉଁ ଶପଥ ନେବ, ତା'ର ବିରୁଦ୍ଧାଚରଣ କଲା ଭଳି ଯଦି କିଛି କାର୍ଯ୍ୟ କଲ, ତେବେ ତାହା ମିଥ୍ୟାଚାର ହିଁ ହେଲା ।' 'ସତ୍ୟ' ଓ 'ସଂକଳ୍ପରକ୍ଷା' – ଦୁଇଟି ସମାର୍ଥବାଚକ ଶବ୍ଦ ବୋଲି ସେ ବାରମ୍ବାର କହିଛନ୍ତି ।

ତାଙ୍କ ଚେହେରାଟି ଯିଏ ଦେଖିବ, ବେଶଭୂଷାକୁ ଯିଏ ଲକ୍ଷ୍ୟ କରିଥିବ ତାଙ୍କ ସାଙ୍ଗରେ ଥରେ କେବେ ବସି ପୁରୀ ଗୋପବନ୍ଧୁ ଭବନ ବା କଟକ ଭୂଦାନ ଅଫିସ୍‌ରେ ଖାଇଥିବ, ସେ କେବେହେଲେ ଅନୁମାନ କରିପାରିବ ନାହିଁ ଯେ ସେଇ ଲୋକଟି ଭିତରେ କିପରି ମଉଜିଆ କଥା ଓ ହାସ୍ୟରସ ପୂରି ରହିଥିଲା । କଥାବାର୍ତ୍ତା ବେଳେ ସେ ମଜାରେ ମଜାରେ ଏମିତି ପଦେ କହିଦେବେ ଯେ ତାଙ୍କ ସହିତ ଯୁକ୍ତି କରୁଥିବା ଲୋକ ପାଟିରୁ ଆଉ କଥା ବାହାରିବ ନାହିଁ ।

ଭାରତରେ ୧୯୨୦ ପରେ ଗୋଟାଏ ନୂତନ ଜୀବନର ସଞ୍ଚାର ହେଲା । କୁଟୀରଶିଳ୍ପର ପୁନରୁଦ୍ଧାର, ନାରୀ ଜାଗରଣ, ସାଂପ୍ରଦାୟିକ ଏକତା ପାଇଁ କାର୍ଯ୍ୟ, ହରିଜନ ସେବା ବା ଅସ୍ପୃଶ୍ୟତା ନିବାରଣ– ଏଭଳିକି ଗ୍ରାମ ସଫେଇ ମଧ୍ୟ ଜାତୀୟ ଆନ୍ଦୋଳନର ଅଙ୍ଗ ବୋଲି ଗାନ୍ଧିଜୀ ବାରମ୍ବାର କହିବାକୁ ଲାଗିଲେ । ଯେଉଁମାନେ ଗାନ୍ଧୀଙ୍କଠାରେ ଅଟଳ ବିଶ୍ୱାସ ରଖିଥିଲେ, ସେମାନେ କ୍ରମେ ଗୋଟିଏ ଗୋଟିଏ ସଂଗଠନ କାର୍ଯ୍ୟକେନ୍ଦ୍ର ଖୋଲିଲେ । ବରୀ ସେବାଘର ବା ଅଳକାଶ୍ରମ, ଜୀବରାମ କଲ୍ୟାଣଜୀଙ୍କ ଭଦ୍ରକ ଆଶ୍ରମ, ଅଗରପଡ଼ାର କର୍ମମନ୍ଦିର, ସୋରୋର ପୁରୁବାଇ ଆଶ୍ରମ, ସାକ୍ଷୀଗୋପାଳର ଗୋପବନ୍ଧୁ ଦରିଦ୍ରନାରାୟଣ ସେବା ସଂଘ– ଏଇଭଳି ଗୋଟିଏ ଗୋଟିଏ କେନ୍ଦ୍ର । ଓଡ଼ିଶାର ବହୁ ସ୍ଥାନରେ ଖଦି କେନ୍ଦ୍ର ଖୋଲିଗଲା । କିନ୍ତୁ ଆଚାର୍ଯ୍ୟ ମହାଶୟ କୌଣସି ଗୋଟିଏ କେନ୍ଦ୍ରରେ ନିଜକୁ ବାନ୍ଧି ରଖିଲେ ନାହିଁ । ପ୍ରତ୍ୟେକ ସଂଗଠନ କାର୍ଯ୍ୟ, ଅନୁଷ୍ଠାନ ବା କେନ୍ଦ୍ର ତାଙ୍କରି ନିଜର ବୋଲି ସେ ମନେକଲେ । ସମସ୍ତଙ୍କୁ ପ୍ରେରଣା ଦେବା, ସବୁଠାରେ କିଛିଦିନ ଲେଖାଏଁ ରହିବା ଥିଲା ତାଙ୍କର କାର୍ଯ୍ୟ । ଗୋଟିଏ ବିଛଣା, ଖଣ୍ଡିଏ ବାକ୍‌ସ, ଚରଖା ବା ଅରଟ ଥିଲା ତାଙ୍କର ସମ୍ବଳ । ସେଇତକ ଧରି ସେ ଯେକୌଣସି କର୍ମକ୍ଷେତ୍ରରେ ପହଞ୍ଚି ଯାଉଥିଲେ ।

ପ୍ରକୃତ ଅର୍ଥରେ ସେ ଥିଲେ ଜଣେ ସନ୍ନ୍ୟାସୀ । କେତେବର୍ଷତଳେ ସେ ପଇତା ଛାଡ଼ିଦେଲେ । କେତେକଙ୍କୁ ଟିକିଏ ଅଡୁଆ ଲାଗିଲା! ସେମାନଙ୍କୁ ଆଚାର୍ଯ୍ୟ ମହାଶୟ ବୁଝାଇ ଦେଲେ, 'ମୁଁ ଅନୁଭବ କରୁଛି, ମୋ ଭିତରେ ସବୁ ଜାତି ଅଛନ୍ତି । ମୁଁ ଗୋଟିଏ ଜାତି ଭିତରେ ବାନ୍ଧି ହେବାଟା କ'ଣ ଠିକ୍ ହେବ!'

୧୯୭୧ ଫେବୃୟାରୀ ୧୯ ତାରିଖ ଆସିଗଲା । ଦି'ପହର ବେଳକୁ ଜଣାପଡ଼ିଲା ଯେ ଆଚାର୍ଯ୍ୟଙ୍କ ଛାତି ଭିତରେ କଫ ଜମି ଯାଇଛି । ଦେହରେ ଜ୍ୱର ଥାଏ । ଡାକ୍ତରମାନେ ଆଶଙ୍କା ମଣିଲେ । ମାସମାସ ଧରି ବିଛଣାରେ ସେ ପଡ଼ି ରହିଛନ୍ତି, ନିଜେ କିଛି ତୁଣ୍ଡରେ ପ୍ରକାଶ କରିପାରୁ ନଥା'ନ୍ତି ।

'ତାଙ୍କୁ ଭଗବାନ ନେଇ ଯାଆନ୍ତୁ' ବୋଲି ମଧ୍ୟ କେବେକେବେ କାହାର ମୁହଁରୁ ଶୁଣାଯାଇଛି । ପୂର୍ବରୁ କେତେଥର ସେ ଏଇଭଳି ଯିବାଯିବା ଅବସ୍ଥାକୁ ଆସି ଯାଇଛନ୍ତି, ପୁଣି ଭଲହୋଇ ଯାଇଛନ୍ତି । ଏଥର ସେ ମଧ୍ୟ ଭଲ ହୋଇ ଯାଇପାରନ୍ତି । ସେମିତି ଶୋଇ ରହିଲେ ବି ଅନ୍ୟମାନେ ପ୍ରେରଣା ପାଉଛନ୍ତି ।

ସକାଳ ଛ'ଟା ପଚାଶ ମିନିଟ୍ । ଏକାଦଶୀ ତିଥି ଆରମ୍ଭ । ନିଃଶ୍ୱାସ ବନ୍ଦ ହୋଇଗଲା । ସମସ୍ତେ ପାଦ ଛୁଇଁ ମୁଣ୍ଡିଆଟିଏ ଲେଖାଁ ମାରି ନୀରବରେ ଠିଆ ହୋଇ ରହିଲେ । ଗୋଟିଏ ଯୁଗ ଶେଷ ହୋଇଗଲା ।

ସନ୍ନ୍ୟାସୀ ବୋଇଲେ ବୁଝାଏ କ'ଣ ! ସଂସାରର ସମସ୍ତ ମାୟା ମୋହ ତୁଟାଇ ଯେଉଁ ଲୋକ ଭଗବତ ଆରାଧନାରେ ପ୍ରତି ମୁହୂର୍ତ୍ତ ବ୍ୟୟ କରୁଛନ୍ତି, ତାଙ୍କୁ ହିଁ ତ ସନ୍ନ୍ୟାସୀ କୁହାଯିବ । ହରିହର ତ ସେହି ସଂଜ୍ଞା ଭିତରେ ପଡ଼ିଯାଉଛନ୍ତି । ଶ୍ମଶାନରୁ ଫେରି ଯଦି କେହି ତାଙ୍କ ସଂପତ୍ତିର ତାଲିକା କରିଥା'ନ୍ତା, ସେ ଦେଖିଥାଆନ୍ତା ଯେ ତାଙ୍କର ନିଜର ଗୋଟିଏ ସୁଦ୍ଧା ଟଙ୍କା ଏ ସଂସାରରେ ସଂପତ୍ତି ବୋଲି ନଥିଲା । ବାକି ଯେଉଁ ଖଣ୍ଡେ ଦି'ଖଣ୍ଡ ଛୋଟ ଧୋତି ଚଦର ରହିଥିଲା, ତାକୁ ଭୂଦାନ ଅଫିସ୍‌ରେ ସଜାଇ ରଖାଯାଇଛି ।

ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତ୍ତର ସେବା ହିଁ ପ୍ରକୃତ ଭଗବତ ସେବା ବୋଲି ସେ ଏକାବେଳେକେ ନିଶ୍ଚିତ ହୋଇ ଯାଇଥିଲେ । 'ସତ୍ୟ ହିଁ ଭଗବାନ' – ଏହାର ପ୍ରକୃତ ଅର୍ଥ ସେ ବୁଝିଥିଲେ । ତାଙ୍କୁ ସନ୍ନ୍ୟାସୀ କୁହାଯିବ ନାହିଁ ତ ଆଉ କାହାକୁ କୁହାଯିବ !

**ସୂଚନା:**

ଭୂଦାନ ଆନ୍ଦୋଳନ – ଆଚାର୍ଯ୍ୟ ବିନୋବା ଏ ଆନ୍ଦୋଳନର ନେତା ଥିଲେ । ସାରା ଭାରତବର୍ଷ ବୁଲି-ବୁଲି ସେ ଧନୀ ଜମିଦାରମାନଙ୍କୁ ବୁଝାଉଥିଲେ । ସେମାନଙ୍କ ହୃଦୟର ପରିବର୍ତ୍ତନ କରି ଗରିବ ଭୂମିହୀନଙ୍କ ପାଇଁ ସେ ଜମି ଦାନ ଭାବରେ ସଂଗ୍ରହ କରୁଥିଲେ । ଓଡ଼ିଶାରେ ଆଚାର୍ଯ୍ୟ ହରିହର, ରମାଦେବୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଭୂଦାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

ଇଞ୍ଚୁଡ଼ି – ବାଲେଶ୍ୱର ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଏକ ଗ୍ରାମ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଓଡ଼ିଶାର ବିଶିଷ୍ଟ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ୧୯୩୦ ମସିହାରେ ଏହିଠାରେ ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ ।

ଦାସେ ଆପଣେ – ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ଅନ୍ୟମାନେ ଏହିପରି ଡାକୁଥିଲେ ।

ପଲିଟିକାଲ୍ ଏଜେଣ୍ଟ୍–ଗଡ଼ଜାତ ରାଜା ଓ ଇଂରେଜ ସରକାରଙ୍କ ମଧ୍ୟରେ ରାଜକୀୟ କାର୍ଯ୍ୟ ପରିଚାଳନାର୍ଥ ନିଯୁକ୍ତ ମୁଖ୍ୟ ରାଜପ୍ରତିନିଧି ।

ନୟୀ ତାଲିମ୍ – ଧନ୍ଦା ମାଧ୍ୟମରେ ଶିକ୍ଷା ଦେବାର ଏହି ନୂତନ ଶିକ୍ଷା ପ୍ରଣାଳୀର ଅନ୍ୟ ନାମ ମୌଳିକ ଶିକ୍ଷା । ମହାତ୍ମା ଗାନ୍ଧୀ ପ୍ରଥମେ ୧୯୩୭ ମସିହାରେ ଏହାର ସୂଚନା ଦେଇଥିଲେ ଏବଂ ଜାକୀର୍ ହୁସେନ୍ କମିଟି ଏହାର ନିର୍ଦ୍ଦିଷ୍ଟ ରୂପରେଖ ଏବଂ ପାଠ୍ୟକ୍ରମ ପ୍ରସ୍ତୁତ କରିଥିଲେ ।

ତିରୋଧାନ – ମୃତ୍ୟୁ, ଅନ୍ତର୍ଦ୍ଧାନ, ତିରୋଭାବ

ଭଲ ଇଂରାଜୀ ବ୍ୟାକରଣ – ଏ ବହିର ନାଁ 'The Child's Easy First Grammar' ଓଡ଼ିଆ ଓ ଇଂରାଜୀ ବ୍ୟାକରଣକୁ ତୁଳନା କରି ପିଲାଏ ବୁଝିବା ଭାଷାରେ ଖଣ୍ଡିଏ ସ୍ମରଣୀୟ ଜନପ୍ରିୟ ବହି ।

ଓତପ୍ରୋତ ଭାବରେ – ନିବିଡ଼ ଭାବରେ

ସମାଜ – ଓଡ଼ିଶାର ଗୋଟିଏ ଦୈନିକ ସମ୍ବାଦପତ୍ର । ଏହା ୧୯୧୯ରେ ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଆଚାର୍ଯ୍ୟ ଆପଣେ ଏହି ଖବରକାଗଜକୁ ଚଳାଉଥିଲେ ।

ନନା – ଏଠାରେ ବାପା । ଓଡ଼ିଶାର ଅନେକ ଅଂଚଳରେ ବ୍ରାହ୍ମଣମାନେ ବାପାଙ୍କୁ ନନା ବୋଲି କହନ୍ତି ।

ଦୁଃସ୍ଥ – ଯେଉଁମାନେ ଖରାପ ଅବସ୍ଥାରେ ଅଛନ୍ତି, ଦରିଦ୍ର ।

ଗୌଣ – ମୁଖ୍ୟର ବିପରୀତ, ଛୋଟ ଭାବ

ପୁନର୍ମୁଦ୍ରଣ – ପୁନଃ+ମୁଦ୍ରଣ, ପୁଣି ଛପାହେବା

ଅଦମ୍ୟ – ଯାହାକୁ ଦମନ କରି ହେବ ନାହିଁ

ସେବା–ସୌଧ – ସେବାକୁ ସୌଧ (କୋଠା) ବୋଲି କଳ୍ପନା କରାଯାଇଛି

ଆଖି ପାଏ ନାହିଁ – ଖୁବ୍ ଦୂରର ସୂଚନା କରାଏ, କଳ୍ପନା କରି ନହେବା

ନିରକ୍ଷର ଲୋକ – ଯେଉଁ ଲୋକର ଅକ୍ଷର ପରିଚୟ ହୋଇ ନଥାଏ । (ନିଃ+ଅକ୍ଷର = ନିରକ୍ଷର)

ନୀଳଗିରି– ଏବେ ବାଲେଶ୍ୱର ଜିଲ୍ଲାର ଏକ ଅଂଚଳ । ଏକ ପ୍ରାଚୀନ ଗଡ଼ଜାତ ଅଂଚଳ ।

ପ୍ୟାରୀମୋହନ ଏକାଡ଼େମୀ – ଆଚାର୍ଯ୍ୟ ପ୍ୟାରୀମୋହନ ଏହି ସ୍କୁଲଟି ୧୮୬୫ରେ ବସାଇଥିଲେ ।

ହଜାରିବାଗ – ଝାଡ଼ଖଣ୍ଡ ରାଜ୍ୟର ଏକ ସହର ।

ପଣ୍ଡିତ ଗୋଦାବରୀଶ – ଓଡ଼ିଶାର ଜଣେ ପ୍ରସିଦ୍ଧ ନେତା ଓ କବି ତଥା ଗୋପବନ୍ଧୁଙ୍କ ଶିଷ୍ୟ ଓ ସଖା

# ଅଭ୍ୟାସ:

୧. **ଉତ୍ତର କୁହ।**
   (କ) ଛାତ୍ରଜୀବନରେ ହରିହର କେଉଁମାନଙ୍କର ସେବା କରୁଥିଲେ ?
   (ଖ) ଓଡ଼ିଶାରେ ପ୍ରଥମେ କେବେ ଆଇନ ଅମାନ୍ୟ ଆନ୍ଦୋଳନ ହୋଇଥିଲା ?
   (ଗ) ହରିହର କେଉଁଠାରେ ଜନ୍ମଲାଭ କରିଥିଲେ ?
   (ଘ) ହରିହର ଓକିଲାତି ବିଦ୍ୟା କାହିଁକି ପଢ଼ିଲେ ନାହିଁ ?
   (ଙ) ନୀଳଗିରି ସ୍କୁଲ୍‌ଟି କାହିଁକି ଭାଙ୍ଗିଗଲା ?

୨. **ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ।**
   (କ) ହରିହର ଗାନ୍ଧିଜୀଙ୍କ ଆଦର୍ଶକୁ କିପରି ଅନୁସରଣ କରିଥିଲେ ?
   (ଖ) ୧୯୨୦ ପରେ ଭାରତର ଜନଜାଗରଣରେ କି ପରିବର୍ତ୍ତନ ଦେଖାଦେଲା ?
   (ଗ) ଆଚାର୍ଯ୍ୟଙ୍କର କେଉଁ କେଉଁ ଗୁଣ ତୁମକୁ ଆକର୍ଷଣ କରୁଛି ?
   (ଘ) ଆଚାର୍ଯ୍ୟଙ୍କର ଶେଷ ଜୀବନ କିପରି କଟିଥିଲା ?
   (ଙ) ସନ୍ନ୍ୟାସୀ କାହାକୁ କୁହାଯାଏ ?

୩. **ପୂର୍ବାପର ସଂପର୍କ ସହ ସରଳ ଭାଷାରେ ବୁଝାଇ ଦିଅ।**
   (କ) ଏହି ଲୋକ ଏତେ ବଡ଼ଥିଲା, ଆମ୍ଭେମାନେ ଜାଣି ପାରି ନଥିଲୁ ତ !
   (ଖ) ଆମେ ମିଥ୍ୟା ନକହି ମଧ୍ୟ ଜୀବନରେ ଅନେକ ସମୟରେ ମିଥ୍ୟାଚାର କରିଥାଉ।
   (ଗ) ତାଙ୍କୁ ସନ୍ନ୍ୟାସୀ କୁହାଯିବ ନାହିଁ ତ ଆଉ କାହାକୁ କୁହାଯିବ ?

୪. **ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ।**
   ଗୌଣ, ନିରକ୍ଷର, ସୁଯୋଗ, ଉନ୍ନତ, ତିରୋଧାନ

୫. **ବାକ୍ୟରେ ବ୍ୟବହାର କର।**
   ସଂକଳ୍ପ, ନିବାରଣ, ପରାମର୍ଶ, ପୁନରୁଦ୍ଧାର, ମିଥ୍ୟାଚାର

୬. **ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ।**
   (କ) ସେବା ଓ ଚରିତ୍ରବତ୍ତାରେ ଆଚାର୍ଯ୍ୟ ହରିହରଙ୍କୁ ସମସ୍ତେ କାହିଁକି ଆଦର୍ଶ ରୂପେ ଗ୍ରହଣ କରିଥିଲେ ?
   (ଖ) ଜଣେ ବିପ୍ଳବୀ, ସଂସ୍କାରକ ଓ ଶିକ୍ଷକ ଭାବରେ ଆଚାର୍ଯ୍ୟ ହରିହରଙ୍କ ପରିଚୟ ପ୍ରଦାନ କର ?

୭. **ନିମ୍ନଲିଖିତ ଶବ୍ଦଗୁଡ଼ିକ କେଉଁ ବଚନ, ଲେଖ।**
   ଛୋଟଛୋଟ କଥା, ଅନେକ, ଆମେ, ଯୁବକମାନେ, ତୁମେ, ଦୁଇଖଣ୍ଡ ଧୋତି

## ତୁମପାଇଁ କାମ



- ସତ୍ୟବାଦୀର ବନବିଦ୍ୟାଳୟ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରି ପଢ଼।
- ଆଚାର୍ଯ୍ୟ ହରିହରଙ୍କ ସଂପର୍କରେ ଲିଖିତ ବିଭିନ୍ନ କବିତା, ପ୍ରବନ୍ଧ ସଂଗ୍ରହ କରି ପଢ଼।

# ମୃତ୍ୟୁ ବିଜୟୀ ବାଳକ

ଚିନ୍ତାମଣି ବେହେରା

G4YBHJ

## ଲେଖକ ପରିଚୟ

**ଚିନ୍ତାମଣି ବେହେରା:** ଚିନ୍ତାମଣି ବେହେରା ଓଡ଼ିଆ ଭାଷା ସାହିତ୍ୟର ଜଣେ ଉଚ୍ଚକୋଟୀର ଅଧ୍ୟାପକ ଏବଂ ପ୍ରତିଭାବାନ ସାହିତ୍ୟିକ ଥିଲେ । ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ ଭାଷା ସାହିତ୍ୟରେ ତାଙ୍କର ଗଭୀର ପ୍ରବେଶ ଥିଲା । ଏସବୁଥିରୁ ପାଇଥିବା ଅଗାଧ ଜ୍ଞାନକୁ ସେ ପ୍ରବନ୍ଧ ଆକାରରେ ଲେଖି ଯାଇଛନ୍ତି । ସମ୍ବଲପୁରରୁ ପ୍ରକାଶିତ 'ମେହେର ପ୍ରଦୀପ' ଓ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ 'ଶିଶୁଲେଖା'ର ସଂପାଦକ ଭାବେ ସେ କାର୍ଯ୍ୟ କରିଥିଲେ । ସେ ଜଣେ ପ୍ରତିଭାବାନ୍ କବି ମଧ୍ୟ ଥିଲେ । 'କାବ୍ୟ ଓ କଳାକାର', 'ବିଦଗ୍ଧ ପାଠକ', 'ଆଧୁନିକତାର କ, ଖ ଓ ଅନ୍ୟାନ୍ୟ ଆଲୋଚନା', 'କଳାଦୃଷ୍ଟି', 'ଚିତ୍ର ଓ ଚରିତ୍ର' ପ୍ରଭୃତି ସମାଲୋଚନା ଗ୍ରନ୍ଥ ଏବଂ 'ଶ୍ୱେତପଦ୍ମ', 'ସ୍ୱସ୍ତିକା', 'ନୂତନ ସ୍ୱାକ୍ଷର', 'ନୀଳଲୋହିତ' ପ୍ରଭୃତି କବିତା ଗ୍ରନ୍ଥ ତାଙ୍କର କୃତି ।

ଏହି ପ୍ରବନ୍ଧଟିରେ ବାଳକ ନଚିକେତାର ସାହସ, ସତ୍ୟପ୍ରତି ନିଷ୍ଠା ଓ ଲକ୍ଷ୍ୟ ସାଧନରେ ଅଟଳ ଉଦ୍ୟମର ବର୍ଣ୍ଣନା କରି ଜଣେ ଛୋଟ ପିଲା କିପରି ମୃତ୍ୟୁକୁ ଜୟ କରିବାର କ୍ଷମତା ରଖେ ତାହା ଅନ୍ୟମାନଙ୍କ ପାଇଁ ଆଦର୍ଶ ଉଦାହରଣ ରୂପେ ବର୍ଣ୍ଣନା କରିଛନ୍ତି ।

ମହର୍ଷି ବାଜଶ୍ରବାଙ୍କର 'ବିଶ୍ୱଜିତ୍' ଯଜ୍ଞପୀଠରେ ବହୁ ଦୂର ଦୂରାନ୍ତରରୁ ଆସି ଅତିଥି ଅଭ୍ୟାଗତମାନେ ଉପସ୍ଥିତ ହୋଇଅଛନ୍ତି । ଋଷି ପ୍ରଫୁଲ୍ଲ ମନରେ ଗୋଟିଗୋଟି କରି ନିଜର ସମସ୍ତ ସଂପତ୍ତି ଅପରକୁ ଦାନ କରିବାରେ ଲାଗିଛନ୍ତି । କାରଣ ଏହି ଯଜ୍ଞର ନିୟମ ହେଉଛି ଯେ ଯଜ୍ଞକର୍ତ୍ତା ନିଜର ସର୍ବସ୍ୱ ଦାନ କରିବେ । ପ୍ରତି ଅଭ୍ୟାଗତଙ୍କର ଅର୍ଚ୍ଚନାକରି ଋଷି ନିଜର ଭୂମି, ଧେନୁ, ସୁବର୍ଣ୍ଣ ପ୍ରଭୃତି ସମସ୍ତ ଦାନ କରୁଛନ୍ତି ଏବଂ ଅଭ୍ୟାଗତମାନେ ଋଷିଙ୍କୁ ଯଜ୍ଞଫଳ ଲାଭ କରିବାର ଆଶୀର୍ବାଦ ଦେଇ ନିଜ ନିଜ ସ୍ଥାନକୁ ପ୍ରତ୍ୟାଗମନ କରୁଛନ୍ତି ।

ଯଜ୍ଞ ପ୍ରାୟ ଶେଷ ହୋଇ ଆସୁଅଛି । ଋଷି ତାଙ୍କର ସମସ୍ତ ସଂପତ୍ତି ଦାନ କରି ସାରିଛନ୍ତି । ବର୍ତ୍ତମାନ ଋଷି ପୁରୋହିତମାନଙ୍କୁ ପଲେଗାଇ ଆଣି ଦାନ କରୁଛନ୍ତି । କିନ୍ତୁ ଗାଈଗୁଡ଼ିକ ଅତି ରୁଗ୍‌ଣ ଓ ଜୀର୍ଣ୍ଣଶୀର୍ଣ୍ଣ । ବାଜଶ୍ରବାଙ୍କ ପୁତ୍ର ବାଳକ ନଚିକେତା ହୃଷ୍ଟଚିତ୍ତରେ ସମସ୍ତ ଲକ୍ଷ୍ୟ କରୁଥିଲେ । ବର୍ତ୍ତମାନ ବାପା ଏହି ଅକର୍ମଣ୍ୟ ଓ ରୁଗ୍‌ଣ ଗାଈଗୁଡ଼ିକୁ ଦକ୍ଷିଣା ଦେଉଥିବା ଦେଖି ସେ ବିସ୍ମିତ ଓ ମର୍ମାହତ ହେଲେ। ବାପା ତାଙ୍କର ଏ କଅଣ କରୁଛନ୍ତି ? ସ୍ୱାସ୍ଥ୍ୟହୀନ, ରୁଗ୍‌ଣ ଓ ଜରାଜୀର୍ଣ୍ଣ ଏଇ ଗାଈସବୁ ଦକ୍ଷିଣା ଦେଇ ବାପା କଅଣ ପୁଣ୍ୟ ଅର୍ଜନ କରିବାକୁ ଚାହାନ୍ତି ? ନଚିକେତାଙ୍କ ମନରେ ଶୁଭବୁଦ୍ଧି ଉଦିତ ହେଲା । ପିତାଙ୍କ ନିକଟରେ ଉପସ୍ଥିତ ହୋଇ ସେ ପ୍ରଶ୍ନ କଲେ, 'ବାପା, ବିଶ୍ୱଜିତ୍ ଯଜ୍ଞରେ ସର୍ବସ୍ୱ ତ ଦାନ କଲେ, କୁହନ୍ତୁ, ମୋତେ କାହାକୁ ଦାନ କଲେ?' ବାଜଶ୍ରବା ପୁତ୍ରର ଏ ପ୍ରଶ୍ନ ପ୍ରତି ଧ୍ୟାନ ଦେଇ ନାହାନ୍ତି । କିଛି ସମୟ ପରେ ଦ୍ୱିତୀୟବାର ପିତାଙ୍କ ନିକଟକୁ ଯାଇ ପୁଣି ସେ ପଚାରିଲେ, କିନ୍ତୁ ଯଜ୍ଞକାର୍ଯ୍ୟରେ ବ୍ୟସ୍ତଥିବାରୁ ପୁତ୍ରର ଏପରି ପ୍ରଶ୍ନର ଉତ୍ତର ନଦେଇ ସେ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ ।

ବାଳକ ନଚିକେତା ଅନୁଭବ କଲେ ଯେ ପିତାଙ୍କର ବିଶ୍ୱଜିତ୍ ଯଜ୍ଞ ନିଶ୍ଚୟ ନିଷ୍ଫଳ ହେବ । କାରଣ ସ୍ନେହର ମାୟାରେ ଅନ୍ଧହୋଇ ସେ ନିଜ ପୁତ୍ରକୁ ଅପରକୁ ଦାନ କରିବାକୁ କୁଣ୍ଠିତ ହେଉଛନ୍ତି । ତେଣୁ ସେ ପୁନର୍ବାର ପିତାଙ୍କ ନିକଟକୁ ଯାଇ କହିଲେ, 'ବାପା, ବିଶ୍ୱଜିତ୍ ଯଜ୍ଞର ଫଳ ପାଇବାକୁ ଇଚ୍ଛା ଥିଲେ ମୋତେ ମଧ୍ୟ ଅନ୍ୟକୁ ଦାନ କରନ୍ତୁ । କୁହନ୍ତୁ, ମୋତେ କାହାକୁ ଦାନ କଲେ ?' ଋଷି ବାଜଶ୍ରବା ଏଥର ଅତ୍ୟନ୍ତ ବିରକ୍ତ ହୋଇ କହିଲେ, 'ହଁ, ଯମକୁ, ତୋତେ ଯମକୁ ମୁଁ ଦାନ କଲି ।'' ଆମର ପୁରାଣ, ଶାସ୍ତ୍ର ଓ ଧର୍ମବିଶ୍ୱାସ ଅନୁଯାୟୀ ଯମ ହେଉଛନ୍ତି ମୃତ୍ୟୁର ଦେବତା ।



ମାତ୍ର ଆଶ୍ଚର୍ଯ୍ୟର କଥା ଯେ ବାଳକ ନଚିକେତା ଅତ୍ୟନ୍ତ ପ୍ରଫୁଲ୍ଲ ଚିତ୍ତରେ ଯମାଳୟକୁ ଯିବାକୁ ପ୍ରସ୍ତୁତ ହେଲେ । ବାଜଶ୍ରବାଙ୍କର ଯଜ୍ଞ ଶେଷ ହେବା ପରେ ଋଷି ବିଶ୍ରାମ କରିବାକୁ ଯାଉଛନ୍ତି, ଏହି ସମୟରେ ନଚିକେତା ଘରୁ ବାହାରିଯାଉଥିବା ଦେଖି ତା'ର

କାରଣ ପୁଅକୁ ପଚାରିଲେ । ନଚିକେତା କହିଲେ, ''ବାପା, ଆପଣଙ୍କ ସତ୍ୟରକ୍ଷା ପାଇଁ ମୋତେ ଯମଙ୍କ ନିକଟକୁ ଯିବାକୁ ହେବ । ଆପଣ ମୋତେ ଯମକୁ ଦାନ କରିଛନ୍ତି ପରା !''

ଋଷିଙ୍କର ନିଜ କହିବା କଥା ମନେ ପଡ଼ିଗଲା । ସେ ସ୍ନେହରେ କହିଲେ, ''ବତ୍ସ, ତାହା କଅଣ ମୋର ଅନ୍ତରର କଥା ! ମୁଁ ବିରକ୍ତିରେ ସେହିଭଳି କହି ଦେଇଥିଲି ସିନା !''

ନଚିକେତା କହିଲେ, ''ଆପଣ ବିଜ୍ଞ ହୋଇ ନିଜର ସତ୍ୟରକ୍ଷା କରିବାକୁ କୁଣ୍ଠା ପ୍ରକାଶ କରନ୍ତୁ ନାହିଁ । ପୁଣି ସବୁ ସଂପତ୍ତିଠାରୁ ଆପଣ ମୋତେ ଅଧିକ ପ୍ରିୟ ବୋଲି ମନେ କରନ୍ତି । ତେଣୁ ମୁଁ ଆପଣଙ୍କର ଶ୍ରେଷ୍ଠ ଧନ । ମୋତେ ଦାନ ନ କଲେ ବିଶ୍ୱଜିତ୍ ଯଜ୍ଞ ତ ଅପୂର୍ଣ୍ଣ ରହିବ ।''

ଋଷି ଏତେବେଳେ ନଚିକେତାଙ୍କ ମନର ଭାବ ବୁଝିଲେ । ବାଳ ହେଲେ ମଧ୍ୟ ନଚିକେତା ଯେଉଁ ଅପୂର୍ବ ସାହସ ଓ ସତ୍ୟନିଷ୍ଠା ଦେଖାଇଛନ୍ତି, ତାହା ମହାଜ୍ଞାନୀ ନିକଟରେ ମଧ୍ୟ ସହଜରେ ଦେଖାଯାଏ ନାହିଁ । ଏଥିରେ ଋଷିଙ୍କର ମନରେ ଟିକିଏ ଗର୍ବ ହେଲା, ପୁଣି ସ୍ନେହର ପୁତ୍ରକୁ ଯମକୁ ଦେବାର ଚିନ୍ତାରେ ଟିକିଏ ଦୁଃଖ ମଧ୍ୟ ହେଲା । କିନ୍ତୁ ନଚିକେତା ଅଟଳ, ଅଚଳ । କଠୋର ସତ୍ୟରକ୍ଷା ପାଇଁ ଋଷି ବାଧହୋଇ ନଚିକେତାଙ୍କୁ ବିଦାୟ ଦେଲେ ।

ଯମପୁରର ରୁଦ୍ଧଦ୍ୱାର ନିକଟରେ ତିନି ଦିନ ଉପବାସରହି ଅପେକ୍ଷା କଲାପରେ ନଚିକେତା ଯମଙ୍କ ଦର୍ଶନ ପାଇଲେ । ଏ ତିନୋଟି ଦିନ ତାଙ୍କର ଅନାହାରରେ ଏବଂ ଅନିଦ୍ରାରେ କଟିଥିଲେ ମଧ୍ୟ ଋଷିକୁମାର ବିଚଳିତ ହୋଇ ନଥିଲେ । ମନରେ ତାଙ୍କର ଉତ୍ସାହ ଓ ବିଶ୍ୱାସ ପୂର୍ବପରି ଥିଲା ଦୃଢ଼ । କିନ୍ତୁ ଧର୍ମରାଜ ଯମ ତାଙ୍କୁ ଗ୍ରହଣ କରିବେ କିପରି ! ବାଳକ ନଚିକେତା ଯମପୁରକୁ ଯିବାକୁ ଚାହିଁଲେ ତ ଯଥେଷ୍ଟ ହେଲା ନାହିଁ ! ଯେ ପର୍ଯ୍ୟନ୍ତ ତାଙ୍କର କାଳ ପୂରି ନାହିଁ, ଯମପୁରର ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ ହୋଇ ପାରିବ ନାହିଁ । କିନ୍ତୁ ଦ୍ୱାରଦେଶରେ ତିନିଦିନ ଅନାହାରରେ ଅପେକ୍ଷା କରିଥିବା ଏହି ବାଳକ ଅତିଥିଟିର ସତ୍କାର ତ ଆବଶ୍ୟକ । ତିନିଦିନ ପରେ ନଚିକେତା ଯମଙ୍କ ଦର୍ଶନ ପାଇ ଅତ୍ୟନ୍ତ ସନ୍ତୁଷ୍ଟ ହେଲେ । ଯମ ମଧ୍ୟ ଏ ଅପୂର୍ବ ନିର୍ଭୀକ ଓ ତେଜସ୍ୱୀ ବାଳକର ସାହସ ଓ ବିଶ୍ୱାସକୁ ମନେମନେ ବହୁ ପ୍ରଶଂସା କଲେ, ସ୍ନେହରେ ତାଙ୍କର ହୃଦୟ ବିଗଳିତ ହେଲା । ସେ କହିଲେ, ''ଋଷିକୁମାର, ତୁମେ ମୋର ଅତିଥି । ସତ୍ୟରକ୍ଷା ପାଇଁ ତୁମର ଦୃଢ଼ ପ୍ରତିଜ୍ଞା ଦେଖି ମୁଁ ଅତିଶୟ ପ୍ରୀତ ହୋଇଅଛି । ତୁମେ ମୋ' ଘର ଆଗରେ ତିନିଦିନ ଉପବାସ ରହି କ୍ଲେଶ ଭୋଗିଛ । ଏଥିରେ ମୁଁ ଅତ୍ୟନ୍ତ ବ୍ୟଥିତ । ବର୍ତ୍ତମାନ ତୁମେ ତିନୋଟି ବର ପ୍ରାର୍ଥନା କର ।'' ନଚିକେତା ଅତ୍ୟନ୍ତ ବିନୀତ ଭାବରେ କହିଲା ''ମୋର ପିତା ମୋତେ ହରାଇ ଅତ୍ୟନ୍ତ ସନ୍ତାପ ଭୋଗ କରୁଛନ୍ତି । ତାଙ୍କର ସେହି ଦୁଃଖ ଦୂର କରନ୍ତୁ ଏବଂ ମୁଁ ତାଙ୍କ ନିକଟରେ ଉପସ୍ଥିତ ହେଲେ ସେ ଯେପରି ମୋତେ ପୂର୍ବପରି ସ୍ନେହରେ

ଗ୍ରହଣ କରିବେ, ତାର ବ୍ୟବସ୍ଥା କରନ୍ତୁ ।' ଯମରାଜ ଆନନ୍ଦରେ ଏହି ବର ପ୍ରଦାନ କଲେ ଏବଂ ନଚିକେତାଙ୍କର ପିତୃଭକ୍ତି ଦେଖି ଆହୁରି ପ୍ରୀତ ହେଲେ ।

ନଚିକେତା ଦ୍ୱିତୀୟ ବର ପ୍ରାର୍ଥନା କଲେ, 'ଧର୍ମରାଜ, ସଂସାର ଲୋକଙ୍କର ଦୁଃଖ, ଦୁର୍ଦ୍ଦଶା, ପାପ ଓ ଶୋକ ପ୍ରଭୃତି ଦେଖି ମୋର ମନ ଅତିଶୟ ବ୍ୟାକୁଳ । କି ମନ୍ତ୍ର ସାଧନ କଲେ କିମ୍ବା କେଉଁ ଯଜ୍ଞ ଅନୁଷ୍ଠାନ କଲେ ସେମାନେ ସେଥିରୁ ମୁକ୍ତି ପାଇବେ, ତାହା ମୋତେ କହନ୍ତୁ । ମୁଁ ତାହା ପ୍ରଚାର କରିବି ଏବଂ ତଦ୍ଵାରା ଆପଣଙ୍କର ଯଶ ପ୍ରଚାରିତ ହେବ ।'

ଏ ପ୍ରଶ୍ନ ଶୁଣି ଯମରାଜା ଅତ୍ୟନ୍ତ ବିସ୍ମିତ ହେଲେ । ଧନ୍ୟ ଏହି ବାଳକ ! ଏହି ବୟସରେ ମଧ୍ୟ ସଂସାରର ପାପ, ଦୁଃଖ, ଶୋକ ଏହାଙ୍କ ମନକୁ ଏପରି ବିଚଳିତ କରୁଅଛି ! ପ୍ରକାଶ୍ୟରେ କହିଲେ, 'ନଚିକେତା, ତୁମର ଏହି ପ୍ରଶ୍ନରେ ମୁଁ ଅତ୍ୟନ୍ତ ସନ୍ତୁଷ୍ଟ । ସଂସାରର ପାପ, ଅନ୍ୟାୟ ପାଇଁ ମୃତ୍ୟୁ ପରେ ଦଣ୍ଡର ବ୍ୟବସ୍ଥା କରିବା ମୋର କର୍ତ୍ତବ୍ୟ, କିନ୍ତୁ ସେ କର୍ତ୍ତବ୍ୟ କି କଠୋର ଓ ମର୍ମନ୍ତୁଦ ତାହା ମୋତେ ହିଁ ଜଣା । ତେଣୁ ଏହି ଉପାୟଟି ଶିକ୍ଷା ଦେବାରେ ମୋର ତିଳେହେଲେ ଆପତ୍ତି ନାହିଁ । କିନ୍ତୁ ତୁମେ ବାଳକ ମାତ୍ର । ତୁମେ କଅଣ ତାହା ସ୍ମରଣ ରଖିପାରିବ !''

ନଚିକେତା ଅତ୍ୟନ୍ତ ଆଗ୍ରହ ଓ ବିନୟରେ ପ୍ରାର୍ଥନା କଲେ, ''ଧର୍ମରାଜ, ଦୟାକରି ମୋତେ କହନ୍ତୁ । ମୁଁ ମନୋଯୋଗ ସହକାରେ ଶ୍ରବଣ କରି ଅବଶ୍ୟ ସ୍ମରଣ କରିପାରିବି ବୋଲି ଆଶା କରୁଛି ।''

ତପ୍ତରେ ଯମ ଏକ ନୂତନ ମନ୍ତ୍ରର ସାଧନା ଏବଂ ଯଜ୍ଞବିଧି ବିଷୟରେ କହିଲେ । ବାଳକ ନଚିକେତା ଅପୂର୍ବ ଆଗ୍ରହ ଓ ମନୋଯୋଗ ସହିତ ତାହା ଶ୍ରବଣ କଲେ । ଏଥର ଆସିଲା ପରୀକ୍ଷାର ସମୟ । ଯମରାଜାଙ୍କ ମନରେ ଅଦ୍ଭୁତ ବିସ୍ମୟ ଜଗାଇ ନଚିକେତା ସମସ୍ତ ବିଷୟ ଠିକ୍‌ଠିକ୍ କହି ଦେଇଗଲେ । ଯମରାଜ ଅତ୍ୟନ୍ତ ଆନନ୍ଦରେ ନିଜ କଣ୍ଠରୁ ରତ୍ନମାଳା କାଢ଼ି ନଚିକେତାଙ୍କ ଗଳାରେ ପିନ୍ଧାଇ ଦେଲେ । ଏହି ପରି ଏକ ଅସାଧାରଣ ଶିଷ୍ୟ ଲାଭ କରି ତାଙ୍କର ମନ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲା ।

ଅତ୍ୟନ୍ତ ସନ୍ତୋଷରେ ଯମ କହିଲେ, ''ବତ୍ସ, ଏ ପର୍ଯ୍ୟନ୍ତ ତୃତୀୟ ବର ତୁମେ ମାଗି ନାହଁ । ନିଜ ପାଇଁ କାମନା କରିବାର କଅଣ କିଛି ନାହିଁ । ସ୍ୱର୍ଗର ଅପୂର୍ବ ଭୋଗବିଳାସ, ପୃଥିବୀର ଅଖଣ୍ଡ ଆଧିପତ୍ୟ ଓ ଆଶ୍ଚର୍ଯ୍ୟ ସାମଗ୍ରୀ ଯାହା ଚାହିଁବ, ତୁମକୁ ମୋର ଅଦେୟ ହୋଇ କିଛି ନାହିଁ । ପ୍ରାର୍ଥନା କର ।'' କିନ୍ତୁ ନଚିକେତାଙ୍କର ମନ ଏହି ସଂସାରର ଅସ୍ଥାୟୀ ସୁଖ ଚାହୁଁ ନଥିଲା । ଯମରାଜାଙ୍କ ପରି ଜ୍ଞାନୀ ଗୁରୁଙ୍କୁ ପାଇ ସେ କଅଣ କେବଳ ସ୍ୱର୍ଣ୍ଣ, ରାଜ୍ୟ ଆଉ ଧନ କାମନା କରିବେ । ମୁହୂର୍ତ୍ତକ ମଧ୍ୟରେ ନିଜର ମନ ସ୍ଥିର କରି ନଚିକେତା କହିଲେ, ''ଗୁରୁଦେବ ଆପଣଙ୍କ ପ୍ରସାଦରୁ ମୋର ଦୁଇଟି କାମନା

ପୂର୍ଣ୍ଣ ହୋଇଅଛି । ସଂସାର ସୁଖ ପ୍ରାର୍ଥନା କରି ମୋର କଅଣ ହେବ ! ଆପଣ ଯଦି ସନ୍ତୁଷ୍ଟ ହୋଇଅଛନ୍ତି, ତେବେ ମୋତେ ମୃତ୍ୟୁଜୟୀ ଆତ୍ମଜ୍ଞାନ ପ୍ରଦାନ କରନ୍ତୁ ।''

ମୃତ୍ୟୁଜୟୀ ଆତ୍ମଜ୍ଞାନ ! ଆତ୍ମାର ବିଷୟ ଅତି ଜଟିଳ ଏବଂ ରହସ୍ୟପୂର୍ଣ୍ଣ । ମହାଜ୍ଞାନୀ ଏବଂ ମହର୍ଷିମାନେ ଯୁଗଯୁଗ ଚେଷ୍ଟା ଓ ଚିନ୍ତା କରି ତାହା ଜାଣିବାକୁ ସମର୍ଥ ହୁଅନ୍ତି ନାହିଁ । ନଚିକେତା କୋମଳମତି ବାଳକ । ତାଙ୍କୁ ଏ ଗଭୀର ଜ୍ଞାନ ପ୍ରଦାନ କରାଯିବ କିପରି ! ଯମରାଜ ଟିକିଏ ଚିନ୍ତିତ ହେଲେ । ପୁଣି ନଚିକେତାଙ୍କୁ ଅନ୍ୟ ବର ପ୍ରାର୍ଥନା କରିବାକୁ କହିଲେ । କିନ୍ତୁ ନଚିକେତାଙ୍କ ମନରେ ଅନ୍ୟ କୌଣସି କାମନା ନାହିଁ । ଶେଷରେ ଯମରାଜ ଅତିଶୟ ଆନନ୍ଦରେ ନଚିକେତାଙ୍କୁ ଆତ୍ମଜ୍ଞାନର ଗୂଢ଼ତତ୍ତ୍ୱ ବିଷୟରେ କହିଲେ । ନଚିକେତା ଆତ୍ମଜ୍ଞାନର ଅଧିକାରୀ ହୋଇ ଗୁରୁଦେବଙ୍କ ଚରଣରେ ଭକ୍ତି–ପ୍ରଣତି ଜ୍ଞାପନ କଲେ । ଯମରାଜାଙ୍କ ସ୍ନେହ ତ ଅବର୍ଣ୍ଣନୀୟ । ଏପରି ଶିଷ୍ୟ ପାଇ ସେ ନିଜକୁ ଧନ୍ୟ ମନେ କଲେ ଏବଂ ସମସ୍ତମନ୍ତ୍ରର ସାଧନା କରିବାକୁ ଉପଦେଶ ଦେଇ ଆଲିଙ୍ଗନପୂର୍ବକ ଆଶୀର୍ବାଦ କରି ନଚିକେତାଙ୍କୁ ବିଦାୟ ଦେଲେ ।

**ସୂଚନା:**

ସ୍ୱ – ନିଜର

ସର୍ବସ୍ୱ – ନିଜର ସବୁ କିଛି, ସମସ୍ତ ସଂପତ୍ତି

ଜୀର୍ଣ୍ଣଶୀର୍ଣ୍ଣ – ଶୁଖି ସରୁ ହୋଇ ଯାଇଥିବା, କ୍ଷୀଣ ଓ ଦୁର୍ବଳ

ଜରା – ବୁଢ଼ା ଅବସ୍ଥା

ବତ୍ସ – ଏଠାରେ ଶିଷ୍ୟ ବା ସ୍ନେହାସ୍ପଦ ବ୍ୟକ୍ତି (ପୁତ୍ର ପରି)

ବାଳ – ଶିଶୁ, ବାଳକ, ବାଲ୍ୟ

ଅଦେୟ – ଯାହା ନ ଦେବାର ଯୋଗ୍ୟ

ମର୍ମାହତ – ଦୁଃଖରେ ଭାଙ୍ଗିପଡ଼ିବା

ଉନ୍ମୁକ୍ତ – ଖୋଲା

# ଅଭ୍ୟାସ

୧. ଉତ୍ତର କୁହ ।

(କ) ମହର୍ଷି ବାଜଶ୍ରବା କେଉଁ ଯଜ୍ଞର ଆୟୋଜନ କରିଥିଲେ ?

(ଖ) ଯଜ୍ଞର ନିୟମଗୁଡ଼ିକ କ'ଣ କ'ଣ ଥିଲା ?

(ଗ) ନଚିକେତା କାହିଁକି ବିସ୍ମିତ ଓ ମର୍ମାହତ ହେଲେ ?

(ଘ) ନଚିକେତାଙ୍କ ପ୍ରଥମ ବର କ'ଣ ଥିଲା ?

(ଙ) ଯମରାଜା କେତେବେଳେ ନଚିକେତାଙ୍କୁ ଅନ୍ୟ ବର ପ୍ରାର୍ଥନା କରିବାକୁ କହିଲେ ?

୨. ଉତ୍ତର ଲେଖ ।

(କ) ମହର୍ଷି ବାଜଶ୍ରବା ଉପସ୍ଥିତ ଅତିଥି ଅଭ୍ୟାଗତଙ୍କର କିପରି ଅର୍ଚ୍ଚନା କରିଥିଲେ ?

(ଖ) ନଚିକେତା କେଉଁ କାରଣରୁ ଦୁଃଖିତ ହେଲେ ?

(ଗ) ନଚିକେତା ଦ୍ୱିତୀୟ ବରରେ କ'ଣ ପ୍ରାର୍ଥନା କରିଥିଲେ ?

(ଘ) ଯମରାଜା ତୃତୀୟ ବରରେ କ'ଣ ପ୍ରାର୍ଥନା କରିବା ପାଇଁ ନଚିକେତାଙ୍କୁ କହିଥିଲେ ?

(ଙ) ଯମ ନଚିକେତାଙ୍କୁ ରତ୍ନମାଳ ପିନ୍ଧାଇ ଦେଲେ କାହିଁକି ?

୩. ସରଳାର୍ଥ ଲେଖ ।

(କ) ନଚିକେତାଙ୍କ ମନରେ ଶୁଭ ବୁଦ୍ଧି ଉଦିତ ହେଲା ।

(ଖ) ଆପଣ ବିଜ୍ଞ ହୋଇ ........ ଆପଣଙ୍କ ଶ୍ରେଷ୍ଠ ଧନ ।

(ଗ) ସ୍ୱର୍ଗର ଅପୂର୍ବ ଭୋଗବିଳାସ ......... ଅଦେୟ ହୋଇ କିଛି ନାହିଁ ।

୪. ଉଦାହରଣକୁ ଲକ୍ଷ୍ୟ କରି ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର ।

ଉଦାହରଣ : ମୁଁ ପଢ଼ିବାକୁ ଭଲ ପାଏ । (ମୂଳବାକ୍ୟ)
ଆମେ ପଢ଼ିବାକୁ ଭଲ ପାଉ । (ପରିବର୍ତ୍ତିତ ବାକ୍ୟ)

(କ) ବାଳକଟି ବିଦ୍ୟାଳୟକୁ ଯାଉଅଛି ।

(ଖ) ଗାଈଟିଏ ପଡ଼ିଆରେ ଚରୁଅଛି ।

(ଗ) ସେ ଯମପୁର ଗଲା ।

(ଘ) ମୁଁ ଭବାନୀପାଟଣା ଯିବି ।

(ଙ) ପକ୍ଷୀଟିଏ ଆକାଶରେ ଉଡୁଅଛି ।

**୫. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ ଓ ବାକ୍ୟ ଗଠନ କର ।**

| | | |
|---|---|---|
| ମୃତ୍ୟୁଞ୍ଜୟୀ | ଅବର୍ଣ୍ଣନୀୟ | ମର୍ମନ୍ତୁଦ |
| ବିସ୍ମୟ | ମନସ୍ତାପ | ଆଧିପତ୍ୟ |
| ଅନାହାର | ପ୍ରତ୍ୟାଗମନ | ଅକର୍ମଣ୍ୟ |

**୬. 'ସର୍ବ' ଶବ୍ଦ ପରେ 'ସ୍ୱ' ବସିଲେ 'ସର୍ବସ୍ୱ' ହୁଏ ।**

ସେହିପରି 'ରାଜ' ଶବ୍ଦ ପୂର୍ବରେ 'ସ୍ୱ' ବସିଲେ 'ସ୍ୱରାଜ' ହୁଏ ।

ଏହିପରି ଶବ୍ଦର ପୂର୍ବରେ ବା ପରେ ସ୍ୱ ଯୋଡ଼ି ଆଉ କେତୋଟି ଶବ୍ଦ ଲେଖ ।

**୭. 'ଚାକର' ଶବ୍ଦ ସ୍ତ୍ରୀ ଲିଙ୍ଗରେ ହେବ 'ଚାକରାଣୀ' ।**

ସେହିପରି ବୃତ୍ତ ଭିତରେ ଥିବା ଶବ୍ଦଗୁଡ଼ିକର ସ୍ତ୍ରୀଲିଙ୍ଗ ରୂପ କ'ଣ ହେବ ଲେଖ ।

ଜନକ

| | | |
|---|---|---|
| ମହାରାଜ | ବାଘ | ବୁଢ଼ା |
| ପିତା | ଶିଷ୍ୟ | ସ୍ୱାମୀ |

**୮. ତଳେ ଦିଆଯାଇଥିବା ପଦଗୁଡ଼ିକର ବଚନ ଚିହ୍ନାଇ ଦିଅ ।**

ଅଭ୍ୟାଗତମାନେ, ପଲେ ଗାଈ, ଆପଣ, ଗାଈଗୁଡ଼ିକ, ତିନୋଟି ଦିନ

୯.  ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

| | | | |
|---|---|---|---|
| ପୂର୍ଣ୍ଣ | ବୁଢ଼ା | ଅବର୍ଣ୍ଣନୀୟ | ଜ୍ଞାନୀ |
| ପାପ | ଶେଷ | ନିଦ୍ରା | ବ୍ୟବସ୍ଥା |

୧୦.  ପ୍ରାୟ ୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

(କ)  କେଉଁ ଗୁଣାବଳୀ ପାଇଁ ନଚିକେତା ଆତ୍ମଜ୍ଞାନର ଅଧିକାରୀ ହୋଇପାରିଥିଲେ ?

(ଖ)  ଯମ ଓ ନଚିକେତାଙ୍କ କଥୋପକଥନ ସରଳ ଭାଷାରେ ବର୍ଣ୍ଣନା କର ।

## ତୁମ ପାଇଁ କାମ



- ଏହିପରି ଅନ୍ୟାନ୍ୟ ପୌରାଣିକ ଉପାଖ୍ୟାନ ପଢ଼ି ଶିକ୍ଷଣୀୟ କଥା ସଂଗ୍ରହ କରି ଲେଖ ।
- ଚିନ୍ତାମଣି ବେହେରାଙ୍କ ଅନ୍ୟାନ୍ୟ ଲେଖା ସଂଗ୍ରହ କରି ପଢ଼ ।

# ସଡ଼କ ନିରାପତ୍ତା

ଡ. ଲିଙ୍ଗରାଜ ରଥ

G587Y7

## ଲେଖକ ପରିଚୟ

**ଡ. ଲିଙ୍ଗରାଜ ରଥ :** ଡ.ଲିଙ୍ଗରାଜ ରଥ ୧୯୫୭ ମସିହା ଫେବୃଆରୀ ୨ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଦ୍ୱାରା ଲିଖିତ ଅନେକ ଗୁଡ଼ିଏ ନିବନ୍ଧ, କବିତା ସଂକଳନ, ଗୀତି କବିତା ରହିଛି । ମାତ୍ର ଶିଶୁ ସାହିତ୍ୟରେ ଲେଖକଙ୍କର 'ଗପପେଡ଼ି', 'ଭାରତ ମୋର ଦେଶ', 'ମନଛୁଆଁ ଗପ', 'ଗଢ଼ିବା ନୂଆ ରାଇଜ', 'ତୁମେ ହିଁ ହସିଲେ ଜଗତ ହସିବ' ଇତ୍ୟାଦି ପ୍ରଧାନ । ଅନେକ ପୁରସ୍କାର ଓ ସମ୍ବର୍ଦ୍ଧନା ହାସଲ କରିଥିବା ଡ. ରଥ ଓଡ଼ିଶା ଶିଶୁ ଲେଖକ ଏକାଡ଼େମୀ ଦ୍ୱାରା ଶିଶୁ ସାହିତ୍ୟ ରଚନା ପାଇଁ ସମ୍ମାନିତ । ଉକ୍ତ ପ୍ରବନ୍ଧରେ ପ୍ରାବନ୍ଧିକ ସଡ଼କ ସୁରକ୍ଷା, ଦୁର୍ଘଟଣାର କାରଣ, ଟ୍ରାଫିକ୍ ନିୟମ, ଯାତାୟାତ ଜନିତ ସତର୍କତା ସମ୍ପର୍କରେ ଆଲୋଚନା କରିଛନ୍ତି ।

ଚାଲିବା ବୁଲିବା ବିନା ସ୍ୱାଭାବିକ ଜୀବନଯାତ୍ରା ସମ୍ଭବ ନୁହେଁ । ଏହି କାର୍ଯ୍ୟପାଇଁ ପାଦରେ ଚାଲିବା ସହିତ ଯାନବାହନ ମଧ୍ୟ ବ୍ୟବହାର ହୋଇଥାଏ । ଯାନବାହନ ମଧ୍ୟରେ ସାଇକେଲ ଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ଦୁଇଚକିଆ ଯାନ ଯଥା-ସ୍କୁଟି, ଲୁନା, ସ୍କୁଟର, ମଟରସାଇକେଲ ଓ ସାଇକେଲ ଆଦି ବହୁପ୍ରକାର ଯାନ ବ୍ୟବହାର କରାଯାଏ । ଏହାଛଡା ଜିପ୍, କାର, ଟ୍ରେକର ଆଦି ଚାରିଚକିଆ ଓ ଅଟୋରିକ୍ସାପରି ତିନିଚକିଆ ଯାନ ମଧ୍ୟ ବ୍ୟବହୃତ ହୁଏ । ପୁଣି ଲୋକମାନଙ୍କ ସୁବିଧାପାଇଁ ବସ୍ ଭଳି ବଡ଼ଯାନ ଏବଂ ଜିନିଷପତ୍ର ପରିବହନ ପାଇଁ ମିନିଟ୍ରକ୍ ଓ ବଡ଼ଟ୍ରକ୍ ମଧ୍ୟ କାର୍ଯ୍ୟରେ ଲାଗେ । ପାଦଚଲା ପଥିକଙ୍କ ସହିତ ଏ ସମସ୍ତ ପ୍ରକାର ଯାନରେ ମଣିଷ ସଡ଼କରେ ଯିବାଆସିବା କରନ୍ତି । ସମସ୍ତେ କିପରି ଦୁର୍ଘଟଣାର ସମ୍ମୁଖୀନ ନ ହୋଇ ନିରାପଦରେ ସଡ଼କ ଉପରେ ଯାତାୟାତ କରିପାରିବେ, ତାହାହିଁ ସଡ଼କ ସତର୍କତାର ମୁଖ୍ୟ ବିଷୟ ।

ପ୍ରଶ୍ନ ଉଠିପାରେ, ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥାଉଥାଉ ସଡ଼କ ସତର୍କତା ସମ୍ବନ୍ଧରେ ଆମେ ସଚେତନ ହେବା କାହିଁକି ? କାରଣ ହେଲା ଏହାକେବଳ ଓଡ଼ିଶା ବା ଭାରତର ସମସ୍ୟା ନୁହେଁ। ସମଗ୍ର ବିଶ୍ୱର ଏକ ପ୍ରମୁଖ ସମସ୍ୟା । ପରିସଂଖ୍ୟାନରୁ ଜଣାଯାଏ ଯେ ସମଗ୍ର ପୃଥିବୀରେ ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ପ୍ରାୟ ବାରଲକ୍ଷ ଲୋକ ପ୍ରାଣ ହରାଉଥିବା ବେଳେ ଆହୁରି ପ୍ରାୟ

ପାଞ୍ଚକୋଟି ଲୋକ ଆହତ କିମ୍ବା ବିକଳାଙ୍ଗ ହୋଇଥା'ନ୍ତି । ଭାରତରେ ମଧ୍ୟ ପ୍ରତିବର୍ଷ ଏହି ସଂଖ୍ୟା ସର୍ବାଧିକ ।

ଜୀବନହାନିସହ ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ସଡ଼କ ଦୁର୍ଘଟଣା ଅତ୍ୟନ୍ତ କ୍ଷତିକାରକ । ସଡ଼କ ଦୁର୍ଘଟଣା ଯୋଗୁ ବିଶ୍ୱର ବିଭିନ୍ନ ଦେଶରେ ମୋଟ ଜାତୀୟ ଉତ୍ପାଦର ପ୍ରାୟ ଶତକଡ଼ା ଚାଳିଶ ଭାଗ ନଷ୍ଟ ହୋଇଥାଏ । ସଡ଼କ ନିରାପତ୍ତା ପାଇଁ ସତର୍କତା ଅବଲମ୍ବନ କଲେ ଏହି ହାରକୁ ଅନେକାଂଶରେ ଏଡ଼ାଇ ଦିଆଯାଇପାରିବ । ଏହାଦ୍ୱାରା ଉଭୟ ଧନ ଓ ଜୀବନହାନିକୁ ବହୁ ପରିମାଣରେ ହ୍ରାସ କରାଯାଇପାରିବ ।

ପିଲାମାନଙ୍କୁ ସଡ଼କ ନିରାପତ୍ତା ସଂପର୍କରେ ସଚେତନ କରିବାର ଆବଶ୍ୟକତା ଯଥେଷ୍ଟ ଅଧିକ। ଏଥିପାଇଁ ସେମାନେ ପ୍ରଥମେ ସଡ଼କ ଦୁର୍ଘଟଣାର କାରଣ ସଂପର୍କରେ ଜାଣିବା ଆବଶ୍ୟକ ।

ରାସ୍ତାଟି ଫାଙ୍କା ଥିଲାବେଳେ ହଠାତ୍ ଯେକୌଣସି ଦିଗରୁ ଗାଡ଼ିଟିଏ ଚାଲିଆସିପାରେ, ଏ କଥା ବୁଝି ହୁଏ ନାହିଁ । କେଉଁ ସ୍ଥାନରେ କିଭଳି ଭାବରେ ରାସ୍ତା ପାରି ହେବାକୁ ହୁଏ, ତାହା ଜାଣି ନଥିଲେ ଦୁର୍ଘଟଣା ଘଟିବାର ଆଶଙ୍କା ଥାଏ । ଚାଲୁଥିବା ସ୍ଥାନ ଆଡ଼କୁ ଯଦି ଅନ୍ୟ କୌଣସି ଦିଗରୁ ଗାଡ଼ିଟିଏ ଆସେ, ତେବେ ସାଧାରଣତଃ ଘାବରେଇ ଯାଇ ଏପଟ ସେପଟ ହୋଇଯା'ନ୍ତି । ତେଣୁ ଅନ୍ୟ ସବୁ ବିଷୟ ପ୍ରତି ସତର୍କ ହେବାପରି ସଡ଼କ ନିରାପତ୍ତାର ଏହିସବୁ ଦିଗ ସଂପର୍କରେ ମଧ୍ୟ ସମସ୍ତେ ସଚେତନ ହେବା ଦରକାର । ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଦୃଷ୍ଟି ଦେଲେ ସଡ଼କ ଉପରେ ସୁରୁଖୁରୁରେ ଚାଲିବା ସହିତ ଦୁର୍ଘଟଣାକୁ ଅନେକାଂଶରେ ଏଡ଼ାଇ ହେବ ।

ନଗରମାନଙ୍କରେ ରାସ୍ତାର ଉଭୟ ପାର୍ଶ୍ୱରେ ପାଦଚଲା ରାସ୍ତା ଥାଏ । ରାସ୍ତାକୁ ମାଡ଼ି ନଯାଇ ସେଥିରେ ଚାଲିବା ସବୁଠାରୁ ନିରାପଦ ।

ରାସ୍ତାରେ ଚାଲିଲାବେଳେ ସତର୍କ ହୋଇ ଚାଲିବା ଦରକାର । ଅନ୍ୟମନସ୍କ ହୋଇ ଚାଲିବାଦ୍ୱାରା ଦ୍ରୁତଗାମୀ ଗାଡ଼ିର ଯିବା ଆସିବା ସଂର୍ପକରେ ଠିକ୍ ସମୟରେ ଜଣାପଡ଼େ ନାହିଁ ।

ଜେବ୍ରା ଦେହରେ ଧଳାଦାଗପରି ସହରମାନଙ୍କରେ ରାସ୍ତାରେ ଚିହ୍ନ ଦିଆଯାଇଥାଏ । ଏହାକୁ ଜେବ୍ରା କ୍ରସିଂ କୁହାଯାଏ । ରାସ୍ତା ପାର ହେଲାବେଳେ ଏହି ସ୍ଥାନକୁ ବ୍ୟବହାର କରିବା ଉଚିତ । ଯେଉଁଠାରେ ଜେବ୍ରା କ୍ରସିଂ ନାହିଁ, ସେଠାରେ ରାସ୍ତାର ଅପରପାର୍ଶ୍ୱକୁ ଯିବାକୁ ହେଲେ, ପ୍ରଥମେ ଡାହାଣକୁ ଦେଖିବ, ତାପରେ ବାମକୁ । ପୁଣି ଥରେ ଡାହାଣକୁ ଦେଖି ଯଦି ଗାଡ଼ି ମଟର ନଥାଏ ତେବେ ରାସ୍ତାର ଗୋଟିଏ ପଟରୁ ଅନ୍ୟ ପଟକୁ ଯିବା ଆବଶ୍ୟକ । ହାତ ଧରାଧରି ହୋଇ ରାସ୍ତାରେ ଚାଲିବା ବା ରାସ୍ତା ପାର ହେବା ଅନୁଚିତ୍ । ଅତି ଛୋଟ ପିଲାର ହାତ ଧରି ରାସ୍ତା ପାର ହେବା ବାଞ୍ଛନୀୟ ।

ରାସ୍ତା ଉପରେ ଖେଳାବୁଲା ବା ଦୌଡ଼ାଦୌଡ଼ି କରିବା ଅନୁଚିତ । ରାସ୍ତା ଉପରେ ଗଲାବେଳେ

ଟ୍ରାଫିକ୍ ସଙ୍କେତକୁ ବୁଝି ଯତ୍ନ ସହକାରେ ପାଳନ କରିବା ଉଚିତ । ବିଶେଷତଃ ଲାଲବତୀ ଜଳିଲେ ଅଟକିଯିବା ଓ ସବୁଜବତୀ ଜଳିଲେ ରାସ୍ତାରେ ଯିବା କିମ୍ୱା ରାସ୍ତା ପାର ହେବା ବିଷୟଟିକୁ ଭଲଭାବେ ମନେ ରଖିବା ଉଚିତ ।

ପିତାମାତାମାନେ ପିଲାମାନଙ୍କୁ ଧରି ରାସ୍ତାରେ ଯିବା ସମୟରେ ନିଜେ ସମସ୍ତ ଟ୍ରାଫିକ୍ ନିୟମକୁ କଡ଼ାକଡ଼ିଭାବେ ପାଳନ କରିବା ଉଚିତ ଏବଂ ପିଲାଙ୍କୁ କଥା ପ୍ରସଙ୍ଗରେ ନିୟମଗୁଡ଼ିକ ସଂପର୍କରେ କହିବା ଆବଶ୍ୟକ ।

ପିଲାମାନଙ୍କୁ କାର୍‌ରେ ବା ଦୁଇଚକିଆ ଯାନରେ ନେବା ସମୟରେ ପିତାମାତା ବା ଅଭିଭାବକ କାର୍‌ର ସିଟ୍ ବେଲ୍‌ଟ୍ କିଂବା ହେଲ୍‌ମେଟ୍ ବ୍ୟବହାର କରିବା ବାଞ୍ଛନୀୟ ।

ଯେକୌଣସି ଯାନ ଚଳାଇ ରାସ୍ତାରେ ଯିବା ସମୟରେ ମୋବାଇଲ ଫୋନରେ କଥା ହେବା ଉଚିତ ନୁହେଁ କିଂବା ଇଅର ଫୋନ୍ ଲଗାଇ ସଙ୍ଗୀତ ଶୁଣିବା ଉଚିତ ନୁହେଁ ।

ସାଙ୍ଗହୋଇ ସାଇକେଲରେ ଯିବା ସମୟରେ ଆଗପଛ ହୋଇ ଯିବା ଉଚିତ । ପାଖକୁ ପାଖ ପରସ୍ପର ମଧ୍ୟରେ କଥାହୋଇ ରାସ୍ତାକୁ ଅବରୋଧ କରି ମାଡ଼ି ଚାଲିବାଦ୍ୱାରା ନିଜପାଇଁ ବିପଦର କାରଣ ହୋଇଥାଏ ଏବଂ ଅନ୍ୟମାନଙ୍କ ଯିବା ଆସିବାରେ ବାଧା ସୃଷ୍ଟି ହୁଏ ।

ସାଇକେଲ, ମୋଟରସାଇକେଲ ବା କାର, ଜିପ୍ ଆଦି ଯାନ ରାସ୍ତାକୁ ବାହାର କରିବା ପୂର୍ବରୁ ସେଗୁଡ଼ିକ ଠିକ ଭାବରେ ଚାଲିବା ଅବସ୍ଥାରେ ଅଛନ୍ତି କି ନାହିଁ, ସେ ସଂପର୍କରେ ନିଶ୍ଚିତ ହେବା ନିହାତି ଆବଶ୍ୟକ । ବିଶେଷ କରି ସେଗୁଡ଼ିକର ବ୍ରେକ୍, ବେଲ୍, ଲାଇଟ, ହର୍ଣ୍ଣ ଏବଂ ଦର୍ପଣ ଠିକ ଥିଲେହିଁ ସେଗୁଡ଼ିକ ରାସ୍ତାରେ ଚଳାଇବା ଉଚିତ ।

ରାସ୍ତାରେ ଗଲାବେଳେ ପକେଟ୍‌ରେ ନିଜ ନାମ, ଠିକଣା, ଘରର ଫୋନ୍ ନମ୍ୱର, ରକ୍ତ ଗ୍ରୁପ୍ ଇତ୍ୟାଦି ତଥ୍ୟ ରଖିବା ଆବଶ୍ୟକ ।

ସଡ଼କ ନିରାପତ୍ତା ଓ ଟ୍ରାଫିକ୍ ସଙ୍କେତ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱଭଳି । ବାସ୍ତବରେ ଟ୍ରାଫିକ୍ ସଙ୍କେତଗୁଡ଼ିକ ନୀରବରେ ଯାତାୟାତ ସମ୍ପର୍କୀୟ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥା'ନ୍ତି । ସେଗୁଡ଼ିକୁ ବୁଝି, ମନେରଖି ଠିକ୍ ଭାବରେ ଅନୁସରଣ କରିବା ସମସ୍ତଙ୍କର କର୍ତ୍ତବ୍ୟ । ଟ୍ରାଫିକ୍ ସଙ୍କେତଗୁଡ଼ିକ ଯେ ଆମ ଧନଜୀବନର ସୁରକ୍ଷାପାଇଁ ଉଦ୍ଦିଷ୍ଟ, ଏହା ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ । ରାସ୍ତାରେ ପାଦରେ କିଂବା ଗାଡ଼ି ମଟରରେ ଗଲାବେଳେ ଦିଆଯାଇଥିବା ସଙ୍କେତକୁ ବୁଝିବାକୁ ହେବ । ରାସ୍ତାରେ ଯାଉଥିବା ଲୋକଙ୍କୁ ସବୁକଥା କହିହେବ ନାହିଁ କି ଲେଖା ହୋଇଥିଲେ କେହି ପଢ଼ିବାକୁ ବେଳ ନାହିଁ । କିନ୍ତୁ ସଙ୍କେତଗୁଡ଼ିକ ରାସ୍ତାର ନିୟମକୁ ସ୍ପଷ୍ଟ କରିଥାନ୍ତି; ଯେମିତି

ଟ୍ରାଫିକ୍ ଛକର ନାଲି ଆଲୋକ ଅଟକିବାପାଇଁ ଓ ସବୁଜ ଆଲୋକ ଆଗକୁ ଯିବା ପାଇଁ ସୂଚନା ଦିଏ। ଏହିପରି ଶହ ଶହ ସଙ୍କେତ ରହିଛି । ଗାଆଁ ଗହଳିରେ ମଧ୍ୟ ଆଜିକାଲି ଭଲ ଭଲ ରାସ୍ତା ହେଲାଣି ଓ ବହୁ ଗାଡ଼ିମଟର ଚାଲୁଛି । ତେଣୁ ନିଜର ତଥା ଦେଶର ଧନଜୀବନ ସୁରକ୍ଷାପାଇଁ ଆମେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ନିୟମ ଓ ସଙ୍କେତଗୁଡ଼ିକ ଜାଣି ସେଗୁଡ଼ିକୁ ଅଭ୍ୟାସରେ ପରିଣତ କରିବା ନିତାନ୍ତ ଆବଶ୍ୟକ ।

**ସୂଚନା:**

ସ୍ୱାଭାବିକ - ସାଧାରଣ ଭାବେ ଯାହା ହୁଏ

ଯାତାୟାତ - ଯିବା ଆସିବା

ସଚେତନ - ସତର୍କତା ଅବଲମ୍ବନ

ବିକଳାଙ୍ଗ - ଅଙ୍ଗ ପ୍ରତ୍ୟଙ୍ଗରେ କ୍ଷତି

ନିରାପତ୍ତା - ବିପତ୍ତିରୁ ରକ୍ଷାପାଇ ନିରାପଦରେ ରହିବା


ଦ୍ରୁତଗାମୀ - ଅତି ବେଗରେ ଯିବା

ଅବରୋଧ - ବାଧା ସୃଷ୍ଟି କରିବା

ଅମନଯୋଗୀ - ଏଣେତେଣେ ମନ ଲଗାଇବା

ପ୍ରମୁଖ - ମୁଖ୍ୟ ବା ପ୍ରଧାନ

ରାସ୍ତା ସଙ୍କେତ - ରାସ୍ତାରେ ନିରାପଦରେ ଯିବା ଆସିବାର ନିୟମ ସୂଚକ



## ଅଭ୍ୟାସ

୧. ଉତ୍ତର କୁହ -

(କ) ଯାତାୟାତ ପାଇଁ ଆମେ କେଉଁସବୁ ଯାନ ବ୍ୟବହାର କରିଥାଉ ?

(ଖ) ଦୁର୍ଘଟଣା ଯୋଗୁ ଆମର କ'ଣ କ୍ଷତି ହୁଏ ?

(ଗ) ନଗରମାନଙ୍କରେ ରାସ୍ତାର କେଉଁ ପଟରେ ଚାଲିବା ଉଚିତ ?

(ଘ) ରାସ୍ତାପାର ହେଲାବେଳେ କ'ଣ କରିବ ?

(ଙ) ଜେବ୍ରା କ୍ରସିଙ୍ଗ୍ କ'ଣ ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।

(କ) ଦୁଇ ଚକିଆ ଓ ଚାରି ଚକିଆ ଯାନରେ ଗଲାବେଳେ ଚାଳକ କ'ଣ ବ୍ୟବହାର କରିବା ଉଚିତ ?

(ଖ) ଟ୍ରାଫିକ୍ ଛକରେ ଲାଲବତୀ ଓ ସବୁଜବତୀ ଆମକୁ କି ସୂଚନା ଦିଏ ?

(ଗ) 'ଅମନଯୋଗୀ ହୋଇ ଚାଲିବା' କହିଲେ କ'ଣ ବୁଝ ?

(ଘ) ଗାଡ଼ି ଚାଳନା ବେଳେ ଚାଳକ କ'ଣ ବ୍ୟବହାର ନକରିବା ଉଚିତ ?

(ଙ) ସଡ଼କ ସତର୍କତା ସଂପର୍କରେ ଆମେ ସଚେତନ ହେବା କାହିଁକି ?

୩. ସରଳାର୍ଥ ଲେଖ ।

(କ) ଏହା କେବଳ ଓଡ଼ିଶା ବା ଭାରତର ସମସ୍ୟା ନୁହେଁ । ସମଗ୍ର ବିଶ୍ୱର ଏକ ପ୍ରମୁଖ ସମସ୍ୟା ।

(ଖ) ସଡ଼କ ନିରାପତ୍ତା ଓ ଟ୍ରାଫିକ୍ ସଙ୍କେତ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱଭଳି ।

(ଗ) ସଙ୍କେତ ଗୁଡ଼ିକ ରାସ୍ତାର ନିୟମକୁ ସ୍ପଷ୍ଟ କରିଥା'ନ୍ତି ।

୪. ବାକ୍ୟରେ ବ୍ୟବହାର କର -

ପ୍ରମୁଖ -

ଅବରୋଧ -

ନିରାପତ୍ତା -

ଆଶଙ୍କା -

ସୁରୁଖୁରୁ -

୫. ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ଲେଖ -

ସ୍ୱାଭାବିକ -

ସତର୍କ -

ମନଯୋଗ-

ଲକ୍ଷ୍ୟ -

ବାଟ -

ଯତ୍ନ -

ସ୍ପଷ୍ଟ -

୬. 'ବହନ' ଶବ୍ଦ ପୂର୍ବରୁ 'ପରି' ଲେଖାଗଲେ 'ପରିବହନ' ହୁଏ । ସେହିପରି ଆରମ୍ଭରେ 'ପରି' ଲେଖାଥାଇ ପାଞ୍ଚଟି ଶବ୍ଦ ଲେଖ ।

................ ................ ................ ................ ................

୭. ବନ୍ଧନୀରୁ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର -

(ବିକଳାଙ୍ଗ, ସବୁଜ ରଙ୍ଗ, ଲାଲ ରଙ୍ଗ, ଜେବ୍ରା କ୍ରସିଙ୍ଗ୍, ହେଲ୍‌ମେଟ୍, ସିଟ୍ ବେଲ୍ଟ)

(କ) ଦୁଇଚକିଆ ଯାନରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି .................. ବ୍ୟବହାର କରିବା ଉଚିତ ।

(ଖ) ଟ୍ରାଫିକ୍ ଛକରେ .................. ବତୀ ଆଗକୁ ଯିବାର ସୂଚକ ।

(ଗ) ପ୍ରତିବର୍ଷ ଦୁର୍ଘଟଣାରେ ଅନେକ ଲୋକ .................. ହୁଅନ୍ତି ।

(ଘ) ନଗରମାନଙ୍କରେ ପଦଚାରୀମାନେ ରାସ୍ତାପାର ହେବାପାଇଁ ................ ଚିହ୍ନ ଥାଏ ।

(ଙ) ଗାଡ଼ିକୁ ଅଟକିବାପାଇଁ ଟ୍ରାଫିକ୍ ଛକରେ .................. ବତୀ ସୂଚନା ଦିଏ ।

୮. ଠିକ ଉତ୍ତରଟି ବାଛି ଲେଖ ।

(କ) ସାଙ୍ଗମାନେ ରାସ୍ତାରେ ସାଇକେଲରେ ଗଲାବେଳେ -

(i) ରାସ୍ତା ଅବରୋଧକରି ଯିବା ଉଚିତ ।

(ii) କଥାବାର୍ତ୍ତା ହୋଇ ଯିବା ଉଚିତ ।

(iii) ଆଗପଛ ହୋଇ ଯିବା ଉଚିତ ।

(iv) ମୋବାଇଲରୁ ଗୀତ ଶୁଣି ଶୁଣି ଯିବା ଉଚିତ ।

(ଖ) ରାସ୍ତାକୁ ଯାନଟିଏ ବାହାର କରିବା ପୂର୍ବରୁ କେଉଁଟି ଗୁରୁତ୍ୱପୂର୍ଣ୍ଣ ନୁହେଁ ?

(i) ନମ୍ବର ପ୍ଲେଟ୍

(ii) ବ୍ରେକ୍, ବେଲ୍, ହର୍ଣ୍ଣ, ଦର୍ପଣ

(iii) ଚାଳକଙ୍କ ଫଟୋ

(iv) ଚାଳକଙ୍କ ଶିକ୍ଷାଗତ ଯୋଗ୍ୟତା

(ଗ) ସଡ଼କ ନିରାପତ୍ତା ସଂପର୍କରେ ସଚେତନ ହେବାପାଇଁ ଆମକୁ କ'ଣ ଜାଣିବାକୁ ପଡ଼ିବ ?

(i) ଦୁର୍ଘଟଣାର ନିରାକରଣ

(ii) ରାସ୍ତାର ଗଠନ

(iii) ରାସ୍ତାର ପ୍ରକାର

(iv) ସଡ଼କ ଦୁର୍ଘଟଣାର କାରଣ

(ଘ) ରାସ୍ତାର ଗୋଟିଏ ପାଖରୁ ଅନ୍ୟ ପାଖକୁ ଗଲାବେଳେ ଆମେ କିପରି ପାର ହେବା ?

(i) ଅନ୍ୟ ମନସ୍କ ହୋଇ

(ii) କୌଣସି ଆଡ଼କୁ ଲକ୍ଷ୍ୟ ନକରି

(iii) ଦୁଇପାଖକୁ ଲକ୍ଷ୍ୟ କରି

(iv) ମୋବାଇଲରେ କଥା ହୋଇ

(ଙ) ଚାରିଚକିଆ ଯାନର ଚାଳକ ଗାଡ଼ି ଚଳାଇଲାବେଳେ -

(i) ସିଟ୍‌ବେଲ୍ଟ ବ୍ୟବହାର କରିବେ

(ii) ହେଲ୍‌ମେଟ୍ ବ୍ୟବହାର କରିବେ

(iii) ଇଅରଫୋନ୍ ବ୍ୟବହାର କରିବେ

(iv) ୱାଇପର୍ ବ୍ୟବହାର କରିବେ

୯. ଠିକ୍ ଉକ୍ତି ପାଖରେ '✓' ଚିହ୍ନ ଓ ଭୁଲ୍ ଉକ୍ତି ପାଖରେ '✗' ଚିହ୍ନ ଦିଅ ।

(କ) ନଗରମାନଙ୍କରେ ପଦଚାରୀଙ୍କ ପାଇଁ ସଡ଼କ ମଝିରେ ରାସ୍ତା ଥାଏ ।

(ଖ) ନାଲିବତୀ ଜଳିଲେ ଗାଡ଼ି ଅଟକି ଯାଏ ।

(ଗ) ଜେବ୍ରା କ୍ରସିଙ୍ଗ୍‌ରେ ଗାଡ଼ି ପାର ହୁଏ ।

(ଘ) ଦୁଇଚକିଆଯାନର ଚାଳକ ସିଟ୍‌ବେଲ୍ଟ ବ୍ୟବହାର କରନ୍ତି ।

(ଙ) ସବୁଜ ବତୀ ଗାଡ଼ି ଆଗକୁ ଯିବାର ସୂଚକ ।

# ତୁମ ପାଇଁ କାମ



❖ ସଡ଼କ ସୁରକ୍ଷା ସଂପର୍କିତ କେତୋଟି ସ୍ଲୋଗାନ୍ ସଂଗ୍ରହ କରି କିମ୍ବା ନିଜେ ମନରୁ ଲେଖି ଆଣ।

# କାଠରୁ ଭାତ, ଘାସରୁ ଦୁଧ, ବାୟୁରୁ ଚିନି

ଡ. ଗୋକୁଳାନନ୍ଦ ମହାପାତ୍ର

G5H3ZU

## ଲେଖକ ପରିଚୟ

**ଡ. ଗୋକୁଳାନନ୍ଦ ମହାପାତ୍ର:** ଡକ୍ଟର ଗୋକୁଳାନନ୍ଦ ମହାପାତ୍ର ରସାୟନ ଶାସ୍ତ୍ରର ଜଣେ ପ୍ରବୀଣ ଅଧ୍ୟାପକ । ଜଣେ ବୈଜ୍ଞାନିକ ଭାବେ ତାଙ୍କର ଅଭିଜ୍ଞତାକୁ ନେଇ ବିଜ୍ଞାନକୁ ଜନପ୍ରିୟ କରିବା ଉଦ୍ଦେଶ୍ୟରେ ସେ ଅନେକ ବିଜ୍ଞାନଭିତ୍ତିକ ସାହିତ୍ୟ ସୃଷ୍ଟି କରିଛନ୍ତି । ସେଗୁଡ଼ିକ ମଧ୍ୟରେ 'ପୃଥିବୀ ବାହାରେ ମଣିଷ','କୃତ୍ରିମ ଉପଗ୍ରହ','ସୁନାର ଓଡ଼ିଶା'ଇତ୍ୟାଦି ଉପନ୍ୟାସ,'ଉଡ଼ନ୍ତା ଥାଳିଆ','ବିଜ୍ଞାନ ବିଚିତ୍ରା', 'ବିଜ୍ଞାନର ଶ୍ରେଷ୍ଠ ଆବିଷ୍କାର' ଆଦି ଗଳ୍ପ ଖୁବ୍ ଆଦର ଲାଭ କରିଛି ।

ଏହି ପ୍ରବନ୍ଧଟିରେ ଆଧୁନିକ ବିଜ୍ଞାନ ମଣିଷର ଆବଶ୍ୟକତା ପୂରଣ ପାଇଁ ନୂଆ ନୂଆ ଉପାୟ ଚିନ୍ତା କରିବା ସହ ଆଶ୍ଚର୍ଯ୍ୟଜନକ ଉଦ୍ଭାବନ କରିପାରୁଥିବା ଉଲ୍ଲେଖ କରାଯାଇଛି । ଜନସଂଖ୍ୟା ବୃଦ୍ଧି ସଙ୍ଗେ ଖାଦ୍ୟସମସ୍ୟା ସୃଷ୍ଟି ହେବାର ଯେଉଁ ଆଶଙ୍କା ରହିଛି, ତା'ର ସମାଧାନ କରିବାକୁ ବୈଜ୍ଞାନିକମାନେ କିପରି ଗବେଷଣା ଜାରି ରଖିଛନ୍ତି ତାହା ଏଥିରେ ବର୍ଣ୍ଣିତ ।

ରସାୟନବିତ୍‌ମାନଙ୍କର ଖାଦ୍ୟ ଉପରେ ଆଲୋଚନା ଚକ୍ର ସେଦିନ ବେଶ୍ ସରଗରମ ହୋଇ ଉଠିଥାଏ । ବୋଷ୍ଟନ ବିଶ୍ୱବିଦ୍ୟାଳୟର ରସାୟନ ବିଭାଗର ଆଲୋଚନା କକ୍ଷରେ ପୂରାପୂରି ଅସମ୍ଭବ କଥାଟାଏ ଉପରେ ଚାଲିଥାଏ ଦୀର୍ଘ ଆଲୋଚନା ।

ଖାଦ୍ୟ ହେଲା ମଣିଷର ଜୀବନ । ଖାଦ୍ୟ ନ ହେଲେ ମଣିଷ ବଞ୍ଚି ପାରେ ନାହିଁ । ଶିକ୍ଷା କୁହ, ସଭ୍ୟତା କୁହ, ସଂସ୍କୃତି କୁହ, ଶାନ୍ତି କୁହ, ରାମରାଜ୍ୟ କୁହ, ସବୁର ମୂଳରେ ରହିଛି ଖାଦ୍ୟ । ଖାଦ୍ୟ ନ ହେଲେ ଶିକ୍ଷା, ସଭ୍ୟତା, ଶାନ୍ତି, ରାମରାଜ୍ୟ ସବୁ କିଛି ଧ୍ୱଂସ ପାଇଯିବ । ଯେଉଁ ଦେଶରେ ଖାଦ୍ୟ ନାହିଁ, ସେଠି ଶିକ୍ଷା, ସଭ୍ୟତା, ଶାନ୍ତି କିଛି ଉଧେଇ ପାରିବ ନାହିଁ । ଖାଦ୍ୟ ଅଭାବ ହେଲେ, ମଣିଷ ଖାଇବାକୁ ନ ପାଇଲେ ହିତାହିତ ଜ୍ଞାନଶୂନ୍ୟ ହୋଇ କେତେ କ'ଣ କରି ବସେ, ଯା' ଫଳରେ ତାର ଶିକ୍ଷା, ସଭ୍ୟତା, ସଂସ୍କୃତି ପାଣି ଫୋଟକା ଭଳି ମିଳେଇ ଯାଏ । ଏହି ଦୃଷ୍ଟିରୁ ଦେଖିଲେ ପ୍ରତ୍ୟେକ ଦେଶର ପ୍ରଧାନ ସମସ୍ୟା ହେଲା ଖାଦ୍ୟ ।

ପୃଥିବୀରେ ଯେଉଁ ବେଗରେ ଜନସଂଖ୍ୟା ବଢ଼ି ଚାଲିଛି, ଖାଦ୍ୟ ଉତ୍ପାଦନର ପରିମାଣ ଦିନକୁ ଦିନ ବଢ଼ିଲେ ମଧ୍ୟ ଏହା ସବୁବେଳେ ନିଅଣ୍ଟିଆ ହୋଇ ରହିଯାଉଛି । ପ୍ରତିବର୍ଷ ଯେଉଁ ହାରରେ ଏହା ବଢ଼ିଚାଲିଛି, ଏହା ଯେ ଭବିଷ୍ୟତରେ କି ଆକାର ଧାରଣ କରିବ, ଭାବିଲାବେଳକୁ ଦେହ ଶୀତେଇ ଉଠୁଛି ।

ତେଣୁ ଯେତେଦିନ ପର୍ଯ୍ୟନ୍ତ ସେହି ଅବସ୍ଥା ଆସିନି, ପୃଥିବୀର ଲୋକସଂଖ୍ୟା କ୍ରମାଗତ ବଢ଼ି ଚାଲିଥିବ। ହଜାରେ କି ଦୁଇହଜାର ବର୍ଷ ପରେ, ଏମିତି ଅବସ୍ଥା ଆସିବ ଯେ ଲୋକମାନଙ୍କୁ ଖାଦ୍ୟ ଯୋଗାଇବା ଅସମ୍ଭବ ହୋଇପଡ଼ିବ । ସେମିତି ଏକ ସୁଦୂର ଭବିଷ୍ୟତରେ ମଣିଷର ଖାଦ୍ୟ ସମସ୍ୟାର କେମିତି ଭାବରେ ସମାଧାନ କରି ହେବ, ଆଜଠୁଁ ବିଚାର କରିବା କଥା । ଏହା ସ୍ୱତଃସିଦ୍ଧ ଯେ ବିଜ୍ଞାନ ସେତେବେଳକୁ ଯେଉଁ ଉନ୍ନତ ଅବସ୍ଥାକୁ ଆସିଥିବ, ସେଥିରେ ଖାଦ୍ୟ ସମସ୍ୟା ଏକ ବଡ଼ ସମସ୍ୟା ହୋଇ ରହି ନପାରେ । ତେବେ ଏହା ସ୍ୱତଃସିଦ୍ଧ ଯେ କୃଷିଦ୍ୱାରା ଖାଦ୍ୟ ଉତ୍ପାଦନ କରି ସେମାନଙ୍କୁ ଯୋଗାଇବା ପୂରାପୂରି ଅସମ୍ଭବ ହୋଇ ପଡ଼ିବ । କାରଣ ଭବିଷ୍ୟତରେ ଜନସଂଖ୍ୟା ବହୁ ପରିମାଣରେ ବଢ଼ିଗଲେ ଚାଷଜମିର ପରିମାଣ କମିଆସିବ, କାରଣ ଚାଷଜମିଗୁଡ଼ିକ ଜନବସତି ସହର ଓ ଶିଳ୍ପାଞ୍ଚଳରେ ପୂରି ଉଠିବ । ଦିନକୁଦିନ ପୃଥିବୀର ଜନସଂଖ୍ୟା ଯେଉଁ ପରିମାଣରେ ବଢୁଥିବ, ସେହି ଅନୁପାତରେ ଚାଷ ଜମି ବଢ଼ିବା ପରିବର୍ତ୍ତେ କମିବାକୁ ଲାଗୁଥିବ ।

ଆମେ ଆଜିକାଲି କୃଷିରୁ ଯାହା ଖାଦ୍ୟପଦାର୍ଥ ଆହରଣ କରୁଛୁଁ, ତାହା କେବଳ ଆମକୁ ମୋଟାମୋଟି ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର ଜାତୀୟ ଖାଦ୍ୟ ଯୋଗାଉଛି । ଆମ ଖାଦ୍ୟର ପ୍ରଧାନ ଅଂଶ ହିଁ ଏହି ତିନୋଟି । ଆମେ ଯାହା ଚାଷବାସ କରୁଛୁଁ, ତାହା ମୋଟାମୋଟି ଆମକୁ ଏହି ତିନି ଜାତୀୟ ଖାଦ୍ୟ ହିଁ ଯୋଗାଉଛି । ଧାନ, ଗହମ, ବାଜରା, ମାଣ୍ଡିଆ, ଆଳୁ ଆଦି ଚାଷ ଆମକୁ ଶ୍ୱେତସାର ଜାତୀୟ ଖାଦ୍ୟ ଯୋଗାଉଛି । ସୋରିଷ, ଚିନାବାଦାମ ଆଦି ଚାଷ ଆମକୁ ସ୍ନେହସାର ଜାତୀୟ ଖାଦ୍ୟ ଯୋଗାଉଛି । ରବି ଫସଲ ଓ ଗୋପାଳନ, ମତ୍ସ୍ୟ ଉତ୍ପାଦନ, କୁକୁଡ଼ା ପାଳନ ଆଦି ଆମକୁ ପୁଷ୍ଟିସାର ଜାତୀୟ ଖାଦ୍ୟ ଯୋଗାଉଛି । ଏହି ଗୋପାଳନ, କୁକୁଡ଼ା ପାଳନ ପ୍ରକାରାନ୍ତରେ ସାଧାରଣ ଚାଷ ଉପରେ ନିର୍ଭର କରେ । କାରଣ ଏଗୁଡ଼ିକୁ ସାଧାରଣ ଚାଷଜମିରୁ ଉତ୍ପନ୍ନ ଖାଦ୍ୟ ଖାଇ ଆମକୁ ଉତ୍କୃଷ୍ଟ ପୁଷ୍ଟିସାର ଖାଦ୍ୟ ଯୋଗାନ୍ତି । ବର୍ତ୍ତମାନ ପ୍ରଶ୍ନ ହେଲା, ଆମେ ସାଧାରଣ ଚାଷକୁ ଉଠାଇ ଦେଇ ଏଗୁଡ଼ିକର ଉତ୍ପାଦନ କିଭଳି ଭାବରେ କରିପାରିବୁ ଓ ଭବିଷ୍ୟତର ଖାଦ୍ୟସମସ୍ୟା ସମାଧାନ ଦିଗରେ ଏଗୁଡ଼ିକ ଆମର କେତେ ଦୂର ସାହାଯ୍ୟକାରୀ ହୋଇପାରିବ ଆଲୋଚନା କରିବା କଥା ।

ଧାନ, ଗହମ, ଯବ, ବାଜରା ଆଦିରୁ ଆମେ ଯେଉଁ ଶ୍ୱେତସାର ପାଉଁ, ସେହି ଶ୍ୱେତସାର କଳକାରଖାନାରେ ସାଧାରଣ ମାମୁଲି ପଦାର୍ଥରୁ ଉତ୍ପାଦନ କରିବା ବିଶେଷ କିଛି କଷ୍ଟକର ନୁହେଁ ।

ଉଦ୍ଭିଦ ଏହି ସବୁ ଖାଦ୍ୟପଦାର୍ଥ କେମିତି ତିଆରି କରେ ? ବାୟୁମଣ୍ଡଳର ଅଙ୍ଗାରକାମ୍ଳ ଗ୍ୟାସକୁ ଭୂମି ଅଭ୍ୟନ୍ତରର ଜଳ ସହିତ ପତ୍ର ଉପରେ ସଂଯୁକ୍ତ କରାଇ ଉଦ୍ଭିଦ ତା'ର ଶ୍ୱେତସାର ଜାତୀୟ ଖାଦ୍ୟ ତିଆରି କରେ । ଏହି ଶ୍ୱେତସାର ଜାତୀୟ ଖାଦ୍ୟରୁ ଯେଉଁ ବଳକାତକ ରହେ, ସେ ତାକୁ ନିଜ ଫଳମୂଳରେ ସାଇତି ରଖେ । ଗଛକୁ କାଟି ତା'ର ଏହି ଫଳମୂଳରୁ ଆମେ ସେହି ଖାଦ୍ୟ ଆହରଣ କରୁ । ଉଦ୍ଭିଦ ଯଦି ଅଙ୍ଗାରକାମ୍ଳ ଓ ଜଳରୁ ଖାଦ୍ୟ ଆହରଣ କରିପାରେ, ତେବେ ଆମେ ସେହି ଅଙ୍ଗାରକାମ୍ଳ ଓ ଜଳର କୃତ୍ରିମ ଉପାୟରେ ଏକ ରାସାୟନିକ କାରଖାନାରେ ଶ୍ୱେତସାର ଜାତୀୟ ଖାଦ୍ୟ ଉତ୍ପାଦନ କରି ନପାରିବୁ କାହିଁକି ? ତେଣୁ ଭବିଷ୍ୟତରେ ଏମିତି ଦିନ ଆସିବ ଯେଉଁ ଦିନ ଆକାଶର ଅଙ୍ଗାରକାମ୍ଳ ଗ୍ୟାସରୁ ଗୋଟିଏ ମଇଦା କାରଖାନା ଅପର୍ଯ୍ୟାପ୍ତ ପରିମାଣରେ ମଇଦା ଉତ୍ପାଦନ କରିପାରିବ । ଆଉ ତାକୁ ନିର୍ଭର କରିବାକୁ ପଡ଼ିବନି ଗହମ ଉପରେ । ଏହି ମଇଦାରୁ କୃତ୍ରିମ ଉପାୟରେ ସାଂଶ୍ଳେଷିକ ଚାଉଳ ଉତ୍ପାଦନ କରାଯାଇପାରିବ । ଏହି ଚାଉଳ ଏତେ ସୁନ୍ଦର, ସରୁ ଓ ସୁସ୍ୱାଦୁ ହେବ ଯାହାକି ପ୍ରାକୃତିକ ଚାଉଳକୁ ବଳିଯିବ । ଦରକାର ପଡ଼ିଲେ ଏହି ପଦ୍ଧତିରେ ଚିନି ମଧ୍ଯ ତିଆରି କରାଯାଇ ପାରିବ ।

ଏହା ହେଲା ଶ୍ୱେତସାର ଜାତୀୟ ଖାଦ୍ୟ ଉତ୍ପାଦନର ଗୋଟିଏ ଦିଗ । ଏହାର ମଧ୍ଯ ଆଉ ଏକ ଦିଗ ଅଛି । ସାଧାରଣ ଗଛ, ପତ୍ର, କାଠ ଆଦିରେ ଏହି ସେଲୁଲୋଜ୍ ପ୍ରଚୁର ପରିମାଣରେ ଅଛି । ତେଣୁ ରାସାୟନିକ ପ୍ରକ୍ରିୟା ସାହାଯ୍ୟରେ ଏହି ସେଲୁଲୋଜ୍ ଅଣୁକୁ ବିଭକ୍ତ କରି ଶ୍ୱେତସାର ତଥା ଶର୍କରା ଅଣୁରେ ପରିଣତ କରିବା କିଛି ବିଚିତ୍ର ନୁହେଁ । ତେଣୁ ଏଥିପାଇଁ ଚାଉଳ କଳ, ଅଟାକଳ, ମଇଦାକଳ, ଚିନିକଳ ବସାଇବା ପରିବର୍ତ୍ତେ  କାଠକଳ କରି ସେହି କାଠରୁ ମଇଦା, ଅଟା, ଚିନି ଆଦି ସୃଷ୍ଟି କରିବା କିଛି କଷ୍ଟକର ବା ଆଶ୍ଚର୍ଯ୍ୟଜନକ କଥାନୁହେଁ । ହିସାବ କରି ଦେଖାଯାଇଛି ଏଥିପାଇଁ ଆମେ କାଠ, ଗଛପତ୍ରରୁ ଯେତେ ମଇଦା, ଅଟା, ଚାଉଳ ପାଇପାରିବା ଚାଷରୁ ସେତେ ପାଇପାରିବା ନାହିଁ । ଆଜିକାଲି ଯେଉଁ ଜମିରେ ଧାନ, ଗହମ ଆଦି ଚାଷ ହେଉଛି, ସେହି ଜମିରେ ସେ ସବୁ ଚାଷ କରାନଯାଇ ବଡ଼ବଡ଼ କାଠଗଛ, ବଣବୁଦା ଯଦି ଉତ୍ପନ୍ନ କରାଯାଏ, ତେବେ ଏହିସବୁ ପଦାର୍ଥରୁ ଆମେ ଅଟା, ମଇଦା, ସୁଜି, ଚାଉଳ, ଚିନି ଆଦି ପାଇପାରିବା । ଏହି ବନଜାତ ପଦାର୍ଥକୁ କଳର ଗୋଟିଏ ପାଖରେ ଭର୍ତ୍ତିକରି ଆର ପାଖରୁ ଅଟା, ମଇଦା, ସୁଜି, ଚିନି, ଚାଉଳ ପାଇବା କିଛି ବିଚିତ୍ର ନୁହେଁ । ସାଧାରଣ ମାଣେ ଜମିରୁ ଖୁବ୍ ଭଲ ଭାବରେ କୃଷି କରି ଯେତେ ପରିମାଣରେ ଅଟା, ମଇଦା, ସୁଜି, ଚିନି,ଚାଉଳ ଉତ୍ପାଦନ କରିପାରିବୁ ତା'ର ହଜାରେ ଗୁଣ ଉତ୍ପାଦନ ହୋଇପାରିବ ଏହି ପଦ୍ଧତିରେ । ଏହି ପଦ୍ଧତିରେ ଗଛ ବୃକ୍ଷ ମରିଯାଇ ଖାଦ୍ୟ ଅଭାବରେ ଦୁର୍ଭିକ୍ଷ ସୃଷ୍ଟି ହେବାର ଭୟ ନାହିଁ । କୌଣସି ବର୍ଷ ବର୍ଷା ନ ହେଲେ ଯେମିତି ଚାଷ ନଷ୍ଟ ହୁଏ, ଅଧିକ ବର୍ଷା ହେଲେ

ଚାଷ ଧୋଇଯାଏ, ପୋକଜୋକ ଚାଷକୁ ନଷ୍ଟ କରନ୍ତି, ସେମିତି ଭୟ ଏଥିରେ ନାହିଁ । ଚାରିଆଡ଼େ ଚାଷଜମିରେ ଖାଲି ବଣ, ଅରଣ୍ୟ ସୃଷ୍ଟି କଲେ ହେଲା । ପ୍ରତିବର୍ଷ ଏହି ଅରଣ୍ୟରୁ କାଠ କଟାହୋଇ, ପତ୍ର ସଂଗୃହୀତହୋଇ ସେଗୁଡ଼ିକୁ କାରଖାନା ସାହାଯ୍ୟରେ ଅଟା, ମଇଦା, ସୁଜି, ଚାଉଳ ଆଦିରେ ପରିଣତ କରିବା ସମ୍ଭବପର । ବର୍ତ୍ତମାନ ଯା' କଳନା କରି ଦେଖାଯାଉଛି, ଆସନ୍ତା ହଜାର ହଜାର ବର୍ଷ ପାଇଁ ପୃଥିବୀର ଲୋକସଂଖ୍ୟା ଯେତେ ବୃଦ୍ଧି ପ୍ରାପ୍ତ ହେଲେ ହେଁ ଏହି ଉପାୟରେ ଖାଦ୍ୟ ଉତ୍ପାଦନ କରି ପୃଥିବୀର ଲୋକଙ୍କୁ ଯୋଗାଇବା ଅସମ୍ଭବ ନୁହେଁ ।

ବାକି ରହିଲା ପୁଷ୍ଟିସାର ଜାତୀୟ ଖାଦ୍ୟ । ଆମ ସମୁଦ୍ର, ମହାସମୁଦ୍ରମାନଙ୍କରେ ଏତେ ପ୍ରକାର ଜଳଜ ପ୍ରାଣୀ ଅଛନ୍ତି, ଯେଉଁମାନଙ୍କର ଶରୀରର ପୁଷ୍ଟିସାରକୁ ରୂପାନ୍ତରିତ କରି ଆବଶ୍ୟକ ପୁଷ୍ଟିସାର ଉତ୍ପାଦନ କରିବା ଅସମ୍ଭବ ନୁହେଁ । ଭବିଷ୍ୟତରେ ଜନସଂଖ୍ୟା ବୃଦ୍ଧି ହେତୁ ସ୍ଥଳ ଭାଗରେ ଯେତେବେଳେ ଚାଷ ଜମି ତଥା ଗୃହପାଳିତ ପଶୁଙ୍କ ସଂଖ୍ୟା କମି ଆସିବ, ସେତେବେଳେ ପୁଷ୍ଟିସାର ଜାତୀୟ ଖାଦ୍ୟ ପାଇଁ ଆମକୁ ସାଗର, ମହାସାଗର ଉପରେ ନିର୍ଭର କରିବାକୁ ପଡ଼ିବ । ଏହି ସାମୁଦ୍ରିକ ପ୍ରାଣୀଗୁଡ଼ିକୁ ରୂପାନ୍ତରିତ କରି ଦୁଧ, ଦହି, ଛେନାରେ ପରିଣତ କରିହେବ । ଆମର ବିସ୍ତୃତ ସମୁଦ୍ରକୂଳ ଅଂଚଳରେ କାରଖାନାମାନ ଗଢ଼ିଉଠିବ, ଯେଉଁ କାରଖାନାରେ ପର୍ଯ୍ୟାପ୍ତ ପରିମାଣରେ ଦୁଧ, ଦହି, ଛେନା ଉତ୍ପାଦିତ ହେବ । ସେହି କାରଖାନାର ଗୋଟିଏ ପାର୍ଶ୍ୱରେ ଖାଲି ଜଳଜ ପ୍ରାଣୀଙ୍କୁ ଭର୍ତ୍ତି କରାଯାଉଥିବ, ଆର ପାଖରେ ଖାଣ୍ଟି ଦୁଧ, ଦହି, ଛେନା ବାହାରୁଥିବ । ଯେହେତୁ ସମୁଦ୍ରର ଆକାର ଅତି ବିରାଟ, ଏହା ଆମକୁ ହଜାର ହଜାର ବର୍ଷ ଧରି ଦୁଧ, ଦହି, ଛେନା, ମାଛ, ମାଂସ ଯୋଗାଇ ପାରିବ । ସେଥିପାଇଁ ଆଉ ଆମକୁ ଗୋରୁଗାଈ, ଛେଳି, ମେଣ୍ଢା, କୁକୁଡ଼ା ଉପରେ ନିର୍ଭର କରିବାକୁ ପଡ଼ିବନି । ଆମେ ଏଇସବୁ ପ୍ରାଣୀଦେହରୁ ଯେଉଁ ସବୁ ଉତ୍କୃଷ୍ଟ ସୁସ୍ୱାଦୁ ପୁଷ୍ଟିସାର ପାଇପାରୁଛୁ, ଠିକ୍ ସେହିଭଳି ସୁସ୍ୱାଦୁ ପୁଷ୍ଟିସାର ଖାଦ୍ୟ ସମୁଦ୍ର ଉପକୂଳର ଅସଂଖ୍ୟ ଦୁଧ, ଦହି, ଛେନା, ମାଛ, ମାଂସ କାରଖାନାରୁ ମିଳିପାରିବ ।

ଏହିଭଳି ଭାବରେ ଦେଖିବାକୁ ଗଲେ ପୃଥିବୀର ଖାଦ୍ୟସମସ୍ୟା ଯେତେ ଉତ୍କଟ ଆକାର ଧାରଣ କଲେ ମଧ୍ୟ ରସାୟନବିତ୍‌ମାନେ ତାହା ସମାଧାନ କରିବାକୁ କ୍ଷମ । ଏହା ସ୍ୱତଃସିଦ୍ଧ ଯେ, ଯେଉଁଠି ଖାଦ୍ୟ ଯୋଗାଇବା ପାଇଁ କୃଷି ବିଜ୍ଞାନ ଅସମର୍ଥ ହେବ, ସେହିଠାରେ ରସାୟନ ବିଜ୍ଞାନ ତହିଁର ବିହିତ ସମାଧାନ କରିପାରିବ । ମଣିଷ ସମାଜ କେବେ ଖାଦ୍ୟାଭାବରୁ ପୃଥିବୀପୃଷ୍ଠରୁ ନିଶ୍ଚିହ୍ନ ହେବନି । ଅବଶ୍ୟ ଏବେ ପୃଥିବୀର ମଣିଷମାନଙ୍କ ପାଇଁ ଯେତେ ଖାଦ୍ୟ ଆବଶ୍ୟକ ତାହା କୃଷି ବିଜ୍ଞାନ ଯୋଗାଇ ପାରୁଛି । ଭବିଷ୍ୟତରେ ଏମିତି ଦିନ ଆସିବ, ଯେତେବେଳେ ଖାଦ୍ୟ ସମସ୍ୟାକୁ ସମ୍ଭାଳିବା ପାଇଁ, କୃଷି ବିଜ୍ଞାନ ଅସମର୍ଥ ହେବ ସେତେବେଳେ ରସାୟନ ବିଜ୍ଞାନ ଏହି ଉପାୟରେ ପୃଥିବୀର ଖାଦ୍ୟ ସମସ୍ୟାକୁ ସମ୍ଭାଳି ପାରିବ ।

**ସୂଚନା :**

ଉଧେଇବା – ବିକଶିତ ହେବା, ତିଷ୍ଠିବା

ସ୍ୱତଃସିଦ୍ଧ – ଆପଣା ଛାଏଁ ପ୍ରମାଣିତ

ଆହରଣ – ସଂଗ୍ରହ କରିବା

ନିଶ୍ଚିହ୍ନ – ଚିହ୍ନବର୍ଣ୍ଣ ଲୋପ ପାଇଯିବା

# ଅଭ୍ୟାସ

**୧. ଉତ୍ତର କୁହ ।**

(କ) କେଉଁଠି ଅସମ୍ଭବ କଥାଟାଏ ଉପରେ ଦୀର୍ଘ ଆଲୋଚନା ଚାଲିଥିଲା ?

(ଖ) ଖାଦ୍ୟ ମୂଳରେ କ'ଣ ସବୁ ରହିଛି ବୋଲି ଲେଖକ କହିଛନ୍ତି ?

(ଗ) କାହାଦ୍ୱାରା ଜନସଂଖ୍ୟାକୁ ରୋକାଯାଇ ପାରିବ ?

(ଘ) ପୃଥିବୀର ଜନସଂଖ୍ୟା ବଢ଼ିଲେ କ'ଣ କମିଯିବ ?

(ଙ) ଶ୍ୱେତସାର ଖାଦ୍ୟରୁ ଯେଉଁ ବଳକା ଖାଦ୍ୟ ରହେ ଗଛ ତାକୁ କେଉଁଠି ସାଇତି ରଖେ ?

**୨. ଦୁଇ ବା ତିନିଟି ବାକ୍ୟରେ ଉତ୍ତର ଲେଖ ।**

(କ) କେଉଁ କେଉଁ ଖାଦ୍ୟରୁ ଶ୍ୱେତସାର ଓ ସ୍ନେହସାର ମିଳେ ?

(ଖ) ରବିଫସଲ, ମତ୍ସ୍ୟ ଓ କୁକୁଡ଼ାରୁ ଆମେ କେଉଁ ଜାତୀୟ ଖାଦ୍ୟ ପାଉଁ ?

(ଗ) ଭବିଷ୍ୟତରେ ଅଙ୍ଗାରକାମ୍ଳ ଗ୍ୟାସରୁ କ'ଣ ଉତ୍ପାଦନ ହେବ ବୋଲି ଲେଖକ କହିଛନ୍ତି ?

(ଘ) ଆଗାମୀ କାଳରେ ବଡ଼ବଡ଼ ଗଛ, ବଣ, ବୁଦାରୁ ଆମେ କ'ଣ କ'ଣ ପାଇବା ବୋଲି ବୈଜ୍ଞାନିକମାନେ ଭାବିଛନ୍ତି ?

(ଙ) କେତେବେଳେ ଚାଷଜମି ଓ ଗୃହପାଳିତ ପଶୁ ସଂଖ୍ୟା କମିଯିବ ?

(ଚ) କାହାକୁ ରୂପାନ୍ତରିତ କରି ଦୁଧ, ଦହି, ଛେନାରେ ପରିଣତ କରିହେବ ?

୩. **ସରଳ ଭାଷାରେ ବୁଝାଇ ଦିଅ ।**

(କ) ଏହା ସ୍ୱତଃସିଦ୍ଧ ଯେ ବିଜ୍ଞାନ ସେତେବେଳକୁ ଯେଉଁ ଉନ୍ନତ ଅବସ୍ଥାକୁ ଆସିଥିବ, ସେଥିରେ ଖାଦ୍ୟ ସମସ୍ୟା ଏକ ବଡ଼ ସମସ୍ୟା ହୋଇ ରହି ନପାରେ ।

(ଖ) ଯେଉଁ ଦେଶରେ ଖାଦ୍ୟ ନାହିଁ, ସେଠି ଶିକ୍ଷା, ସଭ୍ୟତା, ଶାନ୍ତି କିଛି ଉଧେଇ ପାରିବ ନାହିଁ ।

୪. **ଉତ୍ତର ଲଖେ । (୭୦ରୁ ୮୦ଟି ଶବ୍ଦରେ)**

(କ) ପ୍ରତ୍ୟେକ ଦେଶର ଖାଦ୍ୟ ସମସ୍ୟା ହିଁ ପ୍ରଧାନ ସମସ୍ୟା, ଏ କଥାଟିର ଯଥାର୍ଥତା ବୁଝାଅ ।

(ଖ) ଆମ ଖାଦ୍ୟମାନଙ୍କରେ କେଉଁ ଖାଦ୍ୟ ସାର ଥାଏ ଓ ଏହା କେଉଁ କୃଷିଜାତ ଦ୍ରବ୍ୟମାନଙ୍କରୁ ମିଳିଥାଏ ?

(ଗ) ଉଭିଦ ଆମକୁ ଯୋଗାଉଥିବା ଖାଦ୍ୟ ପଦାର୍ଥକୁ କେମିତି ତିଆରି କରେ ?

୫. **ନିମ୍ନଲିଖିତ ଶବ୍ଦମାନଙ୍କୁ ନେଇ ଗୋଟିଏ ଗୋଟିଏ ବାକ୍ୟଗଠନ କର ।**

ସ୍ୱତଃସିଦ୍ଧ, ଉତ୍କୃଷ୍ଟ, ଜନସଂଖ୍ୟା, ଜ୍ଞାନଶୂନ୍ୟ, ଉତ୍ପାଦନ, ଉଧେଇବା, ଆହରଣ, ଉତ୍କଟ, ନିଅଣ୍ଟିଆ ।

୬. **ଅନୁଚ୍ଛେଦଟି ପଢ଼ି ପ୍ରଶ୍ନ ତିଆରି କର ।**

ଏହି ଭଳି ଭାବରେ ଦେଖିବାକୁ ଗଲେ ପୃଥିବୀର ଖାଦ୍ୟସମସ୍ୟା ଯେତେ ଉତ୍କଟ ଆକାର ଧାରଣ କଲେ ମଧ ରସାୟନବିତ୍‌ମାନେ ତାହା ସମାଧାନ କରିବାକୁ କ୍ଷମ । ଏହା ସ୍ୱତଃସିଦ୍ଧ ଯେ, ଯେଉଁଠି ଖାଦ୍ୟ ଯୋଗାଇବା ପାଇଁ କୃଷି ବିଜ୍ଞାନ ଅସମର୍ଥ ହେବ, ସେହିଠାରେ ରସାୟନ ବିଜ୍ଞାନ ତହିଁର ବିହିତ ସମାଧାନ କରିପାରିବ । ମଣିଷ ସମାଜ କେବେ ଖାଦ୍ୟାଭାବରୁ ପୃଥିବୀପୃଷ୍ଠରୁ ନିଶ୍ଚିହ୍ନ ହେବନି । ଅବଶ୍ୟ ଏବେ ପୃଥିବୀର ମଣିଷମାନଙ୍କ ପାଇଁ ଯେତେ ଖାଦ୍ୟ ଆବଶ୍ୟକ ତାହା କୃଷି ବିଜ୍ଞାନ ଯୋଗାଇ ପାରୁଛି । ଭବିଷ୍ୟତରେ ଏମିତି ଦିନ ଆସିବ, ଯେତେବେଳେ ଖାଦ୍ୟ ସମସ୍ୟାକୁ ସମ୍ଭାଳିବା ପାଇଁ, କୃଷି ବିଜ୍ଞାନ ଅସମର୍ଥ ହେବ, ସେତେବେଳେ ରସାୟନ ବିଜ୍ଞାନ ଏହି ଉପାୟରେ ପୃଥିବୀର ଖାଦ୍ୟ ସମସ୍ୟାକୁ ସମ୍ଭାଳି ପାରିବ ।

୭. **ନିମ୍ନ ଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର ।**

ପୁର, ପୂର, ଭୀତି, ଭିତ୍ତି, କୁଳ, କୂଳ, ଶର, ସର

୮. **ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।**

ନିଅଣ୍ଟିଆ, ଅସମ୍ଭବ, ଆବଶ୍ୟକ, କୃତ୍ରିମ, ପ୍ରଚୁର

୯. **ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକରୁ ବହୁବଚନରେ ବ୍ୟବହୃତ ଶବ୍ଦମାନଙ୍କୁ ବାଛି ଲେଖ ।**

ଗଛ, ଆମେ, ଜମିଗୁଡ଼ିକ, ଲୋକ, ସମୁଦ୍ର, କାରଖାନାମାନ, ଯେଉଁମାନଙ୍କ, ସେମାନଙ୍କୁ ।

## ତୁମ ପାଇଁ କାମ



- ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ବିଜ୍ଞାନଭିତ୍ତିକ ଗଳ୍ପ, ଉପନ୍ୟାସ ବହି ସଂଗ୍ରହ କରି ପଢ଼ ।
- ଆମ ଓଡ଼ିଶାର ଖାଦ୍ୟ ସମସ୍ୟାର ସମାଧାନ ପାଇଁ କିଛି ପ୍ରସ୍ତାବ ସଂପର୍କରେ ନିଜ ଶ୍ରେଣୀର ଅନ୍ୟମାନଙ୍କ ସହ ଆଲୋଚନା କର ।

# ମାଡ଼ହାଣ୍ଡି କଥା

**ଗୋପାଳ ଚନ୍ଦ୍ର ପ୍ରହରାଜ**

G5QZ2H

**ଲେଖକ ପରିଚୟ :**

**ଗୋପାଳଚନ୍ଦ୍ର ପ୍ରହରାଜ:** ଗୋପାଳ ଚନ୍ଦ୍ର ପ୍ରହରାଜ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ସଫଳ ରମ୍ୟରଚନା ଲେଖକ ଭାବରେ ପରିଚିତ । କେତେକ ଲୋକଗଳ୍ପ ସଂଗ୍ରହ କରି ସେଗୁଡ଼ିକୁ ସାଧାରଣ ଲୋକଙ୍କ ଭାଷାରେ ପ୍ରକାଶ କରିବାରେ ସେ ସିଦ୍ଧହସ୍ତ । ତାଙ୍କ ଦ୍ୱାରା ରଚିତ କଥା ଓ କାହାଣୀ 'ଉତ୍କଳ କାହାଣୀ', 'ନନାଙ୍କ ବସ୍ତାନି' ପ୍ରଭୃତି ଉଲ୍ଲେଖଯୋଗ୍ୟ । ସେ ସଂଗ୍ରହ ଓ ସଂପାଦନା କରିଥିବା 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'କୁ 'ଓଡ଼ିଆ ଭାଷାର କୋଣାର୍କ' ବୋଲି କୁହାଯାଏ ।

'ମାଡ଼ହାଣ୍ଡି କଥା'ଟି ଓଡ଼ିଶାର ଏକ ଲୋକଗଳ୍ପକୁ ନେଇ ରଚିତ । ଅଳସୁଆ ହୋଇ ପରିଶ୍ରମ ନକରି ପେଟ ପୋଷିବାକୁ ଚାହିଁଲେ କିପରି ଦଣ୍ଡ ଭୋଗିବାକୁ ପଡ଼େ, ଏହି ଗଳ୍ପରେ ତାହା କୁହାଯାଇଛି ।

ଏକ ଦେଶରେ ଗୋଟିଏ ଚକୁଳିଆ ପଣ୍ଡା ଥାଏ, ସେଇଟି ଭାରି ଗରିବ । ସେ ମାଆଟିଏ ପୁଅଟିଏ । ପୁଅ ନିତି ଭିକ ମାଗିଯାଏ । ଛଅ ଗାଁ ଗଲେ ସେରେ ଆଣେ, ନଅ ଗାଆଁ ଗଲେ ସେରେ ଆଣେ । ଇମିତିକା ମହାପ୍ରଭୁଙ୍କ ମାୟା ତ, ଦିନେ ସେ ଚକୁଳିଆ ପଣ୍ଡା କେତେଆଡ଼ ବୁଲିଲା ଯେ, ସେରକ କଥା ତେଣିକି ଥାଉ, ତାକୁ ପୋଷେ ଚାଉଳ ସୁଦ୍ଧା ଭିକ ମିଳିଲା ନାହିଁ । ଲୋକେ ଭିକ ଦେବେ କଅଣ, ବେଳକୁ ତାକୁ ଗାଁ ପିଲାଏସବୁ ଟେକାବୋଲୁଅ ଲଦି ମାଡ଼ମାରି ତଡ଼ି ଦେଲେ । ପଛକୁ ଚକୁଳିଆ ପଣ୍ଡା ବିଚରାଟି କାନ୍ଦିବୋବେଇ ପଳେଇ ଆଇଲା । ବିଚାରିଲା, ଆଉ ଏ ନିର୍ଲଜ ମୁହଁ ଦେଖେଇବାକୁ ଘରକୁ ଯିବି ନାହିଁ । ୟା ବିଚାରି ଚୋରକୁ ମାନକରି ଖପରାରେ ଖାଇଲା ଭଳିଆ କାନ୍ଧରେ ତୁଚ୍ଛା ଯାଉଁଳିଟିଏ ପକେଇ ଯାଉଥାଏ । ଯାଇଯାଇ ଖଣ୍ଡେ ଦୂରରେ ଦେଖିଲାବେଳକୁ ଗୋଟିଏ ଉତ୍ତମ ସୁନ୍ଦର ପଦ୍ମପୋଖରୀ । ସେଥିରେ କଳାଭଅଁରଭଳି ପାଣି । ପୋଖରୀ ଚାରିପାଖଯାକ ଶଙ୍ଖମଲମଲ ପଥରରେ ପାହାଚ ବସିଛି । ୟାର ତ ସେତେବେଳେ ଭୋକଶୋଷରେ କରଡ଼ି ଜଳୁଥାଏ । ଏ କଅଣ କରିବ ! ତାକୁ ଆଉ ବୁଦ୍ଧିବାଟ ଦିଶୁ ନଥାଏ । ଏ ପାଣିକି ଦେଖିଲାକ୍ଷଣି ୟା ମନରେ ଭାରି ଲୋଭ ହେଲା । ଜୀବନ ବିକଳରେ ପାଣିକୂଳ ପାହାଚ ଉପରେ ଲଥକିନି ବସିଗଲା । ଦେଖିଲା ସେ କାଚକେନ୍ଦୁ ଭଳିଆ ପାଣିମୁନ୍ଦିକ ହୋଇଛି, ସାତତାଳ ପାଣିରେ ରୁପାପାତିଆ ଟିକିଏ ପକେଇଦେଲେ ଉପରକୁ ଫୁଟି ଜକଜକ ଦିଶିବ ।

ଚକୁଳିଆ ପଣ୍ଡା ସେ ପାଣିରୁ ଚଳଚଳକରି ତା' ଡାହାଣ ହାତରେ ଧରୁଥାଏ, ଏଣେ ମନକୁ ବାଆଁରେଇବା ପାଇଁ ମୁହଁରେ ମୁହଁରେ କହି ହଉଥାଏ, – ଭାତ ଖାଉଁ, ଡାଲି ଖାଉଁ, ଦୁଧ ଖାଉଁ, ମହୁର ଖାଉଁ, ଆମ୍ବିଳ ଖାଉଁ, ଖିରି ଖାଉଁ, କାକରା ଖାଉଁ, ନାନମାନ୍ ଖାଉଁ, ପୋଟଳି ଚକୁଳି ଖାଉଁ । ଏମିତି ଗୋଟିଏ ଦରବ ନାଁ ଧରୁଥାଏ, ଚଳେ ଲେଖାଏଁ ପାଣି ପିଉଥାଏ । ସେ ପୋଖରୀରେ ଗଙ୍ଗାମାତା ଥାଆନ୍ତି । ଚକୁଳିଆ ପଣ୍ଡାର ଡାକ ତାଙ୍କ କାନକୁ ବାଜିଲା । ଗଙ୍ଗାମାତା ତ ଉଡ଼ିଗଲା ଚଢ଼େଇର ପେଟକଥା ଜାଣିପାରନ୍ତି । ସେ ତ କାହା ବିକଳ ସହି ପାରନ୍ତି ନାହିଁ ! ୟା ଡାକ ଶୁଣି ମନେମନେ ବିଚାରିଲେ, ଏ ଚକୁଳିଆ ପଣ୍ଡାଟି ସିନା ଭୋକବିକଳରେ ଇମିତି ହଉଚି । ଦେବତାଙ୍କୁ ଅବା କେଉଁ ଦରବ ଅପୂରୁବ ! ସେ କଅଣ କଲେ ନା, ଚକୁଳିଆ ପଣ୍ଡା ଯେତେକ ଦରବ ନାଆଁ ଧରି ଚୋଳାଏ ଚୋଳାଏ ପାଣି ପିଉଥାଏ, ସେତକ ବାରଜବାରଜ କରି ଦନାଟିମାନଙ୍କରେ ଭରାଭର କରି ଗୋଟିଏ ହାଣ୍ଡିରେ ସଜାଡ଼ିଲେ, ହାଣ୍ଡି ଉପରକୁ ଟେଲୁଣିଟିଏ କଣ୍ଟିକାଣ୍ଟି କରି ଘୋଡ଼େଇ ଦେଲେ, ଏ ଚକୁଳିଆ ପଣ୍ଡାଟି ଯେଉଁଠେଇଁ ବସିଥିଲା, ସେଇଠେଇଁକି ତୁନି କରି ଭସେଇ ଦେଲେ । ହାଣ୍ଡି ଭାସିଭାସିକା ୟା ପାଖରେ ଆସି ଲାଗିଗଲା । ଚକୁଳିଆ ପଣ୍ଡା ଏ ହାଣ୍ଡିକି ଦେଖି ଭାରି ଆଚମ୍ବିତ ହେଲା! ଏଥେରେ କଅଣ ଅଛି ଦେଖେଁ ! ୟା ବିଚାରି ସେ ଟେଲୁଣିଟିକି କାଢ଼ି ଦେଲାବେଳକୁ ତା' ଭିତରେ ଦିବ୍ୟ ସରୁ ଘିଅ ଅନ୍ନ, ଡାଲି, ମହୁର, ଆମ୍ବିଳ, ଖିରି, ପିଠା ଭଳିକି ଭଳି ଖଞ୍ଜା ହୋଇଛି । ସେଥିରୁ ସବୁ ବାମ୍ଫ ବାହାରୁଛି । ୟା ଦେଖି ଆନନ୍ଦରେ ତାକୁ ଆଉ ବୁଦ୍ଧିବାଟ ଦିଶୁ ନଥାଏ । ସେ ହାଣ୍ଡିକି ପାହାଚ ଉପରକୁ ଉଠେଇ ଆଣିଲା, ତାକୁ ତ ଭାରି ଭୋକ କରୁଥାଏ, ସେ ହାଣ୍ଡିରୁ ପଦାର୍ଥଯାକ କାଢ଼ି ପେଟପୂରା କରି ଖାଇଲା । ଜଣେ ମଣିଷ ତ, କେତେ ଇମିତି ଖାଇବ ! ଯେତେକ ଖାଇବାର ଖାଇଲା, ଦେଖିଲା-



ବେଳକୁ ସେ ପଦାର୍ଥରୁ କଣେ ସୁଦ୍ଧା ସରି ନଥାଏ । ଯେତେକ ବଳିଲା ସେତକ ଗୋଟିଆଗୋଟି କରି ସେ ହାଣ୍ଡିରେ ପୂରେଇଲା । କହିଲା, ୟାକୁ ମୁଁ ଘରକୁ ନେବି ଯେ ମୋ ମାଆ ଖାଇବ, ବାକି ଯାହା ବଳିବ ଫେର୍ ଦୋଓଡ଼ା ଖାଇବି ।

ଖାଲି ହାତରେ ସିନା ଘରକୁ ଫେରିବ ନାହିଁ ବୋଲି ରୁଷି କରି ଘରୁ ବାହାରି ଯାଉଥିଲା ! ବର୍ତ୍ତମାନ ଏତକ ଯେମିତି ହାତରେ ପଡ଼ିଲା ସେମିତି ୟା ମନ କୁଣ୍ଢେମୋଟ ହୋଇଗଲା । ହାଣ୍ଡିଟିକି ମୁଣ୍ଡେଇ ଲମ୍ଫେ ଲମ୍ଫେ ଘରକୁ ମୋହିଁଲା । ଘରେ ପହଞ୍ଚିଲା ବେଳକୁ ମାଆ ଯାଇଥାଏ ଗାଆଁ ଭିତରକୁ ଦୁଃଖ କରିବାକୁ । ୟେ ସେ ହାଣ୍ଡିଟିକି ହାଣ୍ଡିଶାଳ ଶିକା ଉପରେ ସାଇତି ଦେଲା, ଘରେ ଖଣ୍ଡେ ମସିଣା ପାରି ଶୋଇଲା । ମାଆ ଗାଆଁରୁ ଦୁଃଖଧନ୍ଦା କରି ପୋଷେ ଖୁଦ ପଣତ କାନିରେ ବାନ୍ଧି ଘରେ ଆସି ପହଞ୍ଚି ଦେଖେ ତ ପୁଅର ପେଟ ଟୁମାଟୁମ୍ ଦିଶୁଚି, ପୁଅ ଅଚିନ୍ତା ନିଦରେ ଘୁଙ୍ଘୁଡ଼ି ମାରୁଛି, ହାଣ୍ଡିଶାଳ କବାଟ ଫିଟେଇ ଦେଖିଲା ବେଳକୁ ଶିକା ଉପରେ ହାଣ୍ଡିଟିଏ । ହାଣ୍ଡିଟିକି ଓହ୍ଲେଇ ପଲମ କାଢ଼ି ଦେଖେ ତ ହାଣ୍ଡି ଭିତରେ ଦିବ୍ୟ ସୁବାସ ଘିଅ ଅନ୍ନ, ଛଅ ତିଅଣ, ନଅ ଭଜା, ଖିରି ପିଠା ଭରାଭର । ବୁଢ଼ୀ ତ ଭୋକରେ ଡହଳବିକଳ ହଉଥିଲା, ତାକୁ ଏବେ କୋଟିନିଧି ମିଳିଗଲା । ସେ ଆଉ ପୁଅକୁ ଉଠେଇବ କଅଣ ! ବାଡ଼ିକୁ ଯାଇ ବେଏଁ ଲୟର ଖଣ୍ଡେ କଦଳୀପତର କାଟି ଆଣିଲା, ହାଣ୍ଡିରୁ ଗୋଟିଗୋଟି କରି ସବୁ ପଦାର୍ଥ କାଢ଼ିଲା, ଯେତେକ ମନଇଚ୍ଛା କରି ଖାଇଲା, ଆଉ ଯାହା ବଳିଲା ତାକୁ ହାଣ୍ଡିରେ ପୂରେଇ ଶିକାରେ ରଖିଦେଲା । ପୁଅ ଶୋଇଥିଲା, ଉଠି ମାଆକୁ ସବୁ କଥା କହିଲା । ଫେର୍ ଉପର ଓଳି ହାଣ୍ଡିରେ ଯାହା ଥିଲା ମାଆ ପୁଅ ଖାଇ ଅଠିଲ୍ ହୋଇଗଲେ ।

ରାତିରେ ଶୋଇଲା ବେଳେ ବୁଢ଼ୀ ପୁଅକୁ ବୁଦ୍ଧି ବତେଇ ଦେଲା, ଆରେ ପୁତ, ଏତେ ମିହନ୍ତ କରି ଛଅ ଗାଁ ନଅ ଗାଁ ବୁଲିବୁ କିଆଁ ! କାଲି ସକାଳୁ ଫେରଯାଇ ପୋଖରୀ କୂଳରେ ବସ, ଦେଖିବା ଦେଖି କଅଣ ହଉଚି ! ମାଆ ପୁଅ ୟା ବିଚରାବିଚାରି ହୋଇ ଶୋଇଲେ । ସକାଳୁ ଚକୁଳିଆ ପଣ୍ଡା ତ 'କାଲିର ସୁଆଦ ପାଇଛି ନା ସକାଳୁ ଉଠି ଧାଇଁଛି' – ବଡ଼ି ଝପଟିରୁ ଉଠି, ଗାଧୋଇ, ଚିତା ଚଇତନ କାଟି ସିଧାଏସିଧାଏ ଯାଇ ଏକଦମ୍ ପଦ୍ମପୋଖରୀ କୂଳରେ ହାଜର । ଫେର୍ କାଲି ଯିମିତି ଭାତ ଖାଉଁ, ଡାଲି ଖାଉଁ, ତିଅଣ ଖାଉଁ କରୁଥିଲା ଆଜି ସିମିତି ଚଳଚଳ କରି ପାଣି ପିଉଥାଏ, ଏଣେ ସିମିତି କହୁଥାଏ । ସତକୁ ସତ, କାଲି ପରିକା ହାଣ୍ଡିଟିଏ ଭାସି ଆସି ତା' ପାଖରେ ଲାଗିଲା । ସେ ଆପେ ଯାହା ଖାଇବାର ଖାଇଲା, ବାକି ଯାହା ବଳିଲା ସେତକ ଘରକୁ ଆଣି ଶିକା ଉପରେ ରଖିଦେଲା । ମାଆ ଗାଆଁରୁ ବୁଲିବାଲି ଆସି ଖାଇଲା । ଫେର୍ ରାତିକି ମାଆ ପୁଅ ଦିହେଁ ଢୋଲେ ଲେଖାଏଁ ଖାଇଲେ । ଏମିତି ନିତି ପୁଅ ହାଣ୍ଡିଟିମାନ ଆଣେ, ମାଆ ପୁଅ ଦିହେଁ ସେତକ ଖାଇପିଇ ଖାଲି ହାକୁଟିମାରି ଗଡ଼ଗଡ଼ଉ ଥାଆନ୍ତି । ପୁଅତ ଦେଖିଲା ଯେ, ନିତି ଫୋକଟରେ ତାକୁ ଦିବ୍ୟ ସୁନ୍ଦର ଜୋଇଁ ଭୋଜନ ମିଳିଲା, ମାଆ ଦେଖିଲା ଯେ, ବସିଲା ଠେଇଁ ତ ତାକୁ ଆଧାର ମିଳିଲା..... ପୁଅ ଆଉ ଭିକମାଗି ଗଲା ନାହିଁ, ମାଆ ବି ଦୁଃଖଧନ୍ଦା କରିବାକୁ ଗଲା ନାହିଁ, କି କୁଟା ଖଣ୍ଡକ ଦି ଖଣ୍ଡ କଲା ନାହିଁ । ଇମତି ମାଆ ପୁଅଙ୍କ ମୁହଁ ତ ମାଗଣା ଭାତରେ ଲାଗି ଯାଇଥାଏ ।

ଏଣେ ଗଙ୍ଗାମାତା ବିଚାର କଲେ ଯେ, ଏ ମାଆ ପୁଅ ତ ନିଖଟୁ ହୋଇ ବସିଲେ, କିଛି କାମ କଲେ ନାହିଁ, ୟାଙ୍କ ଦେଖାଦେଖି ସଂସାରଯାକ ସମସ୍ତେ ତ କର୍ମକୋଢ଼ିଆ ହୋଇଯିବେ, ଆଉ

ଦୁଃଖଧନ୍ଦାକୁ ତ କେହି ଆଦରିବେ ନାହିଁ, ୟାଙ୍କ ମୁହଁ ନ ଭାଙ୍ଗି ଦେଲେ ହବ ନାହିଁ । ଏଇତା ପାଞ୍ଚି ଗଙ୍ଗାମାତା କୂଟଟିଏ ଭେଇଲେ । ଦିନକର କ'ଣ ହୋଇଛି ନା, ଚକୁଳିଆ ପଣ୍ଡା ନିତି ଯେମିତି ଯାଏ, ସେ ଦିନ ବଡ଼ିସକାଳୁ ଉଠି ସ୍ନାହାନପ୍ରକାର କରି ସେ ପଦ୍ମପୋଖରୀକି ଗଲା, ପାହାଚରେ ବସି ଯିମିତି ନିତି କରେ ସିମିତି ସେଦିନ କଲା । ପାଣି ଚଳଚଳ ପିଉଥାଏ, ଏଣେ ମିଛରେ ମିଛରେ କହି ହେଉଥାଏ, ଭାତ ଖାଉଁ, ହାପୁ ଖାଉଁ, ତିଅଣ ଖାଉଁ, ସାକର ଖାଉଁ, ଖେଚେଡ଼ି ଖାଉଁ, ଇଣ୍ଡୁରି ଖାଉଁ ଇମିତି କହୁଥାଏ । ମନେମନେ ବିଚାର କରୁଥାଏ, ନିତି ଯିମିତି ହାଣ୍ଡିଟିଏ ଭାସି ଆସେ, ସମିତି ଭାସିଆସି ଆଜି ମୋ ପାଖରେ ଲାଗିଯିବ ଯେ, ମୁଁ ସୁନାପୁଅ ଭଳିଆ ତାକୁ ନେଇ ମାଆ ପୁଅ ଦିହେଁ ଖାଇ ହେଣ୍ଡି ମାରି ବୁଲୁଥିବୁଁ । ଗଙ୍ଗାମାତା ବିଚାରିଲେ ଦେଖ, ୟାର କେଡ଼େ କଥା ! ମୁଁ ୟା ବିକଳ ସହି ନପାରି ୟାକୁ ଖାଇବାକୁ ଦେଲି ବୋଲି ମାଆ ପୁଅ ଦିହେଁ ଇନ୍ଦ୍ରଚନ୍ଦ୍ର ମାନିବାକୁ ନାହାନ୍ତି ? ଦିହେଁକୁ ଦିହେଁ ଗଣ୍ଡିଟିମାନ ବାହାର କରି ବୁଲୁଛନ୍ତି । ଆଜି ପୂଜାଟାଏ ଆଚ୍ଛାକରି ନ ଦେଲେ ଇୟେ ଚେତିବେ ନାହିଁ । ଗଙ୍ଗାମାତା ତ ସହଜେ ଦେବତା, ତାଙ୍କୁ ଅବା କେଉଁ କଥା ଉବାର ଅଛି ! ୟା ବିଚାରି ରାଗ ତମତମ ହୋଇ ହାଣ୍ଡିଟି ଭିତରେ ଗୁଡ଼ିଏ ବିଧା, ଚାପୁଡ଼ା, କହୁଣି, ଗୋଇଠା, ଚିମୁଟା, ରାମ୍ପୁଡ଼ା, କାମୁଡ଼ା ଇମିତି ଯେତେକ ମାଡ଼ ଏ ସଂସାରରେ ଅଛି, ସବୁ ପୂରେଇଲେ । ହାଣ୍ଡି ଉପରେ ତେଲୁଣିଟି କଣ୍ଟିକାଣ୍ଟି କରି ନିବୁଜକରି ଘୋଡେଇ ଦେଲେ ଓ ଚକୁଳିଆ ପଣ୍ଡା ପାଖକୁ ଭସେଇ ଦେଲେ । ହାଣ୍ଡିଟି ଭାସିଭାସିକା ଆସି ୟା ପାଖରେ ଲାଗିଲା ।

ୟେ ତ ମନେମନେ ମିଠେଇ ଖାଇ ବସିଛି । ହାଣ୍ଡିଟିକି ଉପରକୁ ଟେକି ନେଇ ତେଲୁଣିଟିକି କାଢ଼ିଦେଲାବେଳକୁ ହେଲା ତ ତା' ଉପରେ ମାଡ଼ ବୃଷ୍ଟି । ତୁଚ୍ଛା ଚାପୁଡ଼ା ଉପରେ ଚାପୁଡ଼ା, ବିଧା ଉପରେ ବିଧା, ତା' ଉପରେ ଗୋଇଠା, ତା' ପଛକୁ ରାମ୍ପୁଡ଼ା, କାମୁଡ଼ା, ଏମିତି ଖାଲି ତା' ଅଷ୍ଟାଙ୍ଗ ଶରୀରଯାକ ଦୁମ୍‌ଦାମ୍ ଭୁଷ୍‌ଭାଷ୍ ଲଦି ହୋଇଯାଉଥାଏ । ଚଟକଣା ଖାଇ ଗାଲକୁ ଆଉଁଶି ପକେଇଲା ବେଳକୁ ପିଠିରେ ଦୁଲୁ କରି ଗୋଟାକେତେ ବିଧା ବସୁଥାଏ ! ଡହଳବିକଳ ହୋଇ ପିଠି ଆଉଁଶିଲା ବେଳକୁ ଖୁଆମୁଣ୍ଡିରେ ଦି' ଗୋଇଠା । ବେଳକୁବେଳ ସମୁଦ୍ର ଜୁଆର ମାଡ଼ି ଆଇଲା ଭଳିଆ ମାଡ଼ରେ କୁଆଛୁଆ ଉଡ଼ିଗଲା । ୟାକୁ ସେତେବେଳକୁ ଗୋଟାଏ ବୁଦ୍ଧି ପଇଟିଗଲା । ଏ କ'ଣ କଲା । ଝଟପଟ ଜୀବନ ବିକଳରେ ଏ ହାଣ୍ଡି ଉପରେ ତେଲୁଣିଟାକୁ ଘୋଡ଼େଇ ପକେଇଲା । ଯିମିତି ଘୋଡ଼େଇ ପକେଇଛି ସମିତି କିଏ ରାଣ ଦେଲା ଭଳିଆ ଏ ମାଡ଼ ବୃଷ୍ଟି ଥମ୍ଭିଗଲା । ଏ ଟିକିଏ ନିଃଶ୍ୱାସ ମାଇଲା । ସେତେବେଳକୁ ୟା ଦିହ ହାତ ମାଡ଼ରେ ଗଡ଼ ଭଳିଆ ଫୁଲିଗଲାଣି । ଏ ରାଗରେ କମ୍ପମାନ ହଉଥାଏ । କିଏ ମାଇଲା ବୋଲି ଦେଖିଛି ଯେ, କାହା ଉପରେ ଦାଉ ସାଧିବ ! ''ଶାଶୂ ମାରୁଥାଏ ବୋହୂକୁ, ବୋହୂ ଛାର କାହାକୁ ମାରିବ, ମାରୁଥାଏ ଚୁଲି ମୁହଁକୁ' । ସିମିତି ଚକୁଳିଆ ପଣ୍ଡା ତା' ମା' ଉପରେ ରାଗରେ ଜର ଜର ହଉଥାଏ, ତା' ମନକଥା ମନରେ ଥାଏ, ସେ ହାଣ୍ଡିଟିକି ଉଠେଇ ଘରକୁ ଚାଲିଲା । ନିତି ଯିମିତି ନେଇ ଶିକା ଉପରେ ଥୋଇଦିଏ, ସମିତି ହାଣ୍ଡିଟିକି ଶିକା ଉପରେ ରଖିଦେଲା, ଭିକ ମାଗିବାକୁ ଗଲା ବାହାରି ।

ତା' ମାଆ ତ ଘରେ ନଥାଏ । ଏବେ ତ ପୁଅ ହାଣ୍ଡି ଆଣିଲା ଦିନଠଉଁ ମାଆ ଜମାରୁ ଦୁଃଖ ଧନ୍ଦା କରିବାକୁ ନାହିଁ । ଗାଆଁ ଯାକ ଅଷ୍ଟଦଣ୍ଡ ପାଟ ଭଳିଆ ଦାଣ୍ଡି ମାରୁଥାଏ । ଘରକୁ ଆସି ଶିକାରୁ

ହାଣ୍ଡି କାଢ଼ି ଭୋଜନ ମାରୁଥାଏ । ଆଜି ଆସି ଦେଖିଲା ବେଳକୁ ପୁଅ ଘରେ ନାହିଁ, ଘର ଭିତରକୁ ପଶି ଚାହିଁଲା ବେଳକୁ ଶିକାରେ ହାଣ୍ଡିଟି ନିତି ଭଳିଆ ଥୁଆ ହୋଇଛି । ସେ ତ ମାଇପି ଲୋକ, ଏତେ ଛନ୍ଦମନ୍ଦ ଅବା କାହୁଁ



ଜାଣିବ ! ହାଣ୍ଡିଟିକି ଶିକାରୁ ଥିରିକରି ଓହ୍ଲେଇ ଆଣି ଯିମିତି ତେଲୁଣିଟିକି ସେ ହାଣ୍ଡି ମୁହଁରୁ କାଢ଼ିଛି ଆଉ ବୁଢ଼ୀ ଯାଏ କୁଆଡ଼େ ! ହେଲା ତ ମାଡ଼ ଉପରେ କୁଆପଥର ଛେଚିଲା ଭଳିଆ ମାଡ଼ । ଦୁଲ୍ ଦାଲ୍ ଗୋଟା ଉପରେ ଗୋଟେ ବାଜି ଯାଉଥାଏ । ଇଲୋ ବାପ ଲୋ, ମରିଗଲି ଲୋ, ହେଲାବେଳକୁ ପିଠିରେ ଫେର୍ ଦିଇଟା ବସୁଥାଏ । ଆଲୋ ମାଆ ଲୋ, ମରିଗଲି ହେଲା ବେଳକୁ କଙ୍କାଳ ବାହିରେ ପୁଣି ପୁଞ୍ଜାଏ ବସି ଯାଉଥାଏ । ଏତେ ଶୂନ୍ୟ ଶବଦ ହଉଥାଏ, କେତେ ଖାଇବୁ ଖାଆ, ଖାଆ ଖିରି ବୋଲି ବିଧାଏ, ଖାଆ ପିଠା ବୋଲି ଗୋଇଠେ, ଖାଆ ମହୁର ବୋଲି ବ୍ରହ୍ମ ଚାପୁଡ଼ାଏ । ବୁଢ଼ୀ ବିକଳରେ ଦିହ ହାତ ଆଉଁଶି ପକଉଥାଏ, ଛଟପଟ ହୋଇ ଗଡ଼ି ଯାଉଥାଏ । ପଛକୁ ବୁଢ଼ୀକି ଗୋଟାଏ ବୁଦ୍ଧି ଦିଶିଗଲା । ବୁଢ଼ୀ ଉଠିପଡ଼ି ସେ ପଲମଟାକୁ ହାଣ୍ଡି ଉପରେ ଉଗୁଡ଼େଇ ପକେଇଲା । ହାଣ୍ଡି ଉପରେ ଢାଙ୍କୁଣି ପଡ଼ିଗଲାରୁ ବୁଢ଼ୀ ଉପରେ ମାଡ଼ ଅସରା ବନ୍ଦ ହୋଇଗଲା । ବୁଢ଼ୀ ଟିକିଏ ନିଃଶ୍ୱାସ ମାଇଲା, କହିଲା ଓହୋ ଆଜି ସକାଳୁ ଉଠି କାହା ମୁହଁ ଚାହିଁଥିଲି । ଆଜି ପରା ଦିନେ ମାଡ଼ ଖାଇଲି । ୟା ବିଚାରି ସେ ହାଣ୍ଡିକି ନେଇ ତା' ବାଡ଼ିଆଡ଼ ଖତକୁଢ଼ ଗଦାରେ ଲଅଥକିନି ରଖିଦେଲା, ବାଡ଼ି କବାଟ କିଳି ଦେଇ ଘରେ ଆସି ମୁହଁ ମାଡ଼ିକରି ଶୋଇଲା । ହାଣ୍ଡିଟି ଉପରେ ପଲମ ଘୋଡିଆ ହୋଇଥାଏ । ସେଦିନ ଦଇବ ଯୋଗକୁ ରାତି ଅଧ ହେଲାଣି, ଗାଆଁଯାକ ସମସ୍ତେ ଖାଇ ପିଇ ନିର୍ଜନ ହୋଇ ଶୋଇଲେଣି, ପଞ୍ଚାଏ ଚୋର କେଉଁ ଗାଆଁରୁ ସିନ୍ଦୁକଟାଏ ଚୋରେଇ ଆଣି ବାଣ୍ଟ କରିବେ ବୋଲି ବୁଢ଼ୀ–ବାରିଦୁଆରେ ଆସି ବସିଲେ । ତାଙ୍କ ଭିତରେ ଭାଗ ବାଣ୍ଟ ବିଚାର ଲାଗିଛି ।

ଏହି ସମୟରେ ଜଣେ ଚୋରର ଆଖି ଏ ହାଣ୍ଡିଟି ଉପରେ ପଡ଼ିଲା । ସେ ବିଚାରିଲା, ୟା ଭିତରେ କ'ଣ ଅଛି– ଦେଖନ୍ତେଇ । ୟା ବିଚାରି ସେ ହାଣ୍ଡିକି ଖତଗଦାରୁ ଉଠେଇଆଣି ସବୁ ଚୋରଙ୍କ ମଝିରେ ଥୋଇଦେଲା । ଯିମିତି ସେ ପଲମଟିକି କାଢ଼ି ଦେଇଛି, ଆଉ ଏ ଚୋର ପଞ୍ଚାକ ଯିବେ କୋଉ ଗାଆଁକୁ ! ହେଲା ତ ସମସ୍ତଙ୍କ ଉପରେ ମାଡ଼ । ତୁଚ୍ଛା ମାଡ଼, ଖାଲି ମାଡ଼, ଫେର ଗୋଗୋଛିବାଡ଼ିଆ ମାଡ଼, ମାଡ଼ରେ ଗୋରୁ ଚରିଗଲେ । ଏ ଚୋରଯାକ ଟଙ୍କାଟୋକର ବାଣ୍ଟିବେ କଅଣ ! ମାଡ଼ରେ କଲେଇବଲେଇ ହୋଇ କିଏ କୁଆଡ଼େ ଛାଟିପିଟି ହୋଇ ପଳେଇଗଲେ, 'ବାଉ ଲୋ ! ବାଉ ଲୋ !' ହେଇ ପଳାଉଥା'ନ୍ତି । ତାଙ୍କ ପଛେ ପଛେ ମାଡ଼ଯାକ ଗୋଡ଼େଇ ତୁଚ୍ଛା ଖୋବି ପକାଉଥାଆନ୍ତି । ମାଡ଼ରେ ଧୂଳା ଉଡ଼ିଯାଉଥାଏ । ଯେଉଁ ଚୋର ଗୋଟାକେତେ ପୂରୁବ ଆଡ଼କୁ ପଳେଇଲେ, ତାଙ୍କୁ ଚାପୁଡ଼ାଯାକ ଗୋଡ଼େଇ ଗୋଡ଼େଇ ଗଲେ । ଯେ ପଛିମକୁ ପଳେଇଲେ, ତାଙ୍କ ସାଙ୍ଗରେ ବିଧାଯାକ ଗୋଡ଼େଇ ଗୋଡ଼େଇକା ଗଲେ, ଯେ ଉତ୍ତରକୁ ଗଲେ ତାଙ୍କୁ ଗୋଇଠାଯାକ ଗୋଡ଼େଇଲେ, ଯେ ଦକ୍ଷିଣକୁ ଗଲେ ତାଙ୍କ ସଙ୍ଗରେ ମୁଖୀଯାକ ଗଲେ । ଇମିତି ଇମିତି ବୁଢ଼ୀ ବାରିଆଡୁ ଘଡ଼ିକରେ ମାଡ଼ ଆଉ ଚୋରଯାକ ଗଲେ, ଏଣେ ବୁଢ଼ୀତ ମାଡ଼ ଖାଇକରି ତା' ଅଷ୍ଟାଙ୍ଗ ଶରୀର ପରାସ ହେଇ ବଥଉଥାଏ, ତାକୁ ଆଉ ରାତିଯାକ ନିଦ ମାଡ଼ିବାକୁ ନାହିଁ, ସେ ଘର ଭିତରେ

କତରାରେ ପଡ଼ି ଏକଡ଼ ସେକଡ଼ ହେଉଥାଏ । ବୁଢ଼ୀ ଘର ଭିତରେ ଥାଇ ଗାଳିପଡ଼ି ଏସବୁ ବାରିଆଡ଼ର ରବୟାଯାକ ଶୁଣୁଥାଏ ।

ଯିମିତି ଏ ଚୋରଯାକ ପଳେଇଲେ ବୁଢ଼ୀ ଉଠି କରି ବାଡ଼ି କବାଟକୁ ଧୁଡ୍ଡୁକିନି ଫିଟେଇଲା, ଦେଖିଲା ବେଳକୁ ତା' ବାଡ଼ି ପନ୍ଦାଡ଼ରେ ସିନ୍ଦୁକଟିଏ ଥୁଆ ହୋଇଛି ! ବୁଢ଼ୀ ସେ ସିନ୍ଦୁକ ପାଖକୁ ଯାଇ ଥରକିନା ସେ ସିନ୍ଦୁକ କବାଟକୁ ଟେକୁଥାଏ, କାଳେ ହାଣ୍ଡିରୁ ମାଡ଼ ବାହାରିଲା ଭଳିଆ ସେ ସିନ୍ଦୁକରୁ ନା ପୁଣି କିଛି ବାହାରେ ! ପଛକୁ ଦେଖିଲା ଯେ, ସେ ସିନ୍ଦୁକ ଭିତରୁ ଆଉ କିଛି ସୋରସାର ହେଲା ନାହିଁ । ସେଥିରୁ ସିନ୍ଦୁକକୁ ମେଲା କରି ଦେଖିଲା ବେଳକୁ ତା' ଭିତରେ ହୀରା, ନୀଳା, ମୋତି, ମାଣିକ, ମହୁଡ଼, ଅସରପି, ଗହଣାଗାଣ୍ଠି, ଟଙ୍କାଟୋକର ସିନ୍ଦୁକେ ଭରତି ହୋଇଛି । ୟା ଦେଖି ବୁଢ଼ୀର ମାଡ଼ଦରଜ କୁଆଡ଼େ ଉଭେଇଗଲା । ତା'ପରେ ଦେଖାଗଲା ମାଆ ପୁଅ ପ୍ରତିଦିନ ସକାଳେ କାମକୁ ବାହାରିଲେ ।

**ସୂଚନା:**

ବୋଲୁଅ – ଛୋଟ ଛୋଟ ପଥର, ମାଟିଟେଳା
ନାନମାନ – ଏକପ୍ରକାର ପିଠା
ବାରଜ - ଅଲଗା
ଦୋଓଡା – ଦୁଇ ଥର
ଦୁଃଖ କରିବା - ପେଟପାଇଁ କାମକରିବା (ଲୋକ ପ୍ରଚଳିତ ପ୍ରୟୋଗ)
ବେଏଁ – ଦୁଇ ହାତକୁ ଦୁଇ ପାଖକୁ ଲମ୍ବାଇଲେ ଯେତେ ହେବ
ଅଠିଲ୍ - ଅଳିଚଳି ନପାରିବା
ନିଖଟୁ – କିଛି କାମ ନକରି, ଅଳସୁଆ, ନ ଖଟିବା ମଣିଷ
ଫୋକଟ - ଫୋକଡ଼, ବିନାଶ୍ରମରେ, ବିନାମୂଲ୍ୟରେ
ବଡ଼ି ଝପଟି – ବଡ଼ି ସକାଳୁ
ଚଳେ – ପୋଷେ, ଗୋଟେ ହାତ ପାପୁଲିରେ ରହି ପାରୁଥିବା ପରିମିତ
ଉବାର - ଅଜଣା, ଅଛପା
ବାଆଁରେଇବା – ଭୁଲାଇବା
ତେଲୁଣି – ପଲମ, ଢାଙ୍କୁଣି
କତରା – ଛିଣ୍ଡା ମସିଣା
ରବୟା – ଘଟଣା
ପନ୍ଦାଡ଼ – ପିଣ୍ଡାର ମୁଣ୍ଡ
ଅସରପି – ସୁନା ମୋହର
ହାପୁ – ହାପୁଡ଼ିବା (ଡାଲି)

## ଅଭ୍ୟାସ

୧. ଉତ୍ତର କୁହ ।

(କ) ଚକୁଳିଆ ପଣ୍ଡା କିପରି ପେଟ ପୋଷୁଥିଲା ?
(ଖ) ଚକୁଳିଆ ପଣ୍ଡା କାନ୍ଦି ବୋବେଇ ପଳାଇ ଆସିଲା କାହିଁକି ?

(ଗ) ଗଙ୍ଗାମାତା କେଉଁଠାରେ ଥିଲେ ?

(ଘ) ଗଙ୍ଗାମାତା ଚକୁଳିଆ ପଣ୍ଡା ପ୍ରତି ଦୟାଭାବ ଦେଖାଇଲେ କାହିଁକି ?

(ଙ) ଚକୁଳିଆ ପଣ୍ଡା ହାଣ୍ଡିରେ କ'ଣ ଦେଖିଲା ?

(ଚ) ଚକୁଳିଆ ପଣ୍ଡା ଖାଦ୍ୟହାଣ୍ଡି ଧରି ଘରକୁ ଫେରିଲାବେଳକୁ ତା' ମାଆ କୁଆଡ଼େ ଯାଇଥିଲା ?

(ଛ) ଚୋରମାନେ ସିନ୍ଦୁକଟିକୁ କେଉଁଠାରେ ରଖିଥିଲେ ?

(ଜ) ସିନ୍ଦୁକ ଭିତରେ କ'ଣ ସବୁ ଥିଲା ?

(ଝ) ଚୋରମାନେ ସିନ୍ଦୁକଟି ଛାଡ଼ି ପଳାଇଲେ କାହିଁକି ?

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ଚକୁଳିଆ ପଣ୍ଡା ଯେଉଁ ପୋଖରୀ ପାଖରେ ପହଞ୍ଚିଲା, ସେ ପୋଖରୀଟି କିପରି ଥିଲା ?

(ଖ) ଗଙ୍ଗାମାତା ଚକୁଳିଆ ପଣ୍ଡାର ଦୁଃଖ ସହି ନପାରି କ'ଣ କଲେ ?

(ଗ) ଚକୁଳିଆ ପଣ୍ଡାର ମାଆ କାମ କରିବାକୁ ପୂର୍ବପରି ଗଲାନାହିଁ କାହିଁକି ?

(ଘ) ଗଙ୍ଗାମାତା ଚକୁଳିଆ ପଣ୍ଡା ଉପରେ କାହିଁକି ରାଗିଲେ ?

(ଙ) ମାଡ଼ହାଣ୍ଡି କବଳରୁ ଚକୁଳିଆ ପଣ୍ଡା ଓ ତା' ମାଆ ନିଜକୁ କିପରି ରକ୍ଷା କଲେ ?

(ଚ) ଗରିବ ଚକୁଳିଆ ପଣ୍ଡା ଓ ତା' ମାଆ ଧନୀ ହେଲେ କିପରି ?

**୩. ପୂର୍ବାପର ସଂପର୍କ ସହ ସରଳ ଭାଷାରେ ବୁଝାଇ ଦିଅ ।**

(କ) ସେ ତ କାହା ବିକଳ ସହିପାରନ୍ତି ନାହିଁ ।

(ଖ) ଇମିତି ମାଆପୁଅଙ୍କ ମୁହଁ ମାଗଣା ଭାତରେ ଲାଗି ଯାଇଥାଏ ।

(ଗ) ମୁଁ ୟା ବିକଳ ସହି ନପାରି ୟାକୁ ଖାଇବାକୁ ଦେଲି ବୋଲି ମାଆପୁଅ ଦିହେଁ ଇନ୍ଦ୍ରଚନ୍ଦ୍ର ମାନିବାକୁ ନାହାନ୍ତି ।

**୪. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।**

ଦୁଃଖ, ସିଧା, ସତ, ସକାଳ, ଅଳସୁଆ

**୫. ବୁଦ୍ଧିବାଟ, ବାଆଁରାବାଆଁରି ଭଳି ଆଉ ପାଞ୍ଚଗୋଟି ଯୁଗ୍ମ ଶବ୍ଦ ଲେଖ ।**

**୬. ବାକ୍ୟରେ ବ୍ୟବହାର କର ।**

ଭୋକଶୋଷରେ କରଡ଼ି ଜଳିବା, ଆନନ୍ଦରେ ବୁଦ୍ଧିବାଟ ନ ଦିଶିବା, ମନ କୁଣ୍ଢେମୋଟ ହୋଇଯିବା, ମୁହଁ ଭାଙ୍ଗି ଦେବା, କୋଟି ନିଧି ମିଳିବା ।

୭. ତଳେ ଥିବା ପ୍ରତ୍ୟେକ ପ୍ରଶ୍ନ ପାଇଁ ତିନୋଟି ସମ୍ଭାବ୍ୟ ଉତ୍ତର ବନ୍ଧନୀ ମଧ୍ୟରେ ଲେଖାଯାଇଛି । ଠିକ୍ ଉତ୍ତରଟି ବାଛ ଓ ଲେଖ ।

(କ) ଗଙ୍ଗାମାତା କ'ଣ ହୋଇ ସଂସାରର ସବୁ ମାଢ଼ ହାଣ୍ଡିରେ ପୂରେଇଲେ ? (ହତାଶ, ଅତିପ୍ରସନ୍ନ, ରାଗ ତମ ତମ)

(ଖ) 'କୋଟିନିଧି ପାଇବା'ର ଅର୍ଥ କ'ଣ ? (କୋଟି କୋଟି ଟଙ୍କା ପାଇବା, ଅତି ପ୍ରସନ୍ନ ହେବା, ସୁନାହୀରା ପାଇବା)

(ଗ) 'କତରା' ଶବ୍ଦର ଅର୍ଥ କ'ଣ ? (ମସିଣା, ଛିଣ୍ଡା ମସିଣା, ଦରି)

୮. ଗଳ୍ପଟିରୁ ଲୋକମୁଖରେ ପ୍ରଚଳିତ ଦଶଗୋଟି ସୁନ୍ଦର ଶବ୍ଦ ଖୋଜି ଏକ ତାଲିକା ପ୍ରସ୍ତୁତ କର ।

## ତୁମ ପାଇଁ କାମ



- 'ମାଢ଼ହାଣ୍ଡି' ପରି ଆଉ କେତୋଟି ଲୋକଗଳ୍ପ ସଂଗ୍ରହ କରି ପଢ଼ ।
- 'ମାଢ଼ହାଣ୍ଡି' ଗଳ୍ପରୁ ଯାହା ଶିଖିଲ ସେ ବିଷୟରେ ତୁମର ଜଣେ ଅଳସୁଆ ସାଙ୍ଗ ପାଖକୁ ଏକ ଚିଠି ଲେଖ ।
- ଚକୁଳିଆ ପଣ୍ଡା ଗଙ୍ଗାମାତାଙ୍କର କରୁଣା କିପରି ଲାଭ କଲା ? (ପଚାଶଟି ଶବ୍ଦରେ ଲେଖ)
- ଗଙ୍ଗାମାତା ମା' ପୁଅଙ୍କୁ କାହିଁକି ଓ କିପରି ଦଣ୍ଡ ଦେଲେ ? (ଶହେଟି ଶବ୍ଦରେ ଲେଖ)

# ଏ ମଣିଷକୁ ପଥର କଲା କିଏ

**ଗୋଦାବରୀଶ ମହାପାତ୍ର**

G5ZV45

## ଲେଖକ ପରିଚୟ:

**ଗୋଦାବରୀଶ ମହାପାତ୍ର:** ଗୋଦାବରୀଶ ମହାପାତ୍ର ଏକାଧାରରେ ଜଣେ ଦେଶପ୍ରେମୀ, ସୁସାହିତ୍ୟିକ ଥିଲେ । କବିତା, ଗଳ୍ପ, ଉପନ୍ୟାସ, ରଚନାରେ ସେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ଥିଲେ । ସମାଜର ସାଧାରଣ ବର୍ଗର ଚରିତ୍ର ସଂଗ୍ରହ କରି ନଗଣ୍ୟ ଘଟଣାକୁ ଅସାଧାରଣ ଭାବରେ ଉପସ୍ଥାପନ କରିବା ତାଙ୍କର ବିଶେଷତ୍ୱ । ତାଙ୍କ ଗଳ୍ପଗୁଡ଼ିକରେ ମାନବିକ ସମ୍ବେଦନଶୀଳତା ସହ ସମାଜ ସଚେତନତା ଏବଂ ସଂସ୍କାର ପ୍ରୟାସ ପରିଲକ୍ଷିତ ହୁଏ । ସେ 'ନିଆଁଖୁଣ୍ଟା' ପତ୍ରିକାର ସଂପାଦନା କରି ସାମାଜିକ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କ ସାହିତ୍ୟ ସୃଷ୍ଟିଗୁଡ଼ିକ ମଧ୍ୟରେ 'କଣ୍ଟା ଓ ଫୁଲ', 'ଉଠ କଙ୍କାଳ', ନୀଳ ମାଷ୍ଟରାଣୀ' ଓ 'ମୁଁ ଦିନେ ମନ୍ତ୍ରୀ ଥିଲି' ଗ୍ରନ୍ଥ ଅତ୍ୟନ୍ତ ଲୋକପ୍ରିୟ ।

ଧ୍ୟାନମଗ୍ନ ଋଷି ପରି କେତେ ଯୁଗରୁ ସେ ପାହାଡ଼ଟା ଠିଆ ହୋଇଛି, ତା'ର ଇତିହାସ କେହି ଜାଣନ୍ତି ନାହିଁ । କେବେ ପ୍ରଥମେ ପାହାଡ଼ ଉପରେ ପଥର ଜମାଟ ବାନ୍ଧିଲା, କେବେ ପ୍ରଥମେ ତା'ର ତରୁଲତା ଦେହରେ ଶ୍ୟାମଳ ପତ୍ର ଦେଖାଦେଲା, ଫୁଲ ଫୁଟି ହସିଲା, ସେ କଥା ମଧ୍ୟ କେହି କହି ପାରିବେ ନାହିଁ । ସେ ଭିତରେ ବଣଜନ୍ତୁ ବସା ବାନ୍ଧି ରହିଲେ, ପକ୍ଷୀ ଗୀତ ଗାଇଲେ, ବର୍ଷା ତା'ର କପାଳ ଧୋଇଦେଲା, ସୂର୍ଯ୍ୟ, ଚନ୍ଦ୍ର, ତାରା କେତେବେଳେ କେତେ ବେଶ ତାକୁ ପିନ୍ଧାଇ ଦେଲେ– ସେ କଥା ପାହାଡ଼ କେବଳ ଜାଣେ ।

ଏହି ହେଉଛି ମଧୁପୁରଗଡ଼ ପାହାଡ଼ର ଅତି ଗୋପନୀୟ କଥା । ଏ କଥା କେହି ଜାଣି ନାହାନ୍ତି କି କେହି ଜାଣି ପାରିବେ ନାହିଁ ମଧ୍ୟ ।

ଏହା ପରେ ଯାହା ଘଟିଲା ତାହା ହିଁ କୁହାଯାଉଛି । ପାହାଡ଼ ତଳି ଜଙ୍ଗଲ– ଦିଗ୍‌ଦିଗନ୍ତ ଧରି ତା'ର ସୀମା କେତେଦୂର ଯେ ବ୍ୟାପି ରହିଛି, ତାର ଠିକଣା ନାହିଁ । ସୃଷ୍ଟି ଆଦ୍ୟରୁ କେବେ ସେଠାରେ ମାନବର ପାଦ ପଡ଼ିଥିଲା କେଜାଣି, ମାତ୍ର ହଠାତ୍ ଦିନେ ଟମକ ବଜାଇ କେତେଜଣ ଲୋକ ଆସି ପାହାଡ଼ ତଳଟାକୁ ମାପିଦେଇ ଗଲେ । ବଣଜନ୍ତୁ ଚମକି ଉଠିଲେ– ଗଛପତ୍ର ପବନରେ ଢଳିଢଳି କି ଅବ୍ୟକ୍ତ ଭାଷାରେ କୁହାକୁହି ହେଲେ – 'ଏ ରାଜ୍ୟରେ ପୁଣି ଏ କ'ଣ ?'

କିଛି ଦିନ ଗଲା । ଦେଖୁ ଦେଖୁ ମୂକ ଜଡ଼ ତରୁଗୁଡ଼ାକ କାଠୁରିଆର ପ୍ରଚଣ୍ଡ କୁଠାର ଘାତରେ ବଣଭୂଇଁକୁ ଭୀତତ୍ରସ୍ତ କରିଦେଇ ଗୋଟିକ ପରେ ଗୋଟିଏ ଢଳି ପଡ଼ିଲେ । ଅଳ୍ପ କେତେଦିନ ଭିତରେ ପାହାଡ଼ ତଳର ଭୀଷଣ ଦୁର୍ଭେଦ୍ୟ ଜଙ୍ଗଲ ଏକ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ପରିଣତ ହେଲା । ବନରାଜ୍ୟରେ ହାହାକାର ପଡ଼ିଗଲା ।

ମାନବର ଅତ୍ୟାଚାର !

ମାନବର ଅତ୍ୟାଚାର !!

ଦେଖୁଦେଖୁ ମାନବର ଅତ୍ୟାଚାର ଭୀଷଣୁ ଭୀଷଣତର ହେଲା । ସେ ରାଜ୍ୟରେ କାହାର ଡାଳ ହଣା ହେଲା, କାହାର ମୂଳ ତଡ଼ାଗଲା, କାହାର ବା ମୁଣ୍ଡ କାଟି ତାକୁ ଶ୍ରୀହୀନ ଥୁଣ୍ଟା ଆକାରରେ ଛାଡ଼ି ଦିଆଗଲା । ଖାଲି ସେତିକି ନୁହେଁ, ଜଙ୍ଗଲବାସୀ ଜୀବଗଣଙ୍କୁ ଗୁଳି, ଶର, ଖଣ୍ଡାବଳରେ ଲୋପ କରିବାର ଚେଷ୍ଟା କରାଗଲା ।

ପାହାଡ଼ ସବୁ ଦେଖିଲା, ସବୁ ସହିଲା, ମାତ୍ର ମୂକ ସେ– କରିବ କ'ଣ ? ଏହାପରେ... ପର୍ବତର ବୁକୁ ଭିତରକୁ ଲୁହାର ଶାବଳ ଭର୍ତ୍ତି କରି କେତେ ଲୋକ ତାକୁ ଖଣ୍ଡଖଣ୍ଡ କରିବାର ଉଦ୍ୟମ କଲେ । ଗୋଟାଗୋଟା ପଥର, ଶଗଡ଼ଶଗଡ଼ ରଙ୍ଗମାଟି, କେତେ ଗୋଡ଼ି, କେତେ ମାଟିଧୂଳି ଦିନକୁଦିନ ପାହାଡ଼ତଳି ଅଂଚଳକୁ ବୁହାହୋଇ ଆସିଲା । ସବୁଆଡ଼େ ରାଷ୍ଟ୍ର ହେଲା – ନଅର ତୋଳା ହେବ, ନଅର ତୋଳା ହେବ ।

ଏଥିରେ ବନବାସୀ ଜୀବଜନ୍ତୁ, ତରୁଲତାଙ୍କର ଦୁଃଖର ସୀମା ନାହିଁ, ପୁଣି ଅତ୍ୟାଚାରରେ ତ ମାନବଜାତିର ଆନନ୍ଦର ସୀମା ନାହିଁ । ସୃଷ୍ଟିର ଏହି ଭଙ୍ଗାଗଢ଼ା ଲୀଳା ଭିତରେ ସ୍ୱର୍ଗର ଦେବତା ବା ନରକର ପିଶାଚ ତୃପ୍ତିଲାଭ କରିଥିବେ, କହି ହେଉନାହିଁ ।

ଏହିପରି ଚାଲିଲା....

କେତେ ଦିନ ଚାଲିଲା ଠିକ୍ ନାହିଁ ।

ରାଜାଙ୍କର ନଅର ତୋଳା ହେଲା । ପର୍ବତ ବୁକୁ ଫଟାଇ ପଥର କଟା ହେଲା । ସୁନ୍ଦର ଉଆସ, ତା' ଭିତରେ ଦୀପମାଳା, ଅପୂର୍ବ ସାଜସଜ୍ଜା ତା' ଭିତରେ ପୁଣି ବିଳାସପ୍ରିୟ କୀର୍ତ୍ତିଲିପ୍ସୁ ମାନବଗଣ । ଆଉ କ'ଣ ? ସେ ନଅର ଭିତରେ ରାଜା ରହିଲେ । ରାଣୀ ରହିଲେ । କେତେ ଆନନ୍ଦ ଉତ୍ସବ, କେତେ ବାଇଦ ବାଜଣା, ... ମର୍ତ୍ତ୍ୟର ମରୁଭୂମିରେ ସ୍ୱର୍ଗର ଅମରାବତୀର ଛାୟା ପଡ଼ିଲା ।

ଏହାରି ନାଁ ହେଲା ମଧୁପୁରଗଡ଼, ଆଉ ଏ ପର୍ବତ ଖଣ୍ଡକର ନାଁ ହେଲା 'ଗଡ଼ପର୍ବତ' ।

ଜଙ୍ଗଲ କାଟି, ପାହାଡ଼ ଭାଙ୍ଗି ଗଡ଼ ସିନା ତିଆରି ହେଲା, ତା' ଭିତରେ ମାନବର ଲୀଳାଖେଳା ସିନା ଚାଲିଲା, ମାତ୍ର ଗଡ଼ କାମ ଶେଷ ହେଲା ନାହିଁ । ପୁଣି ଘର, ପୁଣି ପାଚେରୀ, ପୁଣି ଦେବୀମନ୍ଦିର... ପ୍ରସ୍ତାବ ପରେ ପ୍ରସ୍ତାବ, କଳ୍ପନା ପରେ କଳ୍ପନା – ଏସବୁ ରାଜକଳ୍ପନାକୁ କିଏ କଳନା କରିବ ?

ଗଡ଼ରେ ପ୍ରଜା ରହିଲେ, ଉଆସ ଭିତରେ ରାଜା ରହିଲେ, ମାତ୍ର ସେହି ଦରଭଙ୍ଗା ପାହାଡ଼ଟା ଭିତରେ କିଏ ରହିଲା, ସେ କଥା କେହି ହେଲେ ଦିନେ ବିଚାରିଲେ ନାହିଁ ।

ଜଙ୍ଗଲ ଥିଲା – ଗଡ଼ ହେଲା, ପାହାଡ଼ ଥିଲା–ତା'ର ବୁକୁ କଟା ହେଲା, ରାଜା ଆସିଲେ–ରାଜା ଗଲେ, ତଥାପି ଗଡ଼ରେ ଘରତୋଳାର ବିରାମ ହେଲା ନାହିଁ । ବୁଢ଼ା ରାଜା ମଲେ, ଯୁବରାଜ ସିଂହାସନରେ ବସିଲେ, ପୁରୁଣା ଦେବାନ ଯାଇ ନୂଆ ଦେବାନ ହେଲେ, ଏ ବର୍ଷ ଯାଇ ଆରବର୍ଷ, ତା' ଆରବର୍ଷ, ଏହିପରି କେତେବର୍ଷ କଟିଗଲା, ମାତ୍ର ଗଡ଼ପର୍ବତର ବୁକୁ ଯେପରି ଭାବରେ ଫଟାଯାଉଥିଲା ସେହିପରି ଫଟାଗଲା । ସେହିପରି ସକାଳୁ ସନ୍ଧ୍ୟା ଯାଏ ହାତୁଡିରେ ଠକ୍‌ଠକ୍ ଶବ୍ଦ, ପଥରଗଡ଼ାର ଘଡ଼ଘଡ଼ ଶବ୍ଦ ବରାବର ଶୁଣାଗଲା, ମାତ୍ର ରାଜା ଦିନେ ହେଲେ ପଚାରିଲେ ନାହିଁ–କିଏ ସେ ପଥର କାଟୁଛି, କିଏ ବା ସେ ପଥର ଗଡ଼ାଇ ଗଡ଼ବାସୀଙ୍କୁ ଚମକାଇ ଦେଉଛି ।

ଭୀମ ଦାସ ଜନ୍ମରେ ମନୁଷ୍ୟ, ଜାତିରେ ଚଷା, ବ୍ୟବସାୟରେ ପଥର କଟା । ବୟସ ତା'ର ଅଶୀକି ପାଖାପାଖି । ଘର ତା'ର ଜଙ୍ଗଲ, ଖାଦ୍ୟ ତା'ର ଜଙ୍ଗଲର ଫଳମୂଳ ।

ଭୀମ ଦାସର ଇତିହାସ ସଙ୍ଗେ ମଧୁପୁରଗଡ଼ର ଇତିହାସର ଏତେ ସଂପର୍କ ଯେ, ଗଛରୁ ତାଳପତ୍ର ବକଳା କାଢ଼ି ତାକୁ ଗଛ ବୋଲି କୁହାଯାଇ ପାରେ, ମାତ୍ର ଭୀମ ଦାସକୁ ବାଦ୍ ଦେଲେ ମଧୁପୁରଗଡ଼ର ଇତିହାସ କହି ହେବ ନାହିଁ ।

ଯେଉଁଦିନ ଜଙ୍ଗଲ ଭିତରେ ବନ୍ୟଜନ୍ତୁଙ୍କୁ ଭୀତତ୍ରସ୍ତ କରି ସର୍ବପ୍ରଥମେ ରାଜ ଟମକ ବାଜିଲା, ସେଦିନ ଭୀମ ଦାସ ଟମକ କାଠି କାଟି ଟମକ ଦିଆ ହାଡ଼ି ହାତକୁ ବଢ଼ାଇଥିଲା । ତା'ପରେ ଗଛ କଟା ହେଲା । ଭୀମ ଦାସର ପ୍ରଥମ ଚୋଟ ଗଛ ଦେହରେ ବାଜିଥିଲା, ପ୍ରଥମ ପଥରଖଣ୍ଡ ସେ ତାଡ଼ିଥିଲା । ମଧୁପୁରଗଡ଼ ପର୍ବତର ଅନ୍ଧାରିଆ ଗହ୍ୱର ଭିତରେ ପ୍ରଥମ ମାନବସ୍ୱର ସେହି ଭୀମ ଦାସ କେବଳ ଶୁଣାଇଥିଲା । ସେ ସେହିଠାରେ ପ୍ରଥମେ ହସିଥିଲା, ସେହିଠାରେ ପ୍ରଥମେ ଗୀତ ବୋଲିଥିଲା । ତାକୁ ସେଠାରେ ମାନବ କୁହାଯାଇ ପାରେ, ପଥର କୁହାଯାଇପାରେ, ତରୁଲତା କୁହାଯାଇପାରେ–ଏପରିକି ପର୍ବତ ଭିତରେ ସେ ଏକ ପର୍ବତ ବୋଲି ମଧ କୁହାଯାଇପାରେ ।

ରାଜପୁରୀ, ଦେବମନ୍ଦିର, ନଅର, ଉଆସ, ବିହାର, ଉଦ୍ୟାନ କୌଣସିଠାରେ ଏପରି ଖଣ୍ଡିଏ ହେଲେ ପଥର ନାହିଁ, ଯେଉଁଥିରେ କି ଭୀମ ଦାସର ହାତ ବାଜି ନାହିଁ । ପ୍ରତି ପଥର ଖଣ୍ଡ ସେ ନିଜର ହତିଆର ସାହାଯ୍ୟରେ ତାଡ଼ିଛି । ଦିନ ଦିନ, ମାସ ମାସ, ବର୍ଷ ବର୍ଷ ଧରି ଦୀର୍ଘ ଷାଠିଏ ବର୍ଷ କାଳ ଖରା ସହି, ଶୀତ ଭୋଗି, ବର୍ଷା ଖାଇ ସେ ପର୍ବତକୁ ରମଣୀୟ ଉଆସରେ ପରିଣତ କରିଛି, ଅକର୍ମଶିଳାକୁ ଅଭିନବ ବେଶରେ ସଜାଇ ପାରିଛି । ଆଉ ସେ ନ କରିଛି କ'ଣ ?

ଏହି ଦୀର୍ଘ ଷାଠିଏ ବର୍ଷ ଭିତରେ କେତେ ଲୋକ ମଧୁପୁରଗଡ଼ରେ ଜନ୍ମ ହେଲେ, କେତେ ପୁଣି ଜନ୍ମଜରାବ୍ୟାଧିର ସୀମା ପାର ହୋଇଗଲେ, କେତେ ବା ବିଳାସବିହାରରେ ଲୋକଲୋଚନକୁ ଚମକାଇ ଦେଇ କୁଆଡ଼େ ଉଭେଇଗଲେ, କେତେ ପୁଣି ଦ୍ୱାରେ ଦ୍ୱାରେ ଭିକ ମାଗି ଅନ୍ଧାର ରାତିରେ ବାଟ ନ ପାଇ ହାହାକାରରେ, ଅନାହାରରେ, ଅବିଚାରରେ ଏ ବିଶ୍ୱ-ଜଗତର ସକଳ ସମ୍ବନ୍ଧ ତୁଟାଇଦେଇ ଗଲେ... କିନ୍ତୁ ଭୀମ ଦାସ ଏକାପରି ବସିଛି । ସେ ସକାଳୁ ଉଠି ଖରାକୁ ପିଠି ଦେଖାଇ ଦେଇ ପଥର ତାଢୁଛି... ତାଢୁ ତାଢୁ ବେଳ ବୁଡ଼ିଯାଉଛି । ପନ୍ଦରବର୍ଷ ବୟସରୁ ତାର ଘନକୃଷ୍ଣ କେଶଗୁଚ୍ଛ, ଚିକ୍କଣ ଶରୀରକାନ୍ତି, ଆରକ୍ତ ଅଧର ତଳ, ବିମଳ ଲୋଚନ ଜ୍ୟୋତି, କୋମଳ ବଚନ, ନିରଳସ ଚାଲି, ନିରାଭରଣ ବେଶ – ସବୁ କୁଆଡ଼େ ଓଲଟ ପାଲଟ ହୋଇଯାଇଛି । ଭୂମିକମ୍ପରେ ପର୍ବତ ସମୁଦ୍ର ହୋଇ ସମୁଦ୍ର ପର୍ବତ ପାଲଟିଗଲା ପରି ଭୀମ ଦାସର ଜୀବନଟା ଏକ ଅଦ୍ଭୁତ ଭାବରେ ବଦଳି ଯାଇଛି । ସେ ଚାହୁଁଛି, କିନ୍ତୁ କିଛି ଦେଖୁନାହିଁ– ସେ କାମ କରୁଛି, କିନ୍ତୁ କିଛି ହେଲେ ଜାଣିପାରୁନାହିଁ– ସେ ରାତିରେ ନିଦରେ ଶୋଉଛି, ମାତ୍ର ଯୌବନର ସ୍ୱପ୍ନ ଦେଖୁନାହିଁ– ସେ ଦିନରେ ବାଟ ଚାଲୁଚି, ମାତ୍ର କାହାକୁ ପଥ ପଚାରୁ ନାହିଁ ।

ଏ ଗଲା ଭୀମ ଦାସର କଥା । ତେଣେ ରାଜ-ଉଆସରେ ଘୋର ପରିବର୍ତ୍ତନ । ରାଜା ଆସି ରାଜା ଗଲେ– ବୁଢ଼ା ରାଜା ପରେ ଯୁବରାଜ ଗାଦିରେ ବସିଲେ । ସେଠାରେ ମଧ୍ୟ ପରିବର୍ତ୍ତନର ସୀମା ସ୍ଥିର ରହିଲା ନାହିଁ । ଏତେ ଘନଘନ ପରିବର୍ତ୍ତନ ଭିତରେ ଦିନେ ହେଲେ କିଏ ସେହି ପଥର କୋରଡ଼ବାସୀ ଭୀମ ଦାସ କଥା ମନେ ପକାଇ ନଥିଲେ । ଦିନେ ପଥରକଟାର ଠକ୍‌ଠକ୍ ଶବ୍ଦରେ ଉଆସ ଭିତରେ ଚମକ ପଶିଲା, ରାଜାଙ୍କ ପହୁଡ଼ରେ ବ୍ୟାଘାତ ଲାଗିଲା, ସଙ୍ଗେ ସଙ୍ଗେ ଆଦେଶ ହେଲା– 'ଏ ଠକ୍‌ଠକ୍ ଶବ୍ଦ ବନ୍ଦ କରାଅ–ବନ୍ଦ କରାଅ ।'

ନାଲିପଗଡ଼ିବନ୍ଧା ହୁଦାପିନ୍ଧା ପାଇକ ଯାଇ ବନବାସୀ ଭୀମ ଦାସ ପିଠିରେ ଚାବୁକ ଦେଇ କହିଦେଇ ଆସିଲେ–'ପହୁଡ଼ ବେଳ, ପହୁଡ଼ ବେଳ–କାମ ବନ୍ଦ କର–ବନ୍ଦ କର ।''

ଦିନେ ନୁହେଁ, ଦୁଇ ଦିନ ନୁହେଁ, ମାସେ ଦି'ମାସ ମଧ୍ୟ ନୁହେଁ, କେତେବର୍ଷ ଏହିପରି ଚାଲିଲା । ଏହିପରି ନଅର ଭିତରେ ପହୁଡ଼ ହୁଏ, ଏହିପରି ପର୍ବତ ଭିତରେ ଶବ୍ଦ ହୁଏ, ପୁଣି ଏହିପରି ମନା ମଧ୍ୟ ହୁଏ– ତଥାପି ପଥରକଟା ବନ୍ଦ ହୁଏ ନାହିଁ ।

ଠିକ୍ ପଚାଶବର୍ଷ ପରେ ଦିନକର ଘଟଣା । ରାଜା ବାହାରିଲେ ପାରିଧିକି । ବାପା ଯେଉଁ ଜଙ୍ଗଲରେ ପ୍ରଥମେ ପଶିବାକୁ ସାହସ ନ କରି ଟମକ ଦିଆଇ ଗଛପତ୍ର କଟାଇଥିଲେ, ନାତି ସେହି ଭିତରେ ନିର୍ଭୟରେ ଏକାକୀ ବିଚରଣ କଲେ । ପର୍ବତ ଦେଖିଥିଲା ଦିନେ ସେ ଦୃଶ୍ୟ– ଦେଖିଲା ପୁଣି

ଦିନେ ଏ ଦୃଶ୍ୟ ! ସେ ହସିଲା କି କାନ୍ଦିଲା, ଜାଣି ହେଲା ନାହିଁ । କେବଳ ପବନର ସାଇଁସାଇଁ ଶବ୍ଦରେ ତା' ବୁକୁ ଭିତରେ କି ଗୋପନ କଥା ସେ ସଂଚାରରେ ଶୁଣାଇଦେଲା । ସେତେବେଳକୁ ଭୀମ ଦାସ କିଛି ବାକି ରଖିନାହିଁ, ଏକା ହାତକେ ପର୍ବତର ଦେହଟାଯାକ ଗାତ କରି ପକାଇଛି ।

ଗାତ ପରେ ଗାତ, ଗୁହା ପରେ ଗୁହା, କୁଞ୍ଜ ପରେ କୁଞ୍ଜ ପାର ହୋଇ ରାଜା କ'ଣ ଖୋଜିବାରେ ଲାଗିଲେ । କ୍ଷୁଦ୍ର ପକ୍ଷୀଟିଏ ସୁଦ୍ଧା ଆଖିରେ ପଡ଼ିଲା ନାହିଁ । କେବଳ ଦୂରରେ ଶୁଭିଲା – ଠକ୍-ଠକ୍-ଠକ୍ ।

ରାଜା ସେହି ଶବ୍ଦ ଲକ୍ଷ୍ୟରେ ଯାଇ ଠାଏ ଦେଖିଲେ–ଗୋଟିଏ ପଥର ଗଦା ପାଖେ ଅଶୀବର୍ଷର ଅସ୍ଥି ଚର୍ମର ଏକ ଗଦା ସତେ ଅବା ଥୁଆ ହୋଇଛି, ଭୀମ ଦାସ ଭୀମକର୍ମା ବୃକୋଦର ପରି ପଥର ବୁକୁ ଫଟାଇବାରେ ଲାଗିଛି ।

ରାଜା ତା'ର ପଛରେ ଠିଆହେଲେ, ସେ ବୁଲି ଚାହିଁଲା ନାହିଁ । କଡ଼ ବୁଲି ପାଦ ଶବ୍ଦ କଲେ, ଟିକିଏ ହେଲେ ସେ ହଲଚଲ ହେଲା ନାହିଁ । ଆଗରେ ଆସି ଠିଆ ହେଲେ, ମୁଣ୍ଡ ସୁଦ୍ଧା ସେ ଟେକିଲା ନାହିଁ । ଶେଷରେ ରାଜା ପଚାରିଲେ–



''ଶୁଣୁଛ ?''

ଭୀମ ଦାସ ମୁହଁ ଟେକିଲା ।

''କଣ କରୁଛ ?''

''ପଥର କାଟୁଛି ।''

''ଏ ବୟସରେ ?''

''ବୟସ କ'ଣ ?''

''କେତେ ବର୍ଷ ହେଲା ?''

''ମୁଁ ଜାଣେ ନାହିଁ ।''

ପାଖ ଲୋକେ ପହଞ୍ଚି – ଗଲେ । ରାଜା ଆଦେଶ ଦେଲେ– 'ଏ ଲୋକକୁ ଉଆସକୁ ନେଇ ଚାଲ ।''

ଉଆସ ଭିତରେ ଭୀମ ଦାସ ପାଇଁ ସ୍ୱତନ୍ତ୍ର ଘର ଠିକ୍ ହେଲା । ନୂଆ ଲୁଗା ଅଣାଗଲା, ନୂଆ

ଖଟ ତା' ପାଇଁ ତିଆରି ହେଲା । ତା' ପାଇଁ ଚାକରବାକର ରହିଲେ । ତାକୁ ରାଜସମ୍ମାନ ଦିଆଗଲା ଏବଂ କହି ଦିଆଗଲା– ''ମଧୁପୁରଗଡ଼ ତୁମରି ହାତରେ ତିଆରି, ତୁମେ ଏବେ ବିଶ୍ରାମ ନିଅ ।''

ଭୀମଦାସ କିଛି ବୁଝି ପାରିଲା ନାହିଁ, ଖାଲି ପଦେ ମାତ୍ର କହିଲା– ''ପଥର କାହିଁ ?''

ସେହି ପଳିତକେଶ ଗଳିତଦନ୍ତ ବୃଦ୍ଧର ମୁହଁକୁ ଚାହିଁ ରାଜା କହିଲେ–''ପଥର! ପଥର କଅଣ କରିବ ? ଏଇ ଯେ ତୁମର ପଥର ଘର ! ଆଉ ପଥର ଲୋଡ଼ା ନାହିଁ ।''

ଭୀମ ଦାସ କ'ଣ ବୁଝିଲା କେଜାଣି, ଭୋ କିନି କାନ୍ଦି ଉଠିଲା । ତା'ପରେ ସେହି ଘରର ପଥର ଚଟାଣଟାକୁ କୁଣ୍ଢାଇ ଧରିଲା ପରି ପଡ଼ିଯାଇ କହିଲା– 'ପଥର ! ପଥର !! ମୋ ପଥର !!!''

ସକାଳୁ ଦେଖାଗଲା ଭୀମ ଦାସ ସେ ଘରେ ନାହିଁ । ରାଜା ଅବାକ୍ ହୋଇ ପୁଣି ସେହି ପର୍ବତଗୁହା ଆଡ଼କୁ ଚାଲିଲେ । ଏ ଗହ୍ୱର, ସେ କୁଞ୍ଜ, ଏ ତରୁତଳ, ସେ କନ୍ଦରା, କେତେ କୁଆଡ଼େ ଖୋଜି ଖୋଜି ଯାଇ ଦେଖିଲେ ଭୀମ ଦାସ ଠାଏ ବସି ତା'ର ପଥରକଟା ହତିଆର ସବୁ ସଜାଡ଼ିବାରେ ଲାଗିଛି । ରାଜାଙ୍କୁ ଆଗରେ ଦେଖି ସେ ଚମକିଲା ନାହିଁ କି ସମ୍ମାନ ଦେଖାଇବା ପାଇଁ ଉଠି ଠିଆହେଲା ନାହିଁ ।

କେତେ ସମୟ ନୀରବରେ ଠିଆ ହେବା ପରେ ରାଜା ମନକୁ ମନ ଅତର୍କିତ ପ୍ରଶ୍ନ କଲେ–

''ଏ ମଣିଷକୁ ପଥର କଲା କିଏ ?''

ପର୍ବତର ପାଦତଳୁ ଶିଖର ଦେଶ ପର୍ଯ୍ୟନ୍ତ ସେହି ଏକା ତାଳ ପ୍ରତିଧ୍ୱନିତ ହୋଇଗଲା– ''କିଏ ?–କିଏ ?–କିଏ ?''

ପ୍ରତି ପଥର ଖଣ୍ଡ, ପ୍ରତି ତରୁଲତା, ପତ୍ରପୁଷ୍ପ, ପ୍ରତି ଧୂଳିକଣା ସତେ ଅବା ରାଜାଙ୍କୁ ଉପହାସରେ ଉତ୍ତର ଦେଲେ– ''କିଏ – କିଏ –କିଏ ?''

ରାଜା ବିହ୍ୱଳରେ ସେହି ପ୍ରତିଧ୍ୱନିକୁ ପ୍ରତିଧ୍ୱନି ବୋଲି ମନେ ନକରି ସେହି 'କିଏ'ର ଉତ୍ତର ଦେଲେ – 'କିଏ ? ମୁଁ ରାଜା ।''

ଏତେ ସମୟ ପରେ ଭୀମ ଦାସ ରାଜାଙ୍କୁ କୁଣ୍ଢାଇ ପକାଇ ତାର ସେହି ଶୁଖିଲା ଆଖି, ହାଡୁଆ ମୁହଁକୁ ଦେଖାଇ କହିଲା– 'ରାଜା ! ମୋ' ରାଜା ! ଯେ ମୋତେ ପଥର କାଟିବାକୁ ଆଦେଶ ଦେଇଥିଲେ, ସେହି ମୋର ରାଜା !''

ଜୀବନଟାକୁ ପଥର କରିବା ଭିତରେ ସେ ରାଜାଙ୍କୁ କେବେହେଲେ ଦେଖି ନଥିଲା ପରି ନିବିଡ଼ ଭାବରେ ଜାକି ଧରି ପୁଣି ଥରେ ଚିତ୍କାର କଲା ''ରାଜା, ରାଜା, ରାଜା !''

ପର୍ବତରେ ପ୍ରତିଧ୍ୱନିର ଶେଷ ଶବ୍ଦ ଶୁଭିଲା– 'ହାଃ–ହାଃ–ହା–ଆ–''

ସେ ବୋଧହୁଏ ରାଜାଙ୍କ ପ୍ରଶ୍ନର ଉତ୍ତର । ପର୍ବତ ଉପହାସ କଲା ।

**ସୂଚନା:**

ଦୁର୍ଭେଦ୍ୟ – ଯାହା ଭେଦ କରିବା କଷ୍ଟକର ।

ପ୍ରାନ୍ତର – ପଡ଼ିଆ

ଶ୍ରୀହୀନ– ଶୋଭାହୀନ, ରୂପ ଲାବଣ୍ୟ ହଜି ଯାଇଥିବା

ରାଷ୍ଟ୍ର ହେଲା – ସମ୍ବାଦ ଚାରିଆଡ଼େ ପ୍ରସାରିତ ହେଲା, ପ୍ରଚାରିତ ହେଲା

ପିଶାଚ – ଅସୁର, ଭୟଙ୍କର ରୂପଧାରୀ ରାକ୍ଷସ

ଯୁବରାଜ – ରାଜାଙ୍କର ପୁଅ

ପାରିଧି – ଶିକାର

ବୃକୋଦର – ଭୀମ

ଅମରାବତୀ – ସ୍ୱର୍ଗ

## ଅଭ୍ୟାସ

**୧. ଉତ୍ତର କୁହ ।**

(କ) ପାହାଡ଼ ତଳ ବଣଭୂଇଁ କି ସଫା କରାଗଲା କାହିଁକି ?

(ଖ) ସେ ପାହାଡ଼ର ନାଆଁ କ'ଣ ଥିଲା ?

(ଗ) ରାଜା ପାହାଡ଼ କୋଳରୁ କେଉଁ ଶବ୍ଦ ଶୁଣିବାକୁ ପାଇଲେ ?

(ଘ) ସେହି ଶବ୍ଦ କିଏ ଓ କିପରି ସୃଷ୍ଟି କରୁଥିଲା ?

(ଙ) ସେହି ଶବ୍ଦ ବନ୍ଦ କରିବା ପାଇଁ ରାଜା କାହିଁକି ଆଦେଶ ଦେଲେ ?

(ଚ) ଭୀମ ଦାସକୁ ନିଜ ଉଆସକୁ ନେଇ ରାଜା ତା' ପାଇଁ କ'ଣ କଲେ ?

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ପାହାଡ଼ ସବୁ ଦେଖିଲା, ସବୁ ସହିଲା, ମାତ୍ର କିଛି କରିପାରିଲା ନାହିଁ କାହିଁକି ?

(ଖ) ଗଡ଼ ନିର୍ମାଣ କାର୍ଯ୍ୟ କିପରି ସମାପ୍ତ ହେଲା ?

(ଗ) ସେ ରାତିରେ ନିଦରେ ଶୋଉଛି, ମାତ୍ର ଯୌବନର ସ୍ୱପ୍ନ ଦେଖୁନାହିଁ – ଏକଥା କେଉଁ ପ୍ରସଙ୍ଗରେ କୁହାଯାଇଛି ?

(ଘ) ଭୀମ ଦାସକୁ ରାଜା ନିଜ ଉଆସକୁ ଆଣିବା ମୂଳରେ କି ଉଦ୍ଦେଶ୍ୟ ଥିଲା ?

(ଙ) ଭୀମ ଦାସ ରାଜଉଆସରେ ରହିଲା ନାହିଁ କାହିଁକି ?

୩. ପ୍ରସଙ୍ଗ ସହ ସରଳାର୍ଥ ଲେଖ ।

(କ) ମର୍ତ୍ତ୍ୟର ମରୁଭୂମିରେ ସ୍ୱର୍ଗର ଅମରାବତୀର ଛାୟା ପଡ଼ିଲା ।

(ଖ) ସେ ଦିନରେ ବାଟ ଚାଲୁଛି ମାତ୍ର କାହାକୁ ପଥ ପଚାରୁ ନାହିଁ ।

(ଗ) ରାଜା ମନକୁ ମନ ଅତର୍କିତ ପ୍ରଶ୍ନ କଲେ, ''ଏ ମଣିଷକୁ ପଥର କଲା କିଏ ?''

୪. 'କ' ସ୍ତମ୍ଭର ଶବ୍ଦ ଶହ 'ଖ' ସ୍ତମ୍ଭରେ ଥିବା ଶବ୍ଦର ସଂପର୍କ ଯୋଡ଼ି ବାକ୍ୟଗଠନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଅବ୍ୟକ୍ତ | ଜନତା |
| ଗୋପନୀୟ | ଛାତ୍ର |
| ଭୀତତ୍ରସ୍ତ | ଦେବତା |
| ଜ୍ଞାନଲିପ୍‌ସୁ | ଦୃଶ୍ୟ |
| ରମଣୀୟ | ଜୀବନ |
| ନିରଳସ | ବିଷୟ |

୫. ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ପାହାଡ଼, ଫୁଲ, ପକ୍ଷୀ, ଦିନ, ଗଛ, ମଣିଷ

୬. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟଗଠନ କର ।

ପ୍ରଚଣ୍ଡ, ଭୀତତ୍ରସ୍ତ, ଦୁର୍ଭେଦ୍ୟ, ବିସ୍ତୀର୍ଣ୍ଣ, ଅତ୍ୟାଚାର, ସୀମା, ପହୁଡ଼, ନିରଳସ

୭. ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

(କ) ମଧୁପୁରଗଡ଼ ପାହାଡ଼ ସହିତ ଭୀମଦାସର କି ସଂପର୍କ ଥିଲା ?

(ଖ) ଗଡ଼ ତିଆରି ପରେ ଭୀମ ଦାସ କ'ଣ କଲା ?

(ଗ) ପାହାଡ଼ ତଳେ କିପରି ଗଡ଼ ନିର୍ମାଣ କରାଗଲା ?

(ଘ) 'ଏ ମଣିଷକୁ ପଥର କଲା କିଏ' – ଏଭଳି ନାମକରଣର ବିଶେଷତ୍ୱ କ'ଣ ?

## ତୁମ ପାଇଁ କାମ



❖ ଭୀମଦାସ ପରି ଚରିତ୍ର ଥିବା ଅନ୍ୟ କୌଣସି ଗଳ୍ପ ଖୋଜି ପଢ଼ ।

❖ ପରିବେଶ ନଷ୍ଟ କରି ବଡ଼ ପ୍ରାସାଦ ତିଆରି କରିବା ଘଟଣାକୁ ନେଇ ଗଳ୍ପଟିଏ ଲେଖ ।

# ବିପନ୍ନର ଉଦ୍ଧାର

**ରାମକୃଷ୍ଣ ନନ୍ଦ**

GDZLXA

**ଲେଖକ ପରିଚୟ:**

**ରାମକୃଷ୍ଣ ନନ୍ଦ:** ଜଣେ ନୀତିବାଦୀ ସାହିତ୍ୟସ୍ରଷ୍ଟା ଥିଲେ । ଜଣେ ନିଷ୍ଠାପର ଶିକ୍ଷକର ଧର୍ମ ତାଙ୍କର ପ୍ରତ୍ୟେକ ସାହିତ୍ୟସୃଷ୍ଟିରେ ପରିଲକ୍ଷିତ ହୁଏ । ତାଙ୍କର ରଚନାବଳୀ ମଧ୍ୟରେ 'ଜୀବନ ରହସ୍ୟ', 'ଲେଖନୀର ପାଠଶାଳା', 'ଭାବି ଦେଖନ୍ତୁ' ଓ 'ଜୀବନ ତରଙ୍ଗ' ପ୍ରଭୃତି ପ୍ରଧାନ । ସେ 'ସଂସାର' ପତ୍ରିକାର ସଂପାଦକ ଥିଲେ । ସେ ଆମମାନଙ୍କର ଅତିପ୍ରିୟ ପ୍ରାର୍ଥନା 'ଆହେ ଦୟାମୟ ବିଶ୍ୱବିହାରୀ'ର ରଚୟିତା । ବିପଦ ଓ ପ୍ରତିକୂଳ ପରିସ୍ଥିତିକୁ ଭୟ ନକରି ଦୁର୍ଗତ ମଣିଷର ସେବା କରିବା ପ୍ରକୃତ ମାନବିକତା ।ଲେଖକ ଏହି 'ବିପନ୍ନର ଉଦ୍ଧାର' ବିଷୟରେ ଏହା ଉପସ୍ଥାପନ କରିଛନ୍ତି ।

୧୯୩୭ ମସିହା ଫେବୃୟାରୀ ୧୯ ତାରିଖ ଦିନ ଅଷ୍ଟ୍ରେଲିଆର ପୂର୍ବ ଉପକୂଳବର୍ତ୍ତୀ ଅଂଚଳରେ ଗୋଟିଏ ବିମାନ ଦୁର୍ଘଟଣା ଘଟିଥିଲା । ସେହି ଘଟଣାରେ ଦୁଇଟି ମହନୀୟ ଚରିତ୍ରର ଅପୂର୍ବ ସାହସ ଓ ଅନୁପମ ମହତ୍ତ୍ୱ ପ୍ରକାଶ ପାଇଅଛି । କାଳକ୍ରମେ ଜଗତ ସେ ବ୍ୟୋମବିପତ୍ତିକୁ ଭୁଲିଯିବ, ମାତ୍ର ମାନବିକତାର ସେ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଦୁଇଟିକୁ ଭୁଲିପାରିବ ନାହିଁ ।

ବ୍ରିସବେନ୍‌ରୁ ସାତଜଣ ଯାତ୍ରୀ ନେଇ ଉଡ଼ାଜାହାଜଟି ସେଦିନ ସିଡନି ଅଭିମୁଖରେ ବାହାରିଥିଲା, କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଲକ୍ଷ୍ୟ ସ୍ଥଳରେ ନ ପହଞ୍ଚିବାରୁ କୌଣସି ଦୁର୍ଘଟଣା ଘଟିଥିବା ଆଶଙ୍କା କରି ଅଠେଇଶଟି ବିମାନ ଅନ୍ୱେଷଣ କାର୍ଯ୍ୟରେ ବାହାରିଲେ । ସମୁଦ୍ର କୂଳେକୂଳେ ପ୍ରାୟ ପଚାଶ ମାଇଲ ବ୍ୟାପୀ ଅଂଚଳ ଅନୁସନ୍ଧାନ କରି ମଧ୍ୟ ସେ ନିଖୋଜ ବିମାନର କୌଣସି ସମ୍ବାଦ ପାଇଲେ ନାହିଁ । ଯାତ୍ରୀମାନଙ୍କର ଆତ୍ମୀୟ ସ୍ୱଜନ ଓ ବନ୍ଧୁବର୍ଗଙ୍କର ଗଭୀର ଉତ୍କଣ୍ଠା ଘୋର ବିଷାଦ ଓ ନୈରାଶ୍ୟରେ ପରିଣତ ହେଲା ।

ନିଉ ସାଉଥ୍ ଉଏଲସ୍‌ର ଉତ୍ତର ସୀମାରେ ଜନବସତିହୀନ ଏକ ରୁକ୍ଷ ମାଳଭୂମି ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ ରହିଅଛି । ନିବିଡ଼ ଅରଣ୍ୟ ଓ ଦୁର୍ଗମ ଗିରିମାଳା ଭେଦକରି ସେଠାକୁ ଯିବା ସାଧାରଣ

ମନୁଷ୍ୟର ସାଧ୍ୟାତୀତ । ସେହିଠାରେ ବାର୍ଣ୍ଣାଡ଼ ଓରିଲି ନାମକ ଜଣେ ପଶୁପାଳକ ବାସ କରୁଥିଲେ । ସେ ରେଡ଼ିଓରୁ ଓ ସମ୍ବାଦପତ୍ରରୁ ଉଲ୍ଲିଖିତ ବିମାନ ଦୁର୍ଘଟଣା ବିଷୟ ଅବଗତ ହୋଇଥିଲେ । ତାଙ୍କର ଘର ନିକଟରେ ବିମାନପଥ ଯାଇଥିବାରୁ ସେ ଏ ସଂପର୍କରେ ଅଧିକ ଆଗ୍ରହୀ ହୋଇ ବିଭିନ୍ନ ସୂତ୍ରରୁ ମଧ୍ୟ ସମ୍ବାଦ ସଂଗ୍ରହ କରୁଥିଲେ । ତାଙ୍କୁ ସେ ପାର୍ବତ୍ୟ ଅଂଚଳର ଅନେକ ବିଷୟ ଜଣାଥିଲା । ପର୍ବତ ଶ୍ରେଣୀର ଉଚ୍ଚତା, ମେଘ ଓ ବାୟୁ ସ୍ରୋତର ଅନିଶ୍ଚିତ ଗତି ଇତ୍ୟାଦି ବିଷୟ ବିଚାର କରି ସେ ଅନୁମାନ କଲେ ଯେ ପ୍ରବଳ ତୋଫାନର ଆବର୍ତ୍ତରେ ପଡ଼ି ବିମାନଟି ହୁଏତ ସେଇ ଦୁର୍ଭେଦ୍ୟ ଅରଣ୍ୟ ମଧ୍ୟରେ କେଉଁଠି ଖସି ପଡ଼ିଥିବ ଏବଂ ପାହାଡ଼ ଦେହରେ ପିଟି ହୋଇ ଧ୍ୱଂସ ପାଇଯାଇଥିବ । ଏହି ସିଦ୍ଧାନ୍ତରେ ଉପନୀତ ହୋଇ ସଙ୍ଗେ ସଙ୍ଗେ ସେ ଏକାକୀ ସେହି ନିଖୋଜ ବିମାନର ଅନୁସନ୍ଧାନରେ ବାହାରି ପଡ଼ିଲେ ।



ପର୍ବତର ପାଦ ଦେଶରୁ କିଛି ଦୂର ଯିବା ଉତ୍ତାରେ ସେ ଦେଖିଲେ, ଆଉ ବାଟଘାଟର ଚିହ୍ନ ନାହିଁ । ବହୁ କଷ୍ଟରେ ନିବିଡ଼ ବେତବଣ ଓ ଦୁର୍ଲଂଘ୍ୟ ଘାଟି ଭିତର ଦେଇ ସେ ପାଞ୍ଚ ମାଇଲ ପଥ ଅତିକ୍ରମ କଲେ । ତାପରେ ରାତ୍ରି ଉପସ୍ଥିତ ହେଲା । ଦେହରେ ଶୀତବସ୍ତ୍ର ନାହିଁକି ସାଙ୍ଗରେ ସାଥୀ ନାହାନ୍ତି, ଚାରିଆଡ଼େ ଯେପରି ଶ୍ମଶାନର ଶୂନ୍ୟତା । ଏହିପରି ଅସହାୟ ଅବସ୍ଥାରେ ପାହାଡ଼ ଉପରେ ସେ ଏକାକୀ ସେହି ଭୀଷଣ ରଜନୀ ଅତିବାହିତ କଲେ । ସକାଳୁ ଓରିଲି ପୁନରାୟ ତାଙ୍କ ଲକ୍ଷ୍ୟ ଅଭିମୁଖେ ବହିର୍ଗତ ହେଲେ । ଉଜ୍ଜ୍ୱଳ ଦିବାଲୋକରେ ପର୍ବତର ଗୋଟିଏ ଉଚ୍ଚ କାନ୍ଥି ଉପରୁ ବହୁଦୂର ପର୍ଯ୍ୟନ୍ତ ଦେଖାଯାଉଥିଲା । ପଛକୁପଛ ଲାଗି ଅନେକ ଗିରିଶୃଙ୍ଗ ଧ୍ୟାନମଗ୍ନ ଋଷିପରି ଆକାଶକୁ ମୁଣ୍ଡ ଟେକି ରହିଥାନ୍ତି । ବୃକ୍ଷଲତାର ଶ୍ୟାମ ସୌନ୍ଦର୍ଯ୍ୟ କ୍ରମେ ଗାଢ଼ରୁ ଗାଢ଼ତର ହୋଇ ଦୂରକୁ ଦେଖା ଯାଉଥାଏ । ସେ ଚାରିଆଡ଼େ ଆଖି ବୁଲାଉ ବୁଲାଉ ଦେଖିଲେ କିଛି ଦୂର ଉଚ୍ଚରେ ପର୍ବତର ସେହି ଶୁଦ୍ଧ ସବୁଜ ଆଚ୍ଛାଦନ ଉପରେ ଠାଏ ସତେକି ଗୋଟାଏ ବାଦାମୀ ରଙ୍ଗର ତାଳି ପଡ଼ିଅଛି । ସେଇଟା ଯେ ନିଶ୍ଚୟ

ପୋଡ଼ିଯାଇଥିବା ଗଛପତ୍ରର ଚିହ୍ନ, ଏ ବିଷୟରେ ଓରିଲିଙ୍କର ସନ୍ଦେହ ରହିଲା ନାହିଁ । କିନ୍ତୁ ବର୍ଷା ପାଗରେ ନିଆଁ ଲାଗିଲା କିପରି ? ତାଙ୍କର ଧ୍ରୁବ ବିଶ୍ୱାସ ହେଲା ହୁଏତ ବିଦ୍ୟୁତ କିମ୍ବା ପେଟ୍ରୋଲ ନିଆଁରେ ଜଙ୍ଗଲର ସେ ଅଂଶଟା ପୋଡ଼ି ଯାଇଥିବ । ଓରିଲି ସେହି ସ୍ଥାନଟିକୁ ନିଖୋଜ ବିମାନର ସମାଧିସ୍ଥଳ ବୋଲି ଅନୁମାନ କରି ସେହି ଦିଗରେ ଅଗ୍ରସର ହେଲେ ।

ନିବିଡ଼ ଅରଣ୍ୟ । ଅନାଦି କାଳରୁ ସେ ପାହାଡ଼ ଉପରେ କୌଣସି ମାନବର ପାଦ ପଡ଼ିଅଛି କି ନାହିଁ ସନ୍ଦେହ । ଘଞ୍ଚ ତରୁଲତା ଓ କଣ୍ଟକାକୀର୍ଣ୍ଣ ଗୁଳ୍ମଜାଲ ତଳେ ଶଢ଼ା ପତ୍ରର ଗାଲିଚା । ବିଷାକ୍ତ କୀଟ ମକ୍ଷିକାମାନଙ୍କର ବିରକ୍ତିକର ଉପଦ୍ରବ । ସ୍ଥାନେ ସ୍ଥାନେ ବିଶାଳ ଶିଳାଖଣ୍ଡମାନ ପଥରୁଦ୍ଧ କରି ଉଭା ହୋଇଅଛି । କିନ୍ତୁ ଓରିଲି ଦୃଢ଼ପ୍ରତିଜ୍ଞ । ତାଙ୍କର ଅଙ୍ଗପ୍ରତ୍ୟଙ୍ଗ କଣ୍ଟାରେ ଚିରି ହୋଇ ରକ୍ତାକ୍ତ ହୋଇଗଲାଣି । କେଉଁଠି ବୁଦାତଳେ ଗୁରୁଣ୍ଡିଗୁରୁଣ୍ଡି ଯିବାକୁ ପଡୁଛି । କେଉଁଠି ବା ଦ୍ରାକ୍ଷାଲତାକୁ ଧରି ଝୁଲି ଝୁଲି ଶିଳାରୁ ଶିଳାକୁ ଡେଇଁ ପଡ଼ିବାକୁ ହେଉଛି । ଝାଳ ଲାଗି ଦେହସାରା ପୋଡ଼ିଲାଣି । କିନ୍ତୁ ବିଶ୍ରାମ ନ କରି ଉନ୍ମାଦଗ୍ରସ୍ତ ପରି ସେ ଅରଣ୍ୟର ସେହି ଦଗ୍ଧ ଅଂଶରେ ପହଞ୍ଚିବାକୁ ଆଗେଇ ଚାଲିଛନ୍ତି । ନିମ୍ନମୁଖୀ ଜଳସ୍ରୋତ ଓ ଦୃଢ଼ପ୍ରତିଜ୍ଞ ସାଧକର କିଏ ଗତିରୋଧ କରିପାରିବ ?

ଆହୁରି ପ୍ରାୟ ଦୁଇ ହଜାର ଫୁଟ ବାକି ଅଛି, ହଠାତ୍ ଏକ ଅଦ୍ଭୁତ ମୂର୍ତ୍ତି ତାଙ୍କର ଦୃଷ୍ଟିପଥାରୂଢ଼ ହେଲା । ସେ ଚମକି ପଡ଼ି କିଛିକ୍ଷଣ ଚାହିଁ ରହିଲେ । ଦେଖିଲେ, ବଣର ଗୋଟିଏ ଉନ୍ମୁକ୍ତ ସ୍ଥାନରେ ଗୋଟାଏ ଗଛକୁ ଆଉଜି ଖଣ୍ଡେ ଶିଳା ଉପରେ ଜଣେ ମନୁଷ୍ୟ ବସିରହିଛି । ଏହି ଦୃଶ୍ୟରେ ସେ ଏତେଦୂର ଅଭିଭୂତ ହୋଇପଡ଼ିଲେ ଯେ ସଙ୍ଗେସଙ୍ଗେ ଲୋକଟିକୁ ଡାକ ପକାଇଲେ । କିନ୍ତୁ ତା'ଠାରୁ କୌଣସି ସଙ୍କେତ ବା ଉତ୍ତର ପାଇଲେ ନାହିଁ । ପରେ ନିକଟକୁ ଯାଇ ଦେଖିଲେ, ସେହି ଲୋକର ଦେହରେ ଗୁରୁତର ଆଘାତର ଚିହ୍ନମାନ ରହିଛି ଏବଂ ତା'ର ପ୍ରାଣବାୟୁ ବାହାରିଗଲାଣି ।

ଓରିଲିଙ୍କ ମନର ଭାବ ସହଜରେ ଅନୁମାନ କରାଯାଇପାରେ । ବିସ୍ମୟ, ଆନନ୍ଦ, ଭୟ ଓ ବିଷାଦ ତାଙ୍କ ହୃଦୟକୁ ଯୁଗପତ୍ ଅଧିକାର କଲା । ଲୋକଟିକୁ ଦେଖି ସେ ବୁଝିନେଲେ ଏ ସେହି ବିମାନର ଜଣେ ହତଭାଗ୍ୟ ଯାତ୍ରୀ । ସେଠାରେ ଆଉ ଅଧିକ କାଳବିଳମ୍ବ ନକରି ସେ ପୋଡ଼ିଯାଇଥିବା ଗଛପତ୍ରକୁ ଲକ୍ଷ୍ୟ କରି ଚାଲିଲେ । ପୁଣି ସେହିପରି ଅକ୍ଳାନ୍ତ ଅଧ୍ୟବସାୟ ଓ କ୍ଲେଶକର ସାଧନା । କିଛି ଦୂର ଅଗ୍ରସର ହୋଇ ସେ ଅରଣ୍ୟ ଜାତିମାନଙ୍କ ରୀତିକୁ ଅନୁକରଣ କରି ପାଟିରେ ସୁସୁକାଳି ବଜାଇଲେ । କେତେଥର ଏହି ଡାକ ଦେଲା ପରେ ଗୋଟାଏ ଦିଗରୁ କ୍ଷୀଣ ଉତ୍ତର ଆସୁଥିବାର ତାଙ୍କୁ ଶୁଣାଗଲା । ଏ ନିଶ୍ଚୟ ମନୁଷ୍ୟର କଣ୍ଠସ୍ୱର!

ତାଙ୍କର ସର୍ବାଙ୍ଗରେ ତଡ଼ିତ୍ ପ୍ରବାହ ଖେଳିଗଲା । ସେ ପ୍ରଥମରୁ ଆଶଙ୍କା କରିଥିଲେ ଯେ ବିମାନଟି ଖସିପଡ଼ିବା ସଙ୍ଗେସଙ୍ଗେ ଆରୋହୀମାନେ ସମସ୍ତେ ପୋଡ଼ି ମରିଥିବେ, କିନ୍ତୁ ତାଙ୍କର ବର୍ତ୍ତମାନ ଧାରଣା ହେଲା ଯେପରି ଏକାଧିକ ବ୍ୟକ୍ତି ଜୀବିତ ଅଛନ୍ତି ।

କେତେକ ସମୟ ଉତ୍ତାରେ ଓରିଲି ଲକ୍ଷ୍ୟସ୍ଥଳରେ ପହଞ୍ଚି ଦେଖିଲେ ତାଙ୍କର ଅନୁମାନ ଠିକ୍ । ଗୋଟାଏ ପ୍ରକାଣ୍ଡ ବୃକ୍ଷ ମୂଳରେ ବିମାନଟା ଭାଙ୍ଗି ପଡ଼ିଛି । ଭସ୍ମୀଭୂତ ବିମାନର କେତେକ ଅଂଶ ଇତସ୍ତତଃ ବିକ୍ଷିପ୍ତ ଭାବରେ ପଡ଼ିରହିଛି । ଚତୁର୍ଦ୍ଦିଗରେ କେବଳ ଭସ୍ମ ଓ ଅଙ୍ଗାର ।

ସେଠାରୁ କିଛିଦୂରରେ ଦୁଇଜଣ ମନୁଷ୍ୟ ଶୋଇଥିବାର ଦେଖି ଓରିଲି ସେଠାକୁ ଗଲେ । ଦେଖିଲେ, ଜୀବନ୍ମୃତ ଅବସ୍ଥାରେ ସେ ଦୁହେଁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଓରିଲିଙ୍କୁ ଦେଖିବାମାତ୍ରେ ସେମାନଙ୍କ ପିଣ୍ଡରେ ସତେ ଯେପରି ନବଜୀବନର ସଂଚାର ହେଲା । ସେ ଦୁଇଜଣ ସାଙ୍ଘାତିକ ଭାବରେ ଆହତହୋଇ ଅନାହାରରେ ମୃତ୍ୟୁ ସଙ୍ଗେ ସଂଗ୍ରାମ କରି ଏତେ ଦିନ ବଞ୍ଚି ରହିଥିଲେ, ମାତ୍ର ତାଙ୍କ ଶରୀରରେ ଜୀବନୀଶକ୍ତି ନିଃଶେଷ ପ୍ରାୟ ହୋଇ ଆସିଥିଲା । ଅବସନ୍ନ, ଅନାହାର କ୍ଲିଷ୍ଟ ଓ ଯନ୍ତ୍ରଣାରେ ଜର୍ଜରିତ ଏହି ଦୁଇଜଣ ବ୍ୟକ୍ତି ଉତ୍ତୁଙ୍ଗ ପର୍ବତ ଉପରେ, ଘୋର ଅରଣ୍ୟ ଭିତରେ ଶୀତ ବର୍ଷା ସହି ନଅ ଦିନ କାଳ ନିଃସହାୟ ଅବସ୍ଥାରେ କଟାଇଥିଲେ । ଓରିଲିଙ୍କ ଆକସ୍ମିକ ଆବିର୍ଭାବ ତାଙ୍କ ମୁମୂର୍ଷୁ ପ୍ରାଣରେ କି ଅପୂର୍ବ ସାହସ ଓ ଭରସା ଦେଇଥିବ ତାହା କେବଳ ଅନୁଭବର କଥା । ଓରିଲି ସଙ୍ଗେସଙ୍ଗେ ଚା' ଓ ଖାଦ୍ୟ ପ୍ରସ୍ତୁତ କରି ସେମାନଙ୍କୁ ଦେଲେ ଏବଂ ସେମାନଙ୍କଠାରୁ ଦୁର୍ଘଟଣାର ସବିଶେଷ ବୃତ୍ତାନ୍ତ ଅବଗତ ହେଲେ । ସାତଜଣ ଯାତ୍ରୀଙ୍କ ମଧ୍ୟରୁ ଚାରିଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ଅବଶିଷ୍ଟ ଯେଉଁ ତିନିଜଣ ଜୀବିତ ଥିଲେ, ସେମାନଙ୍କ ଭିତରୁ ଜଣେ ଇଂରେଜ ଯୁବକ ଗୁରୁତର ଭାବରେ ଆହତ ହୋଇଥିଲେହେଁ ସାହାଯ୍ୟ ଅନ୍ୱେଷଣରେ ବାହାରି ଯାଇଥିଲେ, କିନ୍ତୁ ଆଉ ସେ ଫେରି ନାହାନ୍ତି ।

ଓରିଲି ଦେଖିଲେ, ତୁରନ୍ତ ଚିକିତ୍ସା ଓ ସେବାର ବ୍ୟବସ୍ଥା ନକଲେ, ସେ ଦୁଇଜଣଙ୍କୁ ବଞ୍ଚାଇ ପାରିବା ଅସମ୍ଭବ । ସୁତରାଂ ବିଳମ୍ବ ନକରି ସେ ପୁଣି ସେହି ପାହାଡ଼ ଜଙ୍ଗଲପୂର୍ଣ୍ଣ ଦୁର୍ଗମ ପଥରେ ଫେରିଲେ । ସେତେବେଳେ ତାଙ୍କ ଶରୀରରେ ଦ୍ୱିଗୁଣ ବିକ୍ରମ ଓ ମନରେ ଶତଗୁଣ ସାହସ ଜାତ ହୋଇ ତାଙ୍କୁ ସେ ଦୁର୍ଭେଦ୍ୟ ଅରଣ୍ୟରେ ବାଟ କଢ଼ାଇନେଲା । ପାହାଡ଼ତଳେ ଗୋଟିଏ ଛୋଟ ଗ୍ରାମରେ ପହଞ୍ଚି ସେଠାରୁ ଘୋଡ଼ାଟିଏ ମାଗିଆଣି ସେ ନିକଟତମ ସହର ଅଭିମୁଖରେ ପବନପରି ଛୁଟିଲେ ଏବଂ ସେଠାରେ ପହଞ୍ଚି ଉତ୍କଣ୍ଠିତ ଜଗତକୁ ତାଙ୍କର ପ୍ରଥମ ସମ୍ବାଦ ଜଣାଇଲେ ।

ଏହାପରେପରେ ପ୍ରାୟ ଅଶୀଜଣ ସ୍ୱେଚ୍ଛାସେବକ ସଙ୍ଗରେ ଡାକ୍ତର ଓ ଔଷଧପତ୍ର ନେଇ ଅତ୍ୟନ୍ତ ଆୟାସ ସହକାରେ ପର୍ବତ ଉପରୁ ସେଇ ଦୁଇଜଣ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଆଣିଲେ । ଓରିଲିଙ୍କ ସାଧନା ସଫଳ ହେଲା । ଜଗତ ନିଶ୍ଚିତ ମୃତ୍ୟୁମୁଖରୁ ଦୁଇଟି ଜୀବନ ଫେରିପାଇଲା ଏବଂ ଦୁର୍ଘଟଣାର ଅଜ୍ଞାତ ରହସ୍ୟ ଏହି ପ୍ରକାରେ ଉଦ୍‌ଘାଟିତ ହେଲା ।

ଆଉ ସେ ଇଂରେଜ ଯୁବକ ? ପାଦଚିହ୍ନରୁ ତାଙ୍କର ଅସାମାନ୍ୟ ତ୍ୟାଗ ଓ ବୀରତ୍ୱର କାହାଣୀ ସଂଗୃହୀତ ହୋଇଅଛି । ମରଣକାଳେ ତାଙ୍କୁ କେହି ଦେଖିନାହିଁ । ବନର ତରୁଲତା ଓ ପର୍ବତର ଅଚଳ ଶିଳା ତାଙ୍କର ଶେଷଶ୍ୱାସର ସ୍ପର୍ଶ ଅନୁଭବ କରିଥିବେ ।

ସଙ୍ଗୀଦ୍ୱୟଙ୍କୁ ବଞ୍ଚାଇବା ପାଇଁ ସେହି ଯୁବକ ନିଜର ତୀବ୍ର ଦାହଯନ୍ତ୍ରଣାକୁ ଭ୍ରୂକ୍ଷେପ ନ କରି ସାହାଯ୍ୟ ଅନ୍ୱେଷଣରେ ବାହାରି ଯାଇଥିଲେ । ସେ ଲଣ୍ଡନ ସହରର ଜଣେ ବ୍ୟବସାୟୀ । ପର୍ବତ ଉପରୁ ତିନିହଜାର ଫୁଟ ତଳକୁ ଓହ୍ଲାଇ ଜନବସତିକୁ ଆସିବା କେଡ଼େ କଷ୍ଟସାଧ୍ୟ, ତାହା ତାଙ୍କୁ ଜଣା ନଥିଲା । ଗୋଟିଏ ଝରଣା ପାରହୋଇ, ଶୈବାଳଜଡ଼ିତ ପିଚ୍ଛିଳ ପ୍ରସ୍ତର ଉପରେ ପଡ଼ି ଉଠି, ଦ୍ରାକ୍ଷାଲତାକୁ ଆଶ୍ରୟ କରି ସେ ଚାଲିଥାନ୍ତି । ହଠାତ୍ ଗୋଟିଏ ସ୍ଥାନରେ ଗୋଡ଼ ଖସିଯିବାରୁ ସେ ପଚିଶ ଫୁଟ ତଳକୁ ଗଳି ପଡ଼ିଲେ । କଠିନ ବନ୍ଧୁର ଶିଳାରେ ପିଟି ହୋଇ ତାଙ୍କର ମୁଣ୍ଡ ଫାଟିଗଲା, ଗୋଟିଏ ଆଖି ପଦାକୁ ବାହାରି ପଡ଼ିଲା, ହାତର କଚଟି ଭାଙ୍ଗିଗଲା ଏବଂ ଯେଉଁ ଟିକକ ଜୀବନୀ ଶକ୍ତି ଶେଷକୁ ରହିଥିଲା, ସେତକ ମଧ୍ୟ ଲୋପ ପାଇ ଆସିଲା ।

କିଛିକ୍ଷଣ ହତଜ୍ଞାନ ରହିବା ପରେ ତାଙ୍କର ବୋଧହୁଏ ସଂଜ୍ଞା ଆସିଛି । ସେ ପୁଣି କିଛି ବାଟ କଷ୍ଟେ ମଷ୍ଟେ ଆଗେଇ ଯାଇଛନ୍ତି । ସେହିଠାରୁ ପାଦ ଆଉ ଚଳିନାହିଁ । ଗୋଟିଏ ଗଛମୂଳକୁ ଭରାଦେଇ ବିଶ୍ରାମ ନେଇଛନ୍ତି । ଡବାରୁ ସିଗାରେଟଟିଏ କାଢ଼ି ଅଧେ ଖାଇଛନ୍ତି, ଆଉ ଅଧକ ହାତରେ ରହିଛି । ପାଟିକୁ ନେବାକୁ ବଳ ପାଇନାହିଁ ସେତିକି । ତାଙ୍କୁ ଏଇ ଅବସ୍ଥାରେ ଦୂରରୁ ଦେଖି ଜୀବିତ ମନେକରି ଓରିଲି ଯେତେବେଳେ ଡାକ ଦେଲେ, ଉତ୍ତର ପାଆନ୍ତେ କୁଆଡ଼ୁ !

ବୀର ଯୁବକ! ମୃତ୍ୟୁ ତୁମକୁ ଅମର କରିଛି । ବିଫଳତା ତୁମକୁ ଗୌରବମଣ୍ଡିତ କରିଛି ।

ଅଷ୍ଟ୍ରେଲିଆର ସେ ଜନସଞ୍ଚାରହୀନ ପର୍ବତ ଉପରେ, ଗହନ ବୃକ୍ଷରାଜିର ଚନ୍ଦ୍ରାତପ ତଳେ, ଯେଉଁ ଶିଳା ଉପରେ ସେ ଇଂରେଜ ଯୁବକଙ୍କର ପ୍ରାଣବାୟୁ ବାହାରି ଯାଇଥିଲା, ସେହିଠାରେ ତାଙ୍କର ସମାଧି ନିର୍ମିତ ହେଲା । ସେ ସ୍ଥାନ ଆଜି ମାନବଜାତିର ଏକ ତୀର୍ଥଭୂମି ।

**ସୂଚନା:**

ସାଧ୍ୟାତୀତ – ଯାହା ଆୟତ୍ତ କରିବା ସମ୍ଭବପର ନୁହେଁ ।

ଦୁର୍ଭେଦ୍ୟ – ଯାହା ଭେଦ କରିବା କଷ୍ଟକର ।

ଉପନୀତ – ପହଞ୍ଚିବା

ଦୁର୍ଲଂଘ୍ୟ – ଯାହାକୁ ଲଂଘନ କରିବା କଷ୍ଟକର

ଆବର୍ତ୍ତ – ଭଉଁରୀ

କଣ୍ଟକାକୀର୍ଣ୍ଣ – କଣ୍ଟାରେ ପରିପୂର୍ଣ୍ଣ

ଯୁଗପତ୍ – ଏକ ସମୟରେ

# ଅଭ୍ୟାସ

**୧. ଉତ୍ତର କୁହ ।**

(କ) ବ୍ରିସବେନରୁ ଉଡ଼ାଜାହାଜଟି କେଉଁ ଆଡ଼େ ଯାଉଥିଲା ?

(ଖ) ଉଡ଼ାଜାହାଜରେ କେତେଜଣ ଯାତ୍ରୀ ଥିଲେ ?

(ଗ) ଓରିଲି କିଏ ?

(ଘ) ଓରିଲିଙ୍କୁ ଦୁର୍ଗମ ଅରଣ୍ୟରେ କିଏ ବାଟ କଢ଼ାଇଲା ?

(ଙ) ଇଂରେଜ ଯୁବକ ଜଣକ କିଏ ?

(ଚ) ଲେଖକ କେଉଁ ସ୍ଥାନଟିକୁ ମାନବଜାତିର ଏକ ତୀର୍ଥଭୂମି ବୋଲି କହିଛନ୍ତି ?

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ଓରିଲି ବିମାନ ଦୁର୍ଘଟଣା ବିଷୟରେ ଜାଣିବା ପାଇଁ ଆଗ୍ରହୀ ହେଲେ କାହିଁକି ?

(ଖ) ଓରିଲି କେଉଁ ନିଷ୍ପତ୍ତି ନେଲେ ?

(ଗ) ଓରିଲି ଓ ଇଂରେଜ ଯୁବକଙ୍କୁ କାହିଁକି ମହନୀୟ ଚରିତ୍ର କୁହାଯାଇଛି ?

(ଘ) 'ବୀର ଯୁବକ ! ମୃତ୍ୟୁ ତୁମକୁ ଅମର କରିଛି'' – ଏକଥା କିଏ, କାହାକୁ ଓ କାହିଁକି କହିଛନ୍ତି ?

(ଙ) ଓରିଲିଙ୍କଠାରୁ କେଉଁ ମହତଗୁଣ ଆମେ ଶିକ୍ଷା କଲୁ ?

**୩. ପୂର୍ବାପର ସଂପର୍କ ସହ ସରଳ ଭାଷାରେ ବୁଝାଇ ଦିଅ ।**

(କ) ମୃତ୍ୟୁ ତୁମକୁ ଅମର କରିଛି । ବିଫଳତା ତୁମକୁ ଗୌରବମଣ୍ଡିତ କରିଛି ।

(ଖ) ନିମ୍ନମୁଖୀ ଜଳସ୍ରୋତ ଓ ଦୃଢ଼ ପ୍ରତିଜ୍ଞ ସାଧକର କିଏ ଗତିରୋଧ କରିପାରିବ ?

(ଗ) ଓରିଲିଙ୍କ ଆକସ୍ମିକ ଆବିର୍ଭାବ ତାଙ୍କ ମୁମୂର୍ଷୁ ପ୍ରାଣରେ କି ଅପୂର୍ବ ସାହସ ଓ ଭରସା ଦେଇଥିବ ତାହା କେବଳ ଅନୁଭବର କଥା ।

**୪. ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।**

ବିପତ୍ତି, ଦୁର୍ଗମ, ସାହସୀ, ନିକଟ, ଅନିଶ୍ଚିତ, ଧ୍ୱଂସ, ଶୂନ୍ୟତା, ଆଚ୍ଛାଦିତ, ଅଗ୍ରସର, ହତଭାଗ୍ୟ, ଜୀବିତ, ଅବସନ୍ନ, ଅନାହାର

**୫. ଦିଆଯାଇଥିବା ଶବ୍ଦ ଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।**

ଗିରି, ବ୍ୟୋମ, ଅରଣ୍ୟ, ଶିଳା, ପଥ, ତଡ଼ିତ୍, ମୃତ୍ୟୁ, ତରୁ, ବାୟୁ

**୬. କୂଳେ କୂଳେ, ଧାରେ ଧାରେ ପରି ଆଉ ପାଞ୍ଚଟି ଯୁଗ୍ମ ଶବ୍ଦ ଲେଖ ।**

**୭. ନିମ୍ନଲିଖିତ ଏକ ବଚନଗୁଡ଼ିକୁ ବହୁ ବଚନରେ ପରିଣତ କର ।**

ଉଦାହରଣ:– ବାଳକ (ଏକବଚନ) – ବାଳକମାନେ (ବହୁବଚନ) ।

ସେହିପରି କ'ଣ ହେବ ? – ଯାତ୍ରୀ, ବିମାନ, ପର୍ବତ, ଘୋଡ଼ାଟିଏ,ତାଙ୍କର, ତାଙ୍କୁ, ମୋତେ, ତୁମକୁ, ସେ, ଯୁବକ ।

## ତୁମ ପାଇଁ କାମ



- ବିପନ୍ନର ଉଦ୍ଧାର କାହାଣୀ ପରି ଆଉ କେତୋଟି ଦୁଃସାହସିକ କାହାଣୀ ସଂଗ୍ରହ କରି ପଢ଼ ।
- ରାମକୃଷ୍ଣ ନନ୍ଦଙ୍କର ଅନ୍ୟାନ୍ୟ ଲେଖାଗୁଡ଼ିକ ସଂଗ୍ରହ କର ଓ ପଢ଼ ।

# ମନରେ ଆସୁ ମୋ ଭଲ ଭାବନା

ଡ. ଚକ୍ରଧର ବିଶ୍ୱାଳ

GE9HYX

## ଲେଖକ ପରିଚୟ

**ଡକ୍ଟର ଚକ୍ରଧର ବିଶ୍ୱାଳ :** ଦୀର୍ଘ ବର୍ଷ ଅଧାପକ ଭାବରେ କାର୍ଯ୍ୟ କରି ୨୦୦୨ ମସିହା ଜାନୁଆରୀ ମାସରେ ଅବସର ଗ୍ରହଣ କରିଛନ୍ତି । ଶିଶୁ ଓ କିଶୋରମାନଙ୍କ ପାଇଁ ସେ କେତୋଟି ଉପାଦେୟ ଗ୍ରନ୍ଥ ରଚନା କରିଛନ୍ତି । ତାଙ୍କର ପ୍ରକାଶିତ ପୁସ୍ତକଗୁଡ଼ିକ ହେଲା– 'ମାରୀଚର ମନକଥା ଓ ଅନ୍ୟାନ୍ୟ ପ୍ରବନ୍ଧ', 'ଶବ୍ଦର ଭେଳିକି', 'ଶବ୍ଦର ଫୁଲମାଳ', 'କେତେ କଥା କେତେ ନଥା' ଇତ୍ୟାଦି ।

ଏହି ଲେଖାଟି ଲେଖକଙ୍କର 'ମାରୀଚର ମନକଥା ଓ ଅନ୍ୟାନ୍ୟ ପ୍ରବନ୍ଧ' ପୁସ୍ତକରୁ ସଂଗୃହୀତ ।

କୀଟପତଙ୍ଗ, ପଶୁପକ୍ଷୀ, ମଣିଷଙ୍କ ବାସଭୂମି ଆମର ଏ ପୃଥିବୀ, ସମସ୍ତେ ଚାହାନ୍ତି ସୁଖରେ ରହିବେ, ଆନନ୍ଦରେ କାଳ କାଟିବେ । ଦୁଃଖରେ ରହିବା ପାଇଁ, ଅସୁବିଧା ଭୋଗିବା ପାଇଁ କେହି ଚାହାନ୍ତି ନାହିଁ । ସମସ୍ତେ ସିନା ସୁଖ ଖୋଜନ୍ତି, କିନ୍ତୁ ସୁଖ ପାଇବାର ବାଟଟି ସମସ୍ତଙ୍କୁ ଜଣାନଥାଏ । ଯେତେ ଯାହା ପାଇଲେ ବି ମନ ଭିତରେ ଶାନ୍ତି ନଥିଲେ ଆମକୁ ସୁଖ ମିଳେନା । ତେଣୁ ସୁଖ ପାଇବାକୁ ହେଲେ ସର୍ବପ୍ରଥମେ ଆମ ମନଟିକୁ ଶାନ୍ତ ରଖିବାକୁ ପଡ଼ିବ ।

ମନର ଶାନ୍ତି ପାଇଁ ଆମେ ଅନ୍ୟମାନଙ୍କୁ ଭଲ ପାଇ ଶିଖିବା । ଆମେ ଅନ୍ୟମାନଙ୍କୁ ଭଲ ପାଇଲେ, ସେମାନେ ମଧ୍ୟ ଆମକୁ ଭଲ ପାଇବେ । ଅନ୍ୟପକ୍ଷରେ, ଆମେ ଯଦି ଅନ୍ୟମାନଙ୍କୁ ଘୃଣା କରିବା, ସମସ୍ତଙ୍କ ଉପରକୁ ନାକଟେକିବା, ତା' ହେଲେ ଆମକୁ କାହିଁକି କିଏ ଭଲପାଇବ ? ଆମେ ଯଦି କାହା ସଂପର୍କରେ ମନ ଭିତରେ ଖରାପ ଚିନ୍ତା ପୋଷଣ କରିବା, ତେବେ ସେ ମଧ୍ୟ ଆମ ପ୍ରତି ଖରାପ ଭାବନା ପୋଷଣ କରିବ । ଅନ୍ୟମାନଙ୍କ ସଂପର୍କରେ ଆମ ମନର ଖରାପ ଭାବନା ଆମପ୍ରତି ସେମାନଙ୍କ ମନରେ ବିରକ୍ତି ଓ ଘୃଣା ଭାବ ସୃଷ୍ଟି କରିବ । ସେଇଥିପାଇଁ ସୁଖରେ ରହିବାକୁ ହେଲେ ମନ ଭିତରେ ସବୁବେଳେ ଭଲ ଚିନ୍ତା ରଖିବା, ଅନ୍ୟମାନଙ୍କ ହିତକାମନା କରିବା, ମନ ଭିତରେ ଭଲ ଭାବନା ରଖିଲେ ଆମ ପାଇଁ ଏ ଦୁନିଆ ହୋଇଉଠିବ ସୁନ୍ଦର ଓ ଆକର୍ଷଣୀୟ । ସମସ୍ତେ ଆମକୁ ଆପଣାର ଜଣାପଡ଼ିବେ । ସେହି ସଂପର୍କରେ କାହାଣୀଟିଏ ।

କୌଣସି ଏକ ଦେଶରେ ଥିଲେ ଜଣେ ରାଜା । ନିଜର ପ୍ରଜାମାନଙ୍କୁ ସେ ଖୁବ୍ ଭଲପାଆନ୍ତି । ସେମାନଙ୍କ ସହିତ ମିଶି ତାଙ୍କର ସୁଖଦୁଃଖ, ହାନିଲାଭ ବୁଝନ୍ତି । ପ୍ରଜାମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟକରି ଆନନ୍ଦ ଅନୁଭବ କରନ୍ତି । ଦେଶର ପ୍ରଜାମାନେ ମଧ୍ୟ ରାଜାଙ୍କୁ ଖୁବ୍ ଭଲ ପାଆନ୍ତି । ସମ୍ମାନ ପ୍ରଦର୍ଶନ କରନ୍ତି ।

ବେଳେବେଳେ ରାଜଧାନୀରେ ହାତୀ ଉପରେ ବସି ଭ୍ରମଣ କରିବା ପାଇଁ ରାଜା ଭଲପାଆନ୍ତି ।



ଥରକର କଥା । ସଂଧ୍ୟା ସମୟ । ହାତୀଉପରେ ବସି ରାଜା ନଗର ଭ୍ରମଣ କରୁଥାନ୍ତି । ବୁଲିବୁଲି ହାତୀଟି ଆସି ପହଞ୍ଚିଲା ଗୋଟିଏ ଦୋକାନ ଆଗରେ । ଦୋକାନରେ ଚନ୍ଦନକାଠ ଓ ତହିଁରେ ନିର୍ମିତ ବିଭିନ୍ନ ସାମଗ୍ରୀ ବିକ୍ରୟ ହେଉଥିଲା । ଦୋକାନୀ ଉପରେ ରାଜାଙ୍କର ଦୃଷ୍ଟି ପଡ଼ିଗଲା । ହଠାତ୍ ରାଜାଙ୍କଠାରେ ଦେଖାଗଲା ଭାବାନ୍ତର । ଦୋକାନୀ ଉପରେ ସେ ଭୀଷଣ ଭାବରେ ଚିଡ଼ି ଉଠିଲେ । ଦୋକାନୀ ପ୍ରତି ତାଙ୍କ ମନରେ ଜେଇଁ ଉଠିଲା କ୍ରୋଧ ଆଉ ଘୃଣା । ତାଙ୍କର ଇଚ୍ଛା ହେଲା, ସିପାହୀ ପଠାଇ ଦୋକାନୀକୁ ସେ ଗିରଫ କରି ଆଣନ୍ତେ, ଆଉ ଫାଶୀ ଖୁଣ୍ଟରେ ଝୁଲାଇ ଦିଅନ୍ତେ । ମନ ଭିତରେ ଏମିତିକା ଭାବନାଟିଏ ସିନା ଦେଖାଦେଲା, କିନ୍ତୁ ରାଜା ବୁଝିପାରିଲେନାହିଁ ତାଙ୍କ ମନରେ ଏପରି ଏକ ଭାବନା ଖେଳିଗଲା କାହିଁକି ? ସେ କେତେ କ'ଣ ଭାବିଗଲେ । ଦୋକାନୀଟି ତ ରାଜାଙ୍କର କିଛି କ୍ଷତି କରିନଥିଲା । କେବେ କୌଣସି ଦୋଷ କରିଥିବା ବିଷୟ ମଧ୍ୟ ରାଜା ମନେ ପକାଇ ପାରୁନଥିଲେ । ତା'ହେଲେ ଦୋକାନୀ ପ୍ରତି ତାଙ୍କ ମନରେ ଏପରି ଏକ ଖରାପ ଭାବନା ଆସିଲା କାହିଁକି ? ମନକଥା ମନରେ ରଖି ରାଜା ସେଦିନ ଉଆସକୁ ଫେରିଗଲେ ।

ରାଜା ଥିଲେ ଜଣେ ଶାନ୍ତ ସ୍ୱଭାବର ଲୋକ । ଶୋଷଣ, ପୀଡ଼ନ, ପ୍ରଜାଙ୍କ ପ୍ରତି ଅତ୍ୟାଚାର କରିବା ଭଳି କୁକର୍ମ ସହିତ ତାଙ୍କର ଆଦୌ ସଂପର୍କ ନଥିଲା । ରାଜା ନିଜକୁ ଖୁବ୍ ବିଚଳିତ ବୋଧ କରୁଥିଲେ । ନିଜ ମନ ଭିତରେ ଦେଖା ଦେଇଥିବା କୁଚିନ୍ତାର କାରଣ ଖୋଜିବା ପାଇଁ ସେ ଉତ୍କଣ୍ଠିତ ହେଲେ । ପରାମର୍ଶ ଉଦ୍ଦେଶ୍ୟରେ ମନ୍ତ୍ରୀଙ୍କୁ ସେ ପାଖକୁ ଡକାଇଲେ । ମନ୍ତ୍ରୀ ପହଞ୍ଚିବା ପରେ ତାଙ୍କ ଆଗରେ ସବୁକଥା ଟିକି ନିଖି କରି ବର୍ଣ୍ଣନା କଲେ । କୌଣସି ଦୋଷ କରିନଥିବା ସେହି ଦୋକାନୀଟି ସଂପର୍କରେ ତାଙ୍କ ମନରେ ଏପରି ଭାବନା ଆସିଲା କାହିଁକି? ଯେପରି ହେଉ ପଛେ ଏହାର କାରଣ ଅନୁସନ୍ଧାନ କରି ବାହାର କରିବା ପାଇଁ ମନ୍ତ୍ରୀଙ୍କୁ ରାଜା ଅନୁରୋଧ ଜଣାଇଲେ ।

ତା' ପରଦିନ ସଂଧ୍ୟାବେଳେ ମନ୍ତ୍ରୀ ଯାଇ ପହଞ୍ଚିଲେ ଚନ୍ଦନକାଠର ବିକ୍ରେତା ସେହି ଦୋକାନୀଙ୍କ ପାଖରେ । ଦୋକାନୀଟି ଥିଲେ ମନ୍ତ୍ରୀଙ୍କର ଜଣେ ବନ୍ଧୁ । ଅନେକ ଦିନହେଲା ଦୁଇବନ୍ଧୁଙ୍କର ଦେଖାସାକ୍ଷାତ୍ ହୋଇ ନଥିଲା, ମନ୍ତ୍ରୀଙ୍କୁ ଦେଖି ଦୋକାନୀ ଜଣକ ଖୁବ୍ ଖୁସି ହୋଇଗଲେ । ବିଭିନ୍ନ ବିଷୟରେ ଦୁହେଁ ଗପସପ ଆରମ୍ଭ କରିଦେଲେ । ଏବେ ବ୍ୟବସାୟ କିପରି ଚାଲିଛି ବୋଲି ମନ୍ତ୍ରୀ ପଚାରିଲେ । ଦୋକାନୀ ସେଉଠୁ କହିଲେ, ''କ'ଣ କରିବି ଭାଇ, ବ୍ୟବସାୟ ଏବେ ମୋର ବହୁତ

ମାନ୍ଦା, କିଛି ଦିନ ଆଗରୁ ଚନ୍ଦନକାଠର ଭାଉ ବହୁତ କମିଯାଇଥିଲା । ଆଗକୁ ଦର ବଢ଼ିବ ବୋଲି ଆଶା କରି ମୁଁ ବହୁତ ଚନ୍ଦନକାଠ କିଣି ପକାଇଥିଲି । କିନ୍ତୁ ଏବେ ଚନ୍ଦନର ଚାହିଦା ନାହିଁ । କେହି କିଣିବାକୁ ଚାହୁଁ ନାହାନ୍ତି । ଦର ମଧ୍ୟ ବହୁତ କମିଯାଇଛି । ଦୋକାନରେ ମାଲ୍ ଭର୍ତ୍ତିହୋଇ ରହିଛି, ଅଥଚ କିଣିବାକୁ ଲୋକ ନାହାନ୍ତି । ବ୍ୟବସାୟରେ ଖଟାଇଥିବା ଟଙ୍କା ମୋ' ହାତକୁ ଫେରିପାରୁନାହିଁ । ସେଥିପାଇଁ ମନରେ ମୋର ବହୁତ ଚିନ୍ତା ।''

ବନ୍ଧୁଙ୍କର କଥାକୁ ମନଦେଇ ଶୁଣୁଥିଲେ ମନ୍ତ୍ରୀ । ଦୋକାନୀଙ୍କ ସମସ୍ୟାକୁ ବୁଝୁଥିଲେ । ତାଙ୍କୁ ଆଶ୍ୱାସନା ଦବାକୁ ଯାଇ କହିଲେ, ''ହଁ ଭାଇ, ବ୍ୟବସାୟରେ ଉଠାପକା ଲାଗିଥାଏ । ସବୁ ଦିନ ବି ସମାନ ଯାଏନା, ଯାହାହେଲେ ବି ତୁମକୁ କିଛିଦିନ ପାଇଁ ଧୈର୍ଯ୍ୟ ଧରିବାକୁ ହେବ । ଅସୁବିଧା ନହେଲେ ସୁବିଧାର ସୁଆଦ ଚାଖି ହୁଅନ୍ତା ନାହିଁ'' । କିଛି ସମୟ ଚୁପ୍ ରହି ଟିକିଏ ଗମ୍ଭୀର ହୋଇ ଦୋକାନୀ କହିଲେ, ''ସବୁ ସମସ୍ୟାର ସମାଧାନ ଅବଶ୍ୟ ଅଛି । କେବଳ ଗୋଟିଏ ଘଟଣା ଘଟିଲେ ନିଜ ସମସ୍ୟାରୁ ମୁଁ ତତ୍‌କ୍ଷଣାତ୍ ମୁକ୍ତି ପାଇଯାଆନ୍ତି ବୋଲି ଭାବୁଥିଲି ।''

ଦୋକାନୀଙ୍କ ମୁହଁରୁ ଏତକ ଶୁଣି ମନ୍ତ୍ରୀଙ୍କର ଉତ୍ସୁକତା ବଢ଼ିଲା । ଆଗ୍ରହରେ ସେ ପଚାରିଲେ, ''ସତେ ନା କ'ଣ! କହିଲ ଦେଖି, କେଉଁ ଘଟଣାଟି ଘଟିଲେ ତୁମେ ସମସ୍ୟା ମୁକ୍ତ ହୋଇପାରିବ ବୋଲି ଭାବୁଥିଲ ?'' ଦୋକାନୀଜଣକ ଟିକିଏ ହାରିଗଲା ଭଳି ଢଙ୍ଗରେ ଧୀରସ୍ୱରରେ କହିଲେ, ''ମୁଁ ଭାବୁଥିଲି କ'ଣକି, ଆମ ରାଜାଙ୍କର ଯଦି ହଠାତ୍ କାଳ ହୋଇଯାନ୍ତା, ତେବେ ମୋ' ସମସ୍ୟାର ସମାଧାନ ହୋଇଯାନ୍ତା ।''ମନ୍ତ୍ରୀ ପଚାରିଲେ, ''କିପରି ? ରାଜାଙ୍କ କାଳ ହେବା ସହିତ ଏ ଘଟଣାର କି ସଂପର୍କ ଅଛି ?'' ଦୋକାନୀ କହିଲେ, ''ହଁ ବନ୍ଧୁ, ସଂପର୍କ ଅଛି । ରାଜାଙ୍କ ମୃତ୍ୟୁ ଘଟିଲେ ତାଙ୍କର ଶବଦାହ ପାଇଁ ଚନ୍ଦନ କାଠ ଆବଶ୍ୟକ ହୁଅନ୍ତା । ମୋ' ଦୋକାନ ବ୍ୟତୀତ ଏତେ ପରିମାଣର ଚନ୍ଦନକାଠ ଏବେ ଆଉ ମିଳିବ କେଉଁଠୁ ? ସେହି ମଉକାରେ ମୋ' ଦୋକାନରେ ଥିବା ସବୁତକ ଚନ୍ଦନକାଠ ବିକ୍ରି ହୋଇଯାନ୍ତା, ଆଉ ମୁଁ ଚିନ୍ତାରୁ ମୁକ୍ତି ପାଇଯାଆନ୍ତି ।''

ଦୋକାନୀର କଥା ଶୁଣି ମନ୍ତ୍ରୀ ସବୁ ବୁଝିପାରିଲେ । ଶାନ୍ତ, ସରଳ ସ୍ୱଭାବର ରାଜାଙ୍କ ମନରେ ଦୋକାନୀ ବିରୋଧରେ ଜାତ ହୋଇଥିବା କୁଚିନ୍ତାର ଅସଲ କାରଣ ମନ୍ତ୍ରୀ ଜାଣିପାରିଲେ । ରାଜାଙ୍କର ଅକାଳ ମୃତ୍ୟୁ ଘଟିଯାଉ ବୋଲି ଦୋକାନୀ ମନରେ ଭାବନାଟିଏ ଆସିଥିବା କାରଣରୁ ଯେ ରାଜା ଦୋକାନୀ ବିଷୟରେ ଏପରି ଭାବିଛନ୍ତି, ସେକଥା ବୁଝିବାକୁ ବାକି ରହିଲା ନାହିଁ । ମନକଥା ମନରେ ରଖି ଦୋକାନୀର ଦୁଃଖଲାଘବ କରିବା ପାଇଁ ସେ କହିଲେ, ''ଭାଇ, ଗୋଟିଏ ଉଦ୍ଦେଶ୍ୟ ନେଇ ମୁଁ ତୁମ ପାଖକୁ ଆସିଥିଲି । ରାଜା ମୋତେ ପଠାଇଥିଲେ । ଚନ୍ଦନକାଠର କିଛି ସାମଗ୍ରୀ ଗଢ଼ାଇବା ପାଇଁ ମଣିମା ଇଚ୍ଛା କରୁଛନ୍ତି । ତାଙ୍କ କାମ ପାଇଁ ବହୁତ ଚନ୍ଦନକାଠ ଦରକାର । ଆମ ରାଜଧାନୀ ବଜାରରେ ଏବେ ଏତେ କାଠ ମହଜୁଦ୍ ଅଛି କି ନାହିଁ ବୁଝିବା ଲାଗି ମୁଁ ଆସିଥିଲି । ତୁମେ ତ ଏଠାରେ ଏକମାତ୍ର ଚନ୍ଦନକାଠ ବ୍ୟବସାୟୀ । ତୁମ ସହିତ କଥା ହେବା ପରେ ଜାଣୁଛି, ତୁମ ପାଖରେ ବହୁତ କାଠ ଅଛି । ରାଜା ଆମର କିଣିବାକୁ ଚାହୁଁଛନ୍ତି । ଅପୂର୍ବ ଯୋଗାଯୋଗ । ଖୁବ୍ ଭଲ ହେଲା । ତୁମ ଚନ୍ଦନକାଠତକ

ସୁରୁଖୁରୁରେ ବିକ୍ରି ହୋଇଯିବ । ଆଗାମୀ କାଲି ଛାମୁ ସବୁତକ କିଣିନେବେ ।'' ଦୋକାନୀକୁ ଏହା କହି ମନ୍ତ୍ରୀ ଫେରି ଆସିଲେ ।

ରାଜାଙ୍କର କାଠ କିଣିବା ସଂପର୍କରେ ସୂଚନା ପାଇ ଦୋକାନୀ ବହୁତ ଖୁସିହେଲେ । ବୁଡ଼ି ଯାଉଥିବା ଲୋକକୁ ଆଶ୍ରା ମିଳିଗଲା ଭଳି ତାଙ୍କୁ ବୋଧହେଲା । ମନେମନେ ସେ ବହୁତ ଆନନ୍ଦିତ ହେଲେ । ରାଜାଙ୍କ ଅକାଳ ମରଣ ବିଷୟରେ ମନ ଭିତରେ ଚିନ୍ତା କରିଥିବାରୁ ସେ ଲଜ୍ଜିତ ହେଲେ । ମନରେ ଅନୁତାପ ଆସିଲା । ମନେମନେ ସେ ଭାବିଲେ– ସତରେ ଆମ ରାଜା ବଡ଼ ଦୟାଳୁ । ଏମିତିକା ଦୟାବାନ୍ ରାଜାଙ୍କ ସଂପର୍କରେ ମୁଁ କେଡ଼େ ଖରାପ କଥା ଚିନ୍ତା କରୁଥିଲି । ଧିକ୍ ମତେ । ଆମ ରାଜା ଶହଶହ ବର୍ଷ ବଞ୍ଚନ୍ତୁ । ତାଙ୍କ ଚଲାପଥରେ ଭଗବାନଙ୍କ କରୁଣା ବରଷୁ ।

ତା' ପରଦିନ ସଂଜ ବେଳର ଘଟଣା । ହାତୀପିଠିରେ ବସି ରାଜା ନଗର ଭିତରେ ବୁଲୁଥା'ନ୍ତି । ବୁଲିବୁଲି ସେ ଦୋକାନ ଆଗରେ ପହଞ୍ଚିଲେ । ସେ ଦୋକାନର ସାଜସଜ୍ଜା ରାଜାଙ୍କୁ ଭାରି ଭଲ ଲାଗିଲା । ଚନ୍ଦନର ସୁବାସରେ ସେ ଅଂଚଳଟି ମହକି ଉଠୁଥିଲା । ଦୋକାନ ଭିତରେ ଗରାଖଙ୍କ ସହିତ ଦୋକାନୀଟି ହସିହସି କଥାବାର୍ତ୍ତା କରୁଥିଲା । ଦୋକାନୀକୁ ଦେଖିଦେବା ପରେ ତା' ପ୍ରତି ରାଜାଙ୍କର ସ୍ନେହ ଭାବ ଆସିଗଲା । ଦୁଇଦିନ ତଳେ ଦୋକାନୀଟି ପ୍ରତି ତାଙ୍କ ମନରେ ଯେଉଁ ଖରାପ ଭାବନା ଆସିଥିଲା ସେକଥା ମନେପକାଇ ରାଜା ଦୁଃଖ କରୁଥିଲେ । ଜଣେ ନିର୍ଦ୍ଦୋଷ ଲୋକକୁ ଫାଶୀ ଖୁଣ୍ଟରେ ଝୁଲାଇବାର ଚିନ୍ତା ତାଙ୍କ ମନ ଭିତରେ ପଶିଯାଇଥିବା ଯୋଗୁଁ ସେ ଅନୁତାପ କରୁଥିଲେ । ଭଗବାନଙ୍କ ନିକଟରେ ସେଥିପାଇଁ କ୍ଷମା ମାଗୁଥିଲେ ।

ରାଜା ଏପରି ଭାବୁଥିବା ବେଳେ ଦୋକାନୀଟି ତାଙ୍କୁ ଦେଖିପାରିଲେ । ହଠାତ୍ ତାଙ୍କ ମନରେ ଆନନ୍ଦର ଜୁଆର ଖେଳିଗଲା । ତାଙ୍କୁ ଜଣାଗଲା, ଏ ତ ରାଜା ନୁହନ୍ତି, ସତେ ଯେମିତି ସ୍ୱୟଂ ଭଗବାନ, ଦୋକାନ ଦୁଆରେ ଠିଆ ହୋଇଛନ୍ତି । କରୁଣାର ନଈଟିଏ ବହିଯାଉଛି ଅବା ! ରାଜାଙ୍କ ପ୍ରତି ତାଙ୍କ ଅନ୍ତର କୃତଜ୍ଞତାରେ ପୂରି ଉଠୁଥିଲା ।

**ସୂଚନା:**

ଭାବାନ୍ତର – ଭାବନାରେ ପରିବର୍ତ୍ତନ, ଅନ୍ୟଭାବ

ଶୋଷଣ – ଅନ୍ୟର ଶକ୍ତି ଓ ଉପାର୍ଜନକୁ ନିଜ ସ୍ୱାର୍ଥ ପାଇଁ ଛଡ଼େଇ ନେବା

ପୀଡ଼ନ – ଯନ୍ତ୍ରଣା, ପୀଡ଼ା, କଷ୍ଟ

କୁକର୍ମ – ଖରାପ କାମ, ମନ୍ଦ କାମ

ବିଚଳିତ – ଅସ୍ଥିର, ଅସ୍ତବ୍ୟସ୍ତ

ଉତ୍କଣ୍ଠିତ – ଆବେଗମୟ, ଅତି ଆଗ୍ରହ

ଅନୁସନ୍ଧାନ – ଖୋଜିବା

ଚାହିଦା – ଆବଶ୍ୟକତା

ଉତ୍ସୁକତା – ଅତିଶୟ ଆବେଗ, ଅତି ଆଗ୍ରହ

ଦୁଃଖ ଲାଘବ – ଦୁଃଖ କମାଇ ଦେବା

# ଅଭ୍ୟାସ

୧. **ଉତ୍ତର କୁହ ।**

(କ) ସୁଖ ଚାହିଁବାକୁ ହେଲେ ଆମକୁ ପ୍ରଥମେ କ'ଣ କରିବାକୁ ହେବ ?

(ଖ) ଆମେ କ'ଣ କଲେ ଆମକୁ ସମସ୍ତେ ଭଲ ପାଇବେ ?

(ଗ) ରାଜା ପ୍ରତିଦିନ କେଉଁ କାମଟି କରିବାକୁ ଭଲ ପାଉଥିଲେ ?

(ଘ) ରାଜା ନିଜର ଦୁଶ୍ଚିନ୍ତା ସଂପର୍କରେ କାହା ସହିତ ଆଲୋଚନା କଲେ ?

(ଙ) ମନ୍ତ୍ରୀ ଦୋକାନୀବନ୍ଧୁଙ୍କ ସହ କାହିଁକି ଦୁଃଖସୁଖ ହେବା ପାଇଁ ଚାହିଁଲେ ?

(ଚ) ଦୋକାନୀ ଜଣକ କିପରି ନିଜ ସମସ୍ୟାରୁ ମୁକ୍ତ ହେବେ ବୋଲି କହିଲେ ?

(ଛ) ମନ୍ତ୍ରୀଙ୍କଠାରୁ ରାଜାଙ୍କ ଇଚ୍ଛା ସଂପର୍କରେ ଜାଣିଲା ପରେ, ଦୋକାନୀ ଜଣକ କ'ଣ ଚିନ୍ତା କଲେ ?

୨. **ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ରାଜାଙ୍କ ସ୍ୱଭାବ କିପରି ଥିଲା ?

(ଖ) ପ୍ରଥମେ ଦୋକାନୀଜଣଙ୍କୁ ଦେଖି ରାଜାଙ୍କର କ'ଣ କରିବାକୁ ଇଚ୍ଛା ହେଲା ?

(ଗ) ଦୋକାନୀଜଣକ ମନ୍ତ୍ରୀଙ୍କୁ ନିଜ ବ୍ୟବସାୟ ସଂପର୍କରେ କ'ଣ କହିଲେ ?

(ଘ) ମନ୍ତ୍ରୀ ନିଜ ଆସିବାର କାରଣ କ'ଣ ବୋଲି ଦୋକାନୀଙ୍କୁ କହିଲେ ?

(ଙ) ଦୋକାନୀଜଣକ ମନେମନେ କାହିଁକି ଲଜ୍ଜିତ ହେଲେ ?

(ଚ) ରାଜା ଦ୍ୱିତୀୟ ଥର ଦୋକାନୀଙ୍କୁ ଦେଖିବା ପରେ ତାଙ୍କ ମନରେ କି ଭାବନା ଜାଗ୍ରତ ହେଲା ?

୩. **ଉତ୍ତର ପ୍ରାୟ ୧୫୦ ଶବ୍ଦରେ ଲେଖ ।**

(କ) ରାଜା ଏବଂ ଦୋକାନୀ ପରସ୍ପରକୁ ଦେଖିବା ପରେ ମନ ଭିତରେ କ'ଣ କ'ଣ ଭାବିଲେ ?

୪. ସରଳ ଭାଷାରେ ବୁଝାଇ ଦିଅ ।

(କ) ସୁଖରେ ରହିବାକୁ ହେଲେ ମନ ଭିତରେ ସବୁବେଳେ ଭଲ ଚିନ୍ତା ରଖିବା, ଅନ୍ୟମାନଙ୍କ ହିତ କାମନା କରିବା, ମନ ଭିତରେ ଭଲ ଭାବନା ରଖିଲେ ଆମ ପାଇଁ ଏ ଦୁନିଆ ହୋଇ ଉଠିବ ସୁନ୍ଦର ଓ ଆକର୍ଷଣୀୟ ।

(ଖ) ''ଅସୁବିଧା ନ ଥିଲେ ସୁବିଧାର ସୁଆଦ ଚାଖି ହୁଅନ୍ତା ନାହିଁ ।''

୫. ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ଗୋଟିଏ ଗୋଟିଏ ବାକ୍ୟ ଗଠନ କର ।

ସାମଗ୍ରୀ, ଉତ୍କଣ୍ଠିତ, ଆଶ୍ୱାସନା, ଉତ୍ସୁକତା, ସାଜସଜ୍ଜା

୬. 'ଭାବାନ୍ତର' ଯେପରି ''ଅନ୍ୟ ଭାବ ବା ଭାବନାରେ ପରିବର୍ତ୍ତନ'', ସେହିପରି ଏହି ଶବ୍ଦଗୁଡ଼ିକ କ'ଣ ହେବ ଲେଖ ।

ମତାନ୍ତର, ଦେଶାନ୍ତର, ମନାନ୍ତର, ଗ୍ରାମାନ୍ତର

୮. ଯେପରି 'ନାକ ଟେକିବା'ର ଅର୍ଥ 'ଘୃଣା କରିବା' । ସେହିପରି ତଳେ ଦିଆଯାଇଥିବା ପଦଗୁଡ଼ିକର ଅର୍ଥ ବୁଝାଇ ଲେଖ ।

କାନ ପାରିବା, ଆଖି ପକାଇବା, ଭାଗ ବସାଇବା, କପାଳ ଫାଟିବା

୯. ଯେପରି ଖରାପ କାମ ପାଇଁ – 'କୁକର୍ମ' ଶବ୍ଦ ବ୍ୟବହୃତ ହୁଏ ସେହିପରି – କ'ଣ ହେବ ?

ଖରାପ ଚିନ୍ତା–

ଖରାପ କଥା –

ଖରାପ ପଥ –

୧୦. 'ଭାବ' ଶବ୍ଦ ପୂର୍ବରୁ 'ସ୍ୱ' ବସିଲେ- 'ସ୍ୱଭାବ' ହୁଏ । ଏହିପରି ଆଉ ପାଞ୍ଚଟି ଶବ୍ଦ ପୂର୍ବରୁ 'ସ୍ୱ' ବ୍ୟବହାର କରି ଲେଖ ।

୧୧. ରେଖାଙ୍କିତ ଶବ୍ଦଗୁଡ଼ିକର ପୁରୁଷ ଓ ବଚନ ଲେଖ ।

(କ) <u>ଆମେ ଅନ୍ୟମାନଙ୍କୁ</u> ଭଲ ପାଇବା ଉଚିତ ।

(ଖ) <u>ରାଜା</u> ନିଜ <u>ପ୍ରଜାମାନଙ୍କ</u> ମଙ୍ଗଳ ପାଇଁ କାର୍ଯ୍ୟ କରି ଆନନ୍ଦ ଅନୁଭବ କରନ୍ତି ।

(ଗ) ସେମାନଙ୍କ ମନରେ ବିରକ୍ତି ଓ ଘୃଣା ଭାବ ସୃଷ୍ଟି କରିବ ।

(ଘ) ଯାହା ହେଲେ ବି ତୁମକୁ କିଛି ଦିନ ଧୈର୍ଯ୍ୟ ଧରିବାକୁ ପଡ଼ିବ ।

(ଙ) ମୁଁ ତତ୍‌କ୍ଷଣାତ୍ ମୁକ୍ତି ପାଇଯାଆନ୍ତି ।

## ତୁମପାଇଁ କାମ



- ରାଜା ଓ ମହାରାଜାଙ୍କ କାହାଣୀ ବା ଜୀବନୀ ସଂଗ୍ରହ କର ଏବଂ ପଢ଼ ।
- ନୀତିଶିକ୍ଷାମୂଳକ ଗଳ୍ପଟିଏ ଲେଖି ତୁମ ସାଙ୍ଗଙ୍କୁ ଶୁଣାଅ ।

# ମୋ' ପିଲାବେଳ କଥା

**ରମାଦେବୀ**

GEIE1K

## ଲେଖିକା ପରିଚୟ

ରମାଦେବୀ: ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଗୋପାଳବଲ୍ଲଭ ଦାସଙ୍କ ଝିଅ ରମାଦେବୀ । ସେ ବାଲ୍ୟକାଳରୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇଥିଲେ । ଆଜୀବନ ଗାନ୍ଧିବାଦୀ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କୁ ସେ ବିବାହ କରିଥିଲେ । ରମାଦେବୀ ନିଜେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଜଗତସିଂହପୁରରେ ଅଳକା ଆଶ୍ରମ ପ୍ରତିଷ୍ଠା କରି ସେ ସାଧାରଣ ମଣିଷର ସେବାପାଇଁ ସାରା ଜୀବନ ଉତ୍ସର୍ଗ କରିଥିଲେ । ଆତ୍ମଜୀବନୀ ରଚନା କରି ତାହା ମାଧ୍ୟମରେ ସେ ଓଡ଼ିଶାର ସାମାଜିକ, ରାଜନୈତିକ ଇତିହାସ ସମ୍ବନ୍ଧରେ ଅନେକ ତଥ୍ୟ ପ୍ରଦାନ କରିଛନ୍ତି । ଯେତେବେଳେ ଆମ ରାଜ୍ୟରେ ଶିକ୍ଷାର ବିଶେଷ ପ୍ରସାର ଘଟିନଥିଲା, ସେପରି ଏକ ସମୟରେ ଜଣେ ନାରୀ କିପରି ଦେଶ ଓ ଜାତିର ପ୍ରଗତି ପାଇଁ ସାହସର ସହ ଆଗକୁ ଆସିଥିଲେ ତାହା ଚିରକାଳ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇରହିବ । ଏହା ରମାଦେବୀଙ୍କ ଆତ୍ମଜୀବନୀ 'ଜୀବନ ପଥେ' ଗ୍ରନ୍ଥରୁ ଗୃହୀତ ହୋଇଛି ।

ଆମେ ମୋଜାଫରପୁରରେ ଥାଉ । ରାତି ସାଢ଼େ ଆଠଟାରୁ ନଅଟା ଆମର ଖାଇବା ବେଳ । ବାପା ଓ ଆମେ ଦୁଇ ଭଉଣୀ ଖାଉଥାଉ । ମା' ପାଖରେ ବସିଥାଏ । ଗୋଟିଏ ଭାରି ବଡ଼ ଶବ୍ଦ ଶୁଭିଲା । ଦୁଇ ଭଉଣୀ ଚମକି ପଡ଼ିଲୁ। କିଛି ଜାଣି ପାରିଲୁ ନାହିଁ । ବାପା କହିଲେ, ''ଏ ତ ବୋମା ଫୁଟିବାର ଶବ୍ଦ ।'' ଏତିକି କହି ସେ ଏପରି ଗମ୍ଭୀର ହୋଇଗଲେ ଯେ ସେ ଦୃଶ୍ୟ ଏବେ ବି ମନେ ପଡୁଛି । କିଛି ସମୟ ପରେ ଜଣେ ଚପରାସୀ ଆସି ଖଣ୍ଡିଏ ଚିଠି ଦେଲେ । ବାପା ସେ ଚିଠିକୁ ମନେ ମନେ ପଢ଼ି କହିଲେ, ''କିଂସ୍ ଫୋର୍ଡ ସାହେବ ଚିଠି ଦେଇଛନ୍ତି ।'' କିଂସ୍ ଫୋର୍ଡ ସାହେବ ବାପାଙ୍କର

ଘନିଷ୍ଠ ବନ୍ଧୁ । ଆମେ ବାପାଙ୍କ ସାଙ୍ଗରେ ବରାବର ତାଙ୍କ ଘରକୁ ଯାଉ । ତା'ପରେ ବାପା ମା'ଙ୍କ ସାଙ୍ଗରେ ବୋମା ଫୁଟିବା ସମ୍ବନ୍ଧରେ କଥାବାର୍ତ୍ତା ହେଲେ ।



ଆମ ଘର ପାଖରେ କେତେଘର ବଙ୍ଗାଳୀ ଥାଆନ୍ତି । ସେମାନେ ସରକାରୀ ଚାକିରିଆ ନୁହନ୍ତି । ସେମାନଙ୍କ ଭିତରେ ଯୋଗେଶ ବାବୁ ବୋଲି ଜଣେ ବଡ଼ ଓକିଲ ଥିଲେ । ସେ ବଙ୍ଗାଳୀ କେତେ ଘର ସାଙ୍ଗରେ ଆମର ଭାରି ଭାବ । ସେମାନେ ଆସି ବାପାଙ୍କ ସହିତ କଥାବାର୍ତ୍ତା କରନ୍ତି । ସେମାନଙ୍କ ଘରର ପିଲାମାନେ ଦେଶବନ୍ଦନା ବୋଲନ୍ତି । ଆମେ ସେମାନଙ୍କଠାରୁ ସେ ଗୀତଗୁଡ଼ିକ ଶିଖିଲୁ । ଆମ ଘରେ ବଙ୍ଗଲକ୍ଷ୍ମୀ ମିଲ୍‌ର ମୋଟା ଲୁଗା ପିନ୍ଧିବା ଓ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ପୂରା ଦମ୍‌ରେ ଚାଲିଲା ।

ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ଖବର ଆମ ଘରେ ଆଲୋଚିତ ହୁଏ । ଆମେ ଶୁଣୁ । ସେତିକିବେଳେ ଅରବିନ୍ଦଙ୍କ କଥା ମୁଁ ଶୁଣିଥିଲି । ବାପା ତାଙ୍କ ବନ୍ଧୁମାନଙ୍କ ସଙ୍ଗେ ଆଲୋଚନା କରନ୍ତି । କଥାବାର୍ତ୍ତାରେ ଇଂରାଜୀ ଭାଷାର ଆଧିକ୍ୟ ଥିଲେ ମଧ୍ୟ ଯେତିକି ତା' ଭିତରେ ହିନ୍ଦୀ ବା ବଙ୍ଗଳାରେ ଥାଏ, ତାକୁ ଆମେ ମନଦେଇ ଶୁଣୁ । ଉତ୍ତେଜନାର ବାତାବରଣ ଭିତରେ ଆମେ ଥାଉ । ଦେଶ ପାଇଁ କାମ କରିବାକୁ ହେଲେ ଜେଲ୍ ଯିବାକୁ ହୁଏ, ଫାଶୀ ପାଇବାକୁ ହୁଏ, ସ୍ୱଦେଶୀ ଜିନିଷ ବ୍ୟବହାର କରିବାକୁ ହୁଏ– ଏ ଧାରଣା ମନରେ ବଦ୍ଧମୂଳ ହେଲା । ଦେଶପ୍ରେମୀମାନଙ୍କ କଥା ଆଲୋଚନା ହେଉଥାଏ । କେତେ ପ୍ରଶଂସା କରାଯାଉଥାଏ । ଧନ୍ୟଧନ୍ୟ କୁହାଯାଉଥାଏ । ତା'ର ପ୍ରଭାବ ମନ ଉପରେ ପଡ଼ିଲା । ଦେଶ କାମ କଲେ ଏ ସବୁ ମିଳେ । ଅରବିନ୍ଦଙ୍କ କଥା ମଧ୍ୟ ବହୁତ ଶୁଣିବାକୁ ମିଳିଲା । ସେତିକିବେଳୁ ଅରବିନ୍ଦଙ୍କ ପ୍ରଭାବ ମନରେ ଦେଶ କାମ କରିବାର ଛାପ ପକାଇଲା । ମନେମନେ ତାଙ୍କ ପ୍ରତି ଭକ୍ତି ଆସିଲା । ତାଙ୍କ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କଲି ।

ଜେଲ ବିଷୟରେ ଆମର ଧାରଣା ଥାଏ – କାରଣ ବାପା ମଝିରେମଝିରେ ଜେଲ୍ ପରିଦର୍ଶନରେ ଯା'ନ୍ତି । ଆମ ଦି' ଭଉଣୀଙ୍କୁ ସାଙ୍ଗରେ ନିଅନ୍ତି । ବାପା ଅଫିସରେ ରହନ୍ତି । ଅଫିସର ଲୋକ ଆମକୁ ନେଇ ଜେଲ୍ ଭିତର ଦେଖାନ୍ତି ।

ସେତିକିବେଳେ ଖୁଦିରାମ ଜେଲ୍‌ରେ ଥାଆନ୍ତି । ତାଙ୍କୁ ଫାଶୀ ହୁକୁମ ହେଲା । ଖୁଦିରାମଙ୍କୁ ମୁଁ ଜେଲ୍‌ରେ ଦେଖି ନାହିଁ । ଖୁଦିରାମଙ୍କ ମା' ଆସିଲେ ପୁଅକୁ ଦେଖିବା ପାଇଁ । ସମସ୍ତଙ୍କ ମୁହଁରେ ସେହି କଥା । ଖୁଦିରାମଙ୍କ ପ୍ରତି କିମିତି ଗୋଟିଏ ମାୟା ଜମି ଯାଇଥାଏ । ସେ ଫାଶୀ ପାଇବେ ଶୁଣି ମନେମନେ ଭାରି ଦୁଃଖୀ ହେଲି । ବାପାଙ୍କୁ ଅତି ଡରିଡରି କହିଲି, ''ଆମେ ଖୁଦିରାମଙ୍କୁ ଦେଖନ୍ତେ ।'' ବାପା ବାରଣ କରି କହିଲେ, ''ନା...ନା, ତୁମକୁ ଦେଖିବା ପାଇଁ ଛାଡ଼ିବେ ନାହିଁ ।'' କେହି ଲୋକ ଫାଶୀ ପାଇଲେ ବାପା ଫାଶୀ ସ୍ଥାନରେ ଉପସ୍ଥିତ ରହିବା ପାଇଁ ଯାଆନ୍ତି । ତାଙ୍କ ଉପରେ ସେ ଦାୟିତ୍ୱ ଥାଏ । ଭୋର ତିନିଟାରୁ ପୋଷାକ ପିନ୍ଧି ଜେଲ୍‌ଖାନାକୁ ବାହାରନ୍ତି ।

ଖୁଦିରାମ ଫାଶୀଦିନ ନିକଟ ହେଲା । ଆମେ ତାଙ୍କରି କଥାରୁ ଜାଣିଲୁ ଫାଶୀ ପୂର୍ବଦିନ ଲୋକକୁ ତା' ଇଚ୍ଛା କ'ଣ ପଚରାଯାଏ ଓ ସେ ଯାହା କହେ ତାହା ଆଇନସଙ୍ଗତ ହୋଇଥିଲେ ପୂରଣ କରାଯାଏ । ଆଜି ରାତି ପାହାନ୍ତାରେ ଖୁଦିରାମଙ୍କ ଫାଶୀ ହେବ, ଏ କଥା ମୁହୂର୍ତ୍ତକ ପାଇଁ ମନରୁ ଯାଇ ନଥାଏ । ମନ କ'ଣ ହୋଇଯାଉଥାଏ କାନ୍ଦ ମାଡୁଥାଏ । ମା'କୁ ଯାଇ କହିଲୁ–ସେ ବାପାଙ୍କୁ ମନା କରୁ । ବାପା ଫାଶୀବେଳେ ହାଜର ରହିବାକୁ ନ ଯାଆନ୍ତୁ । ମା' କହିଲା, ''ତମେ କୁହ ।'' ଅତି ଡରି ଡରି ବାପାଙ୍କ ଟେବୁଲ୍ ପାଖରେ ଠିଆହେଲୁ । ଅପା ମତେ ଠାରୁଥାଏ କଥାଟା ମୁଁ କହେ । କେତେ ସମୟ ଠିଆ ହୋଇ ରହିଲାରୁ ବାପା କହିଲେ, ''କଅଣ କହିବାକୁ ଆସିଛ କହୁନା ।'' ସାହସ କରି ମୁଁ ହଠାତ୍ କହିଲି, ''ଖୁଦିରାମ ଫାଶୀ ବେଳକୁ ତମେ ଯାଅନା ।'' ବାପା କହିଲେ, ''ଆଉ କିଏ ଯିବ ?'' ତା'ର ଜବାବ ଆମ ପାଖରେ ନଥିଲା । ବାପା ଆମ ମୁଣ୍ଡରେ ହାତ ବୁଲେଇଦେଇ କହିଲେ, ''ମୁଁ ଯିବିନାହିଁ ।'' ବାପା ଭାରି ଗମ୍ଭୀର ଦେଖାଯାଉଥା'ନ୍ତି । ସେ ଅଧିକାଂଶ ଦିନ ରାତିରେ ମୋକଦ୍ଦମା ରାୟ ଲେଖନ୍ତି । ସେଦିନ ବି ଲେଖୁଥିଲେ । ଯଥା ସମୟରେ ଖୁଦିରାମଙ୍କର ଫାଶୀ ହେଲା । ସକାଳ ହେବାବେଳକୁ ଖବର ଚାରିଆଡ଼େ ବ୍ୟାପି ଯାଇଥିଲା । ଆମ ସାହିରେ ଯେପରି ହାଉଆ ହୋଇଥାଏ, ତାହା ମୋର ବର୍ତ୍ତମାନ ବି ମନେ ପଡୁଛି । ମାତ୍ର ତାହା ବର୍ଣ୍ଣନା କରିବାର ଶକ୍ତି ମୋର ନାହିଁ । ସମସ୍ତେ ମନର ଉତ୍ତେଜନା ଲୁଚେଇ ଲୁଚେଇ ପ୍ରକାଶ କରୁଥା'ନ୍ତି ।

ଧୀରେଧୀରେ ସେ ହାଉଆ ଚାଲିଗଲା । ଅରବିନ୍ଦଙ୍କ ଉପରେ ସବୁରି ଦୃଷ୍ଟି ରହିଲା । ମୋ' ମନରୁ ଯେମିତି ଅରବିନ୍ଦଙ୍କ ଛାପ ଲିଭି ନାହିଁ, ସେମିତି ଆଉ କେତେ ଲୋକଙ୍କ ମନରେ ହୁଏତ ଥିବ । ଦେଶ ପାଇଁ ସର୍ବସ୍ୱ ଦେବାକୁ ହେବ– ଏ ଭାବନା ଆମ ମନରେ ବିପ୍ଳବୀ ଅରବିନ୍ଦ ସୃଷ୍ଟି କରିଥିଲେ । ତାଙ୍କୁ ଦେଖିବାର ସୌଭାଗ୍ୟ ମୋର ଘଟି ନଥିଲା ।

ମୁଁ ଗପ ଶୁଣିବାକୁ ଭାରି ଭଲପାଏ । ମା' ସନ୍ଧ୍ୟାବେଳେ ପୂଜା ସାରି ଆମକୁ ଗପ କହେ । ରାମାୟଣ, ମହାଭାରତର ଯେତେ ଚରିତ୍ର ପିଲାଙ୍କ ଆଗରେ ବର୍ଣ୍ଣନା କରାଯାଇପାରେ ସେସବୁ ସେ କହେ । ତା'ଛଡ଼ା ଭାରତର ଐତିହାସିକ ଘଟଣା, ଆନନ୍ଦ ମଠ, ଦେବୀ ଚୌଧୁରାଣୀ, ରାଣା ପ୍ରତାପ, ରବୀନ୍ଦ୍ରନାଥଙ୍କ ଗପ ମା' ଆମକୁ ସଞ୍ଜବେଳେ ଘଣ୍ଟାଏ ଶୁଣାଏ । ଖୁଦିରାମଙ୍କ କଥା ଯେମିତି ପଢ଼ିଲା, ସେ ସରଳଭାବରେ ସେକଥାକୁ, ବିଶେଷ କରି ଅରବିନ୍ଦଙ୍କ ଚରିତ୍ର ଏପରି ବର୍ଣ୍ଣନା କଲା ଯେ, ଆମର ତାଙ୍କପ୍ରତି ଭକ୍ତି ଜାତ ହେଲା । ଆମ ଘରେ ଗୋଟିଏ ଛବିବହି ଥାଏ । ସେ ବହିରେ ପିଲାଙ୍କ ପାଇଁ, ସ୍ତ୍ରୀଲୋକ ତଥା ଗୃହିଣୀଙ୍କ ପାଇଁ ବହୁ ଶିକ୍ଷାପ୍ରଦ କଥା ଛବି ସାଙ୍ଗରେ ଥିଲା । ମା' ସେ ଛବିଗୁଡ଼ିକ ଦେଖାଏ ଓ ବିଷୟ ନାଁ କହେ । ରାତିରେ ଯାହା ଶୁଣିଥାଉ ତାହା ପରଦିନ ଲେଖିକରି ମା'କୁ ଦେଖାଉ । ଭୁଲ୍ କଲେ ବା ଦୋଷ କଲେ ମାଡ଼ ତ ଦୂର କଥା, ମା' କେବେ ଗାଳି ବି ଦିଏ ନାହିଁ ।

**ସୂଚନା :**

ମୋଜାଫରପୁର: ବିହାରର ଏକ ସହର

ବାପା : ରମାଦେବୀଙ୍କ ବାପା ଗୋପାଳ ବଲ୍ଲଭ ଦାସ (୧୮୬୦-୧୯୧୪)

ଖୁଦିରାମ : ଖୁଦିରାମ ବୋଷ । ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ୧୯ ବର୍ଷ ବୟସରେ ଫାଶୀ ପାଇଥିବା ଜଣେ ଦେଶପ୍ରେମୀ ଯୋଦ୍ଧା ।

ଅରବିନ୍ଦ : ଶ୍ରୀ ଅରବିନ୍ଦ ଘୋଷ (୧୮୭୨-୧୯୫୦) ମହାନ ବିପ୍ଳବୀ ଓ ଅଧ୍ୟାତ୍ମବାଦୀ ।

ବଦ୍ଧମୂଳ : ଟାଣ, ଦୃଢ଼

ଅପା : ରମାଦେବୀଙ୍କ ବଡ଼ ଭଉଣୀ ସରଳା ଦେବୀ ।

ଆନନ୍ଦ ମଠ, ଦେବୀ ଚୌଧୁରାଣୀ : ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଲିଖିତ ଦୁଇଟି ପ୍ରସିଦ୍ଧ ଉପନ୍ୟାସ ।

ମା' : ରମାଦେବୀଙ୍କ ମା' ବସନ୍ତ କୁମାରୀ ଦେବୀ

## ଅଭ୍ୟାସ

**୧. ଉତ୍ତର କୁହ ।**

(କ) ମୁଜାଫରପୁରରେ ରମାଦେବୀ କେଉଁମାନଙ୍କ ସହ ରହୁଥିଲେ ?

(ଖ) ଦୁଇ ଭଉଣୀ ହଠାତ୍ କାହିଁକି ଚମକି ପଡ଼ିଲେ ?

(ଗ) ଦେଶ ପାଇଁ କାମ କଲେ କ'ଣ କ'ଣ କରିବାକୁ ହୁଏ ବୋଲି ଲେଖିକା କହିଛନ୍ତି ?

(ଘ) ଜେଲ୍ ସଂପର୍କରେ ରମାଦେବୀ ଅନେକ କଥା କିପରି ଜାଣିଥିଲେ ?

(ଙ) ଶ୍ରୀଅରବିନ୍ଦଙ୍କ ପ୍ରତି ଲେଖିକାଙ୍କର କାହିଁକି ଭକ୍ତି ଆସିଲା ?

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ଖୁଦିରାମ କାହିଁକି ଇତିହାସରେ ପ୍ରସିଦ୍ଧ ହେଲେ ?

(ଖ) ରମାଦେବୀଙ୍କ ଉପରେ ଶ୍ରୀଅରବିନ୍ଦଙ୍କର କି ପ୍ରଭାବ ପଡ଼ିଥିଲା ?

(ଗ) ଖୁଦିରାମ ଫାଶୀ ସମୟରେ ବାପାଙ୍କୁ ଉପସ୍ଥିତ ନ ରହିବା ପାଇଁ ରମାଦେବୀ କାହିଁକି ଅନୁରୋଧ କଲେ ?

(ଘ) ସଂଜବେଳେ ମା' ଦୁଇ ଭଉଣୀଙ୍କୁ କେଉଁ କଥା ସବୁ ଶୁଣାଉଥିଲେ ?

**୩. ପ୍ରାୟ ଶହେଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ ।**

(କ) କୈଶୋର ଅବସ୍ଥାରେ ରମାଦେବୀଙ୍କ ମନରେ କିପରି ସ୍ୱଦେଶପ୍ରୀତିର ଭାବ ଉଦ୍ରେକ ହୋଇଥିଲା ?

(ଖ) ଶ୍ରୀଅରବିନ୍ଦ ଓ ଖୁଦିରାମ ସମ୍ବନ୍ଧରେ ଲେଖିକା କ'ଣ କହିଛନ୍ତି ?

## ତୁମ ପାଇଁ କାମ



- ରମାଦେବୀଙ୍କ ଆତ୍ମଜୀବନୀ ପୁସ୍ତକ ସଂଗ୍ରହ କର ଓ ପଢ଼ ।
- ଓଡ଼ିଶାର ଲେଖିକାମାନଙ୍କର ନାମ ତାଲିକା କର ।

# ବୀର ସୁରେନ୍ଦ୍ର ସାଏ

**ଦାଶ ବେନହୁର**

GESA38

**ଲେଖକ ପରିଚୟ:**

**ଦାଶ ବେନହୁର :** ଦାଶବେନହୁର ଏକ କଲମ-ନାମ । ତାଙ୍କର ପ୍ରକୃତ ନାମ ଜିତେନ୍ଦ୍ର ନାରାୟଣ ଦାଶ । ଗଳ୍ପ, କବିତା, ପ୍ରବନ୍ଧ, ଅନୁବାଦ ସହ ଶିଶୁସାହିତ୍ୟରେ ସଫଳ ଯୋଗଦାନ ଲାଗି ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ବିଜ୍ଞାନ ଏକାଡେମୀ ଭଳି ସଂସ୍ଥାମାନଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । 'କୁନା ପାଇଁ ଅନାବନା ଗୀତ' ଶିଶୁକବିତା ସଂକଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ 'ଉହାଡ଼ ନିଦରେ ପଡ଼ିଛି ଶୋଇ' ଜନପ୍ରିୟ ବିଜ୍ଞାନ ପୁସ୍ତକ ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ପୁରସ୍କୃତ । ଏହା ବ୍ୟତୀତ 'ନାଭି ସମୁଦ୍ର', 'ଚିତ୍ରିତ ଚଉପାଶ', 'ଅସରନ୍ତି ମେଘ', 'ଗାନ୍ଧୀ କାହାଣୀ' ଇତ୍ୟାଦି ତାଙ୍କର ଅତ୍ୟନ୍ତ ଲୋକପ୍ରିୟ ଗ୍ରନ୍ଥ ।

ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୀବନର ନିଷ୍ଠା, ତ୍ୟାଗ, ଦେଶପ୍ରେମ, ସଂଗଠନ ଦକ୍ଷତାର ପରିଚୟ ଏହି ଲେଖାରେ ପ୍ରଦାନ କରାଯାଇଛି ।

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଯେଉଁ କେତେଜଣ ଓଡ଼ିଆ ସେମାନଙ୍କର ଅବିସ୍ମରଣୀୟ କୃତିତ୍ୱ ରଖି ଯାଇଛନ୍ତି ସେମାନଙ୍କ ଭିତରେ ସୁରେନ୍ଦ୍ର ସାଏ ଅନ୍ୟତମ । ତାଙ୍କ ବିପ୍ଳବୀ ଜୀବନର ବୀରଗାଥା ତାଙ୍କୁ ଜଣେ ପ୍ରକୃତ ବୀରର ମର୍ଯ୍ୟାଦା ଦେଇ ବୀର ସୁରେନ୍ଦ୍ର ସାଏ ଭାବେ ସବୁଆଡ଼େ ପରିଚିତ କରାଇଛି । ସମ୍ବଲପୁର ଅଂଚଳକୁ ବିଦେଶୀ ଇଂରେଜ ଶାସକଙ୍କ କବଳରୁ ଛଡ଼ାଇ ଆଣି ସ୍ୱାଧୀନ ରଖିବା ପାଇଁ ସେ ଯେଉଁ ଗଣବିପ୍ଳବ ତୋଳିଥିଲେ, ତାହାର ପଟାନ୍ତର ନାହିଁ ।

ସମ୍ବଲପୁର ରାଜବଂଶର ଚତୁର୍ଥ ରାଜା ମଧୁକର ସାଏଙ୍କର ସେ ଥିଲେ ପଣନାତି । ରାଜା ମଧୁକରଙ୍କର ଦ୍ୱିତୀୟ ପୁତ୍ର ଅନିରୁଦ୍ଧଙ୍କ ନାତି ଧରମ ସିଂହ ଥିଲେ ତାଙ୍କର ପିତା, ମାତାଥିଲେ ରେବତୀ ଦେବୀ । ସୁରେନ୍ଦ୍ରଙ୍କର ଛଅଭାଇ ଓ ଗୋଟିଏ ଭଉଣୀ ଥିଲେ । ସେମାନଙ୍କ ଭିତରେ ସୁରେନ୍ଦ୍ର ଜ୍ୟେଷ୍ଠ

ସନ୍ତାନ ଭାବେ ୧୮୦୯ ମସିହା ଜାନୁଆରୀ ୨୩ ତାରିଖରେ ଖିଣ୍ଡା ଜମିଦାରୀରେ ଜନ୍ମଗ୍ରହଣ କରିଥିଲେ ।



ସାଧାରଣ ପୋଥିବିଦ୍ୟା ଅପେକ୍ଷା ବିଭିନ୍ନ ଶାରୀରିକ-କୌଶଳ-ଶିକ୍ଷାକୁ ପିଲାଦିନୁ ସୁରେନ୍ଦ୍ର ଭଲ ପାଉଥିଲେ । ତେଣୁ ଶରୀରଚର୍ଚ୍ଚା, ଘୋଡ଼ାଦୌଡ଼, ଶରସନ୍ଧାନ ଓ ତରବାରି ଚାଳନା ଆଦି ବିଦ୍ୟାରେ ସେ ଅସମ୍ଭବ ପଟୁତା ଲାଭ କରିଥିଲେ । ପିତାଙ୍କ ମୃତ୍ୟୁପରେ କକା ବଳରାମ ସାଏ ତାଙ୍କର ଲାଳନପାଳନର ଦାୟିତ୍ୱ ନେଇଥିଲେ । ବିବାହ ବୟସ ହେବାରୁ ତତ୍କାଳୀନ ଛୋଟନାଗପୁର ଅଧୀନସ୍ଥ ଗାଙ୍ଗପୁର ରାଜ୍ୟର ହାତୀବାଡ଼ି ଜମିଦାରଙ୍କ କନ୍ୟାଙ୍କୁ ସେ ବିବାହ କରିଥିଲେ । ତାଙ୍କର ଗୋଟିଏ ମାତ୍ର ପୁତ୍ର ଥିଲେ ଓ ତାଙ୍କର ନାମ ଥିଲା ମିତ୍ରଭାନୁ ସାଏ ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଦଖଲ କଲେ ସିନା ସମ୍ବଲପୁରରେ ଇଂରେଜ ସୈନ୍ୟଙ୍କ ସହିତ ରାଣୀ ରତନ କୁମାରୀଙ୍କ ଅଧୀନରେ ବିଦ୍ରୋହ ଲାଗି ରହିଲା । ୧୮୧୯ ବେଳକୁ ଏହା ଇଂରେଜମାନଙ୍କ କର୍ତ୍ତୃତ୍ୱକୁ ଆସିଗଲା । ହେଲେ ସିଂହାସନର ଅଧିକାରକୁ ନେଇ ସମ୍ବଲପୁର ରାଜବଂଶର ବିଭିନ୍ନ ଦାବିଦାରଙ୍କ ଭିତରେ କନ୍ଦଳ ଚାଲିଲା । ଶେଷରେ ଇଂରେଜମାନେ ଅନ୍ୟାୟ ଉପାୟରେ ୧୮୩୩ ମସିହା ଅକ୍ଟୋବର ୧୧ ତାରିଖରେ ରେପାଲିର ଜମିଦାର ଭବାନୀ ସିଂହଙ୍କ କକା ନାରାୟଣ ସିଂହଙ୍କୁ ରାଜଗାଦିରେ ବସାଇଲେ । ନାରାୟଣ ସିଂହଙ୍କୁ ରାଜା କରାଯିବା ପରେ ଚାରିଆଡ଼େ ଘୋର ଅସନ୍ତୋଷ ଦେଖାଦେଲା । କାରଣ ସେ ଥିଲେ ସାଧାରଣ ପ୍ରଜାଙ୍କର ସ୍ୱାର୍ଥବିରୋଧୀ । କେବଳ ଇଂରେଜ ସରକାର ଓ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଛାଡ଼ିଦେଲେ ସଂଖ୍ୟାଗରିଷ୍ଠ ଆଦିବାସୀ ସଂପ୍ରଦାୟ ପ୍ରତି ସେ ସଂପୂର୍ଣ୍ଣ ଉଦାସୀନ ଥିଲେ ।

ଏହି ସମୟରେ ଆଦିବାସୀଙ୍କର ସ୍ୱାର୍ଥ ରକ୍ଷା ପାଇଁ ଆବିର୍ଭୂତ ହେଲେ ସୁରେନ୍ଦ୍ର ସାଏ । ସ୍ୱାଭିମାନୀ ସୁରେନ୍ଦ୍ରଙ୍କର ମାତୃଭୂମି ପ୍ରତି ଥିଲା ପ୍ରଗାଢ଼ ଭକ୍ତି । ଅତଏବ ସୁରେନ୍ଦ୍ରଙ୍କୁ ସମ୍ବଲପୁର ସିଂହାସନରେ ବସାଇବା ପାଇଁ ଇଂରେଜ ସରକାରଙ୍କ ଉପରେ ପ୍ରବଳ ଚାପ ପଡ଼ିଲା । ହେଲେ ନାରାୟଣ ସିଂହ ଇଂରେଜମାନଙ୍କ ସାହାଯ୍ୟରେ ସୁରେନ୍ଦ୍ର ଓ ତାଙ୍କ ସମର୍ଥକଙ୍କ ଉପରେ ଅତର୍କିତ ଆକ୍ରମଣ କରି ତାଙ୍କୁ ପରାଜିତ କଲେ । କକା ବଳରାମଙ୍କୁ ଆଜୀବନ କାରାଦଣ୍ଡ ହେଲା । ସୁରେନ୍ଦ୍ର ସାଏଙ୍କୁ ପ୍ରଥମେ ପାଞ୍ଚବର୍ଷ କାରାଦଣ୍ଡ ହୋଇଥିଲେ ମଧ୍ୟ ରାଜାଙ୍କ ଆପତ୍ତି କ୍ରମେ ତାହା ପୁଣି ଆଜୀବନ କାରାଦଣ୍ଡରେ ପରିଣତ ହେଲା । ସୁରେନ୍ଦ୍ର ସାଏ ହଜାରିବାଗ ଜେଲରେ ଥିବା ସମୟରେ ୧୮୪୯ ସେପ୍ଟେମ୍ବର ମାସରେ ରାଜା ନାରାୟଣ ସିଂହଙ୍କର ମୃତ୍ୟୁ ହେଲା ଓ ସମ୍ବଲପୁର ଇଂରେଜମାନଙ୍କ ସିଧାସଳଖ ଦଖଲକୁ ଆସିଗଲା ।

ଏଣେ ସମୟଚକ୍ରରେ ୧୮୫୭ ମସିହାରେ ସାରା ଭାରତରେ ସିପାହୀ–ବିଦ୍ରୋହ କୁହାଯାଉଥିବା ଭାରତର ପ୍ରଥମ ମୁକ୍ତି ସଂଗ୍ରାମର ସୂତ୍ରପାତ ହେଲା । ସେହିବର୍ଷ ଜୁଲାଇ ମାସ ୩୧ ତାରିଖରେ ବିଦ୍ରୋହୀମାନେ ହଜାରିବାଗ ଜେଲକୁ ଭାଙ୍ଗି ବନ୍ଦୀମାନଙ୍କୁ ଖଲାସ କରିଦେଲେ । ଖଲାସ ହୋଇଥିବା ଏହି ସଂଗ୍ରାମୀମାନଙ୍କ ଭିତରେ ଥିଲେ ସୁରେନ୍ଦ୍ର ସାଏ । ସ୍ୱାଧୀନତାର ସ୍ୱାଦ ଚାଖିଥିବା ସୁରେନ୍ଦ୍ର ପ୍ରଥମେ ମାତୃଭୂମି ସମ୍ବଲପୁରକୁ ଇଂରେଜମାନଙ୍କ କବଳରୁ କିପରି ରକ୍ଷା କରିବେ ସେଇ ଚିନ୍ତାରେ ବୁଡ଼ି ରହିଲେ । ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାରୁ ଜଣେ ଅନନ୍ୟ ସଂଗ୍ରାମୀ ଭାବେ ସେ ସଜାଡ଼ି ନେଲେ ନିଜକୁ ।

ସେଥିପାଇଁ ଯୋଜନା ପ୍ରସ୍ତୁତ ହେଲା । ଲଢ଼େଇ ଚାଲିଲା । ସୁରେନ୍ଦ୍ର ସାଏଙ୍କ ସମ୍ବଲପୁର ଆଗମନ ବାର୍ତ୍ତା ପାଇ ତତ୍କାଳୀନ ସମ୍ବଲପୁର ଆସିଷ୍ଟାଣ୍ଟ କମିଶନର କ୍ୟାପ୍‌ଟେନ୍ ଲି ଆତଙ୍କିତ ହୋଇପଡ଼ିଲେ । ତାଙ୍କୁ ଧରାଇ ଦେବାପାଇଁ ପୁରସ୍କାର ରାଶି ଘୋଷଣା କରାଗଲା । ହେଲେ ସାଧାରଣ ପ୍ରଜା ଓ ଗୌନ୍ତିଆ ଜମିଦାରମାନଙ୍କ ଆନ୍ତରିକ ସମର୍ଥନ ଲାଭ କରିଥିବା ସୁରେନ୍ଦ୍ରଙ୍କୁ କୌଶଳ କରି ଧରିବା ସହଜ ନଥିଲା । ଗଣ ପାଇଁ ଯେ ଜୀବନ ଢାଳି ଦେଇଛି ସେ ଯେ ଜଣେ ହୋଇବି ଗଣରେ ପରିଣତ ହୋଇଛି ସେକଥା ଇଂରେଜ ସରକାର ବୁଝିବେ କେମିତି ? ସୁରେନ୍ଦ୍ର ପ୍ରାୟ ବାରଶହ ସୈନ୍ୟଙ୍କ ଗହଣରେ ସମ୍ବଲପୁର ଆସି କ୍ୟାପ୍‌ଟେନ୍ ଲି'ଙ୍କ ନିକଟରେ କାରାଦଣ୍ଡରୁ ଅବ୍ୟାହତି ଓ ରାଜ୍ୟାଦି ଲାଗି ନିଜର ଦାବି ଜଣାଇଲେ । କ୍ୟାପ୍‌ଟେନ୍ ଲି' କିନ୍ତୁ ସୁରେନ୍ଦ୍ରଙ୍କୁ କିପରି ଗିରଫ କରିବେ ସେଇ କୌଶଳରେ ରହିଲେ । ହେଲେ ଦୁର୍ଦ୍ଧର୍ଷ ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ଆଖିରେ ଧୂଳି ଦେଇ ସେଠାରୁ ଖସି ଆସିଲେ ।

ବିଦ୍ରୋହ ତୀବ୍ରତର ହେବାକୁ ଲାଗିଲା । ସୁରେନ୍ଦ୍ର ସାଏ ଅଧିକ ହିଂସ୍ର ହୋଇ ଛପିରହି ନାନାସ୍ଥାନରେ ଇଂରେଜ ଅଧିକାରୀ ଓ ସୈନ୍ୟମାନଙ୍କ ଉପରେ ଅତର୍କିତ ଆକ୍ରମଣ ଅବ୍ୟାହତ

ରଖିଥିଲେ । ଉଭୟ ପକ୍ଷରୁ ଅନେକଙ୍କୁ ଏଥିପାଇଁ ପ୍ରାଣବଳି ଦେବାକୁ ପଡ଼ିଲା । ହେଲେ ବେଶୀ କ୍ଷତିଗ୍ରସ୍ତ ହେଲେ ଇଂରେଜ ସରକାର । ସୁରେନ୍ଦ୍ର ସାଏଙ୍କୁ ଧରିବା ପାଇଁ ସରକାର ଆପ୍ରାଣ ଚେଷ୍ଟା ଚଳାଇଲେ ।

ଏହି ସମୟରେ ମେଜର ଇମ୍ପେ ୧୮୬୧ ଅପ୍ରେଲ ମାସରେ ସମ୍ବଲପୁର ଶାସନ ଭାର ଗ୍ରହଣ କଲେ । ସେ ବିଦ୍ରୋହୀ ପ୍ରତି କଠୋର ପଦକ୍ଷେପ ବଦଳରେ କୋହଳ ନୀତି ଅବଲମ୍ବନ କଲେ । ପରିସ୍ଥିତି ଦୃଷ୍ଟିରୁ ସୁରେନ୍ଦ୍ରଙ୍କ ସହ ସାଲିସ କଲେ ସମ୍ବଲପୁରରେ ଶାନ୍ତି ପ୍ରତିଷ୍ଠିତ ହୋଇପାରିବବୋଲି ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ । ବିଦ୍ରୋହୀମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ କ୍ଷମା ଦିଆଯିବ ବୋଲି ବାଧ ହୋଇ ସରକାର ଘୋଷଣା କଲେ । ଦେଖାଗଲା ଯେ ବିଦ୍ରୋହୀମାନେ ଅନନ୍ୟୋପାୟ ହୋଇ ଜଣ ଜଣ କରି ଆତ୍ମସମର୍ପଣ କରୁଛନ୍ତି । ଦୀର୍ଘ ଦିନ ବିଦ୍ରୋହ ଅଭିମାନ ଜାରି ରଖି ସେମାନେ କ୍ଳାନ୍ତ ଓ  ଅବସନ୍ନ ହୋଇ ପଡ଼ିଥିଲେ ।

ସହକର୍ମୀ, ପୁଅ ଓ ଭାଇ ଆଦିଙ୍କ ଆତ୍ମସମର୍ପଣ ପରେ ସୁରେନ୍ଦ୍ର ସାଏ ନିଃସହାୟ ହୋଇ ପଡ଼ିଲେ । କାହାକୁ ନେଇ ସେ ଆଉ ଲଢ଼ିବେ? ବାଧ ହୋଇ ସେ ଆତ୍ମସମର୍ପଣ କଲେ । ହେଲେ ଇମ୍ପେଙ୍କ ମୃତ୍ୟୁ ପରେ ମେଜର କମ୍ବର୍ଲି ଡେପୁଟି କମିଶନର ଭାବେ ଯୋଗ ଦେବା ପରେ ପରିସ୍ଥିତି ବଦଳିଗଲା । ସୁରେନ୍ଦ୍ରଙ୍କୁ ସରକାର ସନ୍ଦେହ ଦୃଷ୍ଟିରେ ଦେଖିଲେ । ଲୁଚିଛପି ବିଦ୍ରୋହ ଜାରି ରଖିଥିବା ଅଭିଯୋଗରେ ତାଙ୍କୁ ୧୮୬୪ ଜାନୁଆରୀ ୨୬ ତାରିଖରେ ଗିରଫ କରି ରାୟପୁର ଜେଲକୁ ପଠାଇ ଦିଆଗଲା । ପୁଣି ୧୮୬୫ମସିହା ଅପ୍ରେଲ ମାସରେ ଜଣେ ଆଜୀବନ ବନ୍ଦୀ ଭାବେ ଏହି ମହାନ ବିପ୍ଳବୀ ମଧ୍ୟପ୍ରଦେଶ ଅନ୍ତର୍ଗତ ଅସୁରଗଡ଼ ଦୁର୍ଗକୁ ପ୍ରେରିତ ହେଲେ ।

ଇତିମଧ୍ୟରେ ୧୮୬୯ରେ ତାଙ୍କୁ ରାୟପୁରରେ ରହିବା ସର୍ତ୍ତରେ ଖଲାସ କରାଯିବା ପାଇଁ ସରକାର ପ୍ରସ୍ତାବ ପ୍ରଦାନ କରିଥିଲେ । ମାତ୍ର ସ୍ୱାଭିମାନୀ ସୁରେନ୍ଦ୍ର ସେ କଥାକୁ ପ୍ରତ୍ୟାଖ୍ୟାନ କରିଥିଲେ । 'ମୋ ସମ୍ବଲପୁର ତ ପରାଧୀନ, ମୁଁ ଏକୁଟିଆ ମୁକ୍ତି ପାଇଲେ କ'ଣ ହେବ ।'' ପରିଣତି ସ୍ୱରୂପ ଅତିଶୟ ବୃଦ୍ଧ ହୋଇ ଅସୁରଗଡ଼ ଜେଲରେ ଚିକିତ୍ସିତ ହେଉଥିବା ବେଳେ ୧୮୮୪ ମସିହା ଫେବୃଆରି ୨୮ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେତେବେଳକୁ ସେ ୭୬ ବର୍ଷ ବୟସରେ ପଦାର୍ପଣ କରିଥିଲେ । ଏହି ଆଜୀବନ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଥିଲେ ସଂଗ୍ରାମ ଓ ସଂଘର୍ଷର ପ୍ରତୀକ । ଅନ୍ୟାୟ ବିରୋଧରେ ଲଢ଼ି ସ୍ୱାଧୀନତା ପାଇଁ ସେ ଯେଉଁ ବିପ୍ଳବ ଜାରି ରଖିଥିଲେ ଓ ଯେତେ କଷ୍ଟ ଭୋଗ କରିଥିଲେ ତାହା ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଅଲିଭା ସ୍ମୃତି ହୋଇ ରହିବ । ଜୀବନର ଅନ୍ୟନାମ ସଂଘର୍ଷ ଓ ସ୍ୱାଧୀନତା ହାସଲ ପାଇଁ ଆତ୍ମବଳିଦାନ ହିଁ ଶ୍ରେଷ୍ଠ ଅବଦାନ – ଏଇକଥା ସତେଯେମିତି ପ୍ରତିଫଳିତ ହୋଇଥିଲା ବୀର ସୁରେନ୍ଦ୍ର ସାଏଙ୍କ ଅମର ଜୀବନରେ ।

# ଅଭ୍ୟାସ

୧. ଉତ୍ତର କୁହ ।

(କ) ସୁରେନ୍ଦ୍ର ସାଏ କାହିଁକି ଗଣବିପ୍ଳବ କରିଥିଲେ?

(ଖ) ପୋଥିବିଦ୍ୟା ଶିକ୍ଷା ଅପେକ୍ଷା ପିଲାଦିନୁ ସେ କେଉଁ ଶିକ୍ଷାକୁ ଭଲ ପାଉଥିଲେ ?

(ଗ) ସେ କାହାକୁ ବାହା ହୋଇଥିଲେ ?

(ଘ) ତାଙ୍କ ପୁଅଙ୍କ ନାମ କ'ଣ ?

(ଙ) ସେ କେଉଁ ଜେଲରେ ଆଜୀବନ କାରାଦଣ୍ଡ ଭୋଗିଥିଲେ ?

(ଚ) ସମ୍ବଲପୁର ରାଜବଂଶର ଜମିଦାରଙ୍କ ଭିତରେ କାହିଁକି କନ୍ଦଳ ଚାଲିଥିଲା ?

(ଛ) ନାରାୟଣ ସିଂହ କିଏ ? ସେ କାହା ଉପରେ ଅତର୍କିତ ଆକ୍ରମଣ କରି ପରାସ୍ତ କରିଥିଲେ ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତରଲେଖ ।

(କ) ସୁରେନ୍ଦ୍ର ସାଏଙ୍କ ପରିବାରରେ କିଏ କିଏ ରହୁଥିଲେ ? ତାଙ୍କ ବାପା ଓ ମାଆଙ୍କ ନାମ କ'ଣ?

(ଖ) ନାରାୟଣ ସିଂହ ରାଜା ହେଲା ପରେ କାହିଁକି ଚାରିଆଡ଼େ ଅସନ୍ତୋଷ ଦେଖା ଦେଲା ?

(ଗ) ସୁରେନ୍ଦ୍ର ସାଏ ହଜାରିବାଗ ଜେଲରୁ ସମ୍ବଲପୁର ଫେରିଲା ପରେ କ୍ୟାପଟେନ ଲି କାହିଁକି ଆତଙ୍କିତ ହୋଇ ପଡ଼ିଲେ ?

(ଘ) ତାଙ୍କୁ ଧରିବା ପାଇଁ ଇଂରେଜମାନେ କେଉଁ ସବୁ କୌଶଳ ପ୍ରୟୋଗ କରିଥିଲେ ?

(ଙ) ସିପାହୀ–ବିଦ୍ରୋହ କେତେ ମସିହାରେ ହୋଇଥିଲା ଓ କିଭଳି ରୂପ ଧାରଣ କରିଥିଲା ?

୩. **ପ୍ରାୟ ୮୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ ।**

(କ) 'ସୁରେନ୍ଦ୍ର ସାଏ ଥିଲେ ଜଣେ ମହାନ ସଂଗ୍ରାମୀ ଓ ସଂଘର୍ଷର ପ୍ରତୀକ ।' ଏହା ତାଙ୍କ ଜୀବନରେ କିପରି ପ୍ରତିଫଳିତ ହୋଇଥିଲା ଲେଖ ।

(ଖ) ମେଜର ଇମ୍ପୋ କେଉଁ ସବୁ ନୀତି ଅବଲମ୍ବନ କରିଥିଲେ ?

୪. **ପ୍ରାୟ ୧୫୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ ।**

ସୁରେନ୍ଦ୍ର ସାଏଙ୍କ ବିପ୍ଳବୀ ଜୀବନ କିପରି କଟିଥିଲା, ଲେଖ ।

## ତୁମପାଇଁ କାମ



- ସୁରେନ୍ଦ୍ର ସାଏଙ୍କ ଭଳି ସଂଗ୍ରାମୀମାନଙ୍କ ଜୀବନୀ ସଂଗ୍ରହ କର ଓ ପଢ଼ ।
- ଲେଖକ ଦାଶ ବେନହୁରଙ୍କ ଲିଖିତ ଅନ୍ୟାନ୍ୟ ପୁସ୍ତକ ପଢ଼ ।

# ମୁକ୍ତିଯୋଦ୍ଧା ଜୟୀ ରାଜଗୁରୁ

ବୀରେନ୍ଦ୍ର ମହାନ୍ତି

GF264V

## ଲେଖକ ପରିଚୟ:

**ଶ୍ରୀ ବୀରେନ୍ଦ୍ର ମହାନ୍ତି :** ସମସାମୟିକ ଓଡ଼ିଶାର ଶିଶୁ ସାହିତ୍ୟିକମାନଙ୍କ ଭିତରେ ଶ୍ରୀ ବୀରେନ୍ଦ୍ର ମହାନ୍ତି ଜଣେ ସୁପରିଚିତ ଲେଖକ । ଏହି ସ୍ରଷ୍ଟା ପିଲାମାନଙ୍କ ପାଇଁ କବିତା, ଗଳ୍ପ, ପ୍ରବନ୍ଧ, ଜୀବନୀ ଇତ୍ୟାଦି ପ୍ରାୟ କୋଡ଼ିଏଟି ପୁସ୍ତକ ରଚନା କରିଛନ୍ତି । ତନ୍ମଧ୍ୟରୁ 'ଥୁକୁଲୁ ଥୁକୁଲ ଥା' କବିତା ଗ୍ରନ୍ଥ ପାଇଁ ସେ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । 'ଶିଶୁ ହସିଲେ ଦୁନିଆ ହସେ' ପୁସ୍ତକ ହିନ୍ଦୀଭାଷାରେ ଅନୁଦିତ ହୋଇ ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୋଇଛି । 'ଦି ଗ୍ରୀଡ଼ି କ୍ୟାଟ ଆଣ୍ଡ ଅଦର ଷ୍ଟୋରିଜ୍' ତାଙ୍କ ଲିଖିତ ଇଂରାଜୀ ସଂକଳନ । 'ସାବାସ୍ ଠେକୁଆ', 'ଅଜା ଦିନେ ମନକଥା କହିଲେ' ଗଳ୍ପ ପୁସ୍ତକ 'ଏଇ ମୋର ପ୍ରିୟ ଜନମଭୂଇଁ', 'ଠିଆପୁଚି ନାରଙ୍ଗ' କବିତା ପୁସ୍ତକ, 'ଜୟୀ ରାଜଗୁରୁ', 'କେଳୁଚରଣ ମହାପାତ୍ରଙ୍କ ଜୀବନୀ' ତାଙ୍କର କେତୋଟି ବିଶିଷ୍ଟ ରଚନା ।

ଭାରତୀୟ ମୁକ୍ତି ଯୁଦ୍ଧର ପ୍ରଥମ ଯୋଦ୍ଧା ଜୟୀ ରାଜଗୁରୁଙ୍କ ତ୍ୟାଗ, ସାହସିକତା ଓ ଦେଶପ୍ରେମର ପରିଚୟ ଏଥିରେ ସ୍ଥାନ ପାଇଛି ।

ଇତିହାସ କହେ, ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଓଡ଼ିଶାରେ ହିଁ ଆରମ୍ଭ ହୋଇଥିଲା । ଏ ଦେଶ ପାଇଁ, ଏ ଜାତିପାଇଁ, ଏ ମାଟି ମାଆ ପାଇଁ ଯେଉଁ ବୀର ଯୋଦ୍ଧାମାନେ ସଂଗ୍ରାମର ସମ୍ମୁଖ ଭାଗରେ ରହି, ଦେଶ ମାତୃକାକୁ ବିଦେଶୀ ଆକ୍ରମଣକାରୀଙ୍କ ହାତରୁ ମୁକ୍ତ କରିବା ପାଇଁ ନିଜ ଜୀବନକୁ ବିସର୍ଜନ କରିଥିଲେ, ନିଜ ଜୀବନଠାରୁ ଦେଶର ସ୍ୱାଭିମାନକୁ ବଡ଼ ବୋଲି ଭାବୁଥିଲେ, ଫାଶୀ ପାଇ ହସି ହସି ମୃତ୍ୟୁବରଣ କରି ମୃତ୍ୟୁବିଜୟୀ ହୋଇଥିଲେ, ସେହି ବୀରଯୋଦ୍ଧା, ପରମ ଦେଶଭକ୍ତମାନଙ୍କ ମଧ୍ୟରେ ଦେଶ ସ୍ୱାଧୀନତାର ପ୍ରଥମ ସଂଗ୍ରାମୀ ଯୋଦ୍ଧା ବିପ୍ଳବୀ ଜୟୀ ରାଜଗୁରୁ ଅନ୍ୟତମ ।

ବିଶ୍ୱାସଘାତକ ଇଂରେଜମାନେ ଇଷ୍ଟ ଇଣ୍ଡିଆ କଂପାନୀ ଗଠନ କରି ସାରା ଭାରତବର୍ଷକୁ ନିଜ ଅଧୀନକୁ ନେବା ପରେ ଶେଷ ସ୍ୱାଧୀନ ଦେଶ ଭାବରେ ଓଡ଼ିଶାକୁ ଆଗମନ କଲେ । ଓଡ଼ିଶାରେ ସେତେବେଳକୁ ମରହଟ୍ଟାମାନେ ରାଜୁତି କରୁଥାନ୍ତି । ହାଇଦରାବାଦର ନିଜାମ, ମହୀଶୂରର

ଟିପୁସୁଲତାନ, ପଞ୍ଜାବର ଶିଖ୍ ସଂଗଠନ ପ୍ରଭୃତି ଇଂରେଜମାନଙ୍କ ଦ୍ୱାରା ଜାରି ଆଦେଶ ପ୍ରତିହତ କରିବା ପାଇଁ ନିଜ ସ୍ତରରେ ଉଦ୍ୟମ ଜାରି ରଖିଥିବା ବେଳେ ଓଡ଼ିଶାରେ ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବଙ୍କ ମୁଖ୍ୟ ପରାମର୍ଶଦାତା, ପ୍ରଧାନମନ୍ତ୍ରୀ, ରାଜ୍ୟର ବେବର୍ତ୍ତା ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରି ଇଂରେଜବିରୋଧୀ ଚେତନା ସୃଷ୍ଟି କରିପାରିଥିଲେ । ପରବର୍ତ୍ତୀ ସମୟରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ତାପଙ୍ଗ ଦଳବେହେରା, ପିଣ୍ଡିକୀ ବାହୁବଳେନ୍ଦ୍ର, ଜୋରା ବିଶୋଇ, ଚକରା ବିଶୋଇ, ବୀର ସୁରେନ୍ଦ୍ର ସାଏ ପ୍ରମୁଖ ମୁକ୍ତି ସଂଗ୍ରାମକୁ ଆଗେଇ ନେଇଥିଲେ ।



ବାସ୍ତବିକ ବୀର କେବେ ପଛଘୁଞ୍ଚା ଦିଏନାହିଁ କି ନିଜର ଜୀବନ ଭୟରେ ଦେଶର ସ୍ୱାଭିମାନକୁ ବଳିଦିଏନାହିଁ । ଖୋର୍ଦ୍ଧା ରାଜାଙ୍କର ରାଜପୁରୋହିତ, ସେନାଧ୍ୟକ୍ଷ ଜୟୀ ରାଜଗୁରୁ ସେହିପରି ଜଣେ ସଚ୍ଚା ଦେଶଭକ୍ତ ଥିଲେ । ସେ ମାତୃଭୂମିକୁ ବିଦେଶୀ ଶତ୍ରୁମାନଙ୍କ କବଳରୁ ରକ୍ଷା କରିବା ପାଇଁ ନିଜର ପ୍ରାଣବଳି ଦେଇଥିଲେ ।

ଜୟୀ ରାଜଗୁରୁ ଥିଲେ ଜନ୍ମରୁ ବୀର । ପଣ୍ଡିତଶ୍ରେଷ୍ଠ ଗଦାଧର ରାଜଗୁରୁଙ୍କ ବଂଶରେ ଜନ୍ମଗ୍ରହଣ କରି ନିଜର ପାଣ୍ଡିତ୍ୟ, ବୀରତ୍ୱ ପ୍ରଦର୍ଶନ କରି ସାରା ଭାରତବର୍ଷର ମୁକ୍ତି ସଂଗ୍ରାମର ପ୍ରଥମ ନାୟକ ଭାବେ ପ୍ରତିଷ୍ଠିତ ହୋଇଥିଲେ । ୧୭୩୯ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସ ୨୯ ତାରିଖ ପବିତ୍ର ଅଅଁଳା ନବମୀ ତିଥିରେ ଶ୍ରୀକ୍ଷେତ୍ର ନିକଟସ୍ଥ ବୀରହରେକୃଷ୍ଣପୁର ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ ।

ଶୁଣାଯାଏ, ପିଲାବେଳେ ଜୟୀ ଗୁରୁଣ୍ଡିଗୁରୁଣ୍ଡି ଦାଣ୍ଡପିଣ୍ଡାରୁ ତଳକୁ ଖସି ପଡ଼ିବାବେଳେ କାଳିଆ ଘୋଡ଼ା ଆସି ବୀରବାଳକକୁ ଅଟକାଇ ରଖିଥିଲା। ଘୋଡ଼ାର ବେକରେ ଥିବା ବେଲ୍ଟ ଧରି ଜୟୀ ଓହଳିପଡ଼ି ଖୁସି ହେଉଥିଲେ । ଏହି ସମୟରେ ପିତା ମନ୍ଦିରରୁ ପୂଜା କରି ଫେରୁଥାନ୍ତି । ପୁଅ କାଳିଆଘୋଡ଼ାର ବେକରେ ଓହଳି ଖେଳୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ସେହିଦିନଠାରୁ ବାଳକ ଜୟୀ ସବୁଦିନ କାଳିଆଘୋଡ଼ା ସହିତ ଖେଳିବାକୁ ଆଗ୍ରହୀ ହେଲେ । ରକ୍ଷଣଶୀଳ ପରିବେଶ ମଧ୍ୟରେ ଜୟୀ ବାଲ୍ୟଶିକ୍ଷା ସମାପ୍ତ କରି ପାରମ୍ପରିକ ଶସ୍ତ୍ରାଦିରେ ନିପୁଣତା ଅର୍ଜନ କରିଥିଲେ ।

ପିତା ଚାନ୍ଦ ରାଜଗୁରୁ ଖୋର୍ଦ୍ଧା ରାଜାଙ୍କର କୁଳ ପୁରୋହିତ । ରାଜଗୁରୁ ପଦବୀରେ ଅଧିଷ୍ଠିତ ଥାଇ ତାଙ୍କର ଅକାଳ ବିୟୋଗ ଘଟିଲା । ମାଆଙ୍କର ଇଚ୍ଛା ଥିଲା ଜୟୀଙ୍କୁ ବିବାହ କରାଇ ସୁଖରେ

ଘରକୁ ବୋହୂଟିଏ ଆଣିଲେ ଦୁଃଖ ଲାଘବ ହେବ । ମାତ୍ର ଯିଏ ନିଜ ଦେଶପାଇଁ, ଅତ୍ୟାଚାରୀ ବିଦେଶୀ ଶାସକମାନଙ୍କ ଦାଉରୁ ପ୍ରଜାମାନଙ୍କୁ ରକ୍ଷା କରିବା ପାଇଁ ଅହରହ ଚିନ୍ତା କରୁଥିଲେ ସେ କ'ଣ ନିଜର ସୁଖ ପାଇଁ ବିବାହ ବନ୍ଧନରେ ଆବଦ୍ଧ ହୋଇପାରେ ? ପୁଅର ଏପରି ହାବଭାବ ଦେଖି ମାଆ ଚିନ୍ତିତ ହୋଇ ପଡ଼ିଲେ । ଚିନ୍ତାରେ ଶଯ୍ୟାଶାୟୀ ହେଲେ । ମାଆଙ୍କର ଇଚ୍ଛାଥିଲା ପିତାଙ୍କ ଅନ୍ତେ ଖୋର୍ଦ୍ଧାରାଜାଙ୍କର ରାଜଗୁରୁ ପଦବୀରେ ଜୟୀ ଅଧିଷ୍ଠିତ ହୁଅନ୍ତୁ । ସେତେବେଳକୁ ଖୋର୍ଦ୍ଧା ରାଜା ଜୟୀଙ୍କୁ ବାରମ୍ବାର ଖବର ପଠାଉଥାନ୍ତି । ସେହି ସମୟକୁ ନିଜ ଗାଁ ପାଖ ଅଂଚଳରେ ବର୍ଗୀମାନଙ୍କଦ୍ୱାରା ସାଧାରଣ ଲୋକ ଅତ୍ୟାଚାରିତ ହୋଇ ବିକଳ ହେଉଥାନ୍ତି । ଲୋମହର୍ଷଣକାରୀ ହିଂସାକାଣ୍ଡରେ ଜନସାଧାରଣ ଅତିଷ୍ଠ ହୋଇ ପଡୁଥିବା କଥା ଜାଣି ବିପ୍ଳବୀ ଜୟୀ ନିରୀହ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖୋର୍ଦ୍ଧା ରାଜାଙ୍କୁ ସାକ୍ଷାତ କଲେ । ଏହାପରେ ରାଜଗୁରୁ ପଦବୀରେ ଅଧିଷ୍ଠିତ ହେଲେ ଯୁବକ ଜୟୀ ରାଜଗୁରୁ । ଜୟୀଙ୍କର ବିଚକ୍ଷଣ ବୁଦ୍ଧି, ଦେଶପ୍ରୀତି, ଭକ୍ତି, ସାହସ ଓ ଶକ୍ତିକୁ ଦେଖି ରାଜା ରାଜ୍ୟର ପ୍ରଧାନମନ୍ତ୍ରୀ, ମୁଖ୍ୟ ପରାମର୍ଶଦାତା, ସେନାଧ୍ୟକ୍ଷ ଏବଂ ରାଜ୍ୟର ମୁଖ୍ୟ ବେବର୍ତ୍ତା ରୂପେ ଅବସ୍ଥାପିତ କଲେ । ବିପ୍ଳବୀ ବୀର ନିଜର ଦାୟିତ୍ୱ, କର୍ତ୍ତବ୍ୟକୁ ଠିକ୍ ଭାବରେ ସଂପାଦନ କରିବାକୁ ଯାଇ ନିଜର ପାରିବାରିକ ଜୀବନ କଥା ଭୁଲିଗଲେ । ସେ ସାରାଜୀବନ ଅବିବାହିତ ରହିଗଲେ ।

୧୮୦୩ରେ ଇଂରେଜମାନେ ମରହଟ୍ଟା ଶାସନାଧୀନ ଓଡ଼ିଶା ଅଧିକାର କଲେ । ସେତେବେଳକୁ ଖୋର୍ଦ୍ଧା ରାଜ୍ୟ ସ୍ୱାଧୀନ ରାଜ୍ୟ । ଏହି ଘଡ଼ିସନ୍ଧି ସମୟରେ ଦିବ୍ୟସିଂହଦେବଙ୍କର ମୃତ୍ୟୁ ଯୋଗୁ ତାଙ୍କର ନାବାଳକ ପୁତ୍ର ମୁକୁନ୍ଦଦେବ ଖୋର୍ଦ୍ଧା ରାଜସିଂହାସନରେ ଅଭିଷିକ୍ତ ହୋଇଥାନ୍ତି । ଅଭିଜ୍ଞ, ଦକ୍ଷ ରାଜନୀତିଜ୍ଞ, କୁଶଳୀ କୂଟନୀତିଜ୍ଞ, ସେନାଧ୍ୟକ୍ଷ, ମହାମନ୍ତ୍ରୀ, ମୁଖ୍ୟ ପରାମର୍ଶଦାତା, ବେବର୍ତ୍ତାଙ୍କ ମୁଣ୍ଡରେ ରାଜ୍ୟର ସମଗ୍ର ଭାର ଲଦି ହୋଇପଡ଼ିଲା । ମୁକୁଟବିହୀନ ସମ୍ରାଟ ରୂପେ ଜୟୀ ରାଜଗୁରୁ ଦେଶକୁ ରକ୍ଷା କରିବାପାଇଁ ଇଂରେଜମାନଙ୍କ ବିରୋଧରେ ଲଢ଼େଇ ଆରମ୍ଭ କଲେ ।

ଖୋର୍ଦ୍ଧା ରାଜ୍ୟ ଦେଇ ଇଂରେଜମାନେ ସୈନ୍ୟସାମନ୍ତ ନେଇ କଟକର ବାରବାଟୀ ଦୁର୍ଗ ଦଖଲ କଲେ । ଇଂରେଜମାନଙ୍କ ଚରମ ବିଶ୍ୱାସଘାତକତାରେ କ୍ଷୁବ୍ଧ ହୋଇ ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ଆରମ୍ଭକଲେ । 'ଶମ୍ଭୁଭାରତୀ' ନାମକ ଜଣେ ସନ୍ନ୍ୟାସୀଙ୍କୁ ସାଥୀ କରି ଗାଁ-ଗାଁରେ ଲୋକଙ୍କୁ ମତାଇ ଇଂରେଜବିରୋଧୀ ଜନମତ ସୃଷ୍ଟି କଲେ । ଫଳରେ ଗାଁ ଗାଁରେ ପାଇକ ପୁଅ, ଖଣ୍ଡାୟତପୁଅ, ବୀର, ଯୋଦ୍ଧାମାନେ ମାତିଉଠିଲେ, ତାତିଉଠିଲେ ।

ପାଇକମାନଙ୍କୁ ନେଇ ମେଳି ତିଆରି ହେଲା । ମେଳିର ମେଢ଼ି ହୋଇ ବୀର ଯୋଦ୍ଧା ଜୟୀ ରାଜଗୁରୁ ସୈନ୍ୟମାନଙ୍କୁ ତାଲିମ ଦେଲେ । ହଠାତ୍ ଦୁଇହଜାର ସୈନ୍ୟସାମନ୍ତଙ୍କୁ ନେଇ ଜୟୀ ରାଜଗୁରୁ କଟକ ବାରବାଟୀ ଦୁର୍ଗକୁ ଘେରାଉ କରି କର୍ଣ୍ଣେଲ ହାରକୋର୍ଟଙ୍କଠାରୁ ଚୁକ୍ତିପତ୍ର ଅନୁଯାୟୀ ଏକଲକ୍ଷଟଙ୍କା ଦାବିକଲେ । କର୍ଣ୍ଣେଲ ଏଭଳି ଅତର୍କିତ ଆକ୍ରମଣରେ ଭୟଭୀତ ହୋଇ ନଗଦ ଚାଳିଶହଜାର ଟଙ୍କା ପ୍ରଦାନ କଲେ, ମାତ୍ର ଚାରିଗୋଟି ପ୍ରଗଣା ଫେରସ୍ତ ପାଇଁ ରାଜି ହେଲେନାହିଁ । ଜୟୀ ରାଜଗୁରୁ ଚାଳିଶହଜାର ଟଙ୍କା ନେଇ ପାଇକମାନଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ କଲେ ଓ ଇଂରେଜ ଶାସକ ବିରୋଧରେ ଯୁଦ୍ଧ ପ୍ରସ୍ତୁତିରେ ଲାଗିପଡ଼ିଲେ । ଖୋର୍ଦ୍ଧା ରାଜ୍ୟର ଗ୍ରାମାଞ୍ଚଳରୁ ବଛାବଛା ବୀର ଯୁବକମାନଙ୍କୁ ଆଣି ବରୁଣେଇଗଡ଼ରେ ଯୁଦ୍ଧ ତାଲିମ ପ୍ରଦାନ କରାଗଲା । କନିକା, କୁଜଙ୍ଗ, ବିଷ୍ଣୁପୁର ଓ ମରଚିପୁର ରାଜାମାନେ ବିଦ୍ରୋହରେ ସାମିଲ ହେବା ପାଇଁ ହାତ ବଢ଼ାଇଲେ । ଏହି ସମୟରେ ଜୟୀ ରାଜଗୁରୁ ଚତୁରତାର ସହ ମରହଟ୍ଟାମାନଙ୍କ ସାହାଯ୍ୟ ପାଇଁ ନାଗପୁର ଭୋନସଲାଙ୍କ ସହ ଗୁପ୍ତ ମନ୍ତଣା କଲେ । କିନ୍ତୁ ଜୟୀଙ୍କ କଥାରେ ଭୋନ୍‌ସଲା ଏକମତ ହେବା ପରେ ଖୋର୍ଦ୍ଧା ରାଜ୍ୟରୁ ଗୁପ୍ତଚର ଚିଠି ସହ ସୈନ୍ୟ ସରଞ୍ଜାମର ଚିଠା ନେଇ ଯିବାବାଟରେ ସମ୍ବଲପୁରଠାରେ ଇଂରେଜମାନଙ୍କ ହାତରେ ଧରାପଡ଼ିଲେ । ଜୟୀଙ୍କର ସମସ୍ତ କୂଟନୀତିକୁ ଭଣ୍ଡୁର କରିବା ପାଇଁ ଇଂରେଜ ଶାସକ ଷଡ଼ଯନ୍ତ୍ର ରଚନା କଲେ । ନିଶାର୍ଦ୍ଧରେ ସୁଡ଼ଙ୍ଗ ମଧ୍ୟରେ ଜୟୀ ଦୁର୍ଦ୍ଧର୍ଷ ସୈନ୍ୟମାନଙ୍କୁ ତାଲିମ ଦେଉଥିଲେ । ସୈନ୍ୟ ବାହିନୀଙ୍କୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଥିଲା । ସେଗୁଡ଼ିକ ପଦାତିକ, ଅଶ୍ୱାରୋହୀ ଓ ଗଜାରୋହୀ । ଏହାଛଡ଼ା ବିଭିନ୍ନ କୁଶଳୀ ଯୋଦ୍ଧାମାନଙ୍କୁ ନେଇ ସେନାପତି ରାଜଗୁରୁ ଚାରି ଭାଗରେ ବିଭକ୍ତ କରିଥିଲେ। ପାହାଡ଼ୀ, ବାଣୁଆ, ଢେଙ୍କିଆ, ଗରିଲା ବିଭାଗରେ ମୋଟ ପନ୍ଦର ହଜାର ସୈନ୍ୟ ପ୍ରସ୍ତୁତ ହୋଇଥିଲେ । ପାହାଡ଼ୀମାନେ ବଣ ପାହାଡ଼ରେ ଲୁଚିଛପି ଶତ୍ରୁକୁ ଆକ୍ରମଣ କରିବାବେଳେ ବାଣୁଆମାନେ ଖାର, ଗନ୍ଧକ କୋଇଲା ଓ ଲୌହଗୁଣ୍ଡରେ ବାଣ ତିଆରିକରି ଆଗ୍ନେୟାସ୍ତ୍ର ପ୍ରୟୋଗରେ ଧୁରନ୍ଧର ଥିଲେ । ଢେଙ୍କିଆମାନେ ଖଣ୍ଡା, ତରୁଆଲ, ଢାଲ, ଧନୁଶର ସାହାଯ୍ୟରେ ଆକ୍ରମଣ କରୁଥିବା ବେଳେ ଗରିଲାମାନେ ପଛପଟୁ ଅତର୍କିତ ଆକ୍ରମଣ କରି ଉଭାନ ହୋଇ ଯାଉଥିଲେ । ଏହାଛଡ଼ା ସୈନ୍ୟମାନେ ଜଳଧର ବ୍ୟୂହ, ଚକ୍ରବ୍ୟୂହ, ଅର୍ଦ୍ଧଚକ୍ର ବ୍ୟୂହ, ସୂଚୀ ବ୍ୟୂହ ଓ ସେନାଶାୟୀ ବ୍ୟୂହ ରଚନା କରି ଚକମା ଦେଖାଇବାରେ ଧୁରନ୍ଧର ଥିଲେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ, ରାଜାଙ୍କ କୁଳପୁରୋହିତ ଜୟୀରାଜଗୁରୁ ମନ୍ଦିର ପ୍ରଶାସକ ଦାୟିତ୍ୱ ନିଜ ହାତକୁ ନେଇଗଲେ । ଚାରୋଟି ପ୍ରଗଣାରୁ ଖଜଣା ଆଦାୟ ପାଇଁ ଖୋର୍ଦ୍ଧାରାଜ୍ୟ ତରଫରୁ ସନନ୍ଦ ଜାରି କରାଗଲା ଏବଂ ଖୋର୍ଦ୍ଧା ସେନାବାହିନୀ ପକ୍ଷରୁ ସେହି

ପ୍ରଗଣାମାନଙ୍କରେ ଆକ୍ରମଣ କରାଗଲା । ଏହି ସମୟରେ ଇଂରେଜମାନେ ଜୟୀ ରାଜଗୁରୁଙ୍କ ବିଶ୍ୱସ୍ତ ଶମ୍ଭୁଭାରତୀଙ୍କୁ ବନ୍ଦୀକରି ଜୟୀ ରାଜଗୁରୁଙ୍କୁ ସେନାଧ୍ୟକ୍ଷ ପଦରୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କୁ ପ୍ରବର୍ତ୍ତାଇଲେ । ଇଂରେଜବିରୋଧୀ ଷଡ଼ଯନ୍ତ୍ରର ମୁଖ୍ୟନାୟକ ଭାବେ ଜୟୀ ରାଜଗୁରୁଙ୍କ ବିରୋଧରେ ଗୁପ୍ତ ମନ୍ତ୍ରଣା କଲେ ଓ ଖଳନାୟକ, ସ୍ୱାର୍ଥପର, ଚୁଗୁଲିଆ, ତୋଷାମଦିଆମାନଙ୍କ ସହ କୁମନ୍ତ୍ରଣା ଜାରି ରଖିଲେ ।

ଏସବୁକୁ ଭ୍ରୂକ୍ଷେପ ନକରି ଜୟୀ ରାଜଗୁରୁ ପିପିଲି ଡେଲାଙ୍ଗ ମଝିରାସ୍ତାରେ ଅତର୍କିତ ଆକ୍ରମଣ କରି ବହୁ ଇଂରେଜ ସୈନ୍ୟଙ୍କୁ ହତ୍ୟାକଲେ ଓ ବହୁ ପରିମାଣରେ ଗୁଳିଗୋଳା ବନ୍ଧୁକ ଆଦି ଆଧୁନିକ ଅସ୍ତ୍ରଶସ୍ତ୍ର ଅକ୍ତିଆର କରିଆଣିଲେ । ଇଂରେଜମାନଙ୍କର ଶୋଚନୀୟ ପରାଜୟ ପାଇଁ କର୍ଣ୍ଣେଲ ହାରକୋର୍ଟ ମାନ୍ଦ୍ରାଜ ଏବଂ କଲିକତାରୁ ଦକ୍ଷ ସୈନ୍ୟମାନଙ୍କ ସହ ମେଜର ଫ୍ଲେଚରଙ୍କୁ ଡକାଇ ପଠାଇଲେ । ୧୮୦୪ ନଭେମ୍ବର ମାସରେ ମେଜର ଫ୍ଲେଚରଙ୍କ ନେତୃତ୍ୱରେ ଇଂରେଜସେନା ଖୋର୍ଦ୍ଧାଗଡ଼ ଆକ୍ରମଣରେ ବାହାରିଲେ ।

ଇଂରେଜମାନଙ୍କ ସମରସଜ୍ଜା ଦେଖି ଗାଁ-ଗାଁରେ ଯୁବଶକ୍ତି, ପାଇକଶକ୍ତି, ଦଳେଇ, ଦଳବେହେରାମାନେ ଟୋକାମାନଙ୍କଠାରୁ ବୁଢ଼ାମାନଙ୍କ ପର୍ଯ୍ୟନ୍ତ, ଝିଅବୋହୂଙ୍କଠାରୁ ଆରମ୍ଭ କରି ବୁଢ଼ୀମାନଙ୍କ ମନରେ ବିଦ୍ରୋହର ଚମକ ସୃଷ୍ଟିହେଲା । ଉତ୍ତେଜିତ ହୋଇ ମାଟିମାଆପାଇଁ ପ୍ରାଣବଳି ଦେବାକୁ ଅଣ୍ଟାଭିଡ଼ି ଆଗେଇ ଆସିଲେ ଶହଶହ ବୀରଯବାନ । ପାଇକଆଖଡ଼ା ଦଳର ଭେଣ୍ଡିଆମାନେ ଢୋଲ, ମାଦଳ, ଶଙ୍ଖ, ମହୁରି, ବଜାଇବାକୁ ବାହାରିପଡ଼ିଲେ । ଖୋରଧା ମାଟି ତାତି ଉଠିଲା । ଇଂରେଜମାନେ ବରୁଣେଇଗଡ଼ ତଳେ ଥିବା ମୁକୁନ୍ଦ ପ୍ରସାଦ, ଜେମାଦେଇ, ପୋଡ଼ାସାହି ଅଂଚଳରେ ସୈନ୍ୟଛାଉଣୀ ସଜାଇ ପ୍ରସ୍ତୁତ ହେଲେ ଯୁଦ୍ଧ ପାଇଁ । ସେଥିପ୍ରତି ଭ୍ରୂକ୍ଷେପ ନ କରି ଗରିଲାବାହିନୀ ବରୁଣେଇ ପାହାଡ଼ ଉପରୁ ଅଗ୍ନିବର୍ଷା ପରି ଶରନିକ୍ଷେପ କରି ଶହଶହ ଇଂରେଜ ସୈନ୍ୟଙ୍କୁ ଧରାଶାୟୀ କରିଦେଲେ । ତିନିଦିନ ଧରି ବରୁଣେଇ ଅବରୋଧ ହେଲା । ଗଡ଼ର ଭେଦ ଇଂରେଜମାନେ ପାଇପାରିଲେନାହିଁ । ଘମାଘୋଟ ଯୁଦ୍ଧରେ ଗଗନପବନ ପ୍ରକମ୍ପିତ ହେଲା । ମାଟି ମାଆକୁ ରକ୍ଷା କରିବାକୁ, ନିଜର ଭିଟାମାଟିକୁ ସୁରକ୍ଷିତ କରିବାକୁ ଲୋକଙ୍କ ମନରେ ଉନ୍ମାଦନା ସୃଷ୍ଟି ହେଲା । ଇଂରେଜମାନଙ୍କୁ ଖଣ୍ଡା ତଲୁଆର ଧରି ଆକ୍ରମଣ କରିବାକୁ ପାଇକ ଜାତି, ଲଢୁଆବୀର ଖଣ୍ଡାୟତମାନେ ସିଂହ ପରି ଗର୍ଜନ କରି ଉଠିଲେ । ସେନାଧ୍ୟକ୍ଷ ରାଜଗୁରୁ ସୁଡ଼ଙ୍ଗ ମଧ୍ୟରେ ରହି ବ୍ୟୂହ ରଚନା କରିବାରେ ଲାଗିଥା'ନ୍ତି । ଗଜପତିଙ୍କର ସୁରକ୍ଷା ନିମନ୍ତେ ଗୁପ୍ତ ସୁଡ଼ଙ୍ଗ ବାଟଦେଇ ମହାରାଜା ମୁକୁନ୍ଦଦେବଙ୍କୁ ପୁରୀର ଗଙ୍ଗାମାତା ମଠକୁ ପଠାଇଦେଲେ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର

ଭୋଗ, ନୀତିନିୟମ ପାଇଁ ମଠାଧୀଶ ନରୋତ୍ତମ ଦାସଙ୍କ ପାଖକୁ ଏକ ପତ୍ର ଲେଖି ପ୍ରେରଣ କରିଥିଲେ । ଯୁଦ୍ଧର ଦୁନ୍ଦୁଭି ସମୟରେ ଜଗନ୍ନାଥଙ୍କ ପରମଭକ୍ତ, ସେବକ ଜୟୀ ରାଜଗୁରୁ ମହାପ୍ରଭୁଙ୍କର ସେବା ନିମିତ୍ତ ମଧ୍ୟ ସଚେତନ ଥିବା କଥା ଶୁଣିଲେ ପ୍ରତ୍ୟେକ ଓଡ଼ିଆ ମନରେ କମ୍ପନ ସୃଷ୍ଟି ହୁଏ ।

ନିଜର ନିଷ୍ଠା, ନିଃସ୍ୱାର୍ଥତା, ସାଧୁତା ଓ କର୍ମଠତାକୁ ନେଇ ମଣିଷ ଜୀବନର ପୂର୍ଣ୍ଣତା ମପାଯାଇଥାଏ । ସ୍ୱୟଂସଂପୂର୍ଣ୍ଣ ମଣିଷଟିଏ ହେବାପାଇଁ, ଦେଶର, ଜାତିର ଆଦର୍ଶ ପୁରୁଷ ହେବା ପାଇଁ ଯେଉଁ ତ୍ୟାଗ ଆବଶ୍ୟକ ତାହା ବିପ୍ଲବୀ ବୀର ଜୟୀ ରାଜଗୁରୁଙ୍କଠାରେ ପ୍ରତିପାଦିତ ହୋଇଥିଲା ।

ଯୁଗେଯୁଗେ ସାଧୁ, ସନ୍ଥ, ଦେଶପ୍ରେମୀମାନଙ୍କ ଉଦାହରଣ ସହିତ କେତେକ ଦେଶଦ୍ରୋହୀ, ଚୁଗୁଲିଆଙ୍କ ଉଦାହରଣ ମଧ୍ୟ କମ୍ ନଥାଏ । କେତେଜଣ ଦେଶଦ୍ରୋହୀଙ୍କ ସହାୟତାରେ ଇଂରେଜମାନେ ଗଡ଼ମଧ୍ୟରେ ପ୍ରବେଶ କରି ନରସଂହାର ଚଳାଇଲେ । ଶେଷରେ ଆଶ୍ଚର୍ଯ୍ୟ ଓ ନିରୁପାୟ ହୋଇ ଜାଗ୍ରତ ସିଂହ, ଲୌହମାନବ ଲୌହ ଶୃଙ୍ଖଳରେ ହେଲେ ବନ୍ଦୀ । ୧୮୦୪ ମସିହା ଡିସେମ୍ବର ମାସ ୫ ତାରିଖରେ ଜୟୀ ରାଜଗୁରୁ ବନ୍ଦୀ ହେବା ଜାଣି ମହାରାଜା ବ୍ୟସ୍ତବିବ୍ରତ ହୋଇ ଛଦ୍ମବେଶରେ ଅନ୍ୟତ୍ର ପଳାୟନ କରିବା ବାଟରେ ସେହି ନିମକହାରାମମାନଙ୍କ ସହାୟତାରେ ଧରାପଡ଼ି ବନ୍ଦୀହେଲେ । ରାଜା ମନ୍ତ୍ରୀ ଦୁହେଁ ବନ୍ଦୀ ହୋଇ ବାରବାଟୀ ଦୁର୍ଗରେ ରହିଲେ । ତଥାପି ଇଂରେଜ ଶାସକ ପୁନର୍ବାର ଭୟଭୀତ ହୋଇ ସେମାନଙ୍କୁ ମେଦିନୀପୁର ପଠାଇ ଦେଲେ ।

ବିଚାର ହେଲା ବିପରୀତ । ମାତ୍ର ଯିଏ ନିଜର ପରିବାର, ଗାଆଁ, ରାଜକୀୟ ଭୋଗ ବିଳାସକୁ ତୁଚ୍ଛ କରି, ମାଟି ମାଆପାଇଁ ଜୀବନକୁ ବାଜି ଲଗାଇଦେଇପାରିଲେ, ସେହି ପରମଭକ୍ତ, ଦେଶପ୍ରେମୀ ମୁହଁରେ କ'ଣ ମିଥ୍ୟା, ଛଳନା ଶୋଭା ପାଇପାରିବ ? ଯିଏ ସାରା ରାଜ୍ୟକୁ ନିଜର ବୋଲି ଭାବୁଥିଲା ଯିଏ ରାଜାଙ୍କୁ ଠାକୁରଙ୍କର ଚଳନ୍ତି ପ୍ରତିମା ବୋଲି ଭାବୁଥିଲା ସେହି ଠାକୁର ରାଜାଙ୍କ ବିରୋଧରେ କହିବାକୁ ତା'ର ଜିଭ ଲେଉଟିବ କେମିତି ?

ମୃତ୍ୟୁଆସନ୍ନ ଜାଣି ମଧ୍ୟ ବୀର ଯୋଦ୍ଧା ଦମ୍ଭର ସହିତ କର୍ଣ୍ଣେଲ ହାରକୋର୍ଟକୁ ଧମକ ଦେଇ ନିଜର କାର୍ଯ୍ୟକୁ ମାଟି ମାଆପାଇଁ କର୍ତ୍ତବ୍ୟ ବୋଲି ଦୃଢ଼ ଜବାବ ଦେଇଛନ୍ତି ।

ଏଇ ମୃତ୍ୟୁଆସନ୍ନ ଜମାନବନ୍ଦୀରେ ଓଡ଼ିଆ ଜାତି କାହିଁକି, ସାରା ମାନବ ସମାଜକୁ ଅନୁପ୍ରାଣିତ କରିବା ପାଇଁ ଥିଲା ପ୍ରେରଣା, ଦିଗ୍‌ଦର୍ଶନ ଓ ପ୍ରତ୍ୟେକ ନାଗରିକ ନିଜର ଦେଶ ପାଇଁ ପ୍ରାଣବଳି ଦେବା ପାଇଁ ଏକ ଆହ୍ୱାନ ।

ମିଥ୍ୟା ମତାମତକୁ ନେଇ ଇଂରେଜ ଶାସକ ୧୮୦୬ ମସିହା ଡିସେମ୍ବର ୬ ତାରିଖରେ

ମେଦିନୀପୁରର ବାଘୀତୋଟା ନାଳ ନିକଟ ପୁରୁଣା ବରଗଛ ଡାଳ ଦୁଇଟିରେ ଆହତ ସିଂହକୁ ମୃତ୍ୟୁଦଣ୍ଡ ଦେଲେ । ସ୍ତବ୍ଧ ହୋଇଗଲେ ଶାଗୁଣା, ବିଲୁଆ, ତୋଟାମାଳର ପଶୁପକ୍ଷୀମାନେ । ଏଣେ ତେଣେ ଧାଇଁଲେ ଅସହ୍ୟ ବେଦନାରେ । ଘାସ ଫୁଲମାନେ ଝାଉଁଳି ପଡ଼ିଲେ । ଗଛ ଡାଳରୁ ଝରିଲା ଲୋତକ । ଖୋର୍ଦ୍ଧା ରାଇଜ ମଶାଣି ସମ ନିସ୍ତବ୍ଧ ହୋଇଗଲା । ଜୟୀ ରାଜଗୁରୁ ମରି ବି ଅମର ହୋଇଗଲେ ଯୁଗଯୁଗକୁ । ଓଡ଼ିଆ ବୀର ପାଇଁ ଭାରତ ମା' ଗର୍ବ କଲା ।

**ସୂଚନାଃ**

ଇଷ୍ଟଇଣ୍ଡିଆ କଂପାନୀ – ବିଲାତରୁ ବଣିଜ କରିବାକୁ ଆସିଥିବା ବ୍ୟବସାୟୀ ସଂସ୍ଥା

ଗୁରୁଣ୍ଡି ଗୁରୁଣ୍ଡି – ଆଣ୍ଠେଇ ଚାଲିବା

ବର୍ଗି– ମରହଟ୍ଟା ଅତ୍ୟାଚାରୀ ଦଳ

ଅତର୍କିତ – ହଠାତ୍, ଆଗରୁ ସତର୍କ ନକରି

ଭ୍ରୂକ୍ଷେପ – ଖାତିର

ଚୁଗୁଲିଆ – ଅନ୍ୟ ନାମରେ ଚୁଗୁଲି କରିବା ବ୍ୟକ୍ତି

ଆସନ୍ନ – ନିକଟ

# ଅଭ୍ୟାସ

**୧. ଉତ୍ତର କୁହ ।**

(କ) 'ମୁକ୍ତିଯୁଦ୍ଧର ପ୍ରଥମ ଯୋଦ୍ଧା' ବୋଲି କାହାକୁ କୁହାଯାଇଛି ?

(ଖ) ଜୟୀ ରାଜଗୁରୁ କେବେ ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(ଗ) ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ କ'ଣ କରିବାକୁ ପଡୁଥିଲା ?

(ଘ) କିଏ ଶାସନ କରୁଥିବା ବେଳେ ଇଂରେଜମାନେ ଓଡ଼ିଶାକୁ ଆଗମନ କରିଥିଲେ ?

(ଙ) ଜୟୀ ରାଜଗୁରୁଙ୍କ ପିଲାବେଳ କିପରି କଟିଥିଲା ?

(ଚ) ଇଂରେଜମାନେ ଜୟୀ ରାଜଗୁରୁଙ୍କୁ ସେନାଧକ୍ଷ ପଦରୁ ହଟାଇବା ପାଇଁ କି ପ୍ରକାରର ଯୋଜନା କରିଥିଲେ ?

(ଛ) ଖୋର୍ଦ୍ଧାର ବରୁଣେଇ ପାହାଡ଼ କିପରି ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।

(କ) ଜୟୀ ରାଜଗୁରୁଙ୍କୁ ମୁକ୍ତିଯୁଦ୍ଧର ପ୍ରଥମ ଯୋଦ୍ଧା ବୋଲି କାହିଁକି କୁହାଯାଇଛି ?

(ଖ) ଜୟୀ ରାଜଗୁରୁଙ୍କ ମାଆ ତାଙ୍କ ପୁଅ ପାଇଁ କି କି ସ୍ୱପ୍ନ ଦେଖିଥିଲେ ?

(ଗ) ଶମ୍ଭୁଭାରତୀ କିଏ ? ସେ କିପରି ଜୟୀ ରାଜଗୁରୁଙ୍କ ସହ ଜଡ଼ିତ ହୋଇଥିଲେ ?

(ଘ) ଯୋଦ୍ଧାମାନେ କେତେ ଭାଗରେ ବିଭକ୍ତ ହୋଇଥିଲେ ଓ ସେମାନେ କେଉଁ କାର୍ଯ୍ୟ କରୁଥିଲେ ?

(ଙ) ଜୟୀ ରାଜଗୁରୁଙ୍କ ସହ କେଉଁ କେଉଁ ଅଂଚଳର ଲୋକମାନେ ବିଦ୍ରୋହରେ ସାମିଲ ହେବାକୁ ହାତ ବଢ଼ାଇଥିଲେ ?

(ଚ) ଖୋର୍ଦ୍ଧାଗଡ଼ରେ ଇଂରେଜମାନଙ୍କ ସମରସଜ୍ଜାର ପ୍ରଭାବ କିପରି ପଡ଼ିଥିଲା ?

(ଛ) ଜୟୀ ରାଜଗୁରୁଙ୍କ ଶେଷ ଜୀବନ କିପରି କଟିଥିଲା ?

୩. ପ୍ରାୟ ୮୦ ଶବ୍ଦରେ ଉତ୍ତର ଲେଖ ।

(କ) ପୁରୀ ରାଜଦରବାରରେ ରାଜଗୁରୁ ହିସାବରେ ଜୟୀ ରାଜଗୁରୁଙ୍କ କାର୍ଯ୍ୟାବଳୀ ଲେଖ ।

(ଖ) ଜୟୀ ରାଜଗୁରୁ ଜଣେ କୂଟନୀତିଜ୍ଞ, ତାହା ତାଙ୍କ ଜୀବନରୁ କିପରି ଜଣାପଡ଼େ ବୁଝାଇ ଲେଖ ।

୪. ପ୍ରାୟ ୧୫୦ ଶବ୍ଦରେ ଉତ୍ତର ଲେଖ ।

ମହାନ ଯୋଦ୍ଧା ଭାବରେ ଜୟୀ ରାଜଗୁରୁଙ୍କର ଦେଶଭକ୍ତି ବର୍ଣ୍ଣନା କର ।

## ତୁମ ପାଇଁ କାମ



- ଜୟୀ ରାଜଗୁରୁଙ୍କ ସଂପର୍କରେ ଅନ୍ୟ କବି ଓ ଲେଖକଙ୍କ ଲେଖା ସଂଗ୍ରହ କରି ପଢ଼ ।
- ବୀରେନ୍ଦ୍ର ମହାନ୍ତିଙ୍କ ଅନ୍ୟାନ୍ୟ ଶିଶୁ ସାହିତ୍ୟ ସଂଗ୍ରହ କରି ପଢ଼ ।

# ଆମେ ଧରଣୀ ବୁକୁର ଶିଶୁ

**ଭାସ୍କର ଚନ୍ଦ୍ର ମହାପାତ୍ର**

GFB26I

## ଲେଖକ ପରିଚୟ:

**ଭାସ୍କର ଚନ୍ଦ୍ର ମହାପାତ୍ର:** ବାଲେଶ୍ୱର ଜିଲ୍ଲା ଇଜପୁର ଗ୍ରାମରେ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କର ଜନ୍ମ । ପ୍ରାୟ ପଚାଶଟି ନାଟକ, ଅନେକ କବିତା ଓ ପ୍ରବନ୍ଧର ରଚୟିତା ଭାବରେ ସେ ବେଶ୍ ପରିଚିତ । ସେଥିମଧ୍ୟରୁ ଏଗାରଟି ଶିଶୁନାଟକ ପିଲାମାନଙ୍କ ପାଇଁ ମନଲାଖି ଓ ଶିକ୍ଷାପ୍ରଦ ହୋଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ଜଣେ ଛାତ୍ରବତ୍ସଳ ଶିକ୍ଷକ ଶ୍ରୀ ମହାପାତ୍ରଙ୍କ ନାଟକଗୁଡ଼ିକ ମଧ୍ୟ ବହୁ ପୁରସ୍କାର ଲାଭ କରିଛି । 'ପକ୍ଷୀ' ନାଟକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସେ ପୁରସ୍କୃତ ହୋଇଛନ୍ତି । 'କହ୍ନାଇରେ ଫେରିଆ', 'ଘାସଫୁଲ', 'ବନମାଳୀ', 'ବ୍ୟବଧାନ', 'ଜନନୀ ଜନ୍ମଭୂମି ଏଇ ଆମରି ଗାଆଁ' ଇତ୍ୟାଦି ତାଙ୍କ ଶିଶୁନାଟକଗୁଡ଼ିକ ଅତ୍ୟନ୍ତ ଲୋକପ୍ରିୟ ।

ଏହି ନାଟକଟିରେ ସାଂପ୍ରତିକ ମଣିଷ କ୍ରମଶଃ ଯନ୍ତ୍ରରେ ପରିଣତ ହୋଇ ଯାଉଥିବାରୁ ସେଥିରେ ମଣିଷପଣିଆର ବିକାଶ ପାଇଁ ବାର୍ତ୍ତା ପ୍ରଦାନ କରାଯାଇଛି ।

(ରଜପର୍ବ । ଗାଁମୁଣ୍ଡ ଆମ୍ବତୋଟା । ଦୂରରୁ ଭାସି ଆସୁଥାଏ ବାଗୁଡ଼ି ଖେଳର ବାଜା । ରଜଗୀତର ତାଳେତାଳେ ଝିଅମାନେ ଦୋଳି, ପୁଚି ଓ ଠିଆପୁଚି ଆଦି ଖେଳୁଥାନ୍ତି । ସମସ୍ତଙ୍କ ଦେହରେ ନୂଆ ଲୁଗା । ହଠାତ୍ ଏକ ଅଭାବନୀୟ ଶବ୍ଦ ଦୂରରୁ ଭାସି ଆସିଛି । ସତେକି ଉଡାଜାହାଜଟିଏ ପିଲାଙ୍କ ଆଡ଼କୁ ମାଡ଼ି ଆସୁଛି । ସମସ୍ତେ ଆତଙ୍କିତ ହୋଇ ଚାରିଦିଗକୁ ଦେଖୁଛନ୍ତି । ହେଲେ କିଛି ବୁଝି ପାରୁନାହାନ୍ତି । କିଛି ସମୟ ପରେ ଅଳ୍ପ ଦୂରରେ ଆବିର୍ଭାବ ହୋଇଛି ଅଦ୍ଭୁତ ପିଲାଟିଏ । ଯାହାର ମୁଣ୍ଡ ସାଧାରଣ ପିଲାମାନଙ୍କଠାରୁ ଅପେକ୍ଷାକୃତ ବଡ଼ । ଆଖି ଦୁଇଟି ଜ୍ୱଳନ୍ତ ଅଙ୍ଗାର ଭଳି ଉଜ୍ଜ୍ୱଳ । କାନ ଦୁଇଟି ଅସମ୍ଭବ ଭାବରେ ଲମ୍ବା । ମୁହଁରେ ଗମ୍ଭୀରତା । ଦେହରେ ଅଦ୍ଭୁତ ପୋଷାକ । ଧୀରେ ଧୀରେ ପିଲାଙ୍କ ଆଡକୁ ଆଗେଇ ଆସିଛି ପିଲାଟି । ତାକୁ ଦେଖି ଡରିଯାଇଛନ୍ତି ପିଲାମାନେ ।)

ଶୀଳା : ଭୂତ... (ଚିତ୍କାର କରି ପଳାଇବାକୁ ଉଦ୍ୟତ । ତାକୁ ଅଟକାଇଛି ରୂପା ।)

ରୂପା : ଆରେ ରୁହ । ଡରୁଛ କାହିଁକି ? ଦିନବେଳା ଭୂତ କେଉଁଠୁ ଆସିବ ?

ଜୟନ୍ତୀ : ନାଇଁ, ମୋ ବୁଢ଼ୀମାଆ କହୁଥିଲା ଏହି ଗାଆଁମୁଣ୍ଡ ଆମ୍ବତୋଟାରେ ଦିନବେଳା ବି ଭୂତ ବାହାରେ ।

ସୀମା : ହଁ, ମୋ ଜେଜେମାଆ ବି କହୁଥିଲେ, ପିଲାଦିନେ ସେ ଏଇଠି ଗୋଟେ ଭୂତ ଦେଖିଥିଲେ । ତା'ର ମୁଣ୍ଡ ଗଣ୍ଡିଠାରୁ ବଡ଼ଥିଲା । ଆଖି ଦିଇଟା ଏମିତି ଜଳୁଥିଲା । ସେ ଜେଜେମାଆଙ୍କୁ କାମୁଡ଼ିବାକୁ ଗୋଡ଼ାଇଥିଲା । ଏଇଟା ଆମକୁ କାମୁଡ଼ିଦବ । ହେଲେ, ସେ ଆମ ଆଡ଼କୁ ଆସୁଛି । ଏ ବୋଉ ଲୋ... (ପଳାଇବାକୁ ଉଦ୍ୟତ । ତାଙ୍କୁ ଅଟକାଇଛି ରୂପା ।)

ରୂପା : ଆରେ ରୁହ । ଶୁଣ, ବଡ଼ମାନେ ଆମକୁ ଡରାଇବା ପାଇଁ ଏମିତି ମନଗଢ଼ା ଗପସବୁ କହିଥାନ୍ତି । ପ୍ରକୃତରେ ଦୁନିଆରେ ଭୂତଫୁତ କିଛି ନାହିଁ । ମୁଁ ଭାବୁଛି ଏଇଟା ଆମ ପରି ଗୋଟେ ପିଲା । ସହରରୁ ଆସିଛି ବୋଧେ । ଆସ, ତା ସହିତ କଥା ହବା ।

ଶୀଳା : ନାଇଁ, ନାଇଁ, ଆମେ ତା' ପାଖକୁ ଯିବୁନି । ସେ ଆମକୁ କାମୁଡ଼ି ଦେବ । ଆମେ ଯାଉଛୁ । (ବାହାରିଛି)

ରୂପା : ଆରେ ରୁହ (ଅଟକାଇଛି) ମୋ କଥା ଶୁଣ ।

ସୀମା : ନାଇ ରୂପାନାନୀ । ଆମକୁ ଛାଡ଼ । ହେଇ, ସେ ଆମକୁ କଟମଟ କରି ଦେଖୁଛି । ଏଇଟା ନିଶ୍ଚିତ ଭୂତ... (ରୂପାକୁ ଠେଲି ଦେଇ ପଳାଇବାକୁ ଉଦ୍ୟତ ।)

ଅଦ୍ଭୁତ ପିଲା :ରୁହ । (ସମସ୍ତେ ଅଟକି ଯାଇଛନ୍ତି) ପଳେଇ ଯାଅନା, ମୋ ପାଖକୁ ଆସ, ନଚେତ୍ ତୁମକୁ ଦଣ୍ଡ ଦିଆଯିବ ।

ସୀମା : ଏ ବୋଉଲୋ ! ଏ ଭୂତ କ'ଣ ଧମକାଇଲାଣି । ଏଇଟା ସହରୀ ଭୂତ । ମୋ' ଆଈ କହୁଥିଲେ, ଗାଉଁଲି ଭୂତଠୁ ସହରୀ ଭୂତ ବେଶୀ ଭୟଙ୍କର । ଆମେ ଏଇଲେ କ'ଣ କରିବା ଲୋ ବୋଉ... (ସମସ୍ତେ ଭୟରେ ଥରିଛନ୍ତି ।)

ଅ.ପି. : (ହସିଛି) ହାଃ... ହାଃ....ହାଃ....

ସମସ୍ତେ : ବୋଉଲୋ, ଏ ଭୂତଟା କ'ଣ ହସିଲାଣି.... (ସମସ୍ତେ ଭୟରେ କାନ୍ଦିଉଠିଲେ ।)

ଅ.ପି. : ଚୁପ୍.... । (ସମସ୍ତେ ନୀରବ) ତା'ମାନେ ମୁଁ ଠିକ୍ ଶୁଣିଥିଲି, ଗାଉଁଲି ପିଲାମାନେ ବଡ଼ ଭୟାଳୁ ।

| | | |
|---|---|---|
| ରୂପା | : | ନାଇଁ, ତମେ ଭୁଲ ଶୁଣିଛ । ଆମେ ଭୟାଲୁ ନୁହଁ । ତମର ରୂପ ଯେମିତି ହୋଇଛି, ତାକୁ ଯେ କେହି ହଠାତ୍ ଦେଖିଲେ ଡରିଯିବ । |
| ଅ.ପି. | : | ତା'ମାନେ ତମେ କହୁଛ ମୁଁ ଅସୁନ୍ଦର ? |
| ରୂପା | : | ନା, ତମେ ଅସୁନ୍ଦର ନୁହଁ । ତମେ ଅଦ୍ଭୁତ । |
| ଅ.ପି. | : | ଅଦ୍ଭୁତ ? |
| ରୂପା | : | ମାନେ ଯାହା କେବେ ଆଗରୁ ଦେଖାଯାଇନଥାଏ । ସେ କଥା ଛାଡ଼ । ତମେ କିଏ ? |
| ଅ.ପି. | : | ମୁଁ ତମ ପରି ଗୋଟିଏ ପିଲା । |
| ରୂପା | : | ଦେଖିଲ । ମୁଁ କହୁଥିଲି ନା, ଏ ଭୂତ ନୁହେଁ । ଏ ଆମ ପରି ଗୋଟେ ପିଲା । ଆସ, ତା ପାଖକୁ ଯିବା । (ପିଲାମାନେ ଆସି ନାହାନ୍ତି) ଆରେ ସେଠି ଠିଆ ହେଲ କାହିଁକି ? ଆସ... |
| ଅ.ପି. | : | ହଁ, ମୋ ପାଖକୁ ଆସ । ମୁଁ ଆମେରିକାରୁ ତମ ସହିତ ମିଶିବା ପାଇଁ ଏଠିକି ଧାଇଁ ଆସିଛି । ମୋତେ ଡରନାହିଁ । ମୋ ପାଖକୁ ଆସ । ଆସ... (ସମସ୍ତେ ଡରିଡରି ତା ପାଖକୁ ଯାଇଛନ୍ତି ।) |
| ରୂପା | : | ତମେ ଆମେରିକାରୁ ଏଠିକୁ ଆସିଛ ? |
| ଅ.ପି. | : | ହଁ । |
| ରୂପା | : | ତମ ନାଆଁ କ'ଣ ? |
| ଅ.ପି. | : | ନାଆଁ , ସେଇଟା କ'ଣ ? |
| ରୂପା | : | ଆଚ୍ଛା କଥା, ନାଆଁ କ'ଣ ଜାଣି ପାରୁନ? ଏଇ ଯେମିତି ମୋ ନାଆଁ ରୂପା । ୟା' ନାଆଁ ସୀମା । ୟା' ନାଁ ଜୟନ୍ତୀ । ଆଉ ୟା' ନାଆଁ ଶୀଳା । |
| ଅ.ପି. | : | ଓଃ...ଆଚ୍ଛା... ମୋର କୌଣସି ନାଁ ନାହିଁ । ମୋ ସୃଷ୍ଟିକର୍ତ୍ତା ମୋତ ଚାପ୍ ୱାନ୍ ବୋଲି ଡାକନ୍ତି । |
| ସମସ୍ତେ | : | ଚାପ୍ ୱାନ୍ ? |
| ଅ.ପି. | : | ହଁ, ମୋ ସୃଷ୍ଟିକର୍ତ୍ତା ଠିକ୍ ମୋରି ପରି ଶହେଟି ପିଲାଙ୍କୁ ସୃଷ୍ଟି କରିଛନ୍ତି । ସେ ଆମ୍ଭମାନଙ୍କୁ ଚାପ ୱାନ୍, ଚାପ୍ ଟୁ, ଚାପ୍ ଥ୍ରୀ ଏମିତି ଡାକନ୍ତି । |
| ରୂପା | : | ତୁମକୁ ସୃଷ୍ଟି କରିଛନ୍ତି ... ମାନେ ତମ ବାପାମାଆ ? |
| ଅ.ପି. | : | ବାପାମାଆ । ସେ ସବୁ କ'ଣ ? |

ରୂପା : ମାନେ ତମ ଫାଦର ଓ ମଦର୍ ?

ଅ.ପି. : ଓ. ଫାଦର୍ ଏଣ୍ଡ ମଦର୍ । ନାଇଁ, ବାପା, ମା' କ'ଣ ମୁଁ ଜାଣେ ନି । ମୋର ସୃଷ୍ଟିକର୍ତ୍ତା କହୁଥିଲେ ମୁଁ ଗୋଟିଏ ଗ୍ଲାସ୍ ଗ୍ଲୋବ୍ ଭିତରେ ଆପେ ଆପେ ବଢ଼ିଛି ।

ରୂପା : ତା'ମାନେ ତମେ କ୍ଲୋନିଂ ଶିଶୁ ?

ଅ.ପି. : ନା, ନା, ମୁଁ କ୍ଲୋନିଂ ନୁହେଁ, ମୁଁ ଗୋଟିଏ ସ୍ୱତନ୍ତ୍ର ଜିନ୍‌ରୁ ସୃଷ୍ଟି ।

ରୂପା : ସ୍ୱତନ୍ତ୍ର ଜିନ୍ ?

ଅ.ପି. : ହଁ, ମୋର ଜିନ୍‌ମାନେ ଗୁଣପିଣ୍ଡ । ତମମାନଙ୍କ ଦେହରେ ଥିବା ଗୁଣପିଣ୍ଡ ଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର ।

ରୂପା : ଆଚ୍ଛା କହିଲ, ତମେ ଏଠିକି କାହିଁକି ଆସିଛ ?

ଅ.ପି. : ମୁଁ ଏଠିକି ଆପେ ଆସିନି । ମୋତେ ଏଠିକି ପଠାଯାଇଛି ।

ରୂପା : ପଠାଯାଇଛି ?

ଅ.ପି. : ହଁ, ମୋର ଜନ୍ମଦାତା ମୋ ପରି ଶହେଟି ପିଲାଙ୍କୁ ପୃଥିବୀର ବିଭିନ୍ନ ସ୍ଥାନକୁ ପଠାଇଛନ୍ତି । ଆମକୁ କୁହାଯାଇଛି, ଆମେ ତମମାନଙ୍କ ସହିତ ମିଶିବୁ ଆଉ ତମମାନଙ୍କୁ ସ୍ୱପ୍ନ ଦୁନିଆରୁ ବାସ୍ତବ ଦୁନିଆକୁ ନେଇଯିବୁ ।

ରୂପା : ବାସ୍ତବ ଦୁନିଆ... ?

ଅ.ପି. : ହଁ, ଯେଉଁଠି ସ୍ୱପ୍ନ ନଥିବ, ଥିବ ବାସ୍ତବତା । ଆଉ ଯେଉଁଠି ସାହିତ୍ୟ ନଥିବ, ଥିବ କେବଳ ବିଜ୍ଞାନ ।

ରୂପା : ସାହିତ୍ୟ ବିନା ବିଜ୍ଞାନ, ସ୍ୱପ୍ନ ବିନା ବାସ୍ତବତା ଏହା କ'ଣ ସମ୍ଭବ ?

ଅ.ପି. : ଅଫ୍‌କୋର୍ସ ।

ରୂପା : ଆଚ୍ଛା, ଆମେ ସ୍ୱପ୍ନ ଦୁନିଆରେ ଅଛୁ ବୋଲି ତମେ କେମିତି ଜାଣିଲ ?

ଅ.ପି. : କେମିତି ଜାଣିଲି ? ତମେମାନେ ସବୁ ପାଠ ପଢୁଛ ?

ରୂପା : ହଁ ।

ଅ.ପି. : ତମେମାନେ ଭବିଷ୍ୟତରେ କ'ଣ ହେବାକୁ ଚାହୁଁଛ ?

ରୂପା : ମୁଁ କଲେକ୍ଟର ହେବି...

ସୀମା : ମୁଁ ଇଂଜିନିୟର ହେବି...

ଜୟନ୍ତୀ : ମୁଁ ଡାକ୍ତର ହେବି ।

ଅ.ପି. : (ହସିଛି) ଏହା ହିଁ ସ୍ୱପ୍ନ । ଏହା ବାସ୍ତବ ନୁହେଁ ।

ସମସ୍ତେ : ବାସ୍ତବ ନୁହେଁ ?

ଅ.ପି. : ହିଁ । ମୁଁ ଜାଣିଛି , ତୁମର ସ୍ୱପ୍ନ କେବେ ହେଲେ ସତ ହେବ ନାହିଁ ।

ସମସ୍ତେ : ଆମ ସ୍ୱପ୍ନ ବିଷୟରେ ତୁମେ କେମିତି ଜାଣିଲ ?

ଅ.ପି. : ମୁଁ ମୋ' ଦୂରଦୃଷ୍ଟିରେ ତମ ଭବିଷ୍ୟତ ବିଷୟରେ ସବୁ ଦେଖିପାରୁଛି।

ସମସ୍ତେ : ଆମ ଭବିଷ୍ୟତ ତମେ ଦେଖି ପାରୁଛ ?

ଅ.ପି. : ହିଁ । ଆଚ୍ଛା, କଲେକ୍ଟର, ଇଂଜିନିୟର, ଡାକ୍ତରମାନେ କ'ଣ ତମର ଆଦର୍ଶ ?

ସମସ୍ତେ : ହିଁ ।

ଅ.ପି. : ସତରେ ତମେ ସବୁ ବହୁତ ପଛରେ ଅଛ ।

ସମସ୍ତେ : ପଛରେ ଅଛୁ । ଏମିତି କ'ଣ କହୁଛ ?

ରୂପା : ଆଚ୍ଛା ଚାପ୍ ଓ୍ୱାନ୍, ତମେ କ'ଣ ଆମଠୁ ବହୁତ ଆଗରେ ଅଛ ?

ଅ.ପି. : ହିଁ । ମୁଁ ଟ୍ୱେଣ୍ଟିସେକେଣ୍ଡ ସେନ୍‌ଚୁରୀର ପିଲା ।

ଶୀଳା : ମାନେ, ତମେ ଦ୍ୱାବିଂଶ ଶତାବ୍ଦୀର ପିଲା ?

ଅ.ପି. : ହିଁ, ମୋ ସୃଷ୍ଟିକର୍ତ୍ତା କହିଛନ୍ତି, ଦ୍ୱାବିଂଶଶତାବ୍ଦୀ ବେଳକୁ ଏ ଦୁନିଆର ସବୁପିଲା ଆମ ପରି ହୋଇଯିବେ । ଏଣୁ ଆମକୁ ନେଇ ଆଗୁଆ ପରୀକ୍ଷାନିରୀକ୍ଷା କରୁଛନ୍ତି ।

ସୀମା : ଏ ବାବାରେ ! ଦ୍ୱାବିଂଶଶତାବ୍ଦୀବେଳକୁ ମଣିଷ ପିଲାସବୁ ତମପରି ଭୂତ ହୋଇଯିବେ?

ଅ.ପି. : ନାଁ, ମୁଁ ଭୂତ ନୁହେଁ । ମୁଁ ତମପରି ଗୋଟେ ମଣିଷପିଲା । ହେଲେ ଜ୍ଞାନ-ବିଜ୍ଞାନ, ବୁଦ୍ଧି-କୌଶଳ, ରୂପ ଓ ପୋଷାକରେ ତୁମଠାରୁ ମୁଁ ବହୁତ ଆଗରେ ।

ସମସ୍ତେ : ବହୁତ ଆଗରେ... ?

ଅ.ପି. : ହିଁ, ତମେ ଡାକ୍ତର ହେବାର ସ୍ୱପ୍ନ ଦେଖୁଛ । ମୁଁ ଅସାଧ୍ୟ ରୋଗକୁ ଗୋଟେ ମିନିଟ୍‌ରେ ଭଲ କରିଦେଇପାରିବି । ତମେ ଇଂଜିନିୟର ହେବାକୁ ସ୍ୱପ୍ନ ଦେଖୁଛ । ମୁଁ ବିନା ପିଲାରରେ ଶହ ଶହ ମାଇଲ ବ୍ରିଜ୍ ତିଆରି କରିପାରିବି । ତମେ କଲେକ୍ଟର ହେବାର ସ୍ୱପ୍ନ ଦେଖୁଛ । ମୁଁ ଏକୁଟିଆ ଗୋଟିଏ ଦେଶକୁ ଶାସନ କରିପାରିବି ।

ଜୟନ୍ତୀ : ଏଇଟା ଗାଲୁ ମାରୁଛି । (ସ୍ୱଗତ)

ଅ.ପି. : ତୁମେ ପ୍ରମାଣ ଚାହୁଁଛ ? କୁହ, କାହାର କ'ଣ ରୋଗ ହୋଇଛି । ମୁଁ ସଙ୍ଗେସଙ୍ଗେ ଭଲ କରିଦେବି ।

ଶୀଳା : ମୋ ହାତରେ ଏ ଘା'ଟା ଜମା ଶୁଖୁନି । ଭଲ କଲ ଦେଖି ?

ଅ.ପି. : ଓକେ, ହାତ ଦେଖାଅ । (ନିଜ ପକେଟରୁ କିଛି ଔଷଧ ବାହାରି ଶୀଳା ହାତରେ ଲଗେଇଛି । ଶୀଳାର ଘା'ସଙ୍ଗେ ସଙ୍ଗେ ଭଲ ହେଇ ଯାଇଛି ।) ଦେଖ, ତମ ଘା'ଗୋଟେ ସେକେଣ୍ଡରେ ଶୁଖିଗଲା । ଆଉ ପ୍ରମାଣ ନବ ?

ସୀମା : ନାଇଁ ନାଇଁ ଦରକାର ନାହିଁ ।

ଅ.ପି. : ଏବେ କୁହ, ତମଠାରୁ ମୁଁ ଆଗରେ ଅଛି କି ନାହିଁ ?

ସମସ୍ତେ : ହଁ, ତୁମେ ଆଗରେ ଅଛ ।

ଅ.ପି. : ତମେ ମୋ' ପରି ହେବାକୁ ଚାହୁଁଛ କି ନାହିଁ ?

ସମସ୍ତେ : (ପରସ୍ପର କଥାବାର୍ତ୍ତା ହୋଇ ସାରିବା ପରେ) ହଁ, ଆମେ ତମପରି ହେବୁ । ହେଲେ କେମିତି ?

ଅ.ପି. : ମୋ' ସହିତ ଆସ ।

ସମସ୍ତେ : କୁଆଡ଼େ ?

ଅ.ପି. : ମୋର ସୃଷ୍ଟିକର୍ତ୍ତା ନିକଟକୁ...

ରୂପା : ସେଠିକୁ ଗଲେ କ'ଣ ହେବ ?

ଅ.ପି. : ତମ ଦେହରେ ଥିବା ଗୁଣପିଣ୍ଡକୁ ବଦଳାଇ ସେ ସ୍ୱତନ୍ତ୍ର ଗୁଣପିଣ୍ଡ ଭରିଦେବେ । ତାପରେ ତମେ ମୋ' ପରି ବୁଦ୍ଧିମାନ ହୋଇଯିବ । ତମେ ଯାହା ଚାହିଁବ ତାହା କରିପାରିବ ।

ଶୀଳା : ତା'ମାନେ ତମ ଜନ୍ମଦାତା ପାଖକୁ ଗଲେ, ଆମେ ପାଠ ନପଢ଼ି ସବୁ ବିଦ୍ୟାର ଅଧିକାରୀ ହୋଇପାରିବୁ ?

ଅ.ପି. : ହଁ, ବିନା ପରିଶ୍ରମରେ ତମେ ସବୁ ଜ୍ଞାନ ବିଜ୍ଞାନର ଅଧିକାରୀ ହୋଇପାରିବ ।

ସୀମା : ବହୁତ ଭଲ ହେବ । ଚାଲ ସମସ୍ତେ ଯିବା.. (ବାହାରିଛନ୍ତି)

ରୂପା : ନାଇଁ ରୁହ, ଅସମ୍ଭବକୁ ସମ୍ଭବ କରିବାକୁ ଯାଇ ବିପଦକୁ ଡାକି ଆଣ ନାହିଁ ।

ଅ.ପି. : ନା । ଏହା ଅସମ୍ଭବ ନୁହଁ । ଆମେ ଯାହା ଚାହିଁବୁ ତାହା କରିପାରିବୁ । ଆମେ ନୂତନ ସମାଜ ଗଢ଼ିବୁ । ଯେଉଁଠି ସମସ୍ତେ ସମାନ ହେବେ । କେହି କାହା ଅଧୀନରେ ରହିବେ ନାହିଁ । ଆସ, ମୋ ସହିତ ଆସ । (ସମସ୍ତେ ଯିବାକୁ ବାହାରିଛନ୍ତି ।)

ରୂପା : ରୁହ । ଆଚ୍ଛା ଚାପ୍ ୱାନ୍ ! ତମ ସୃଷ୍ଟିକର୍ତ୍ତା ଆମକୁ ଗୋଟିଏ ରକମର ପିଲା କରିଦେବେ ?

ଅ.ପି. : ହଁ ।

ରୂପା : ଆମର ଗୁଣ, କର୍ମ, ରୂପ ସବୁ ସମାନ ହୋଇଯିବ ।

ଅ.ପି. : ହଁ ।

ରୂପା : ଆମେ ତମପରି ଯାହା ଚାହିଁବୁ ତାହା କରି ପାରିବୁ ?

ଅ.ପି. : ହଁ ।

ରୂପା : ଆମେ ଏବେ ଯାହା କରିପାରୁଛୁ ତମେ ତାହା କ'ଣ କରିପାରିବ ?

ଅ.ପି. : କ'ଣ ?

ରୂପା : ତମେ ଆମ ପରି ଏମିତି ହସି ପାରିବ ? (ହସିବାର ଅଭିନୟ କରିଛି ।)

ଅ.ପି. : ନା, ମୁଁ ହସିବା ଶିଖିନି ।

ରୂପା : ତମେ ଆମ ପରି କାନ୍ଦି ପାରିବ ? (କାନ୍ଦିବାର ଅଭିନୟ କରିଛି ।)

ଅ.ପି. : ନା, ମୁଁ କାନ୍ଦିବାକୁ ଘୃଣା କରେ ।

ରୂପା : (ସୀମାକୁ କୋଳେଇ ନେଇ) ତମେ ଏମିତି ଅନ୍ୟକୁ ସ୍ନେହ କରିପାରିବ ?

ଅ.ପି. : ନା, ସ୍ନେହ କ'ଣ ମୁଁ ଜାଣିନାହିଁ ।

ରୂପା : ତା'ମାନେ କାମ ଛଡ଼ା ତମେ ସ୍ନେହ-ଭକ୍ତି, ହସ-କାନ୍ଦ, ସୁଖ-ଦୁଃଖ କିଛି ଜାଣନା ?

ଅ.ପି. : ସ୍ନେହ-ଭକ୍ତି, ହସ-କାନ୍ଦ, ସୁଖ-ଦୁଃଖ ଏସବୁ ଆମର ଦରକାର ନାହିଁ ।

ରୂପା : ଦରକାର ଅଛି, ଏସବୁ ମଣିଷ ପାଖରେ ଅଛି ବୋଲି ମଣିଷ ପ୍ରାଣୀମାନଙ୍କ ଭିତରେ ଶ୍ରେଷ୍ଠ ବୋଲି ବିବେଚିତ ହୋଇଛି ।

ଅ.ପି. : ନା, ତୁମେ ଭୁଲ କହୁଛ । ମଣିଷ ନିଜ କାର୍ଯ୍ୟ ଓ ବୁଦ୍ଧିମତ୍ତା ଯୋଗୁଁ ଅନ୍ୟାନ୍ୟ ପ୍ରାଣୀଙ୍କଠାରୁ ଭିନ୍ନ ହୋଇଛି ।

ରୂପା : (ହସିଛି) ତମେ ତ ବାପାମାଆ କ'ଣ ଜାଣିନ । ଭାଇ-ଭଉଣୀ, ସାଙ୍ଗ-ସାଥୀ କ'ଣ ଜାଣିନ । ତମେ କେମିତି ଜାଣିବ ମଣିଷ ଜୀବନରେ ସ୍ନେହ, ଭକ୍ତି ଓ ଭଲ ପାଇବାର ମୂଲ୍ୟ କେତେ !

ଅ.ପି. : ନାଇଁ, ମୁଁ ସୃଷ୍ଟିକର୍ତ୍ତାଠାରୁ ଶୁଣିଛି, ତମର ସେହି ସ୍ନେହ, ଭକ୍ତି, ଭଲ ପାଇବା ହିଁ ସବୁ ଦୁଃଖର କାରଣ । ଏଣୁ ସେ ସବୁଭୁଲି ଯାଅ । ମୋ' ପରି ହେଇ ଯାଅ । ତମେ ଅସାଧ୍ୟ

ସାଧନ କରିପାରିବ । ନହେଲେ ଜୀବନ ସାରା ତମେ ସ୍ୱପ୍ନ ଦେଖୁଥିବ, କେବେ ତାହା ସତ ହେବ ନାହିଁ ।

ରୂପା : ମଣିଷ ସ୍ୱପ୍ନ ଭିତରେ ବାସ୍ତବତାକୁ ଖୋଜି ଆନନ୍ଦ ପାଉଛି ବୋଲି ଏ ଦୁନିଆରେ ବଞ୍ଚି ରହିଛି, ଚାପ୍ ୱାନ୍ । ହଜାର ହଜାର ବର୍ଷ ତଳେ ଏ ମାଟିରେ ବାପା-ମାଆ, ଭାଇ-ଭଉଣୀ, ସ୍ନେହ-ଭକ୍ତି, ହସ-କାନ୍ଦ ରହିଥିଲା । ଆଜି ବି ରହିଛି । ଭବିଷ୍ୟତରେ ମଧ୍ୟ ରହିବ । ଆମେ ସେ ସବୁକୁ ନେଇ ଆଗକୁ ଆଗଇବୁ । ତା'ରି ଭିତରେ ଆମେ ନିଜକୁ ଗଢ଼ିବୁ । କାରଣ ଆମେ ଧରଣୀ ବୁକୁର ଶିଶୁ । ତମ ପରି ଯନ୍ତ୍ର ନୁହଁ ।

ଅ.ପି. : ନାଇଁ ନାଇଁ ମୁଁ ଯନ୍ତ୍ର ନୁହେଁ, ମୁଁ ମାନବ ଶିଶୁ ।

ରୂପା : (ହସିଛି) ନାଇଁ, ତମ ଦେହ ମାନବ ହୋଇପାରେ, ତମେ ବୁଦ୍ଧିମାନ ହୋଇପାର, ହେଲେ ତମଠାରେ ମାନବିକତାର ଗୁଣ ନଥିଲେ ତୁମକୁ କେହି ମାନବ ଶିଶୁ ବୋଲି ମାନିବେନି । ତମେ ତମ ସୃଷ୍ଟିକର୍ତ୍ତାଙ୍କୁ କୁହ, ପାରିବେ ତ ସେ ତମ ହୃଦୟରେ ସ୍ନେହ-ଭକ୍ତି, ସୁଖ-ଦୁଃଖ, ସତ୍ୟ-ଶାନ୍ତି, ଦୟା-କ୍ଷମା ପରି ମାନବୀୟ ଗୁଣ ଭରି ଦିଅନ୍ତୁ । ତା'ପରେ ତମେ ଆମ ପାଖକୁ ଆସିବ । ଆମେ ତମକୁ ମାନବ ଶିଶୁ ବୋଲି ମାନିବୁ । ତୁମେ ଯୁଆଡ଼େ କହିବ ସେଇଆଡେ ଯିବୁ । ନଚେତ୍ ଆମ ପାଇଁ ତମେ ଗୋଟେ ଯନ୍ତ୍ର ।

ଅ.ପି. : ନା, ମୁଁ ଯନ୍ତ୍ର ନୁହେଁ । ମୁଁ ଗୋଟେ ମାନବ ଶିଶୁ ।

ରୂପା : ତାହେଲେ ତମକୁ ବଡ଼ମାନଙ୍କୁ ଭକ୍ତି କରିବାକୁ ପଡ଼ିବ ।

ଅ.ପି. : ନା, ମୁଁ କାହାକୁ ଭକ୍ତି କରିବିନି । କିନ୍ତୁ ମୁଁ ମାନବ ଶିଶୁ ।

ରୂପା : ତାହେଲେ ତୁମକୁ ବଡ଼ମାନଙ୍କ ଆଦେଶ ମାନିବାକୁ ପଡ଼ିବ ।

ଅ.ପି. : ନା, ମୁଁ କାହାର ଆଦେଶ ମାନିବିନି । କିନ୍ତୁ ମୁଁ ମାନବ ଶିଶୁ ।

ରୂପା : ତୁମକୁ ଆମପରି ଅନ୍ୟକୁ ସ୍ନେହ କରିବାକୁ ପଡ଼ିବ ।

ଅ.ପି. : ନା, ମୁଁ କାହାରିକୁ ସ୍ନେହକରିବି ନାହିଁ । କିନ୍ତୁ ମୁଁ ମାନବ ଶିଶୁ ।

ରୂପା : ନା, ତୁମେ ମାନବ ଶିଶୁ ନୁହଁ । ତମେ ଗୋଟିଏ ରୋବଟ୍ । ତମେ ଗୋଟିଏ ଯନ୍ତ୍ର ।

ଅ.ପି. : ନା, ମୁଁ ଯନ୍ତ୍ର ନୁହଁ । ମୁଁ ମାନବ ଶିଶୁ ।

ରୂପା : ନାଇଁ ତୁମେ ଯନ୍ତ୍ର... ଯନ୍ତ୍ର... ଯନ୍ତ୍ର... (ହଠାତ୍ ଅଦ୍ଭୁତ ପିଲାଟି ଉଭେଇ ଯାଇଛି । ଏକ ଅଭାବନୀୟ ଶବ୍ଦ ଭିତରେ ।)

ସୀମା : ତୁ ଏ କ'ଣ କଲୁ ରୂପା ନାନୀ ? ସେ ପିଲାଟି ଆମକୁ ଦୁଃଖ ଦୁନିଆରୁ ନେଇଯାଇ ସୁଖ ଦେବାକୁ ଆସିଥିଲା । ଆଉ ତୁ ତାକୁ ତଡ଼ି ଦେଲୁ ?

ରୂପା : ନା, ସେ ଆମକୁ ସୁଖ ଦେବାକୁ ଆସି ନଥିଲା । ସେ ଆମକୁ ଏକ ଅବାସ୍ତବ ଦୁନିଆକୁ ନେଇ ଯାଉଥିଲା । ସାହିତ୍ୟକୁ ଛାଡ଼ି ବିଜ୍ଞାନ, ସ୍ୱପ୍ନକୁ ଛାଡ଼ି ବାସ୍ତବ କେବେ ସମ୍ଭବ ନୁହଁ । ଆମେ କଠିନ ପରିଶ୍ରମ କରି ଆମ ସ୍ୱପ୍ନକୁ ସାକାର କରିବା । ବାପା, ମାଆ ଓ ଗୁରୁଜନଙ୍କ ମେଳରେ ରହି ସ୍ନେହ, ପ୍ରେମ ଭଲପାଇବାକୁ ଆଦରି ସତ୍‌ପଥରେ ଚାଲି ଆମେ ଜୀବନକୁ ଗଢ଼ିବା । ଆମେ ଏ ଧରଣୀ ବୁକୁର ଶିଶୁ । ଯନ୍ତ୍ର ହେବାକୁ ଆମର ଜନ୍ମ ନୁହେଁ । ଆମେ ଅମୃତର ସନ୍ତାନ । ଆମର ଲକ୍ଷ୍ୟ ଅମରତ୍ୱ, ବସ୍ତୁବାଦିତା ନୁହଁ । ଆସ, ଆମେ ପୁଣି ରଜ ଦୋଳି ଗୀତ ଗାଇବା । ଦୋଳି ଝୁଲିବା । ପୁଣି ଆନନ୍ଦରେ ମଜ୍ଜିଯିବା ।

(ଝିଅମାନେ ରଜଗୀତର ତାଳେ ତାଳେ ପୂର୍ବପରି ଦୋଳିରେ ଝୁଲି ଖେଳୁଥାଆନ୍ତି । ମଂଚ ଅନ୍ଧକାର ।)

## ଅଭ୍ୟାସ

୧. ଉତ୍ତର କୁହ ।

(କ) ଅଦ୍ଭୁତ ପିଲାଟି କିପରି ଦେଖା ଯାଉଥିଲା ?

(ଖ) ପିଲାଟିକୁ ଭୂତ ଭାବି ଶୀଳା ଓ ସୀମା ପଳାଇ ଯିବା ଦେଖି ରୂପା କ'ଣ କହିଲା ?

(ଗ) ରୂପା ଅଦ୍ଭୁତ ପିଲାଟିର ନାଆଁ ପଚାରିବାରୁ ପିଲାଟି କି ଉତ୍ତର ଦେଲା ?

(ଘ) 'ବହୁତ ଆଗରେ' ଏକଥାଟି ବୁଝାଇବାକୁ ଯାଇ ପିଲାଟି କି ଉତ୍ତର ଦେଲା ?

(ଙ) 'ଜୀବନ ସାରା ତମେ ସ୍ୱପ୍ନ ଦେଖୁଥିବ, କେବେ ତାହା ସତ ହେବନାହିଁ' ଏକଥା ଶୁଣି ରୂପା କି ପ୍ରତିକ୍ରିୟା ପ୍ରକାଶ କଲା ?

(ଚ) ଅଦ୍ଭୁତ ପିଲାଟି ଉଭେଇ ଗଲା ପରେ ରୂପା ସମସ୍ତଙ୍କୁ କ'ଣ କହିଲା ?

୨. ପ୍ରାୟ ଶହେ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

(କ) ଅଦ୍ଭୁତ ପିଲାଟିକୁ ଦେଖି ଓ ତା' କଥା ଶୁଣିଲା ପରେ ସୀମା କ'ଣ କହିଲା ?

(ଖ) 'ଚାପ ୱାନ୍'କୁ କାହିଁକି ଝିଅମାନଙ୍କ ନିକଟକୁ ପଠାଯାଇଥିଲା ?

(ଗ) ଚାପ ୱାନ୍‌ଙ୍କ ଆଦର୍ଶ କଥା ଶୁଣି ବି ରୂପା ତା' ସାଙ୍ଗରେ ଯିବା ପାଇଁ ମନା କଲା କାହିଁକି ?

(ଘ) ଚାପ୍ ୱାନ୍ ଏକ ଯନ୍ତ୍ର ବୋଲି କିପରି ପ୍ରମାଣିତ କରିଥିଲା ?

(ଙ) ଅଦ୍ଭୁତ ପିଲାଟି ଉଭେଇ ଗଲା ପରେ ରୂପା କ'ଣ କହିଲା ?

୩. ଶହେ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

(କ) ଏହି ଏକାଙ୍କିକାରେ ନାଟ୍ୟକାର ଆମକୁ କ'ଣ କହିବାକୁ ଚାହିଁଛନ୍ତି ?

(ଖ) 'ଆମେ ଧରଣୀ ବୁକୁର ଶିଶୁ' ବୋଲି ନାମ ଦେବାର ବିଶେଷତ୍ୱ କ'ଣ ?

## ତୁମ ପାଇଁ କାମ



- ଏହି ଏକାଙ୍କିକାକୁ ନିଜ ଶ୍ରେଣୀ ଭିତରେ ଅଭିନୟ କର ।
- ପଠିତ ଏକାଙ୍କିକାର 'ଚାପ୍ ୱାନ୍' ଯନ୍ତ୍ର ଭଳି ଚରିତ୍ର ଥିବା ଆଉ କିଛି ଗପ ବା ଏକାଙ୍କିକା ସଂଗ୍ରହ କର ଓ ପଢ଼ ।

# ଦରଜା ଖୋଲିଦେବା

ଡ. ନାରାୟଣ ସାହୁ

GFJX86

## ଲେଖକ ପରିଚୟ:

ଡ. ନାରାୟଣ ସାହୁ: ଅଶୀ ପରବର୍ତ୍ତୀ ଓଡ଼ିଆ ନାଟ୍ୟ ଜଗତରେ ଡକ୍ଟର ନାରାୟଣ ସାହୁ ଜଣେ ସୁପରିଚିତ ସ୍ରଷ୍ଟା । ତାଙ୍କ ନାଟକଗୁଡ଼ିକର ସାମାଜିକ ବିଧି ବ୍ୟବସ୍ଥାର ସଚେତନ ସଂସ୍କାର ପ୍ରୟାସ ପରିଲକ୍ଷିତ ହୁଏ । ଡକ୍ଟର ସାହୁଙ୍କ ନାଟକ ଓ ଏକାଙ୍କିକାଗୁଡ଼ିକ ସାଧାରଣ ଘଟଣାକୁ ନେଇ ରଚିତ ହୋଇଥିଲେ ହେଁ ଏହା ଉନ୍ନତ ମଞ୍ଚମୂଲ୍ୟ ରକ୍ଷା କରିବାରେ ସମର୍ଥ ହୋଇଥାଏ । ତାଙ୍କ ଦ୍ୱାରା ରଚିତ 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର', 'ମୂକ', ଉପାସନା, 'କ୍ରାନ୍ତି' ଆଦି ନାଟକ ଓ ଶତାଧିକ ଏକାଙ୍କିକା ସେ ରଚନା କରିଛନ୍ତି । ନାଟ୍ୟକାରଙ୍କ ଏକାଙ୍କିକା ସଂକଳନଗୁଡ଼ିକ ହେଉଛି– 'ଏମିତି ବି ହୁଏ' ଓ 'ଅନ୍ୟାନ୍ୟ ନାଟକ', 'ଫ୍ରଣ୍ଟଲାଇନ ଓ ଅନ୍ୟାନ୍ୟ ନାଟକ', 'ପିଲାଙ୍କ ନାଟକ' ଇତ୍ୟାଦି । 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର' ନାଟକ ପାଇଁ ଡ. ସାହୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

ଜାତି, ଧର୍ମ, ବର୍ଣ୍ଣ, ବୟସ ନିର୍ବିଶେଷରେ ଶିକ୍ଷାକୁ ସାର୍ବଜନୀନ କରିବା କ୍ଷେତ୍ରରେ ବିରୋଧ କରୁଥିବା କେତେକ ପୁରାତନପନ୍ଥୀ ସଂକୀର୍ଣ୍ଣମନା ବ୍ୟକ୍ତିଙ୍କର ମାନସିକ ସଂସ୍କାର ଆଣିବା, ରକ୍ତଦାନ ଏକ ମହତ ଦାନ – ଇତ୍ୟାଦି ସଂପର୍କରେ ସଚେତନତା ସୃଷ୍ଟିକରିବା ଏହି ଏକାଙ୍କିକାର ଉଦ୍ଦେଶ୍ୟ ।

## ପ୍ରଥମ ଦୃଶ୍ୟ

(ସ୍କୁଲଘର । ସେଦିନ ଛୁଟି ଥିଲା । ଶ୍ରେଣୀଗୃହରେ ବ୍ଲାକ୍‌ବୋର୍ଡ, ଚକ୍ ରହିଥିଲା । ଗାନ୍ଧୀ ଏବଂ ଗୋପବନ୍ଧୁଙ୍କ ଫଟୋ କାନ୍ଥରେ ଟଙ୍ଗା ହୋଇଥିଲା । ଶିକ୍ଷକଙ୍କ ବସିବା ସ୍ଥାନରେ ଚେୟାର, ଟେବୁଲ୍ ପଡ଼ିଥିଲା । ପିଲାମାନଙ୍କ ବସିବା ପାଇଁ ଛୋଟ ଛୋଟ ଡେସ୍କ ଏବଂ ବେଞ୍ଚ ରହିଥିଲା । ସ୍କୁଲ ଘର ଭିତରକୁ ପଶି ଆସିଥିଲେ ଦୁଇଟି ପିଲା । ପାଠ କ'ଣ ସେମାନେ ଜାଣନ୍ତି ନାହିଁ । ପିଲାବେଳୁ କାମ କରି ପେଟପୋଷି ଜାଣିଛନ୍ତି । ଶ୍ରେଣୀଗୃହର ପରିବେଶ ଦେଖି ସେମାନେ ଆଶ୍ଚର୍ଯ୍ୟ ହେଉଥିଲେ ।)

ବୁଲା : (ଚେୟାର୍ ଉପରେ ବସିଯାଇ) ଏଇଠି ମାଷ୍ଟର ବସେ । ଭାରି ବଢ଼ିଆ ହେଇଛି । ଆରେ ଏ ପିଲେ (ଆଦେଶ ଦେବା ଭଙ୍ଗୀରେ) ପାଠପଢ଼, ପାଠପଢ଼ ।

ରହିମ : ଏଗୁଡ଼ାକ (ଡେସ୍କ, ବେଞ୍ଚକୁ ଆଙ୍ଗୁଳି ଦେଖାଇ) କାହିଁକି ପଡ଼ିଛି ?

ବୁଲା : ଆରେ ବୋକା, ଏତିକି ଜାଣିନୁ ? ସେଠି ପିଲାଏ ବସନ୍ତି । ଆମରି ଭଳିଆ ପିଲା ।

ରହିମ : ହୁଁ, ଆମ ଭଳିଆ । ଆମେ ତ ଜନମ ହେଇଛେ ମୂଲଲାଗି ପେଟ ପୋଷିବା ପାଇଁ ।

ବୁଲା : ରହିମ୍ ଗୋଟାଏ କଥା ପଚାରିବି । ସତ ସତ କହିବୁ ।

ରହିମ : ପଚାରୁନୁ , ପଚାର ।

ବୁଲା : ପିଲାଗୁଡ଼ାକ, ଏଇ ଘର ଭିତରକୁ ପଶିଲା ବେଳେ ତୋର କ'ଣ ଇଚ୍ଛା ହୁଏନି, ସେମାନଙ୍କ ସାଙ୍ଗରେ ଆସିବା ପାଇଁ ?

ରହିମ : ଦେଖ୍ ବୁଲା, ଆମେ ହେଲେ ପତର ଗୋଟେଇବା ଲୋକ । ତୋଟା ମୂଲ କାହିଁକି କରିବାକୁ ଯିବା ? ଏଠିକି ଆସିଲେ, ଖାଇବା କ'ଣ ? କିଏ ଦବ ଖାଇବାକୁ ?

ବୁଲା : ହଁ, ସତକଥା । ଆମର ଆଗକୁ ଅଛି ନା' ପଛକୁ ଅଛି । କାମ କଲେ ଦି' ପଇସା ଆସିବ । ନହେଲେ ଖାଡାଖାଡ଼ା ଓପାସ ।

(ଚକ୍ ଧରିଛି ହାତରେ ରହିମ୍ । ଭଲ ଭାବେ ଦେଖୁଛି ।)

ରହିମ୍ : ଏଇଟା ପୁଣି କ'ଣ ? (ଶୁଙ୍ଘୁଛି) ବାସୁନି ।

ବୁଲା : ଆରେ, ଚକ୍‌ରେ, ଏଥିରେ ଲେଖାହୁଏ.....

ରହିମ୍ : (ଡଷ୍ଟର୍ ନେଇ ବ୍ଲାକ୍‌ବୋର୍ଡ ପାଖକୁ ଯାଇଛି) ଏ ପଟାଟା କାହିଁକି ଏଠି ଅଛି ? (ଡଷ୍ଟର ନେଇ ଲିଭାଇଛି) । ଆରେ ବାଃ... ଲିଭିଯାଉଛି ।

ବୁଲା : ରହ...ରହ... (ଚକ୍ ନେଇ ଗାରେଇଛି) । ଆରେ ନେଖି ହଉଛି । (ବୁଲା ଗାରେଇଛି । ରହିମ୍ ଲିଭେଇଛି । ଟିକିଏ ରହିଯାଇ) ଏଇଟା ଧର (ଡଷ୍ଟର ରହିମ୍‌କୁ ଦେଇ) ମୁଁ ତା' ଛବିଟା କରେ ।

ରହିମ : କାହାର ?

ବୁଲା : ସେଇ ଯୋଉ ମାଷ୍ଟର ଏଠି ପଢ଼ଉଛି ।

(ଚିତ୍ରକରିବାରେ ଲାଗିଛି ବୁଲା । ଏତିକିବେଳେ ଶିକ୍ଷକ ମହାଶୟ ହାତରେ ଛତା ଧରି ଆସି ପହଞ୍ଚିଯାଇ ଚୁପ୍‌ଚାପ୍ ସେମାନଙ୍କୁ ଲକ୍ଷ୍ୟ କରିଛନ୍ତି ।

ରହିମ୍ : ଆରେ ତା' ନିଶଟା ଛାଡ଼ିଗଲୁ । (ନିଶଟା କରିଛି ବୁଲା ।)

ବୁଲା : ଏଥରକ ହୋଇଗଲା ତ ?

ରହିମ୍ : ହଁ ।

ଶିକ୍ଷକ : ନା'... ହେଲାନି । ଆହୁରି ରହିଗଲା... । (ବୁଲା, ରହିମ୍ ପଛକୁ ଚାହିଁଛନ୍ତି ।) ତା' ଛତାଟା ଛାଡ଼ିଗଲ । (ଦଉଡ଼ି ପଳାଇବାକୁ ଚେଷ୍ଟା କରିଛନ୍ତି ଉଭୟ ।)

ଆରେ ରୁହ, ଯାଉଛ କୁଆଡେ? ମୁଁ ବାଘ କି ସିଂହ ନୁହଁ, ଖାଇଯିବି । ଆଚ୍ଛା, କହିଲ, କାହାର ଛବିଟା ବନାଉଥିଲ ? ହଁ ...ହଁ...କୁହ । ଡରିବାର କିଛି ନାହିଁ ।

ବୁଲା : (ଡରି ଡରି) ତମର ଆଜ୍ଞା ।

ଶିକ୍ଷକ : ହଁ, ମୁଁ ସେଇଥିଲାଗି କହିଲି, ଛତାଟା ଛାଡ଼ିଗଲ । ଏଇଟା ହଉଛି (ଛତାଟାକୁ ଦେଖାଇ) ସେଇ ଛତା ।

ବୁଲା : ଆଜ୍ଞା ଆମେ... (ଭୟରେ କିଛି କହିପାରୁ ନଥିଲା)

ଶିକ୍ଷକ : ଆରେ ଡରୁଛ କାହିଁକି ? ଆଚ୍ଛା କହିଲ ଦେଖି, ତମ ଦିହିଁଙ୍କ ନାଁ କ'ଣ ?

ରହିମ୍ : ମୁଁ ରହିମ୍, ଆଉ ସିଏ ବୁଲା ।

ଶିକ୍ଷକ : ତମେ କରୁଛ କ'ଣ ?

ରହିମ୍ : ଆମେ ଦି'ଜଣ ପଧାନବାବୁର ଇଟାଭାଟିରେ କାମ କରୁଛୁ ।

ଶିକ୍ଷକ : ଏତେ ଅଳ୍ପ ବୟସରୁ !

ବୁଲା : ଅଳପ ବୟସ କ'ଣ, ଅଠର, ଉଣେଇଶ ହେଲାଣି । କାମ କରି କରି ଏମିତି ଦିଶୁଚୁ ଆଜ୍ଞା ।

ଶିକ୍ଷକ : (ମନକୁ ମନ) ଯେଉଁ ହାତ ସିଲଟ ଖଡ଼ି ଧରିବା କଥା, ସେଇ ହାତ ଯଦି ଇଟା, ପଥର ଭାଙ୍ଗିବ, ତେବେ ଏ ଦେଶର ଭବିଷ୍ୟତ କ'ଣ ?

ବୁଲା : ମାଷ୍ଟରବାବୁ, ପାଠଟା କ'ଣ ନିହାତି ଦରକାର ?

ଶିକ୍ଷକ : ହଁ, ଖାଇବା... ପିଇବା... ପିନ୍ଧିବା... ଆଉ ରହିବା ଭଳି ପାଠଟା ବି ଦରକାର ।

ରହିମ୍ : ଆମେ ତ ପାଠ ପଢ଼ିନୁ । କାହିଁ, ଆମର ତ କିଛି ଅସୁବିଧା ହୋଇନି ?

ଶିକ୍ଷକ : ଆଚ୍ଛା କହିଲ, ମୁଁ ତମ ଦିହିଙ୍କି ଦିନେ ଅନ୍ଧାର ରାତିରେ ଏଇ ଘର ଭିତରେ ଛାଡ଼ିଦେବି । ଆଉ କହିବି ମୁଁ ତାଳି ମାରିଲା ମାତ୍ରେ, ମତେ ଦୁଇଟା ଚକ୍ ଆଣିଦବ । ପାରିବ?... କୁହ ।

ରହିମ୍ : ନା ।

ଶିକ୍ଷକ : କାହିଁକି ପାରିବନି ?

ବୁଲା : ଅନ୍ଧାରରେ କିଛି ଦେଖାଯିବନି ।

ଶିକ୍ଷକ : କ'ଣ ଦରକାର ହେବ ?

ରହିମ୍ : ଆଲୁଅ ।

ଶିକ୍ଷକ : ହଁ, ପାଠ ହଉଛି ସେମିତିକା ଗୋଟାଏ ଆଲୁଅ, ଯାହା ଅନ୍ଧାର ରାତିରେ ତୁମକୁ ଚକ୍ ପାଖକୁ ନେଇଯିବ । (ପରସ୍ପରର ମୁହଁକୁ ଚାହିଁଥିଲେ ବୁଲା ଆଉ ରହିମ୍) ଆଚ୍ଛା, ତମେ କ'ଣ କେଉଁଠି କାମ କରିଛ କହିବ ।

ରହିମ୍ : ଏଇ ସ୍କୁଲ ଘରେ ଯେତେ ଇଟା ନାଗିଛି, ସବୁଯାକ ଆମେ ବୋହିଥିଲୁ ।

ବୁଲା : ପାଞ୍ଚଜଣ ପିଲା । ପଧାନବାବୁ ଆମକୁ ଦେଢ଼ଶ' ଟଙ୍କା ଦେଇଥେଲା ।

ରହିମ୍ : ପାଞ୍ଚଦିନ ପାଞ୍ଚରାତି ଲାଗିଥିଲା ।

ଶିକ୍ଷକ : ଦେଢ଼ଶହ ଟଙ୍କାରେ ରାଜି ହୋଇଗଲ ?

ବୁଲା : ଆହୁରି ପଚାଶ ଟଙ୍କା ବଳିଥିଲା ।

ରହିମ୍ : ରାତିରେ ସିନେମା ଯାଇଥିଲୁ । 'ମେରା ନାମ ଜୋକର'... କି ବଢ଼ିଆ ଗୀତ !

ବୁଲା : ହୋଟେଲରେ ସେଦିନ ରାତିରେ ଖାଇଥିଲୁ । କୁକୁଡ଼ା ମାଉଁସ ଆଉ ପରଟା । ଜଣକେ ଦଶ ଦଶ ପଟ ପରଟା ଖାଇଥିଲୁ ।

ଶିକ୍ଷକ : ଏତିକି ନା' ଆଉ କିଛି ?

ରହିମ୍ : ଆଉ କ'ଣ! ଦେଢ଼ଶ' ଟଙ୍କା କ'ଣ କମ୍ ହେଲାଣି !

ଶିକ୍ଷକ : ସେଥିଲାଗି କହେ, ପାଠ ଦରକାର । ଯୋଉ କାମ ପାଇଁ ପ୍ରଧାନବାବୁ କଣ୍ଟ୍ରାକ୍ଟରକୁ ଦିଇ ତିନିହଜାର ଟଙ୍କା ଦେଇଥା'ନ୍ତା, ତାକୁ ତମେମାନେ ଦେଢ଼ଶହ ଟଙ୍କାରେ କରିଦେଲ । ସେଥିରେ ପୁଣି ଏତେ ଖୁସି!

ବୁଲା : କ'ଣ ମିଳିବ ଆମକୁ ସେ ପାଠରୁ ? ସେଥିରେ କ'ଣ ପେଟ ପୂରିବ ? ଆମର ହିସାବ କ'ଣ ଦରକାର ?

ଶିକ୍ଷକ : ନା'ରେ, ପେଟ ପୂରୁ ନପୂରୁ ଆଖି ଖୋଲିଯିବ, ସବୁ ଜାଣିପାରିବ । ସେଇଥିଲାଗି କହୁଛି, ପାଠପଢ଼ । ହଁ, କାଲିଠାରୁ ତମେ ଦିହେଁ, ସ୍କୁଲକୁ ଆସିବ ।

ରହିମ୍ : କାମ ନ କଲେ ଖାଇବୁ କ'ଣ ?

ଶିକ୍ଷକ : ବେଶି ସମୟ ନୁହେଁ । ଘଣ୍ଟାଏ ଲେଖା ବସିବ । ସେତିକି ତମ ପାଇଁ ଯଥେଷ୍ଟ । (ପରସ୍ପରକୁ ଚାହିଁଲେ ରହିମ୍ ଏବଂ ବୁଲା)

ଶିକ୍ଷକ : ଆରେ ଡରନି । ଏଠି ପାଠ ପଢ଼ିଲେ ପଇସା ଦବାକୁ ପଡ଼ିବନି । କ'ଣ କହୁଛ ? ବୁଲା ? ରହିମ୍ ?

ରହିମ୍ : ହଁ, ମାଷ୍ଟରବାବୁ ।

ଶିକ୍ଷକ : ମାଷ୍ଟରବାବୁ ନୁହେଁ, ଗୁରୁଜୀ । (ଆଲୋକ ଲିଭିଛି ।)

## ଦ୍ୱିତୀୟ ଦୃଶ୍ୟ

(ପରଦିନ ସକାଳ । ଗାଆଁ ସ୍କୁଲ । ଶିକ୍ଷକ ବସିଥିଲେ । ଆଗରେ ବସିଥିଲେ କେତେଜଣ ପିଲା । ସେମାନଙ୍କ ଭିତରେ ବୁଲା, ରହିମ୍, ଆଉ ସତ୍ୟ । ବୁଲା ଆଉ ରହିମ୍ ଖାଲି ପ୍ୟାଣ୍ଟ ପିନ୍ଧିଥିଲେ । ଆଉ କିଛି ଦେହରେ ନଥିଲା । ଶିକ୍ଷକ କିଛି ଗୋଟାଏ ଚିନ୍ତା କରୁଥିଲେ । ପଶି ଆସିଲେ ଗାଆଁ ପ୍ରଧାନ ।)

ପ୍ରଧାନ : ହଇହେ ମାଷ୍ଟ୍ରେ, କି ପାଲା ଚାଲିଛି ଏଠି ? ଏଇଟା ସ୍କୁଲ ନା' ଖେଳପଡ଼ିଆ ?

ଶିକ୍ଷକ : କ'ଣ ହୋଇଛି, କୁହନ୍ତୁ ।

ପ୍ରଧାନ : କ'ଣ ନ ହୋଇଛି, କୁହ । ବିଦ୍ୟାଳୟ ହେଉଛି ଆମ ମାଆ । ତା' ପ୍ରତି ଅନ୍ୟାୟ କରୁଥିବା ଲୋକକୁ କେବେ କ୍ଷମା ଦିଆଯିବନି ।

ଶିକ୍ଷକ : କିଏ ଅନ୍ୟାୟ କଲା ?

ପ୍ରଧାନ : ତମେ, ତମେ କରିଛ! ଯୁଗ ଯୁଗର ଅନୁଷ୍ଠାନଟାକୁ ଅପବିତ୍ର କରିଦେଲ ?

ଶିକ୍ଷକ : କ'ଣ କହୁଛନ୍ତି, ଆପଣ ?

ପ୍ରଧାନ : ଏଇଟା ବିଦ୍ୟାଳୟ । ଏଠି ଭଦ୍ରଘରର ପିଲାଏ ପାଠ ପଢ଼ନ୍ତି । ରାସ୍ତାଘାଟରୁ ଯାହାକୁ ନାହିଁ ତାକୁ ଗୋଟେଇ ଆଣି ତମେ ଏଠି ବସେଇଦେବ ?

ଶିକ୍ଷକ : ଆପଣଙ୍କ ବୁଝିବା ଭୁଲ । ଏଇଟା ସରକାରୀ ବିଦ୍ୟାଳୟ । ଏଠି ସମସ୍ତଙ୍କର ପଢ଼ିବା ଅଧିକାର ଅଛି । ବିଦ୍ୟାଳୟ ପାଇଁ ଉଚ୍ଚ-ନୀଚ, ଧନୀ-ଗରିବ, ହିନ୍ଦୁ-ମୁସଲମାନ ସମସ୍ତେ ସମାନ । ଏଠି ଜାତି-ଧର୍ମ-ବର୍ଣ୍ଣର ପ୍ରଶ୍ନ ଉଠିବ କୋଉଠୁ!

ପ୍ରଧାନ : ବାଜେ କଥା ବନ୍ଦ କର । ଏ ସ୍କୁଲ ମୁଁ ତିଆରି କରିଛି ।

ଶିକ୍ଷକ : ସେଥିପାଇଁ ସରକାର ଆପଣଙ୍କୁ ସବୁ ଟଙ୍କା ପଇଠ କରିଛନ୍ତି । ତା' ପରେ ସବୁ କଣ୍ଟ୍ରାକ୍ଟର ଯଦି ଅଡ଼ି ବସିବେ, ତିଆରି କରୁଥିବା କୋଠାବାଡ଼ି ସେମାନଙ୍କର, ତା'ହେଲେ ଏ ଦେଶ ଚଳିବ କେମିତି ?

ପ୍ରଧାନ : ଫାଲ୍‌ତୁ କଥା ଶୁଣିବାକୁ ମୋ' ପାଖରେ ବେଳ ନାହିଁ । କାଲି ସକାଳେ ଯେଉଁମାନେ ମୋ'ରି ଘରେ ମୂଲ ଲାଗୁଥିଲେ, ସେମାନେ ପୁଣି ପାଠ ପଢ଼ିବେ ମୋ'ରି ପୁଅ ସାଙ୍ଗରେ?

ଶିକ୍ଷକ : ସେ ଅଧିକାର ସେମାନଙ୍କର ରହିଛି । ଆଉ ସେଇଟା ସେମାନଙ୍କୁ ଆମ ଗଣତନ୍ତ୍ର ଦେଇଛି ଆଜ୍ଞା ।

ପ୍ରଧାନ : ଏଇ ଦି'ଟା (ବୁଲା, ରହିମ୍‌ଙ୍କୁ) ବାରବୁଲା ପିଲା, ପୁଣି ମୋ' ପୁଅ ସାଙ୍ଗରେ ପାଠ ପଢ଼ିବେ ?

ରହିମ୍ : ଯୁଗ ବଦଳି ଯାଇଛି, ଆଜ୍ଞା ।

ପ୍ରଧାନ : ଚୁପ୍, ଏତେ ବକଟେ ଛୁଆ । ସେ ପୁଣି ମୋ' ମୁହଁ ଉପରେ ଜବାବ ଦେଉଛି ।

ଶିକ୍ଷକ : କ'ଣଟା ସେ ଭୁଲ୍ କହିଲା ?

ପ୍ରଧାନ : ମାଷ୍ଟରବାବୁ, ଯଦି ନିଜର ମଙ୍ଗଳ ଚାହୁଁଛ, ଏମାନଙ୍କୁ ଯେତେ ଶୀଘ୍ର ପାରୁଛ ଏ ସ୍କୁଲରୁ ତଡ଼ିଦିଅ ।

ଶିକ୍ଷକ : ଆଜ୍ଞା, ଥରେ କହିଛି । ଏଠି ସମସ୍ତଙ୍କର ସମାନ ଅଧିକାର ରହିଛି ।

ପ୍ରଧାନ : ହଇହୋ କି ଅଧିକାର ମତେ ଦେଖଉଛ ! ବାରବୁଲା ପତର ଗୋଟେଇବା ପିଲାଙ୍କୁ ପାଠ ପଢ଼େଇବ, ମତେ ଅଧିକାର ଶିଖଉଛ !

ସତ୍ୟ : ବାପା, ଗୁରୁଜୀ ଠିକ୍ କହିଛନ୍ତି ।

ପ୍ରଧାନ : ଚୁପ୍, ତୁ ଛତୁଟା ଜାଣିଛୁ ! ଚାଲ, ଘରକୁ ଚାଲ୍ । ଏମାନଙ୍କ ସଙ୍ଗେ ପାଠ ପଢ଼ିଲେ ତୁ ବି ନଷ୍ଟ ହୋଇଯିବୁ ? (ପ୍ରଧାନବାବୁ ସତ୍ୟକୁ ଟାଣି ଟାଣି ନେଇଯାଇଛନ୍ତି ।)

ଶିକ୍ଷକ : ମୋ' କଥା ଟିକିଏ ଶୁଣନ୍ତୁ । ବଡ଼ ଏକଜିଦିଆ ଲୋକ । (ପ୍ରଧାନବାବୁ ସତ୍ୟକୁ ନେଇ ଯାଇଛନ୍ତି । ଶିକ୍ଷକ, ଅନ୍ୟ ପିଲାଏ ତାଙ୍କ ଯିବା ବାଟକୁ ଚାହିଁ ରହିଛନ୍ତି ।)

## ତୃତୀୟ ଦୃଶ୍ୟ

(ପ୍ରଧାନବାବୁଙ୍କ ଦାଣ୍ଡଘର । ସତ୍ୟ ପାଠ ପଢୁଥିଲା । ସଉପ ଉପରେ ବସି ସତ୍ୟ ଗୋଟାଏ ଚିତ୍ର ଆଙ୍କୁଥିଲା । ଚିତ୍ରଟି ଥିଲା ଯୀଶୁଖ୍ରୀଷ୍ଟଙ୍କର । ପଛପଟୁ ଚିତ୍ରଟିକୁ ଲକ୍ଷ୍ୟ କରୁଥିଲା ରହିମ୍ । ପାଖରେ ବସିଥିଲା ବୁଲା ।)

ସତ୍ୟ : ନା' ଆଉ ହବନି । ମୁହଁଟା ମୋଟେ ହଉନି ।

ରହିମ୍ : ହବ ହବ । ଚେଷ୍ଟା କର ।

ସତ୍ୟ : ବୁଲା, ତତେ ଆସିବ ?

ବୁଲା : ହଁ, ଆସିବ । ହେଲେ ଏ ଚିତ୍ରଟା କାହାର, ସାନବାବୁ ?

ସତ୍ୟ : ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କର । ଯିଏ ସଦାବେଳେ କହୁଥିଲେ, ''ପାପକୁ ଘୃଣା କର, ହେଲେ ପାପୀକୁ ନୁହେଁ ।''

ରହିମ୍ : ହେଇଥିବ । ଲୋକଟାର ମୁହଁଟା ସେଇ ଭଳିଆ ଜଣାପଡୁଛି ।

ସତ୍ୟ : ନେ' ପେନ୍‌ସିଲ ରବର ଅଛି, କର । (ପେନସିଲ ଧରିଛି ବୁଲା)

ବୁଲା : ବଡ଼ବାବୁ ଦେଖିଲେ ମାରି ପକେଇବେ ।

ସତ୍ୟ : ବାପା ଘରେ ନାହାନ୍ତି । ତୁ ଆରାମରେ ବସି କର । (ବିଛଣାରେ ବସି ଚିତ୍ର ଅଙ୍କନ କରୁଛି ବୁଲା । ଚିତ୍ରଟିକୁ ଲକ୍ଷ୍ୟ କରୁଛି ସତ୍ୟ ।)

ବୁଲା : ସାନବାବୁ, ହଉଛି ନା' ନାହିଁ ?

ସତ୍ୟ : ବଢ଼ିଆ... ଏକଦମ୍ ବଢ଼ିଆ । ତୁ କେମିତି କରୁଛୁ, ମତେ ଟିକିଏ ଶିଖେଇ ଦଉନୁ ।

ବୁଲା : ତମେ ମୋ' ହାତକୁ ଦେଖ । ସବୁ ଜାଣିଯିବ । (ଘର ଭିତରକୁ ଆସିଛନ୍ତି ପ୍ରଧାନବାବୁ । ବିଛଣା ଉପରେ ରହିମ୍‌କୁ ଦେଖି ରାଗରେ ନିଆଁବାଣ ହୋଇଯାଇଛନ୍ତି ।)

ପ୍ରଧାନ : ହଇରେ ତତେ କିଏ କହିଲା ବିଛଣା ଉପରେ ବସିବାକୁ ? (ପାଖରେ ପଡ଼ିଥିବା ସ୍କେଲ୍ ଧରି ପିଟିବାକୁ ଯାଇଛନ୍ତି । ରହିମ୍ କାନ୍ଦିଛି ।)

ସତ୍ୟ : ବାପା, ମୁଁ ତାକୁ ଚିତ୍ର କରିବାକୁ କହିଛି ।

ପ୍ରଧାନ : ତୁ ପାଟି ବନ୍ଦ କର । ଏଗୁଡ଼ାଙ୍କୁ ମୁହଁ ଦେଲେ ଉପରେ ଚଢ଼ିବେ ।
(ବୁଲା ଓ ରହିମ୍‌କୁ ଚାହିଁ)

ପ୍ରଧାନ : ହଇରେ ତୁମକୁ କିଏ କହିଥିଲା ସେ ସ୍କୁଲ ଯିବାକୁ ? ତମେ ଯଦି ପାଠ ପଢ଼ିବ, ତା'ହେଲେ କାମ କରିବ କିଏ ?

ସତ୍ୟ : ବାପା, ପାଠ ପଢ଼ିବାଟା କ'ଣ ଅନ୍ୟାୟ ?

ପ୍ରଧାନ : ସେଇ ମାଷ୍ଟର ତା'ହେଲେ ତୋ' ମୁଣ୍ଡ ବିଗାଡ଼ି ଦେଇଛି ।

ସତ୍ୟ : ନାଇ ବାପା, ଯାହା ଠିକ୍, ସେ ତାହା ହିଁ କହିଛନ୍ତି ।

ପ୍ରଧାନ : କ'ଣଟା ଠିକ୍? କାମ ନ କରି ପାଠ ପଢ଼ିବାଟା ଠିକ୍ ? ସେମାନେ ଜନମ ହୋଇଛନ୍ତି କାମ କରିବା ପାଇଁ । ବାପଅଜା ଅମଳରୁ ଚଳଣିକୁ ଫାଙ୍କି ଦବା କ'ଣ ଠିକ୍ ?

ସତ୍ୟ : ବାପା, ଯୁଗ ବଦଳି ଗଲାଣି ।

ପ୍ରଧାନ : ଏଇଟା ମୋ'ଗାଁ, ମୋ'ମାଟି । ଏଠି କୌଣସି ସରକାରୀ ନିୟମକାନୁନ୍ କାଟୁ କରିବ ନାହିଁ । ମୁଁ ଯାହା କହିବି, ସେଇଟା ହବ ଆଇନ୍ ।

ସତ୍ୟ : ଏଗୁଡ଼ାକ ଭୁଲ୍, ବାପା ! ପିଲାଙ୍କୁ ଏତେ ଅଧିକ ଖଟାଇବା ଅପରାଧ ।

ପ୍ରଧାନ : ତୋର ଏତେ ଦରଦ କାହିଁକି ? ସେଇ ମାଷ୍ଟର ତା' ହେଲେ ତୋତେ ଉସ୍‌କେଇଛି । ତମେ ଯା' କାମ କରିବ । ବାଡ଼ିରେ କାଠ ହାଣିବ ।(ଦୁହେଁ ଚାଲି ଯାଇଥିଲେ ପଛରୁ ଡାକିଛନ୍ତି) ହଁ, ଶୁଣ୍, ଆଉଦିନେ ଯେମିତି ସେ ସ୍କୁଲ ଘର ନ ମାଡ଼ ।

ରହିମ,ବୁଲା: କାନମୋଡି ହଉଛୁ ବାବୁ । ଆଉ କେବେ ଯିବୁନି ।

ସତ୍ୟ : ବାପା, ଆମେ ସମସ୍ତେ ସମାନ । ମୋ' ଦେହରେ ଯେଉଁ ରକ୍ତ, ତାଙ୍କ ଦେହରେ ବି ସେହି ରକ୍ତ ଅଛି ।

ପ୍ରଧାନ : ନା'! ଗୋଟାଏ ଅଛୁଆଁ ପିଲା ଆମ ସାଙ୍ଗରେ ସମାନ ହେବ ? ତାହାକେବେ ହୋଇପାରେନା ।

ସତ୍ୟ : ବାପା, ଛୁଆଁଅଛୁଆଁ ଭେଦଭାବ କେବେଠାରୁ ଲୋପ ପାଇଗଲାଣି । ଗୁରୁଜୀ କହୁଥିଲେ, ଏସବୁ ଆଇନ୍ ଦୃଷ୍ଟିରୁ ଦଣ୍ଡନୀୟ ।

ପ୍ରଧାନ : ସବୁକଥାରେ 'ଗୁରୁଜୀ'.... 'ଗୁରୁଜୀ'...! ସେ ମାଷ୍ଟର ହିଁ ସବୁ ନାଟର ଗୋବର୍ଦ୍ଧନ । ତାକୁ ପାନେ ନଦେଲେ, ମତେ ଶାନ୍ତି ମିଳିବନି । (କହି କହି ଚାଲିଗଲେ ।)

## ଚତୁର୍ଥ ଦୃଶ୍ୟ

(ସ୍କୁଲ ଘର । ଚେୟାର ଉପରେ ଶିକ୍ଷକ ବସିଛନ୍ତି । ପିଲାମାନେ ପାଠ ପଢୁଛନ୍ତି ।)

ଶିକ୍ଷକ : ଆରେ, ଆଜି କାହିଁକି ସତ୍ୟ ଆସିନି ?

ବୁଲା : ଆଜ୍ଞା କାଲି ତା'ବାପା ଆମକୁ ପାଠ ନପଢ଼ି କାମ କରିବାକୁ ଧମକାଇଲେ । ସତ୍ୟ ବହୁତ ବୁଝେଇଲା । ହେଲେ ତା'ବାପା ଆପଣଙ୍କ ଉପରେ ରାଗି ଆଜି ଏଠିକୁ ଆସି କଥା ହେବେ ବୋଲି କହୁଥିଲେ । (ଏହି ସମୟରେ ଗୋଟିଏ ପିଲା ଧଇଁସଇଁ ହୋଇ ଦଉଡ଼ି ଆସିଲା)

ପିଲା : ଆଜ୍ଞା, ଆଜ୍ଞା, ସତ୍ୟର ଆକ୍ସିଡେଣ୍ଟ ହୋଇଯାଇଛି । ତାକୁ ଡାକ୍ତରଖାନାରେ ଭର୍ତ୍ତିକରାହୋଇଛି । (ଶିକ୍ଷକ ଓ ପିଲାମାନେ ଠିଆ ହୋଇପଡ଼ିଲେ ।)

ଶିକ୍ଷକ : ପିଲେ, ମୁଁ ଡାକ୍ତରଖାନା ଯାଉଛି । ସାଇକେଲରେ ଯିବି । ତୁମେମାନେ ଘରକୁ ଯାଅ ।

ରହିମ୍ : ଗୁରୁଜୀ, ଆମେ ବି ଯିବୁ ।

ବୁଲା : ହଁ, ଦଉଡ଼ି ଦଉଡ଼ି ପଳେଇବା ।

ଶିକ୍ଷକ : ଆରେ ତିନି ଚାରି କିଲୋମିଟର ବାଟ, ଯାଇପାରିବ ?

ରହିମ୍ : ଆଜ୍ଞା, ସବୁଦିନେ କାମ କରିବାକୁ ଯାଉଥିଲୁ । ଯାଇପାରିବୁ ନାହିଁ କାହିଁକି ? ଆପଣ ଯାଆନ୍ତୁ ଆଜ୍ଞା, ଆମେ ପହଞ୍ଚିବୁ । (ସମସ୍ତେ ଚାଲିଗଲେ)

## ପଞ୍ଚମ ଦୃଶ୍ୟ

(ଡାକ୍ତରଖାନା ବାରଣ୍ଡା । ବେଞ୍ଚରେ ବସିଛନ୍ତି ବୁଲା, ରହିମ୍ । ବାରଣ୍ଡାରେ ବୁଲୁଛନ୍ତି ପ୍ରଧାନବାବୁ । ଭିତରୁ ଆସିଛନ୍ତି ଶିକ୍ଷକ... ।)

ପ୍ରଧାନ : ମାଷ୍ଟରବାବୁ, ମୋ' ପୁଅ କେମିତି ଅଛି ? କେମିତି ଅଛି ସେ ?

ଶିକ୍ଷକ : ଆପଣ ଧୈର୍ଯ୍ୟ ଧରନ୍ତୁ । ବହୁତ ରକ୍ତ ଦେହରୁ ବାହାରି ଯାଇଛି ।

ପ୍ରଧାନ : ଯେତେ ରକ୍ତ ଦରକାର ହବ, ମୁଁ ଦେବି ।

ଶିକ୍ଷକ : ଆପଣଙ୍କ ରକ୍ତ ମିଶିଲାନି ।

ପ୍ରଧାନ : ତା'ହେଲେ କ'ଣ କରିବା ? କୋଉଠୁ ଆସିବ ରକ୍ତ ? ଯେତେ ଟଙ୍କା ଦରକାର ହବ, ମୁଁ ଖର୍ଚ୍ଚ କରିବି । ହେଲେ ମୋ' ପୁଅକୁ ବଞ୍ଚେଇ ଦିଅନ୍ତୁ ।

ଶିକ୍ଷକ : ମୋ' ହାତରେ କିଛି ନାହିଁ । ସେହି ଈଶ୍ୱରଙ୍କୁ ଡାକନ୍ତୁ । ସେ ଯାହା କରିବେ । ଭାବିଥିଲି ମୋ' ରକ୍ତଟା ଖାପ ଖାଇଯିବ । ସେଇଟା ବି ହେଲାନି ।

ପ୍ରଧାନ : ମୋତେ ଚାରିଆଡ଼ ଅନ୍ଧାର ଦେଖା ଯାଉଛି ।

ଶିକ୍ଷକ : ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଆମ ରକ୍ତ ସିନା ମିଶିଲା ନାହିଁ, ପିଲାମାନେ ଅଛନ୍ତି । ସେମାନଙ୍କ ରକ୍ତ ମିଶିଯାଇ ପାରେ ।

ପ୍ରଧାନ : କ'ଣ କହୁଛନ୍ତି, ମାଷ୍ଟରବାବୁ !

ଶିକ୍ଷକ : ବୁଲା, ରହିମ୍, ଆମର ସବୁଯାକ ପିଲାଙ୍କ ରକ୍ତ ପରୀକ୍ଷା ପାଇଁ ଦିଆଯାଇଛି । ମୋ' ମନ କହୁଛି, କାହାରି ନା କାହାରି ରକ୍ତ ନିଶ୍ଚୟ ମିଶିଯିବ ।

ପ୍ରଧାନ : ନା...! ତାହା କେମିତି ହବ ? ମୋ' ପୁଅ ଦେହରେ ଏ ବାରବୁଲା ପିଲାଙ୍କ ରକ୍ତ ମିଶିବ ? ମୁଁ ପଛେ ଅନ୍ୟ କୋଉଠୁ ରକ୍ତ ଯୋଗାଡ଼ କରିବି ହେଲେ ଗୋଟାଏ ମୁସଲମାନ ପିଲାର ରକ୍ତ ମୋ' ପୁଅକୁ ଦେଇପାରିବିନି ?

ଶିକ୍ଷକ : କାହାକୁ ମୁସଲମାନ କହୁଛନ୍ତି ? ସେମାନେ ଏକାସାଙ୍ଗରେ ପଢୁଛନ୍ତି । ଏକାସାଙ୍ଗରେ ଖେଳୁଛନ୍ତି । ସେମାନଙ୍କ ଭିତରେ କିଛି ଭେଦଭାବ ନାହିଁ । ଧର୍ମ ନାମରେ କାହିଁକି ସେମାନଙ୍କୁ ଦୁଇଭାଗ କରୁଛନ୍ତି ?

ପ୍ରଧାନ : ହିନ୍ଦୁ, ମୁସଲମାନ ଦି'ଟା ରକ୍ତ କେମିତି ଏକ ହେବ ? ଏତେ ଅନ୍ୟାୟ ଏ ବସୁଧା ସହିପାରିବନି, ମାଷ୍ଟରବାବୁ !

ଶିକ୍ଷକ : କାହାକୁ ଅନ୍ୟାୟ ବୋଲି କହୁଛନ୍ତି ? ହିନ୍ଦୁ-ମୁସଲମାନ ହୋଇ ଜନ୍ମ ହେବାଟା କ'ଣ ଅନ୍ୟାୟ ? ଧନୀ-ଗରିବ ହୋଇ ଜନ୍ମ ହେବାଟା କ'ଣ ଅନ୍ୟାୟ ? ଜନ୍ମବେଳେ ତା'ର ଗୋଟାଏ ମାତ୍ର ପରିଚୟ ଥାଏ, ସିଏ ମଣିଷଛୁଆ । ବୟସ ବଢ଼ିଗଲାପରେ ଆପଣମାନେ ନିଜ ନିଜର ସୁବିଧା ପାଇଁ, ତା' ଉପରେ ମୋହର ମାରି ଦିଅନ୍ତି । ଇଏ ହିନ୍ଦୁ... ସିଏ ମୁସଲମାନ୍... ଆଉ କିଏ ଖ୍ରୀଷ୍ଟିଆନ୍... !

ପ୍ରଧାନ : ତା' ବୋଲି ମୋ' ପୁଅ ଦେହରେ ଗୋଟାଏ ଅଛୁଵ ପିଲାର ରକ୍ତ ପଶିବ ! ନା', ତାହା କେବେ ହୋଇପାରିବନି ।

ଶିକ୍ଷକ : ଗାନ୍ଧୀ ମହାତ୍ମା ଏତେ କଥା ବୁଝେଇଲେ, ତାଙ୍କ କଥାରୁ କିଛି ବୁଝିପାରିଲେନି ? ପ୍ରଧାନବାବୁ, ଏବେ ବି ସମୟ ଅଛି, ଆପଣ ବୁଝିବାକୁ ଚେଷ୍ଟା କରନ୍ତୁ । ସେମାନେ କାଦୁଅ ମେଞ୍ଚା । ଯେମିତି ଗଢ଼ିବାକୁ ଚାହିଁବେ, ଗଢ଼ି ପାରିବେ ।

ପ୍ରଧାନ : ଏଗୁଡ଼ାକ ମୋ' ମୁଣ୍ଡରେ କିଛି ପଶୁନାହିଁ । ମୁଁ କହିଦେଇଛି ମାନେ କହିଦେଇଛି ।

ଶିକ୍ଷକ : କାହିଁକି ପିଲାଗୁଡ଼ାଙ୍କୁ ନଷ୍ଟ କରୁଛନ୍ତି ? ସେମାନେ ମାଙ୍କଡ଼ ଛୁଆ ନୁହଁନ୍ତି କି ଚଢ଼େଇ ଛୁଆ ନୁହଁନ୍ତି । ସେମାନେ ମଣିଷ ଛୁଆ । ସେମାନଙ୍କ ଦେହରେ ମଣିଷର ରକ୍ତ ବହୁଛି । (ବାରଣ୍ଡାକୁ ଆସିଛନ୍ତି ଡାକ୍ତର ।)

ପ୍ରଧାନ : କ'ଣ ହେଲା, ଡାକ୍ତରବାବୁ ?

ଡାକ୍ତର : ମିଶିଯାଇଛି । ଗୋଟାଏ ପିଲାର ରକ୍ତ ମେଳ ଖାଉଛି । (ତିନିଜଣଯାକ ପିଲା ପରସ୍ପରକୁ ଚାହିଁବାରେ ଲାଗିଛନ୍ତି ।)

ଶିକ୍ଷକ : କାହା ରକ୍ତ, ଡାକ୍ତରବାବୁ ?

ଡାକ୍ତର : ଆଚ୍ଛା, ବୁଲା କିଏ ?

ଶିକ୍ଷକ : ଏଇ ପିଲା (ବୁଲାକୁ ଡାକି) ।

ଡାକ୍ତର : ତା'ରି ରକ୍ତ ମିଶିଯାଇଛି । ଆଉ ଡେରି କରିବାଟା ଠିକ୍ ନୁହେଁ । ଆ' ଭିତରକୁ ଆ' ଭିତରକୁ ଆ'... । (ବୁଲାକୁ ଡାକିଛନ୍ତି ଡାକ୍ତର)

ପ୍ରଧାନ : ନା' ! ତାହା କେବେ ହୋଇ ପାରିବନି । ଗୋଟାଏ ଅଚ୍ଛବ ପିଲାର ରକ୍ତ ସତ୍ୟ ଦେହରେ ପଶିବ! ଅସମ୍ଭବ ।

ଡାକ୍ତର : ହୋ ବାବୁ, ତମେ ଯଦି ସେ ପିଲାର ବାପ ହୋଇଥାନ୍ତ, ଏମିତି କଥା କହିନଥା'ନ୍ତ ! ଜାଣିଛ, ପିଲାଟା କେମିତି ଜୀବନ ସହିତ ଲଢୁଛି !

ଶିକ୍ଷକ : ଆଜ୍ଞା, ସେ ହେଉଛନ୍ତି ସେହି ପିଲାର ବାପା ।

ଡାକ୍ତର : ହୁଁଃ, ବାପା ! ତମେ କ'ଣ ଚାହୁଁଛ, ପିଲାଟା ମରିଯାଉ ?

ପ୍ରଧାନ : ସେମିତି କୁହନ୍ତୁ ନାହିଁ, ଡାକ୍ତରବାବୁ । ସତ୍ୟ ମୋର ଗୋଟିଏ ବୋଲି ପୁଅ ।

ଡାକ୍ତର : ଭାଗ୍ୟ ଭଲ, ରକ୍ତଟା ମିଳିଯାଇଛି । ଡେରିହେଲେ, ପିଲାଟାକୁ କେହି ବଞ୍ଚେଇ ପାରିବେନି ।

ବୁଲା : ଡାକ୍ତରବାବୁ, ଚାଲନ୍ତୁ । ଯେତେ ରକ୍ତ ଦରକାର ମୁଁ ଦେବି । ସାନବାବୁଙ୍କୁ ବଞ୍ଚେଇ ଦିଅନ୍ତୁ ।

ରହିମ୍ : ହଁ, ଡାକ୍ତରବାବୁ ! ଦରକାର ହେଲେ ଆମେ ବି ରକତ ଦେବୁ ।

| | | |
|---|---|---|
| ଡାକ୍ତର | : | ହାତରେ ସମୟ ନାହିଁ । ଆ' ବୁଲା । |
| ଶିକ୍ଷକ | : | ଯାଅରେଯାଅ । ପିଲାଟା ବଞ୍ଚିଯାଉ । (ଆଗେ ଆଗେ ଡାକ୍ତର । ତାଙ୍କ ପଛରେ ଯାଇଛି ବୁଲା ) |

## ଷଷ୍ଠ ଦୃଶ୍ୟ

(ସ୍କୁଲ ଘର । ଶିକ୍ଷକ ଓ ପିଲାମାନେ ଅଛନ୍ତି । ପ୍ରଧାନବାବୁ ପହଞ୍ଚି ପିଲାଙ୍କୁ ଭାବପ୍ରବଣ ହୋଇ କୁଣ୍ଢାଇ ପକେଇଲେ ।)

| | | |
|---|---|---|
| ଶିକ୍ଷକ | : | କ'ଣ ହେଲା ପ୍ରଧାନବାବୁ । |
| ପ୍ରଧାନ | : | ଏଇ କାମଟା ମୋର ଅନେକ ଆଗରୁ କରିବାର ଥିଲା । |
| ଶିକ୍ଷକ | : | କ'ଣ କହୁଛନ୍ତି, ଆପଣ ? |
| ପ୍ରଧାନ | : | ଅନେକ ଡେରିରେ ମୋ ଭୁଲ୍ ମୁଁ ବୁଝିପାରିଛି । |
| ଶିକ୍ଷକ | : | ସେତିକି ମୋ' ପାଇଁ ଯଥେଷ୍ଟ । ସତ୍ୟ କେମିତି ଅଛି ? |
| ପ୍ରଧାନ | : | କାଲିଠାରୁ ସ୍କୁଲକୁ ଆସିବ । |
| ଶିକ୍ଷକ | : | ମାନେ ? |
| ପ୍ରଧାନ | : | ଆପଣ ମୋ' ଆଖି ଖୋଲି ଦେଇଛନ୍ତି । ହଁ, ମାଷ୍ଟରବାବୁ । ଆଉ ଗୋଟାଏ ଅନୁରୋଧ । ଗାଧୁଆ ବେଳର ଖାଇବାଟା ସବୁପିଲାଙ୍କୁ ମୁଁ ଯୋଗେଇବି । |
| ଶିକ୍ଷକ | : | କେଉଁ ଭାଷାରେ ଯେ ଆପଣଙ୍କୁ ମୁଁ ଧନ୍ୟବାଦ ଜଣେଇବି, ଭାବିପାରୁନି । |
| ପ୍ରଧାନ | : | କେମିତି ଯେ ଆପଣମାନଙ୍କ ଋଣ ଶୁଝିବି, କିଛି ବୁଦ୍ଧି ଦେଖାଯାଉନି । |
| ଶିକ୍ଷକ | : | ଆପଣ ଯେ ଠିକ୍‌ଟା ବୁଝି ପାରିଛନ୍ତି, ସେତିକି ଆମପାଇଁ ଯଥେଷ୍ଟ । |
| ପ୍ରଧାନ | : | ନା ମାଷ୍ଟରବାବୁ, ନା ! ଏ ସ୍କୁଲର ଦରଜା ସମସ୍ତଙ୍କ ପାଇଁ ସଦାବେଳେ ଖୋଲା ରହିବ । ସବୁ ଜାତିର, ସବୁ ଧର୍ମର ପିଲାଏ ଏଠି ପାଠ ପଢ଼ିବେ । ମାଗଣାରେ ପଢ଼ିବେ । ଏ ସ୍କୁଲ ପାଇଁ ଯାହା ଦରକାର ହବ, ମୁଁ ଯୋଗେଇବି । |

**ସୂଚନା:**

ଦୁଶୁଛୁ– 'ଦିଶୁଛୁ' ଶବ୍ଦର ଗାଉଁଲୀ ଉଚ୍ଚାରଣ

ଆଖି ଖୋଲିଯିବା – ସତ୍ୟ ଜାଣିଯିବା, ଜ୍ଞାନ ମିଳିଯିବା

ବକଟେ – ଅତି ଛୋଟ, ଅତିସାନ

ମୁହଁଦେବା – ଅଧିକ ସ୍ନେହରେ ଆପଣାର କରିବା

ନାଟର ଗୋବର୍ଦ୍ଧନ – ସବୁ ଭୁଲ କାମର କାରଣ

# ଅଭ୍ୟାସ

**୧. ଉତ୍ତର କୁହ ।**

(କ) ବୁଲା ଓ ରହିମ୍ କିଏ ?

(ଖ) ସେମାନେ କେଉଁଠି ପ୍ରବେଶ କରିଥିଲେ ?

(ଗ) ସେମାନଙ୍କର କାହା ସହିତ ଭେଟ ହେଲା ?

(ଘ) ସେମାନେ ତାଙ୍କ ସହିତ କ'ଣ କଥାବାର୍ତ୍ତା ହେଲେ ?

(ଙ) ପ୍ରଧାନ କିଏ ? ସେ କିପରି ଲୋକ ଥିଲେ ?

**୨. ପ୍ରାୟ ୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।**

(କ) ଶିକ୍ଷକ ଜଣେ ଉଦାର ବ୍ୟକ୍ତି ଥିଲେ ବୋଲି କିପରି ଜାଣୁଛ ?

(ଖ) ସତ୍ୟ ଏବଂ ତା' ବାପା ପ୍ରଧାନଙ୍କର ମନୋବୃତ୍ତି ପରସ୍ପରର ବିପରୀତ ଥିଲା କିପରି ?

(ଗ) ସତ୍ୟ ଗୁରୁଜୀଙ୍କ କଥାକୁ ସମର୍ଥନ କରୁଥିଲା କାହିଁକି ?

(ଘ) ବୁଲା ଏବଂ ରହିମ୍‌ଙ୍କ ଜୀବନରେ ଶିକ୍ଷକ କିପରି ନୂତନ ଆଶା ସଂଚାର କରିଥିଲେ ?

(ଙ) ପ୍ରଧାନ ଶେଷରେ କିପରି ନିଜର ଭୁଲ୍ ବୁଝିପାରିଲେ ?

୩.  ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

(କ)  ଏକାଙ୍କିକାଟିର ନାମ 'ଦରଜା ଖୋଲିଦେବା'କିପରି ଯଥାର୍ଥ ହୋଇଛି ଲେଖ ।

(ଖ)  ଏହି ଏକାଙ୍କିକାରେ ନାଟ୍ୟକାର ଆମମାନଙ୍କୁ କ'ଣ କହିବାକୁ ଚାହିଁଛନ୍ତି ?

## ତୁମ ପାଇଁ କାମ



- ଏହି ଏକାଙ୍କିକାଟିକୁ ତୁମ ଶ୍ରେଣୀରେ ଅଭିନୟ କର ।
- ଜାତୀୟ ଏକତା ଓ ସମାଜ ସଂସ୍କାର ପ୍ରୟାସ ରଖି ଲେଖାଯାଇଥିବା ଆଉ କେତୋଟି ଏକାଙ୍କିକା ସଂଗ୍ରହ କର ଓ ସାଙ୍ଗମାନଙ୍କ ସହ ଅଭିନୟ କର ।।

# ତୁହି ମା' ଜନମଭୂମି

*ଭକ୍ତକବି ମଧୁସୂଦନ ରାଓ*

ତୁହି ମା' ଜନମଭୂମି ପବିତ୍ର ଭାରତଭୂମି
ତୋହର ସନ୍ତାନ ଆମ୍ଭେ ଅଟୁଁ ସରବେ;
ତୋର ଶ୍ରୀଚରଣ ସେବା ପାଇଁ ମନପ୍ରାଣ ଦେବା
ଗାଇବା ତୋହର ନାମ ଆନନ୍ଦ ରବେ ।
ତୋ ଆନନ୍ଦେ ହୋଇବା ସୁଖୀ,
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।୧।

ଧନ୍ୟ ମହିମା ତୋହର ନାହିଁ ତାର ପଟାନ୍ତର
ମସ୍ତକରେ ହିମାଳୟ ପର୍ବତବର;
ଦୁଇ ପାରୁଶେ ଜଳଧି ବ୍ରହ୍ମପୁତ୍ର ସିନ୍ଧୁ ନଦୀ
ଚରଣରେ ବିରାଜିତ ମହାସାଗର ।
ବିନ୍ଧ୍ୟ ଗିରିବର କଟିରେ,
ଗଙ୍ଗା ଆଦି କେତେ ନଦୀ ଶୋଭେ ଶରୀରେ ।୨।

ଜନମିଲେ ତୋ' କୋଳରେ କେତେ ସୁର ବୀର ନରେ
ରାମଚନ୍ଦ୍ର, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଅର୍ଜୁନ;
ମହାକବି ବେଦବ୍ୟାସ, ବାଲମୀକି, କାଳିଦାସ
ଗାଇଲେ ପବିତ୍ରକଣ୍ଠେ ତୋହରି ଗୁଣ।
ଚୈତନ୍ୟାଦି ମହାତ୍ମାଜନେ,
ପ୍ରଚାରିଲେ ବିଭୁନାମ ଆନନ୍ଦମନେ ।୩।

କେତେ କେତେ ପୁଣ୍ୟବତୀ କେତେ ପତିବ୍ରତା ସତୀ
କେତେ ବୀରନାରୀ କେତେ ବୀରଜନନୀ;
ସମସ୍ତେ ତୋର ଦୁହିତା ପଦ୍ମିନୀ, ସାବିତ୍ରୀ, ସୀତା,
ଦୁର୍ଗାବତୀ ଆଦି କେତେ ବୀରରମଣୀ।
ନମଇ ମା' ଭକତିଭରେ
ଅଧମ ଅକ୍ଷମ ସୁତ ତୋ' ଚରଣରେ ।୪।

# ମଧ୍ୟାହ୍ନ ଭୋଜନ ସମ୍ବନ୍ଧୀୟ ବାର୍ତ୍ତା

- ମଧ୍ୟାହ୍ନ ଭୋଜନେ ଛୁଆଁ ଛୁଇଁର ନାହିଁ ବିଚାର, ଏକାଠି ବସି କର ଆହାର ।
- ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ଅତିରିକ୍ତ ପୁଷ୍ଟି ଯୋଗାଇବା ।
- ପିଲାମାନଙ୍କର କ୍ଷୁଧା ନିବାରଣ କରିବା ।
- ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକର୍ଷିତ କରିବା, ପାଠତ୍ୟାଗ ରୋକିବା ଓ ଅବଧାରଣ ବଢାଇବା ।
- ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଓ କୌଣସି ବାଛ ବିଚାର ନ ରଖି ଖାଦ୍ୟ ଗ୍ରହଣ ।
- ଲିଙ୍ଗଗତ ବୈଷମ୍ୟର ଦୂରୀକରଣ ।

# ସାପ୍ତାହିକ ସୂଚୀ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ)

| ଦିବସ | ମଧ୍ୟାହ୍ନ ଭୋଜନ | Calorie intake in Kcal | Protein intake in Gms |
|---|---|---|---|
| ସୋମବାର | ଭାତ ଓ ଡାଲମା | ୭୪୫.୫୦ | ୧୮.୨୦ |
| ମଙ୍ଗଳବାର | ଭାତ ଏବଂ ସୋୟାବଡି ତରକାରୀ | ୭୧୯.୫୦ | ୨୫.୧୨ |
| ବୁଧବାର | ଭାତ ଏବଂ ଅଣ୍ଡା ତରକାରୀ | ୭୨୧.୦୦ | ୧୮.୩୦ |
| ଗୁରୁବାର | ଭାତ ଏବଂ ଡାଲମା | ୭୪୫.୫୦ | ୧୮.୨୦ |
| ଶୁକ୍ରବାର | ଭାତ ଏବଂ ସୋୟାବଡି ତରକାରୀ | ୭୧୯.୫୦ | ୨୫.୧୨ |
| ଶନିବାର | ଭାତ ଏବଂ ଅଣ୍ଡା ତରକାରୀ | ୭୨୧.୦୦ | ୧୮.୩୦ |
| **ହାରାହାରି** | | ୭୨୮.୬୭ | ୨୦.୫୦ |
| **GOI Norm** | | ୭୫୦.୦୦ | ୨୦.୦୦ |

## ମଧ୍ୟାହ୍ନ ଭୋଜନର ପଞ୍ଚସୂଚୀ ନିୟମ

- ନିରାପଦ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ।
- ନିରାପଦ ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ରନ୍ଧନ ଓ ଭୋଜନ ।
- ଖାଇବା ପୂର୍ବରୁ ଓ ପରେ ହାତ ଧୋଇବା ।
- ଲିଙ୍ଗଗତ, ସାମାଜିକ ବାଛ ବିଚାର ଦୂରୀକରଣ ।
- ନିରାପଦ ପାନୀୟ ଜଳର ବ୍ୟବସ୍ଥା ।

## ଜରୁରୀକାଳୀନ ଫୋନ ନମ୍ବର

- ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ୧୦୮
- ଜରୁରୀକାଳୀନ ଦମକଳ ସେବା ୧୦୧
- ଜରୁରୀକାଳୀନ ପୋଲିସ ସେବା ୧୦୦
- ସ୍ୱାସ୍ଥ୍ୟ ବିଭାଗ..........................................
- ପାଖରେ ଥିବା ଡାକ୍ତରଖାନା ନମ୍ବର....................

(ଶିକ୍ଷକଙ୍କ ଠାରୁ ବୁଝି ପିଲା ଲେଖିବେ)